୫୯ତମ ବର୍ଷ ୨୪ ଏପ୍ରିଲ ୨୦୧୬ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୧୬]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ସବୁ ଗୃହରେ ସେହି ଜଣେହିଁ ଗୃହସ୍ୱାମୀ | ... | ଶ୍ରୀଅରବିନ୍ଦ | ... | ୫ |
| ଚେତନାର 'ବିଜ୍ଞାନମୟ' ଅବସ୍ଥା | ... | ଶ୍ରୀମା | ... | ୬ |
| ବର୍ତ୍ତମାନ ଯେଉଁ ସମନ୍ୱୟ ଆବଶ୍ୟକ | ... | ଶ୍ରୀଅରବିନ୍ଦ | ... | ୭ |
| ଅନ୍ୟମାନଙ୍କ ମତ ଓ ବିଶ୍ୱାସ ପ୍ରତି ଅସହିଷ୍ଣୁତା | ... | ଶ୍ରୀମା | ... | ୮ |
| ଯାହା ଆମର ପ୍ରଥମେ କରଣୀୟ | ... | ଶ୍ରୀଅରବିନ୍ଦ | ... | ୧୧ |
| ଶ୍ରୀମା'ଙ୍କ ସହ ଏକ କଥୋପକଥନ (୧୯୬୯ ଅଗଷ୍ଟ ୧୬) | ... | ... | ... | ୧୨ |
| ଅବଚେତନ (ଶ୍ରୀଅରବିନ୍ଦଙ୍କ ପତ୍ରାବଳୀରୁ) | ... | ... | ... | ୧୪ |
| ନିମ୍ନପ୍ରକୃତିର ପରିବର୍ତ୍ତନ | ... | ଶ୍ରୀମା | ... | ୧୬ |
| ଚେତନାର ବିପୁଳତା ଓ ପ୍ରସାର (ଆଶ୍ରମ ଛାତ୍ରଛାତ୍ରୀମାନଙ୍କ ସହ ଶ୍ରୀମା'ଙ୍କ କଥୋପକଥନ) | ... | ... | ... | ୧୭ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୧୯ |
| ପାପ-ପୁଣ୍ୟ କଥା | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୫ |
| ଅଗ୍ନି : ତେଜୋମୟ କ୍ରତୁ (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୭୭) | ... | ଶ୍ରୀଅରବିନ୍ଦ | ... | ୩୦ |
| ବିଚିତ୍ର ମାନବ ଚରିତ୍ର : ଦୁର୍ଯୋଗ ଏବଂ ସୁଯୋଗ (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ... | ... | ... | ୩୩ |
| ବିବର୍ତ୍ତନର ଗତିଧାରା | ... | ଶ୍ରୀ ପ୍ରପତ୍ତି | ... | ୩୯ |
| କର୍ମଫଳ ଓ ମାନବ ନିୟତି (୪) | ... | ମମତା ଦାଶ | ... | ୪୧ |
| ମାନବସମାଜର ବିଭିନ୍ନ ଧର୍ମ — ହିନ୍ଦୁ ଧର୍ମ (୩) | ... | ଶ୍ରୀପତି ଦାସ | ... | ୪୪ |
| ଅପଶକ୍ତି ଅପରାଜେୟ ନୁହେଁ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୭ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ନିତ୍ୟ ବୃନ୍ଦାବନ (୧) | ... | ... | ... | ୪୯ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ପୁନର୍ଜନ୍ମ ଓ ଚୈତ୍ୟସତ୍ତା (ଶ୍ରୀମା'ଙ୍କ ସହ ଏକ କଥୋପକଥନ) | ... | ... | ... | ୫୧ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ... | ... | ... | ୫୩ |


❖

No path of yoga is so easy and to imagine that by leaving the world and plunging inside oneself one automatically shuffles off the vital and external nature is an illusion. If I ask you to develope equanimity and egolessness by work done with opening to the Divine, it is because it is so that I did it and it is so that it can best be done and not by retiring into oneself and shutting oneself away from all that can disturb equanimity and excite the ego.

– Sri Aurobindo

ଯୋଗର କୌଣସି ପଥ ଏତେ ସହଜ ନୁହେଁ ଏବଂ କେହି ଯଦି ଏପରି କଳ୍ପନା କରେ ଯେ ପୃଥିବୀକୁ ପରିତ୍ୟାଗ କରି ନିଜ ଭିତରେ ନିମଗ୍ନ ହୋଇଯିବା ଦ୍ୱାରା ଆପଣାଛାଏଁ ପ୍ରାଣ ଓ ବାହ୍ୟ ପ୍ରକୃତିକୁ ଜଣେ ଏଡ଼ାଇ ଯାଇପାରିବ ତେବେ ତାହା ଏକ ଭ୍ରମ । ମୁଁ ଯଦି ତୁମକୁ ଭଗବାନଙ୍କ ପ୍ରତି ନିଜକୁ ଖୋଲିଦେଇ କର୍ମ କରିବା ଦ୍ୱାରା ସମତା ଓ ଅହଂଶୂନ୍ୟତାର ବିକାଶ-ସାଧନ ପାଇଁ କହୁଥାଏ, ତାହାର କାରଣ ହେଉଛି ମୁଁ ନିଜେ ତାହାହିଁ କରିଥିଲି ଓ ସେହି ବାଟରେହିଁ ଏହା ସର୍ବୋତ୍ତମ ଭାବରେ ସମ୍ପନ୍ନ ହୋଇଥାଏ । ନିଜ ଭିତରକୁ ନିଜକୁ ପ୍ରତ୍ୟାହାର କରିନେଇ ଯାହା କିଛି ସମତାରେ ବାଧା ଉପୁଜାଇପାରେ ଓ ଅହଂକୁ ଉତ୍ତେଜିତ କରିପାରେ ସେସବୁଥିରୁ ନିଜକୁ ଦୂରେଇ ନିବୁଜ କରି ରଖିବା ଏଥିପାଇଁ ବାଟ ନୁହେଁ ।

— ଶ୍ରୀଅରବିନ୍ଦ



There comes a moment when life becomes intolerable without the Divine Presence. Therefore, give yourself entirely to the Divine and you will emerge into the Light.

– The Mother

ଏପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ଭଗବତ୍ ଉପସ୍ଥିତି ବିନା ଜୀବନ ଅସହ୍ୟ ହୋଇପଡ଼େ । ତେଣୁ ନିଜକୁ ପୂରାପୂରି ଭଗବାନଙ୍କୁ ଦେଇ ଦିଅ, ତା'ହେଲେ ତୁମେ ଦିବ୍ୟ-ଆଲୋକ ଭିତରକୁ ଉତ୍ଥିତ ହେବ ।

— ଶ୍ରୀମା

*

The purpose of individual existence is the joy of discovering the Divine and uniting with Him. When one has understood this, then one is ready to gain the strength to surmount all difficulties.

– The Mother

ବ୍ୟକ୍ତି ଜୀବନର ଉଦ୍ଦେଶ୍ୟ ହେଲା ଭଗବାନଙ୍କୁ ଖୋଜି ପାଇବା ଓ ତାଙ୍କ ସଙ୍ଗେ ମିଳିତ ହେବାର ଆନନ୍ଦ । ଯେତେବେଳେ ଜଣେ ଏହା ବୁଝିଥାଏ, ସେତେବେଳେ ସେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିବାର ସାମର୍ଥ୍ୟ ଲାଭ ନିମନ୍ତେ ପ୍ରସ୍ତୁତ ହୋଇଯାଏ ।

— ଶ୍ରୀମା

# ସବୁ ଗୃହରେ ସେହି ଜଣେହିଁ ଗୃହସ୍ୱାମୀ

## ଶ୍ରୀଅରବିନ୍ଦ

... ତା'ହେଲେ ଆମେ ଏହି ସତ୍ୟକୁ ନେଇ ଆରମ୍ଭ କରିବା । ଆମେ ଦେଖିଛୁ ଜୀବନର ସମସ୍ୟାରେ ଦୁଇଟି ମୂଳ ପ୍ରଶ୍ନ ନିହିତ ରହିଛି । ପ୍ରଥମେ ବିଶ୍ୱାତୀତ ଓ ଜାଗତିକ ବିଶ୍ୱ ଭିତରେ ରହିଥିବା ମୂଳ ସମ୍ପର୍କର ସ୍ୱରୂପ କ'ଣ; ଏବଂ ଦ୍ୱିତୀୟରେ ଏହି ସମ୍ପର୍କରେ କ'ଣସବୁ ବାସ୍ତବ ଓ ବ୍ୟାବହାରିକ ଦିଗ ରହିଛି, ଯାହାକୁ ଭିତ୍ତି-କରି ଆମେ ଏହି ସଂସାରରେ ଆମର ଜୀବନ ଓ କର୍ମକୁ ନିରାପଦ ଓ ଦୃଢ଼ଭାବରେ ଗଢ଼ି ପାରିବୁ । ଏହି ଜ୍ଞାନକୁହିଁ ଆମକୁ ଲାଭ କରିବାକୁ ହେବ ଏବଂ ଏଥିରୁ ଆମେ ଯେଉଁ ମନୋଭାବ ବା ଦୃଷ୍ଟିକୋଣ ପ୍ରାପ୍ତ ହେବୁ ତାହାକୁ ସଯତ୍ନେ ସୁରକ୍ଷିତ କରି ଆମକୁ ରଖିବାକୁ ହେବ । ଏହି ଜଗତରେ ରହିଥିବା ଅଗଣିତ ରାଶି ରାଶି ବସ୍ତୁମାନଙ୍କୁ ଦେଖିଲାବେଳେ ଆମକୁ ଦେଖିବାକୁ ହେବ ସେମାନେ ଯେପରି ଅନେକଗୁଡ଼ିଏ ନିବାସଗୃହ ଏବଂ ପ୍ରତ୍ୟେକଟିରେ ଜଣେ ଗୃହବାସୀ ଅଛନ୍ତି, ଜଣେମାତ୍ର ଗୃହବାସୀ – ସେହି ଦିବ୍ୟଗୃହସ୍ୱାମୀ ଯିଏକି ସେହି ଗୃହଟିକୁ ନିର୍ମାଣ କରିଛନ୍ତି; ଗୃହ-ସମୁଦାୟକୁ ମଧ୍ୟ ସେ ନିର୍ମାଣ କରିଛନ୍ତି ଏବଂ ସେହି ସମୁଦାୟରେ ପୁଣି ନିବାସ କରୁଛନ୍ତି, ସେହିଁ ଏହାର ଦିବ୍ୟସ୍ୱାମୀ ଓ ପ୍ରଭୁ । ଆମେ ଯେତେବେଳେ ରାଶି ରାଶି ଗ୍ରହ, ସୂର୍ଯ୍ୟ, ନକ୍ଷତ୍ର ଓ ସୌରଜଗତସବୁକୁ ଆଲିଙ୍ଗନ କରି ରହିଥିବାର ଅନନ୍ତ ମହାକାଶକୁ ଦେଖୁ, ଦୃଶ୍ୟମାନ ସେହି ବିପୁଳ ବିଶ୍ୱସୃଷ୍ଟିକୁ ଆମେ ଭୁଲିଯାଇ ନପାରୁ, ସେଥିପ୍ରତି ଆଖି ବୁଜିଦେଇ ନପାରୁ, କିନ୍ତୁ ଆମକୁ ଦେଖିବାକୁ ହେବ ଏକ ବ୍ୟକ୍ତି- ସତ୍ତାଙ୍କର ନିବାସ ଗୃହ ରୂପେ ସେହି ଅନନ୍ତଙ୍କୁ ଯେଉଁଥିରେ କି ଏକ ମହାନ୍ ଅନନ୍ତ ଦିବ୍ୟ ଚେତନା – ଆଲ୍ଲା, ଶିବ, କୃଷ୍ଣ, ନାରାୟଣ, ଈଶ୍ୱର – ନିବାସ କରୁଛନ୍ତି । ଆମେ ଯେତେବେଳେ ଆମ ଚତୁଃପାର୍ଶ୍ୱରେ ମଣିଷ, ଜୀବଜନ୍ତୁ, ଗଛଲତା ବା ମାଟିପିଣ୍ଡ ଦେଖୁ, ରାଜା ଓ ଭିକାରି, ଦାର୍ଶନିକ ଓ ଚଷାଭୂଷା, ସନ୍ଥ ଓ ଅପରାଧୀମାନଙ୍କୁ ଦେଖୁ, ସେହି ସମସ୍ତ ନାମ ଓ ରୂପକୁ ଆମକୁ ଦେଖିବାକୁ ହେବ ବ୍ୟକ୍ତି ସତ୍ତାର ନାନାବିଧ ନିବାସଗୃହ ରୂପେ, ଏବଂ ସେହି ସମସ୍ତ ଗୃହର ପ୍ରତ୍ୟେକଟିରେ ଅଧିବାସୀ ରୂପେ ରହିଛନ୍ତି ସେହି ମହାନ୍ ଦିବ୍ୟ ସ୍ୱାମୀ – ଆଲ୍ଲା, ଶିବ, କୃଷ୍ଣ, ନାରାୟଣ, ଈଶ୍ୱର । ମନୁଷ୍ୟତ୍ୱ ଓ ପଶୁତ୍ୱ, ଜୀବତ୍ୱ ଓ ଜଡ଼ତ୍ୱ, ସମ୍ପଦ ଓ ଦାରିଦ୍ର୍ୟ, ଜ୍ଞାନ ଓ ମୂଢ଼ତା, ସାଧୁତା ଓ ଅପରାଧିତା – ଏହି ନାନା ବେଶ ଓ ଆଭରଣସବୁ ସେ ପିନ୍ଧିଛନ୍ତି, କିନ୍ତୁ ପିନ୍ଧିବା ବ୍ୟକ୍ତିହିଁ ମାତ୍ର ସେ ଜଣେ । ପ୍ରତ୍ୟେକଟି ଲୋକକୁ ମୁଁ ଯେତେବେଳେ ଭେଟେ, ମୋତେ ତା' ଭିତରେ ମୋର ସେହି ଆରାଧ୍ୟ ଇଷ୍ଟଙ୍କୁ ଚିହ୍ନିବାକୁ ହେବ । ସେ ମୋର ବନ୍ଧୁ ହେଉ ବା ଅପରିଚିତ କେହି ହେଉ, ସେ ମୋର ପ୍ରେମିକ ହେଉ ବା ମୋର ହତ୍ୟାକାରୀ ହେଉ, ତା' ଭିତରେ ମୁଁ ସମାନ ଭାବରେ ମୋର ଆରାଧ୍ୟଙ୍କୁହିଁ ଦେଖିବି, କାରଣ ମୁଁ ମଧ୍ୟ ସ୍ୱୟଂ ସେ । ଏହାହିଁ ହେଉଛି ଜୀବନ ଓ ସୃଷ୍ଟିର ପରମ ଗୋପନ ରହସ୍ୟ ଏବଂ ଏହି ସର୍ତ୍ତକୁହିଁ ଆମକୁ ପ୍ରଥମେ ପୂରଣ କରିବାକୁ ହେବ ଯଦି ଆମେ ଏକ ଦିବ୍ୟଜୀବନ ଯାପନ କରି ଦିବ୍ୟ ହୋଇ ଉଠିବାକୁ ଚାହୁଁ । ❖

(S.B.C.L., Vol. 27, Supplement, P. 317)

# ଚେତନାର 'ବିଜ୍ଞାନମୟ' ଅବସ୍ଥା

## ଶ୍ରୀମା

ଚେତନାର ଏପରି ଏକ ଅବସ୍ଥା ରହିଛି ଯାହାକୁ ଆମେ 'ବିଜ୍ଞାନମୟ' ଅବସ୍ଥା ବୋଲି ମଧ୍ଯ କହିପାରିବା, ଯେଉଁ ଚେତନାରେ ଅବସ୍ଥିତ ରହିପାରିଲେ ତୁମେ *ଏକାବେଳକେ* ସକଳ ସିଦ୍ଧାନ୍ତ, ସକଳ ବିଶ୍ୱାସ ଓ ମନୁଷ୍ୟମାନେ ସେମାନଙ୍କର ଉଚ୍ଚତମ ଚେତନାସ୍ତରରୁ ଅଭିବ୍ୟକ୍ତ କରିଥିବା ସକଳ ବିଚାରକୁ ଦେଖିବା ଲାଗି ସମର୍ଥ ହୋଇଯିବ;– ପରସ୍ପର ଅତ୍ୟନ୍ତ ବିରୋଧୀ ହୋଇ ରହିଥିବା ବିଚାରଗୁଡ଼ିକୁ, ଉଦାହରଣ ସ୍ୱରୂପ ବୌଦ୍ଧ, ବୈଦାନ୍ତିକ ଏବଂ ଖ୍ରୀଷ୍ଟମାର୍ଗୀୟ ସିଦ୍ଧାନ୍ତଗୁଡ଼ିକୁ ଏକ ସମଗ୍ରତା ମଧ୍ୟରେ ଦେଖିପାରିବ; ଦର୍ଶନଶାସ୍ତ୍ରର ଯେତେ ସିଦ୍ଧାନ୍ତ ଏବଂ ମନୁଷ୍ୟ ମନର ଯେତେ ଯେତେ ଅଭିବ୍ୟକ୍ତି ପରମ ସତ୍ୟର ଏଡ଼େ ଟିକିଏ କୋଣକୁ ମଧ୍ୟ ସ୍ପର୍ଶ କରିବାକୁ ସମର୍ଥ ହୋଇଥିବ, ତୁମେ ସେହି ସବୁଗୁଡ଼ିକୁ ଦେଖିବାକୁ ପାଇବ;– ଏବଂ ସେହି ଅବସ୍ଥାରେ ତୁମେ ଯେ କେବଳ ପ୍ରତ୍ୟେକ ବସ୍ତୁକୁ ତା'ର ଯଥାର୍ଥ ସ୍ଥାନରେ ରଖିବାରେ ସମର୍ଥ ହୋଇଯିବ ତା' ନୁହେଁ, ମାତ୍ର ପ୍ରତ୍ୟେକଟି ବସ୍ତୁ ତୁମକୁ ପ୍ରକୃତରେ ବଡ଼ ଅଦ୍ଭୁତ ଭାବରେ ସତ୍ୟ ବୋଲି ଲାଗିବ ଏବଂ ଯେକୌଣସି ବିଷୟରେ ହେଉ ନା କାହିଁକି, ଆଦୌ କୌଣସି କଥାକୁ ବୁଝିପାରିବା ଲାଗି ପ୍ରତ୍ୟେକଟି ବସ୍ତୁ ତୁମକୁ ଅପରିହାର୍ଯ୍ୟ ବୋଲି ମନେ ହେବ । ଚେତନାର ଏପରି ଏକ ଅବସ୍ଥା ରହିଛି..., ଆରେ ମୁଁ ତୁମମାନଙ୍କୁ ଏପରି କଥାମାନ କହିବାକୁ ଯାଉଥିଲି, ଯାହାକୁ କି ତୁମେମାନେ ଏବେ କଦାପି ବୁଝି ପାରି ନଥା'ନ୍ତ । ତୁମକୁ ମୁଁ ବର୍ତ୍ତମାନ ଏକ ଅଧିକ ସହଜ ଦୃଷ୍ଟାନ୍ତ ଦେଉଛି । ଆନାତୋଲା ଫ୍ରାଁସ୍ ତାଙ୍କର କୌଣସି ଏକ ପୁସ୍ତକରେ କହିଛନ୍ତି, ''ଯେପର୍ଯ୍ୟନ୍ତ ପୃଥିବୀର ଲୋକମାନେ ପୃଥିବୀକୁ ଅଗ୍ରଗତି କରାଇ ନେବା ଲାଗି ଚେଷ୍ଟା କରି ନଥିଲେ, ସେପର୍ଯ୍ୟନ୍ତ ଏଠାରେ ସବୁ ସୁରୁଖୁରୁରେ ହୋଇ ଯାଉଥିଲା ଏବଂ ସମସ୍ତେ ସନ୍ତୁଷ୍ଟ ହୋଇ ରହିଥିଲେ;– ନିଜକୁ ସମ୍ପୂର୍ଣ୍ଣ କରି ଗଢ଼ିବାକୁ ଅଥବା ପୃଥିବୀକୁ ସମ୍ପୂର୍ଣ୍ଣ କରି ଗଢ଼ିବାକୁ କାହାର ମୁଣ୍ଡବ୍ୟଥା ହେଉ ନଥିଲା, ଫଳରେ ସବୁକିଛି ସୁରୁଖୁରୁରେ ଚାଲୁଥିଲା । ତେଣୁ ଅନ୍ୟମାନଙ୍କର ଅଗ୍ରଗତି କରାଇବାର ଚେଷ୍ଟା କରିବା ହେଉଛି ସବୁଠାରୁ ଖରାପ କଥା; ସେମାନେ ଯାହାଇଚ୍ଛା ତାହାହିଁ କରୁଥା'ନ୍ତୁ; ଏବଂ ସେବିଷୟରେ ତୁମେ ମୋଟେ ଚିନ୍ତା କର ନାହିଁ । ତାହା ଅପେକ୍ଷାକୃତ ଅଧିକ ବିଜ୍ଞତାର କଥା ହେବ ।'' ଅନ୍ୟ ପକ୍ଷରେ ଅନ୍ୟମାନେ ତୁମକୁ କହନ୍ତି, ''ଏକ ମହାନ୍ ସତ୍ୟକୁ ଉପଲବ୍ଧି କରିବାକୁ ହେବ । ପୃଥିବୀ ବର୍ତ୍ତମାନ ଏକ ଅଜ୍ଞାନମୟ ଅବସ୍ଥାରେ ରହିଛି, ଏବଂ, ବାଟରେ ଯେତେ ପ୍ରତିବନ୍ଧକ ଆସି ପହଞ୍ଚୁ ପଛକେ, ଆମକୁ ଯେକୌଣସି ପ୍ରକାରେ ମନୁଷ୍ୟର ଚେତନାକୁ ଦୀପ୍ତିମନ୍ତ କରିବାକୁ ହେବ ଏବଂ ତାକୁ ତା'ର ଅଜ୍ଞାନ ମଧ୍ୟରୁ ଟାଣି ବାହାର କରି ଆଣିବାକୁ ହେବ ।'' ମାତ୍ର ମୁଁ ମଧ୍ୟ ତୁମମାନଙ୍କୁ କହିବି ଯେ ଚେତନାର ଏପରି ଏକ ସ୍ଥିତି ରହିଛି, ଯେଉଁଥିରେ କି ଦୁଇଟିଯାକ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ସମାନ ଭାବରେ ସତ୍ୟ ବୋଲି ପରିଦୃଷ୍ଟ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମେ ଯଦି କେବଳ ଦୁଇଟି ମାତ୍ର ଦିଗର ବିଚାର କରୁଥିବ, ତେବେ ସ୍ପଷ୍ଟରୂପେ ଦେଖିପାରିବା ଅବଶ୍ୟ କଷ୍ଟକର ହେବ; ତେଣୁ ମନୁଷ୍ୟର ବୁଦ୍ଧି ସତ୍ୟର ଯେତେଗୁଡ଼ିଏ ଦିଗ ବା ବିଭାଗକୁ ଦେଖିବା ଲାଗି ସମର୍ଥ ହେଉଥିବ, ତୁମେ ସେହି ସବୁଗୁଡ଼ିକୁ ଦେଖିପାରିବା ସକାଶେ ସମର୍ଥ ହେବ... ଏବଂ, ଆହୁରି ଅଧିକ କରି ବି ଦେଖି ପାରୁଥିବ । ଏବଂ, ତା'ହେଲେ, ସେହି ଅବସ୍ଥାରେ ଆଉ କିଛିହେଲେ ଗୋଟାସୁଦ୍ଧା ମିଥ୍ୟା ବୋଲି ପରିଦୃଷ୍ଟ ହେବ ନାହିଁ, ଆଉ କିଛିହେଲେ ମନ୍ଦ ବୋଲି ପରିଦୃଷ୍ଟ ହେବ ନାହିଁ । ସେହି ଅବସ୍ଥାରେ ତୁମେ ସକଳ ସମସ୍ୟାରୁ, ସକଳ ବାଧା, ସକଳ ଦ୍ୱନ୍ଦ୍ୱ ଏବଂ ସକଳ ଯୁଦ୍ଧରୁ ମୁକ୍ତ ହୋଇ ରହିପାରିବ ଏବଂ ତୁମକୁ ପ୍ରତ୍ୟେକଟି କଥା ଖୁବ୍ ଚମତ୍କାର ଭାବରେ ପରସ୍ପର ସହିତ ସମଞ୍ଜସତାଯୁକ୍ତ ହୋଇ ରହିଥିବାର ଦେଖାଯିବ । ✤

(CWM, Vol. 4, P. 157-158)

# ବର୍ତ୍ତମାନ ଯେଉଁ ସମନ୍ୱୟ ଆବଶ୍ୟକ

## ଶ୍ରୀଅରବିନ୍ଦ

*ପ୍ରଶ୍ନ : ବର୍ତ୍ତମାନ ସମୟରେ କେଉଁ ସମନ୍ୱୟ ଆବଶ୍ୟକ ?*

**ଶ୍ରୀଅରବିନ୍ଦ** : ନିଃସନ୍ଦେହ ଭାବରେ ସ୍ୱୟଂ ମନୁଷ୍ୟ ଭିତରେହିଁ ଏ ସମନ୍ୱୟ ଆବଶ୍ୟକ । ତା' ନିଜ ଭିତରେ ରହିଥିବା ଗୁଣଗୁଡ଼ିକର ଏକ ସୌଷମ୍ୟ ବା ସମନ୍ୱୟ ହେଉଛି ତା' ପାଇଁ ଶାନ୍ତିର ସର୍ତ୍ତ; ସେଗୁଡ଼ିକ ଭିତରେ ଏକ ପାରସ୍ପରିକ ବୁଝାମଣା ଓ ସାହାଯ୍ୟ ସହଯୋଗିତା ହେଉଛି ତା'ର ପୂର୍ଣ୍ଣତାର ଉପାୟ । ସେଗୁଡ଼ିକ ଭିତରେ ଦ୍ୱନ୍ଦ୍ୱ ବା ସଂଘର୍ଷ ରହିଲେ ତାହା ତା'ର ସତ୍ତାର ରାଜ୍ୟକୁ ବିପର୍ଯ୍ୟସ୍ତ କରେ, ଗୋଟିକର ବିନିମୟରେ ଅନ୍ୟଟିର ବିଜୟ ତା'ର ଆତ୍ମ ପୂର୍ଣ୍ଣତାକୁ ଖର୍ବ ଓ ପଙ୍ଗୁ କରିଦିଏ ।

ଆମ ଯୁଗର ଏକ ବିଶେଷ ଚରିତ୍ର ହେଉଛି ଯୁକ୍ତିବୁଦ୍ଧି ଓ ବିଶ୍ୱାସ ଭିତରେ, ଯୁକ୍ତି ପ୍ରଧାନ ମନ ଓ ସମ୍ବୋଧି ପ୍ରଧାନ ହୃଦୟ ଭିତରେ ଏକ ବିଚ୍ଛେଦ ଓ ବିରୋଧର ପ୍ରଚାର କରାଯାଇଥାଏ । ପ୍ରଥମେ ଏମାନଙ୍କ ଭିତରେ ଯୁଦ୍ଧ ଘୋଷଣାର ସଦ୍ୟଫଳ ହୁଏ ଏକ ଯନ୍ତ୍ରଣାଦାୟକ ସଂଘର୍ଷ, ଯେତେବେଳେ ଯଥାର୍ଥ ଏକ ବିଶ୍ୱାସ ସମ୍ମୁଖୀନ ହୁଏ ନାନା ବିଭ୍ରାଟର ଏବଂ ଯଥାର୍ଥ ଏକ ସନ୍ଦେହ ବା ପ୍ରଶ୍ନମୂଳକ ମନୋଭାବ ରହିଯାଏ ଅତୃପ୍ତ । କିନ୍ତୁ ବର୍ତ୍ତମାନ ଉଭୟଙ୍କ ଭିତରେ ଏହି ବିଚ୍ଛେଦ ଏପରି ଏକ ଅତିରଞ୍ଜନର ଅବସ୍ଥାରେ ପହଞ୍ଚିଛି ଯାହା ମନୁଷ୍ୟର ଜୀବନକୁ ଆହୁରି ଦରିଦ୍ର କରି ଦେଇଛି, ପରସ୍ପର ସମ୍ପର୍କରେ ଏକ ଉଗ୍ର ଏକତରଫା ବା ଅନ୍ୟକୁ ପୂରା ବାଦ୍ ଦେବାର ମନୋଭାବକୁ ପ୍ରଶ୍ରୟ ଦେଇ । ଗୋଟିଏ ପକ୍ଷରେ ଏକ ନାସ୍ତିବାଚକ ଧ୍ୱଂସମୂଳକ ସମାଲୋଚନାର ମନୋଭାବ ରହିଥିବା ବେଳେ ଅନ୍ୟ ପକ୍ଷରେ ରହିଛି ଏକ କଳ୍ପନା ପ୍ରବଣ ଭାବାବେଗ ଯାହାକି ଶୁଦ୍ଧ ବିଚାର ଓ ପ୍ରବୃତ୍ତି ସବୁକୁ ବିରୋଧ କରେ ଏବଂ କେବଳ ସ୍ୱପ୍ନ ବିଳାସ ଉପରେ ପ୍ରତିଷ୍ଠିତ ଏକ ବିଶ୍ୱାସକୁ ଛିଡ଼ା କରାଯାଏ ଯୁକ୍ତି ବୁଦ୍ଧିର ଶୁଷ୍କ ମତାନ୍ଧତା ବିରୋଧରେ ।

ତଥାପି ଏ ଦୁହିଙ୍କ ଭିତରେ ଏକ ପ୍ରକୃତ ବିଚ୍ଛେଦ ସମ୍ଭବପର ନୁହେଁ । ବିଶ୍ୱାସ ଓ ଏକ ସମ୍ବୋଧିମୂଳକ ସ୍ୱତଃ ଲବ୍ଧ ଜ୍ଞାନ ବ୍ୟତିରେକେ ବିଜ୍ଞାନ ପାଦେ ହେଲେ ଆଗେଇ ପାରିବ ନାହିଁ । ଏବଂ ଆଜିର ବିଜ୍ଞାନ ବହୁ ସ୍ୱପ୍ନ ସମ୍ଭାରରେ ପରିପୂର୍ଣ୍ଣ । ଧର୍ମ ମଧ୍ୟ ଆଜି ମୁହୂର୍ତ୍ତେ ଛିଡ଼ା ହୋଇପାରିବ ନାହିଁ, ଯଦି ଏହା ନିଜର ସମର୍ଥନରେ, ଯେତେ କମ୍ ପରିମାଣରେ ହେଲେ ମଧ୍ୟ ଯୁକ୍ତି ବୁଦ୍ଧିର ଆଶ୍ରୟ ନେଇ ଗଭୀର ସତ୍ୟସବୁକୁ ଉପସ୍ଥାପିତ ନକରେ । ଆଜି ଆମେ ଦେଖୁଛୁ ଏହା କିପରି ଭାବରେ ନିଜର ସମର୍ଥନ ପାଇଁ ବହୁ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରୁଛି ବିରୋଧୀ ପକ୍ଷର ଶସ୍ତ୍ରାଗାରରୁ । କିନ୍ତୁ ଉଭୟଙ୍କ ଭିତରେ ଆପୋସ ମୀମାଂସା ଆଣି ପାରୁଥିବା ଉଚ୍ଚତର ସତ୍ୟର ସପକ୍ଷରେ ଏକ ଯଥାର୍ଥ ସମନ୍ୱୟହିଁ ଉଭୟଙ୍କ ଭିତରେ ରହିଥିବା ପାରସ୍ପରିକ ଭୁଲ୍ ବୁଝାମଣାକୁ ଦୂର କରି ଦେଇ ପାରେ ଏବଂ ମାନବଜାତି ପାଇଁ ପୂର୍ଣ୍ଣାଙ୍ଗ ଆତ୍ମବିକାଶର ପଥକୁ ପୁଣି ଖୋଲି ଦେଇପାରେ ।

ତା'ହେଲେ ଆଧ୍ୟାତ୍ମିକ ଆସ୍ପୃହା ଓ ବୈଜ୍ଞାନିକ ଗୁଣ ବା ସାମର୍ଥ୍ୟ ଭିତରେ ଏକ ସମନ୍ୱୟ ଆରମ୍ଭ କରାଯାଇ ସେହି ପଥରେ ଆଗେଇ ପାରିଲେ ତା'ର ପରିଣାମ ସ୍ୱରୂପ ଆନ୍ତର ଜୀବନର କ୍ଷେତ୍ରରେ ମଧ୍ୟ ଏକ ସମନ୍ୱୟମୂଳକ ପୂର୍ଣ୍ଣତା ଆସିବ । ପ୍ରେମ ଓ ଜ୍ଞାନ, ଭକ୍ତିର ଆନନ୍ଦ ଓ ବ୍ରହ୍ମଜ୍ଞାନର ଦିବ୍ୟବିଜ୍ଞାନ – ଏ ଉଭୟଙ୍କୁ ଏକତ୍ରିତ ଓ ମିଳିତ କରାଇବାକୁ ହେବ ଏବଂ ଉଭୟଙ୍କୁହିଁ ଜୀବନର ସର୍ବାଙ୍ଗୀଣ ପୂର୍ଣ୍ଣତାକୁ ପୁନରୁଜ୍ଜୀବିତ କରିବାକୁ ହେବ, ଯାହାକୁ ସେମାନେ ନିଜ ଭିତରୁ ନିର୍ବାସିତ କରିଦେବା ପାଇଁ କୁଣ୍ଠିତ ହୁଅନ୍ତି ନାହିଁ, ହୁଏତ ଜିଜ୍ଞାସାର କଠୋର ତପସ୍ୟାରେ ମଗ୍ନ ହୋଇ ବା ଭାବୋନ୍ମାଦର ଆନନ୍ଦ ଉଲ୍ଲାସରେ ମତ୍ତ ହୋଇ ।

ମନ ଓ ହୃଦୟ ଉଭୟେ ହେଉଛନ୍ତି ସେହି ଏକହିଁ ବିଶ୍ୱଦେବ; ଏବଂ ହୃଦୟକୁ ବାଦ୍ ଦେଇ ଏକ ମନ ବା ମନକୁ ବାଦ୍ ଦେଇ ଏକ ହୃଦୟ କେବେହେଲେ ମନୁଷ୍ୟର ଆଦର୍ଶ ହୋଇ ପାରେନା । ଏବଂ କୌଣସି ପୂର୍ଣ୍ଣତା ମଧ୍ୟ କେବେହେଲେ ସାର୍ଥକ ଓ ବାସ୍ତବ ହୋଇ ପାରେନା ଯଦି ତାହା ଯଥାର୍ଥରେ ଫଳପ୍ରସୂ ନହୁଏ । ତେଣୁ ଲକ୍ଷ୍ୟ ହେଉଛି ଭିତରେ ଏକ ପୂର୍ଣ୍ଣାଙ୍ଗ, ଦିବ୍ୟ ସୌଷମ୍ୟ ଓ ସମନ୍ୱୟ ସଙ୍ଗେ ସଙ୍ଗେ ତା'ର ପରିଣାମ ଓ ଫଳସ୍ୱରୂପ ଏକ ରୂପାନ୍ତରିତ ପୃଥିବୀ ଓ ଅଧିକତର ମହତ୍ ଓ ସୁଖୀ ଏକ ମାନବସମାଜ । ❖

(ବୁଲେଟିନ୍, ଅପ୍ରେଲ ୧୯୮୭)

# ଅନ୍ୟମାନଙ୍କ ମତ ଓ ବିଶ୍ୱାସ ପ୍ରତି ଅସହିଷ୍ଣୁତା

## ଶ୍ରୀମା

ଶ୍ରୀଅରବିନ୍ଦଙ୍କର ସୂତ୍ରାବଳୀଟିରୁ ନିମ୍ନଟି ପାଠ କରାଗଲା, ‘‘ଯେଉଁଗୁଡ଼ିକ କେବଳ ତୁମର ବିଶ୍ୱାସ ତାହାକୁ ଜ୍ଞାନର ନାମ ଦିଅ ନାହିଁ ଓ ଯେଉଁଗୁଡ଼ିକ ଅନ୍ୟମାନଙ୍କର ବିଶ୍ୱାସ ସେଗୁଡ଼ିକୁ ଭୁଲ୍, ମୂଢ଼ତା ବା ଭଣ୍ଡାମି ବୋଲି କୁହ ନାହିଁ କିଂବା ଅନ୍ୟାନ୍ୟ ଗୋଷ୍ଠୀର ମତାନ୍ଧ ନୀତି ଓ ସେମାନଙ୍କର ଅସହିଷ୍ଣୁତାକୁ ବିଦ୍ରୂପ ବା ଭର୍ତ୍ସନା କର ନାହିଁ ।’’ – ଏହା ଉପରେ ଆଲୋଚନା କରି ଶ୍ରୀମା କହିଥିଲେ :

ବିଭିନ୍ନ ଗୋଷ୍ଠୀର ଯେଉଁ ବଦ୍ଧମୂଳ ମତାନ୍ଧ ନୀତି ବା ବିଭିନ୍ନ ଧର୍ମର ଯେଉଁସବୁ ଅସହିଷ୍ଣୁତା ପ୍ରକାଶ ପାଏ ତା’ର ପ୍ରଧାନ କାରଣ ହେଲା ଏହିସବୁ ଗୋଷ୍ଠୀ ବା ଧର୍ମ ସମ୍ପ୍ରଦାୟମାନେ କେବଳ ସେହିମାନଙ୍କ ବିଶ୍ୱାସକୁହିଁ ଯଥାର୍ଥ ଜ୍ଞାନ ବୋଲି ଓ ଅନ୍ୟମାନଙ୍କ ବିଶ୍ୱାସକୁ ଭୁଲ୍, ମୂଢ଼ତା ଓ ଭଣ୍ଡାମି ବୋଲି କହିଥାଆନ୍ତି । ତୁମର ଜ୍ଞାନହିଁ ଏକମାତ୍ର ସତ୍ୟ ଜ୍ଞାନ, କେବଳ ତୁମର ବିଶ୍ୱାସହିଁ ଏକମାତ୍ର ସତ୍ୟ ବିଶ୍ୱାସ ଏବଂ ଅନ୍ୟମାନଙ୍କ ବିଶ୍ୱାସ ସତ୍ୟ ନୁହେଁ ଏପରି ଭାବିବା ହେଉଛି ଅନ୍ୟାନ୍ୟ ସଂକୀର୍ଣ୍ଣ ଗୋଷ୍ଠୀ ଓ ଧର୍ମମତର ଭାବନା ସଙ୍ଗେ ସମାନ ।

ତେଣୁ ସେହିସବୁ ସଂକୀର୍ଣ୍ଣ ଗୋଷ୍ଠୀ ଓ ଧର୍ମଗୁଡ଼ିକ ଯାହା କରିଥାଆନ୍ତି, ତୁମର ଆଚରଣ ଯଦି ସେମାନଙ୍କ ସଙ୍ଗେ ସମାନ ହେଲା ତେବେ ସେମାନଙ୍କୁ ବିଦ୍ରୂପ କରିବାର କୌଣସି ଅଧିକାର ତୁମର ନାହିଁ । ତୁମେ ଠିକ୍ ସେଇମାନଙ୍କ ପରିହିଁ ଆଚରଣ କର ସେ ସମ୍ପର୍କରେ ସଚେତ ନହୋଇ, କାରଣ ଏହା ତୁମକୁ ଖୁବ୍ ସ୍ୱାଭାବିକ ଲାଗେ । ଶ୍ରୀଅରବିନ୍ଦ ଏଠାରେ ତୁମକୁ ଯାହା ବୁଝାଇବାକୁ ଚାହିଁଛନ୍ତି ତା’ ହେଉଛି ଯେତେବେଳେ ତୁମେ ଏପରି କୁହ ଯେ ‘‘ଆମେହିଁ କେବଳ ସତ୍ୟ ଲାଭ କରିଛୁ ଏବଂ ଯାହା ଏହି ସତ୍ୟ ନୁହେଁ, ତାହା ଏକ ଭ୍ରମ ମାତ୍ର’’, ସେତେବେଳେ ସମସ୍ତ ସଂକୀର୍ଣ୍ଣ ଗୋଷ୍ଠୀ ଓ ଧର୍ମମତ ଯାହା କରିଥାଆନ୍ତି ତୁମେ ଠିକ୍ ସେଇମାନଙ୍କ ପରି ଆଚରଣ କଲ ଯଦିଓ ତୁମେ ଏପରି ଅମାର୍ଜିତ ଭାବରେ କଥାଗୁଡ଼ିକୁ କହିବା ପାଇଁ ସାହସ କରି ନଥିବ ।

ତୁମେ ଯଦି ଟିକେ ବାସ୍ତବତାର ଦୃଷ୍ଟି ନେଇ ଜିନିଷଟିକୁ ଦେଖ, ଦେଖିବ ଯେ ସ୍ୱତଃସ୍ଫୂର୍ତ୍ତ ଭାବରେ ସେ ସମ୍ପର୍କରେ ଆଦୌ ସଚେତ ନହୋଇ ଯାହାସବୁ ତୁମେ ଶିଖିଛ, ଯାହାସବୁ ତୁମେ ଚିନ୍ତା କରିଛ, ଯେଉଁସବୁ ବିଷୟକୁ ବିଶେଷଭାବରେ ସତ୍ୟ ବୋଲି ଓ ଅସାଧାରଣଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ତୁମର ଧାରଣା ହୋଇଛି ସେସବୁର ପ୍ରତ୍ୟେକଟିକୁ ତୁମେ ଅଭ୍ରାନ୍ତ ଜ୍ଞାନ ବୋଲି ଧରି ନେଇଛ । ସେସବୁ ସମ୍ପର୍କରେ ଅନ୍ୟ କୌଣସି ପୃଥକ୍ ଧାରଣା ଥିବା କେହି ଯଦି କୁହେ ଯେ ‘ନା, ନା, ଜିନିଷଟି ସେପରି ନୁହେଁ, ବରଂ ଏପରି, ତେବେ ସଙ୍ଗେ ସଙ୍ଗେ ତା’ର ବିରୋଧ ଓ ପ୍ରତିବାଦ କରିବାକୁ ତୁମେ ଆଗେଇ ଆସିବ ।

ତୁମେ ଯଦି ନିଜର ଆଚରଣକୁ ଭଲଭାବେ ନିରୀକ୍ଷଣ କରି ଦେଖ ତୁମେ ଏହି ଅସହିଷ୍ଣୁତାର ଗଠନ ପ୍ରଣାଳୀ ଓ କ୍ରିୟାକ୍ରମ ବୁଝିପାରିବ ଏବଂ ସଙ୍ଗେ ସଙ୍ଗେ ଏହି ଧରଣର ଅର୍ଥହୀନ ତର୍କବିତର୍କର ସମାପ୍ତି ଘଟାଇ ତହିଁରୁ ବିରତ ରହିବା ପାଇଁ ସମର୍ଥ ହେବ । ମୁଁ ଆଗରୁ ଥରେ ଯାହା କହିଥିଲି ଆମେ ବର୍ତ୍ତମାନ ସେଇ ବିଷୟଟିକୁ ଫେରିଯିବା – ବିଷୟସବୁର ସତ୍ୟ ସଙ୍ଗରେ ତୁମର ଯେଉଁ ସମ୍ପର୍କ ହୋଇଥାଏ, ତୁମର ସେହି ବ୍ୟକ୍ତିଗତ ସମ୍ପର୍କ ଯାହାକି ଉଣା ଅଧିକେ ସ୍ପଷ୍ଟ, ଗଭୀର, ବିଶାଳ ଓ ଶୁଦ୍ଧ ହୋଇଥାଏ – ତାହା ବ୍ୟକ୍ତିଗତଭାବେ ତୁମ ପାଇଁ ଏକ ଉଲ୍ଲେଖଯୋଗ୍ୟ, ହୁଏତ ସମ୍ଭବତଃ ଏକ ନିଷ୍ପତ୍ତିମୂଳକ ଅନୁଭୂତି ହୋଇ ପାରିଥାଏ, କିନ୍ତୁ ଯଦିଓ ସେହି ସମ୍ପର୍କଟି ତୁମକୁ ନିଷ୍ପତ୍ତିମୂଳକଭାବେ ଗୁରୁତ୍ୱପୂର୍ଣ୍ଣ ଏକ ଅନୁଭୂତି ଦେଇ ପାରିଥାଏ କିନ୍ତୁ ତୁମେ କେବେହେଲେ ଏପରି କଳ୍ପନା କରି ବସିବା ଉଚିତ ନୁହେଁ ଯେ ତାହା ଏକ ସାର୍ବଜନୀନ ଅନୁଭୂତି ଏବଂ ସତ୍ୟ ସହ ଠିକ୍ ସେହି ପ୍ରକାର ସମ୍ପର୍କ ଅନ୍ୟମାନଙ୍କୁ ମଧ୍ୟ ଠିକ୍ ସେହି ପ୍ରକାର ଅନୁଭୂତି ଆଣିଦେବ । ଏବଂ ତୁମେ ଯଦି ବୁଝିପାରିବ ଯେ ସେହି ସମ୍ପର୍କ ଓ ଅନୁଭୂତିଟି ପୂରାପୂରି କେବଳ ତୁମ ପାଇଁ ବ୍ୟକ୍ତିଗତ ଥିଲା, କେବଳ ତୁମର ନିଜସ୍ୱ ଆତ୍ମଗତ ଅନୁଭୂତି ଥିଲା ଏବଂ ତାହା କେବେହେଲେ ଏକ ଅଖଣ୍ଡ, ସାଧାରଣ, ସାର୍ବଜନୀନ ଅନୁଭୂତି ନଥିଲା ତା’ହେଲେ ତୁମେ ଆଉ ଅନ୍ୟମାନଙ୍କ ଜ୍ଞାନକୁ ହେୟ ଦୃଷ୍ଟିରେ ଦେଖିବ ନାହିଁ, ଏବଂ ସେମାନଙ୍କ ଉପରେ ତୁମର ବିଚାର, ଦୃଷ୍ଟିକୋଣ ଓ ଅନୁଭୂତି-ସବୁକୁ ଲଦି ଦେବାକୁ ଚାହିଁବ ନାହିଁ । ଏହି ଧରଣର ବୁଝାମଣାର ଭାବ ରହିଲେ ଆଉ ମାନସିକ କଳହର ପ୍ରଶ୍ନ ଉଠିବ ନାହିଁ, ଯାହାକି ସବୁବେଳେ ପୂରାପୂରି ଅର୍ଥହୀନ ହୋଇଥାଏ ।

ଏହା ସ୍ପଷ୍ଟ ଯେ ଏହି ସୂତ୍ରାବଳୀର ପ୍ରଥମ ଅଂଶଟିକୁ ଏକ ଉପଦେଶ ରୂପେ ଗ୍ରହଣ କରାଯାଇପାରେ କିନ୍ତୁ ଶ୍ରୀଅରବିନ୍ଦ ଏହା ଲେଖିଲାବେଳେ କେବଳ ସେତିକି ଚାହିଁ ନଥିଲେ । ସେ ଚାହିଁଥିଲେ ଆମେ ଯେପରି ଏ ସମ୍ପର୍କରେ ସଚେତ ହେଉ ଯେ ଯେଉଁଥିପାଇଁ ଆମେ ଅନ୍ୟମାନଙ୍କୁ ବିଦ୍ରୂପ କରୁ ଆମେ ନିଜେ କିପରି ଠିକ୍ ସେହି ଭୁଲ୍‌ଗୁଡ଼ିକ କରିବସୁ । ଏହା ଆମ ପାଇଁ ଏକ ଅଭ୍ୟାସରେ ପରିଣତ ହୋଇଯାଏ, କେବଳ ଏହି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନୁହେଁ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ । ଏହା ଏକ ଉଲ୍ଲେଖଯୋଗ୍ୟ ବିଷୟ ଯେ ଯେତେବେଳେ ଆମ ନିଜର କୌଣସି ଦୁର୍ବଳତା ଥାଏ ଉଦାହରଣସ୍ୱରୂପ, କୌଣସି ହାସ୍ୟାସ୍ପଦ ଅଭ୍ୟାସ, ଦୋଷ ଦୁର୍ବଳତା ଓ ଅପୂର୍ଣ୍ଣତା ଥାଏ, ଯେହେତୁ ଊଣାଅଧିକେ ତାହା ଆମର ପ୍ରକୃତିର ଏକ ଅଂଶ ଭଳି ହୋଇଯାଇଥାଏ, ଆମକୁ ତାହା ଖୁବ୍ ସ୍ୱାଭାବିକ ଲାଗେ ଓ ତାହା ଆମକୁ ଆଦୌ କୌଣସି ଆଘାତ ଦିଏ ନାହିଁ ବା ବିଚଳିତ କରେ ନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେହି ସମାନ ଦୁର୍ବଳତା, ସେହି ସମାନ ଅପୂର୍ଣ୍ଣତା, ସେହି ହାସ୍ୟାସ୍ପଦ ଅଭ୍ୟାସଟି ଆମେ ଅନ୍ୟମାନଙ୍କଠାରେ ଦେଖୁ ଆମକୁ ସେତେବେଳେ ଏକ ଧକ୍କା ଖାଇବା ପରି ଲାଗେ, ବିବ୍ରତ ଓ ବିଚଳିତ ହୋଇ ଆମେ କହୁ, ''କ'ଣ ! ସେ ଏପରି ସ୍ୱଭାବର ବ୍ୟକ୍ତି'', ସେତେବେଳେ ଆମେ ଭୁଲି ଯାଇଥାଉ ଯେ ଆମ ନିଜଠାରେ ବି ସେହି ଦୋଷ ଦୁର୍ବଳତାଗୁଡ଼ିକ ଅଛି, ଆମେ ତା'ଠାରୁ କିଛି ଅଲଗା ନୋହୁଁ । ତେଣୁ ଦୁର୍ବଳତା ଓ ଅପୂର୍ଣ୍ଣତା ସଙ୍ଗକୁ ଆମ ନିଜର ସେହି ଦୋଷଗୁଡ଼ିକୁ ଦେଖି ନପାରିବାର ମୂଢ଼ତା ବି ଯୋଗ ହୁଏ ।

ଏଥିରୁ ଏକ ଶିକ୍ଷା ଗ୍ରହଣ କରିବା ଉଚିତ । ଯେତେବେଳେ କୌଣସି ବ୍ୟକ୍ତିଠାରେ ପ୍ରକାଶ ପାଉଥିବା କୌଣସି ବିଷୟ ତୁମକୁ ପୂରାପୂରି ଅବାଞ୍ଛନୀୟ ଓ ହାସ୍ୟାସ୍ପଦ ଲାଗେ ଏବଂ ତୁମେ କୁହ, ''କ'ଣ, ସେ ଏପରି ଲୋକ, ଏପରି ବ୍ୟବହାର କରୁଛି, ଏପରି କଥା କହୁଛି, ଏପରି କାମ କରୁଛି'' – ସେତେବେଳେ ତୁମେ ନିଜକୁ କହିବା ଉଚିତ, ''ଠିକ୍ ଅଛି, କିନ୍ତୁ ମୁଁ ନିଜେ ବି ବୋଧହୁଏ ସେ ସମ୍ପର୍କରେ ସଚେତ ନହୋଇ ସେହି ସମାନ ଭୁଲ୍‌ଗୁଡ଼ିକ କରୁଛି । ଅନ୍ୟକୁ ସମାଲୋଚନା କରିବା ପୂର୍ବରୁ ପ୍ରଥମେ ମୋ ନିଜ ଭିତରଟାକୁ ଭଲଭାବରେ ଦେଖିନେବା ଉଚିତ, ଯାହାଫଳରେ ମୁଁ ନିଶ୍ଚିତ ହୋଇପାରିବି ଯେ ହୁଏତ ଟିକେ ଅନ୍ୟଭାବରେ ମୁଁ ଠିକ୍ ସେହି ଭୁଲ୍‌ଗୁଡ଼ିକ କରୁ ନାହିଁ ତ !'' ଯେତେଥର ଅନ୍ୟ କାହାର ଆଚରଣ ତୁମକୁ ଧକ୍କା ଖାଇଲା ପରି ଲାଗେ, ଯଦି ପୂର୍ବୋକ୍ତ ଭାବଟି ଗ୍ରହଣ କରିବା ଭଳି ତୁମର ଉତ୍ତମ ବୋଧ ଓ ବୁଦ୍ଧି ଥାଏ ତା'ହେଲେ ତୁମେ ଉପଲବ୍ଧି କରିପାରିବ ଯେ ଜୀବନରେ ତୁମେ ଯେତେବେଳେ ଅନ୍ୟମାନଙ୍କ ସମ୍ପର୍କରେ ଆସ, ସେହି ସମ୍ପର୍କଟି ହୁଏ ତୁମକୁ ଦିଆଯାଇଥିବା ଏକ ଦର୍ପଣ ପରି ଯେଉଁଥିରେ ଅଧିକ ସହଜ ଓ ସ୍ପଷ୍ଟ ଭାବରେ ତୁମ ନିଜ ଭିତରେ ବହନ କରୁଥିବା ଦୋଷ ଦୁର୍ବଳତାଗୁଡ଼ିକୁ ଦେଖି ପାରିବ ।

ପ୍ରାୟ କୌଣସି ବ୍ୟତିକ୍ରମ ନଥାଇ ଏହା ଏକ ସାଧାରଣ ନିୟମ ଯେ ଅନ୍ୟମାନଙ୍କ ଭିତରେ ଯେଉଁ ଜିନିଷଗୁଡ଼ିକୁ ଦେଖିଲେ ତୁମକୁ ଧକ୍କା ଖାଇଲା ପରି ଲାଗେ, ତୁମେ ନିଜ ଭିତରେ ଠିକ୍ ସେହି ଜିନିଷଗୁଡ଼ିକୁହିଁ ବହନ କରୁଛ, ହୁଏତ ଊଣାଅଧିକେ ଆବୃତ ଓ ଲୁକ୍କାୟିତ ଭାବରେ ସେଗୁଡ଼ିକ ଅଛନ୍ତି, ହୁଏତ ସାମାନ୍ୟ ଭିନ୍ନ କୌଣସି ଛଦ୍ମବେଶ ପିନ୍ଧି ସେଗୁଡ଼ିକ ଅଛନ୍ତି ଯାହାଯୋଗୁଁ ତୁମେ ନିଜକୁ ପ୍ରତାରିତ କରିବା ପାଇଁ ସୁଯୋଗ ପାଅ । ତୁମ ନିଜ ଭିତରେ ଯେଉଁ ଦୋଷଗୁଡ଼ିକ ମାମୁଲି ଓ ବିଶେଷ କ୍ଷତିକାରକ ନୁହନ୍ତି ବୋଲି ତୁମକୁ ଲାଗେ, ଅନ୍ୟମାନଙ୍କ ଭିତରେ ଠିକ୍ ସେହି ଦୋଷଗୁଡ଼ିକହିଁ ତୁମକୁ ଅତିକାୟ, ଭୀଷଣ ଦାନବାକୃତି ଧାରଣ କଲାପରି ମନେ ହୁଏ ।

ଏହି ଧରଣର ଅନୁଭୂତି ପାଇବାକୁ ଚେଷ୍ଟା କର, ନିଜକୁ ବଦଳାଇବା ଦିଗରେ ଏହା ତୁମକୁ ଖୁବ୍ ସାହାଯ୍ୟ କରିବ । ତହିଁ ସଙ୍ଗେ ସଙ୍ଗେ ମଧ୍ୟ ଅନ୍ୟମାନଙ୍କ ସଙ୍ଗେ ତୁମର ସମ୍ପର୍କ କ୍ଷେତ୍ରରେ ଏହା ଏକ ଆଲୋକିତ ସହିଷ୍ଣୁତା ଆଣିଦେବ, ଏପରି ଏକ ସଦିଚ୍ଛାର ଭାବ ଆଣିଦେବ ଯାହାକି ଯଥାର୍ଥ ବୁଝାମଣା ଭିତରୁ ଜାତ ହୋଇଥାଏ ଏବଂ ବହୁ ସମୟରେ ସେହିସବୁ ସମ୍ପୂର୍ଣ୍ଣ ଅର୍ଥହୀନ କଳହର ପୂରା ସମାପ୍ତି ଘଟାଇବ ।

କଳହ ଓ ବିବାଦ ବିନା ଜୀବନକୁ ବେଶ୍ ଅତିବାହିତ କରାଯାଇପାରେ । ଏହା କହିବା ହୁଏତ ଖୁବ୍ ଆଶ୍ଚର୍ଯ୍ୟଜନକ ଲାଗୁଛି କାରଣ ବର୍ତ୍ତମାନ ଜିନିଷଗୁଡ଼ିକର ଅବସ୍ଥା ଯେପରି ସେ କ୍ଷେତ୍ରରେ ବରଂ ଅପରପକ୍ଷରେ ମନେ ହେବ ଯେ ଜୀବନଟା ଯେପରିକି ସୃଷ୍ଟି ହୋଇଛି କେବଳ ବିବାଦ ଓ କଳହରେ ରତ ହେବା ପାଇଁ, ଏହି ଅର୍ଥରେ ଯେ ଯେତେବେଳେ ଲୋକମାନେ ଏକାଠି ହୁଅନ୍ତି ସେମାନଙ୍କର ପ୍ରଧାନ କାମ ହୁଏ ନିଜ ନିଜ ଭିତରେ କଳହ କରିବା, ତାହା ପ୍ରକାଶ୍ୟରେ ହେଉ ବା

ଗୋପନରେ ହେଉ । ସବୁକ୍ଷେତ୍ରରେ ତୁମେ ହୁଏତ ସୌଭାଗ୍ୟ ବଶତଃ କଥା କଟାକଟି କରି ଗାଳି ଗୁଲଜ କର ନାହିଁ, ହୁଏତ ଧସ୍ତାଧସ୍ତି ବା ମରାମରି ହୁଅ ନାହିଁ, କିନ୍ତୁ ସବୁ ସମୟରେ ତୁମେ ନିଜ ଭିତରେ ଏକ କ୍ରମାଗତ ଉତ୍ତେଜନା ଓ ବିକ୍ଷୁବ୍ଧ ଅବସ୍ଥାରେ ରହିଥାଅ କାରଣ ତୁମେ ନିଜ ଚାରିପାଖରେ ସେହି ପୂର୍ଣ୍ଣତା ଦେଖିବାକୁ ପାଅ ନାହିଁ, ଯେଉଁ ପୂର୍ଣ୍ଣତା ତୁମ ନିଜ ଭିତରେ ଉପଲବ୍ଧି କରିବାକୁ ଚାହୁଁଥାଅ ଏବଂ ଯାହା ଉପଲବ୍ଧି କରିବା ତୁମ ପାଇଁ ବେଶ୍ କଷ୍ଟକର ହୋଇଥାଏ, ଅଥଚ ତୁମେ ଭାବୁଥାଅ ଯେ ଅନ୍ୟମାନେ ତାହା ଉପଲବ୍ଧି କରିବା ଉଚିତ ଏବଂ ଏହା ତୁମକୁ ପୂରାପୂରି ସ୍ୱାଭାବିକ ଲାଗେ ।

''ସେମାନେ ଏପରି କେମିତି ହୋଇ ପାରନ୍ତି ?...'' କିନ୍ତୁ ତୁମେ ଭୁଲିଯାଅ ଯେ ସେପରି ନହେବାଟା ତୁମ ନିଜ ପାଇଁ ମଧ୍ୟ କେତେ କଷ୍ଟସାଧ୍ୟ ।

ଚେଷ୍ଟାକର, ଏବଂ ତୁମେ ଜିନିଷଟି ଦେଖିପାରିବ । ସବୁକିଛିକୁ ଏକ ସଦିଚ୍ଛାପୂର୍ଣ୍ଣ ସ୍ମିତହାସ୍ୟ ନେଇ ଦେଖ । ଯାହା-କିଛି ତୁମକୁ ଉତ୍ତେଜିତ ବା ବିରକ୍ତ କରେ ତାହାକୁ ନିଜ ପାଇଁ ଏକ ଶିକ୍ଷା ରୂପେ ନିଅ ଏବଂ ଦେଖିବ ତୁମର ଜୀବନ ଅଧିକ ଶାନ୍ତିମୟ ଓ ଅଧିକ ଫଳପ୍ରସୂ ହୋଇଛି । କାରଣ ତୁମ ଶକ୍ତିର ଏକ ବେଶ୍ ବଡ଼ ଅଂଶ ସେହିସବୁ ଉତ୍ତେଜନା ଓ ବିରକ୍ତି ଅନୁଭବରେ ନଷ୍ଟ ହୋଇଥାଏ ଯେତେବେଳେ ତୁମେ ନିଜ ଭିତରେ ଯେଉଁ ପୂର୍ଣ୍ଣତାର ଉପଲବ୍ଧି ପାଇବାକୁ ଚାହୁଁଥାଅ ତାହା ଅନ୍ୟମାନଙ୍କଠାରେ ଦେଖ ନାହିଁ ।

ଅନ୍ୟମାନେ କେଉଁ ଧରଣର ପୂର୍ଣ୍ଣତା ଉପଲବ୍ଧି କରିବା ଉଚିତ, ତୁମେ ସେହି ଚିନ୍ତାରେ ଅଟକିଯାଅ, ଏବଂ ତୁମେ ନିଜେ ଯେଉଁ ଲକ୍ଷ୍ୟ ଅନୁସରଣ କରିବା ଉଚିତ ସେ ସମ୍ପର୍କରେ କ୍ୱଚିତ୍ ସଚେତ ଥାଅ । ତୁମେ ଯଦି ସେ ସମ୍ପର୍କରେ ସଚେତ ତା'ହେଲେ ତୁମକୁ ଯେଉଁ କାମଟି ଦିଆଯାଇଛି ସେଇ କାମଟିରୁ ଆରମ୍ଭ କର; ଅର୍ଥାତ୍ ତୁମର ଯାହା କରିବା କଥା ତା'କୁ ଉପଲବ୍ଧି କର; ଅନ୍ୟମାନେ କ'ଣ କରୁଛନ୍ତି ନକରୁଛନ୍ତି ସେ ସମ୍ପର୍କରେ ମୁଣ୍ଡ ଖେଳାଅ ନାହିଁ, କାରଣ ପରିଶେଷରେ ତାହା ତ ତୁମର କାମ ନୁହେଁ । ଯଥାର୍ଥ ମନୋଭାବ ରଖିବା ଦିଗରେ ସର୍ବୋତ୍ତମ ବାଟ ହେଉଛି ନିଜକୁ ଏହା କହିବା ଯେ ''ମୋ ଚାରିପଟରେ ଯେଉଁସବୁ ଲୋକ ଅଛନ୍ତି, ମୋ ଜୀବନର ସମସ୍ତ ପରିବେଶ, ମୋ ନିକଟରେ ଯେଉଁ ଲୋକମାନେ ଅଛନ୍ତି ସେସବୁ ହେଉଛି ଗୋଟିଏ ଦର୍ପଣ ପରି ଯାହାକୁ ଦିବ୍ୟଚେତନା ମୋ ଆଗରେ ଧରି ରଖିଛନ୍ତି କେଉଁ କ୍ଷେତ୍ରରେ ମୋର କେଉଁ ଧରଣର ଅଗ୍ରଗତି କରିବା କଥା ତାହା ସ୍ପଷ୍ଟ ରୂପେ ଦେଖାଇଦେବା ପାଇଁ । ଅନ୍ୟମାନଙ୍କ ଭିତରେ ଯେଉଁ ଜିନିଷ ମୋତେ ଆଘାତ ପରି ଲାଗେ, ଧକ୍କା ଖାଇଲା ଭଳି ଲାଗେ, ତାହା ସୂଚାଇଦିଏ ମୋ ଭିତରେ ଠିକ୍ କେଉଁ ଜିନିଷଟି କରିବାକୁ ହେବ ।''

ଏବଂ ସମ୍ଭବତଃ ଜଣେ ଯଦି ନିଜ ଭିତରେ ଯଥାର୍ଥ ପୂର୍ଣ୍ଣତା ବହନ କରି ଚାଲୁଥାଏ ତେବେ ସେ ଅନ୍ୟମାନଙ୍କ ଭିତରେ ସେହି ପୂର୍ଣ୍ଣତାକୁ ଆହୁରି ଅଧିକଥର ଆବିଷ୍କାର କରି ପାରିବ ।

ମୁଁ ଯାହା ଦେଖୁଛି ତାହା ହେଉଛି ଆଗାମୀ କାଲିର ଜଗତ୍, କିନ୍ତୁ ଗତକାଲିର ଜଗତ୍ ତଥାପି ଜୀବିତ ରହିଛି ଓ କିଛି ସମୟ ପାଇଁ ଜୀବିତ ରହିବ । ଜୀବିତ ରହିଥିବା ପର୍ଯ୍ୟନ୍ତ ପୁରାତନ ବ୍ୟବସ୍ଥା ସେହିପରି ରହିଚାଲୁ ।

ପୃଥିବୀପୃଷ୍ଠରେ ପରିବର୍ତ୍ତନ ଆସେ ମନ୍ଥର ଗତିରେ ।

ବ୍ୟସ୍ତ ହୁଅ ନାହିଁ – ଭବିଷ୍ୟତ୍ ପାଇଁ ଆଶା ରଖ ।

– ଶ୍ରୀମା

# ଯାହା ଆମର ପ୍ରଥମେ କରଣୀୟ

## ଶ୍ରୀଅରବିନ୍ଦ

ଏକ ଦିବ୍ୟ ଜୀବନ ଭିତରକୁ ଅଭିବୃଦ୍ଧି ପାଇଁ ଆମର ପ୍ରଥମ କରଣୀୟ କର୍ମଟି ହେଉଛି ଅଧ୍ୟାତ୍ମ ସତ୍ତା ଉପରେ ଅଭିନିବେଶ । ଯେପର୍ଯ୍ୟନ୍ତ ଆମେ ଏହି ଅଧ୍ୟାତ୍ମ ସତ୍ତାକୁ ଏହାର ମନୋଗତ, ପ୍ରାଣଗତ ଓ ଦେହଗତ ନାନା ଆଚ୍ଛାଦନ ଓ ଛଦ୍ମବେଶରୁ ବାହାର କରି ଆଣି ଆମର ଆତ୍ମସତ୍ତାରେ ପ୍ରକଟିତ ଓ ବିବର୍ତ୍ତିତ ନ କରିଛୁ, ଉପନିଷଦର କଥାରେ ଯେପର୍ଯ୍ୟନ୍ତ ଆମ ନିଜ ଶରୀର ଭିତରୁ ଧୈର୍ଯ୍ୟର ସହିତ ଏହାକୁ ନିଷ୍କର୍ଷିତ କରି କାଢ଼ି ନ ଆଣିଛୁ, ଯେପର୍ଯ୍ୟନ୍ତ ଆମ ନିଜ ଭିତରେ ଅଧ୍ୟାତ୍ମ ସତ୍ତାର ଏକ ଅନ୍ତର୍ଜୀବନ ଗଠନ ନ କରିଛୁ; ଏହା ସ୍ପଷ୍ଟ ଯେ ସେପର୍ଯ୍ୟନ୍ତ ବାହ୍ୟ କ୍ଷେତ୍ରରେ କୌଣସି ଦିବ୍ୟଜୀବନ ଯାପନ କରିବା ଆଦୌ ସମ୍ଭବ ହେବ ନାହିଁ ।... ଏହି ଅନ୍ତର୍ଜୀବନ ଥରେ ଗଠିତ ହୋଇଗଲେ ତେଣିକି ଆମର ପରବର୍ତ୍ତୀ ଅଭିନିବେଶ ବା କରଣୀୟ କର୍ମ ହେବ ଆମର ଉପରିଭାଗସ୍ଥ ସମଗ୍ର ବାହ୍ୟ ସତ୍ତାଟିକୁ ଆମର ସମସ୍ତ ଚିନ୍ତା, ଅନୁଭବ ଓ ସଂସାରରେ ଆମର ସମସ୍ତ କର୍ମକୁ ସେହି ଅନ୍ତର୍ଜୀବନର ଏକ ପୂର୍ଣ୍ଣ ସାମର୍ଥ୍ୟ ଓ ଶକ୍ତିରେ ବଦଳାଇ ଦେବା ।

ଯଦି କେବଳ ଆମେ ଆମର ଗତିଶୀଳ, ସକ୍ରିୟ ଅଂଶରେ ସେହି ଗଭୀରତର ଓ ବୃହତ୍ତର ଜୀବନଧାରାରେ ବାସ କରିପାରିବୁ, ତା'ହେଲେ ଯାଇ ଏକ ମହତ୍ତର ଜୀବନର ସୃଷ୍ଟି ଓ ନିର୍ମାଣ ଲାଗି ଏକ ଶକ୍ତି ଓ ପ୍ରବେଗ ସମ୍ଭବ ହୋଇପାରିବ । ସେତେବେଳେ ମନ ଓ ପ୍ରାଣର କୌଣସି ଶକ୍ତି ବା ପୂର୍ଣ୍ଣତାରେ ହେଉ ବା ସେହି ଅଧ୍ୟାତ୍ମ ସତ୍ତାର କୌଣସି ଶକ୍ତି ଓ ପୂର୍ଣ୍ଣତାରେ ହେଉ ଏହି ପୃଥିବୀକୁ ନୂଆ କରି ଗଢ଼ିବା ସମ୍ଭବ ହେବ । ଏକ ନିଖୁଣ ଓ ପୂର୍ଣ୍ଣାଙ୍ଗ ମାନବ ଜଗତ୍ କେବେହେଲେ ସେହି ମନୁଷ୍ୟମାନଙ୍କ ଦ୍ୱାରା ବା ସେହି ମନୁଷ୍ୟମାନଙ୍କୁ ନେଇ ଗଠିତ ହୋଇ ପାରିବ ନାହିଁ, ଯେଉଁମାନେ ସ୍ୱୟଂ ଅପୂର୍ଣ୍ଣ । ଏପରିକି ଯଦିବି ଆମର ସମସ୍ତ କ୍ରିୟା-କର୍ମଗୁଡ଼ିକ ଅତି ଯତ୍ନର ସହିତ ଶିକ୍ଷା, ଆଇନ କାନୁନ ବା ସାମାଜିକ ଓ ରାଜନୈତିକ କୌଣସି ଯନ୍ତ୍ର ଦ୍ୱାରା ନିୟମିତ ଓ ନିୟନ୍ତ୍ରିତ ହୋଇ ରୁହେ, ତା'ହେଲେ ମଧ୍ୟ ତହିଁରୁ ଯାହା ମିଳିବ ତା' ହେଉଛି ମନସବୁକୁ ଏକ ନିୟମଗତ ଛାଞ୍ଚରେ ଢଳାଇ କରିବା, ଜୀବନସବୁକୁ ଏକ ଯନ୍ତ୍ରବତ୍ ନିର୍ଦ୍ଦିଷ୍ଟ ଢଙ୍ଗରେ ଚାଳିତ କରିବା ଓ ଆଚରଣ ପାଇଁ ଶୃଙ୍ଖଳିତ କୃଷ୍ଟିର ଧରାବନ୍ଧା ନମୁନା ଆଣିଦେବା । କିନ୍ତୁ ଏଇ ଧରଣର ରୀତି ବା ନୀତିନିୟମ ମାନି ଚଳିବା ଦ୍ୱାରା ଭିତରର ମଣିଷଟିକୁ ବଦଳାଇ ହେବ ନାହିଁ କି ତାହାକୁ ଗଢ଼ି ହେବ ନାହିଁ । ଏହିପରି କାଟି ଖୋଦାଇ କରି ଏକ ପୂର୍ଣ୍ଣାତ୍ମା ବା ଏକ ପୂର୍ଣ୍ଣ ମନନଶୀଳ ମଣିଷ ବା ଏକ ପୂର୍ଣ୍ଣ ବର୍ଦ୍ଧିଷ୍ଣୁ ଜୀବନ୍ତ ସତ୍ତାକୁ ରୂପଦେଇ ଗଠନ କରି ହେବ ନାହିଁ । କାରଣ ଅନ୍ତରାତ୍ମା, ମନ ଓ ପ୍ରାଣ ହେଉଛି ସତ୍ତାର ଶକ୍ତିସବୁ; ଏଗୁଡ଼ିକର ବିକାଶ ଓ ଅଭିବୃଦ୍ଧି ସାଧନ କରାଯାଇପାରେ କିନ୍ତୁ କାଟି ଖୋଦାଇ କରି ଏଗୁଡ଼ିକୁ ଗଢ଼ାଯାଇ ପାରିବ ନାହିଁ । କୌଣସି ବାହ୍ୟ ପ୍ରକ୍ରିୟା ବା ଗଠନ ଅନ୍ତରାତ୍ମା, ମନ ଓ ପ୍ରାଣର ଅଭିବୃଦ୍ଧିରେ ସହାୟତା କରିପାରେ, ବ୍ୟକ୍ତ କରିପାରେ କିନ୍ତୁ ସେଗୁଡ଼ିକୁ ସୃଷ୍ଟି କରିପାରେ ନାହିଁ ବା ସେଗୁଡ଼ିକର ଯଥାର୍ଥ ବିକାଶ ସାଧନ କରିପାରେ ନାହିଁ । ଅବଶ୍ୟ ସତ୍ତାକୁ ତା'ର ବିକାଶ ସାଧନରେ ଜଣେ ସାହାଯ୍ୟ କରିପାରେ, କିନ୍ତୁ ତାହା କାରଖାନାରେ ଜିନିଷ ତିଆରି କରିଲା ପରି ପ୍ରଚେଷ୍ଟା ଦ୍ୱାରା ନୁହେଁ, ତାହା କରାଯାଇପାରେ ପ୍ରେରଣାଦାୟୀ ପ୍ରଭାବ ପକାଇବା ଦ୍ୱାରା ବା ନିଜର ଆତ୍ମ-ଶକ୍ତି, ମନ ଓ ପ୍ରାଣର ଶକ୍ତି ଦେଇ ତାହାକୁ ବଳୀୟାନ୍ କରିବା ଦ୍ୱାରା; କିନ୍ତୁ ତଥାପି ମଧ୍ୟ ତାହାର ସମସ୍ତ ବିକାଶ ଓ ଅଭିବୃଦ୍ଧି ବାହାରୁ ନୁହେଁ କେବଳ ଭିତରୁହିଁ ଆସିବା ଆବଶ୍ୟକ । ସେହି ସମସ୍ତ ପ୍ରଭାବ ଓ ଶକ୍ତିର କିପରି ଉପଯୋଗ କରାଯିବ ତାହାର ନିର୍ଦ୍ଧାରଣ ବାହାରୁ ନୁହେଁ, ସେହି ଭିତରୁହିଁ ହେବା ଆବଶ୍ୟକ, ଏହାହିଁ ହେଉଛି ପ୍ରଥମ ସତ୍ୟ ଯାହାକୁ ଆମ ସୃଜନଶୀଳ ଉତ୍ସାହ ଓ ଅଭୀପ୍ସାକୁ ଶିଖିବା ପାଇଁ ହେବ, ତା' ନହେଲେ ଆମର ସମସ୍ତ ମାନବୀୟ ପ୍ରଚେଷ୍ଟାର କପାଳ ଲିଖନ ହେବ କେବଳ ଏକ ବ୍ୟର୍ଥ ଭଉଁରିରେ ଘୂରିବୁଲିବା ଏବଂ ଏପରି ଏକ ତଥାକଥିତ ସଫଳତାରେ ତାହାର ସମାପ୍ତି ଘଟିବ ଯାହା କେବଳ ଏକ ମନୋହାରୀ ବ୍ୟର୍ଥତା ଛଡ଼ା ଅଧିକ କିଛି ନୁହେଁ । ❖

(Bulletin, Nov. 2005, p. 32)

# ଶ୍ରୀମା'ଙ୍କ ସହ ଏକ କଥୋପକଥନ

## (୧୯୬୯ ଅଗଷ୍ଟ ୧୬)

ଶିଷ୍ୟ : ସବୁକିଛିକୁ ପୂରା ଖାଲି କରିଦେବା, ସବୁକିଛିକୁ ଶୂନ୍ୟ କରିଦେବାଟା କ'ଣ ଭୁଲ୍ ?

ଶ୍ରୀମା : ନା, ଆଦୌ ନୁହେଁ ।

ଶିଷ୍ୟ : ଅନେକ ସମୟରେ ମୁଁ ନିଜକୁ ପଚାରେ ଯେ ମୋର ଅଗ୍ରସର ହେବାର ପଦ୍ଧତିରେ ମୁଁ କିଛି ଭୁଲ୍ କରୁଛି କି ? ଅଗ୍ରସର ହେବା ପାଇଁ ମୋର ସ୍ୱତଃସ୍ଫୂର୍ତ୍ତ ବାଟଟି ହେଉଛି ସବୁକିଛିକୁ ଓଜାଡ଼ି ଖାଲି କରିଦେବା, ସବୁକିଛିକୁ ପୂରା ଶୂନ୍ୟ କରିଦେବା ଏବଂ ତା'ପରେ ଉର୍ଦ୍ଧ୍ୱସ୍ଥ କିଛିର ଅଭିମୁଖୀ ହୋଇ ସମ୍ପୂର୍ଣ୍ଣ ନିରବ ଓ ନିଶ୍ଚଳ ରହିବା ।

ଶ୍ରୀମା : ହଁ, ତାହାହିଁ ସର୍ବୋତ୍ତମ ଉପାୟ, ତା' ଅପେକ୍ଷା ଅଧିକ ଉତ୍ତମ ଆଉ କିଛି ନାହିଁ ।

ମୁଁ ତାହାହିଁ ସବୁ ସମୟରେ କରି ଚାଲିଛି । ଯଦି ଜଣେ କେବଳ ତାହାହିଁ କରିପାରନ୍ତା ! ସବୁଦିଗରୁ ଏହା ଏହିଭଳି ଆସୁଛି (ଢେଉସବୁ ଆସିବାର ଭଙ୍ଗୀ) ।

(କିଛି ସମୟ ପରେ, ପୃଥିବୀର ପରିସ୍ଥିତି ସମ୍ପର୍କରେ)

ଶେଷରେ ମୋର ପୂରା ହୃଦ୍‌ବୋଧ ହୋଇଛି ଯେ ଗୋଳମାଳସବୁ ରହିଛି ଆମକୁ ଏହା ଶିକ୍ଷା ଦେବା ପାଇଁ ଯେ ଦିନକୁ ଦିନ ଆମକୁ କିପରି ଜୀବନ ନିର୍ବାହ କରିବାକୁ ହେବ, ଅର୍ଥାତ୍, କ'ଣ ଘଟିପାରେ, କ'ଣ ଘଟିବ ସେସବୁକୁ ନେଇ ବ୍ୟସ୍ତ ନ ରହି, ମୁଣ୍ଡ ନ ଖେଳାଇ ପ୍ରତିଦିନ ଆମକୁ ଯେଉଁ କାମଟି କରିବାକୁ ହେବ କେବଳ ସେଇଥିରେ ନିଜର ମନୋନିବେଶ କରିବାକୁ ହେବ । ସମସ୍ତ ଚିନ୍ତା, ଭାବନା, ପୂର୍ବ ପରିକଳ୍ପନା ଓ ବ୍ୟବସ୍ଥା ଗ୍ରହଣ ଆଦି ବିଶୃଙ୍ଖଳା ଓ ଅବ୍ୟବସ୍ଥା ପାଇଁ ଖୁବ୍ ଅନୁକୂଳ ପରିସ୍ଥିତିକୁ ଡାକି ଆଣେ ।

ପ୍ରାୟ ପ୍ରତିଟି ମିନିଟରେ ଏହିପରି ରହିବା, (ଉପର ଆଡ଼କୁ ଇଙ୍ଗିତର ଭଙ୍ଗୀ) ସେଇ ମୁହୂର୍ତ୍ତରେ ଯେଉଁ କାମଟି କରିବାକୁ ଅଛି, କେବଳ ତା'ରି ଉପରେ ମନୋଯୋଗ କରିବା ଏବଂ ସର୍ବମୟଙ୍କ ଚେତନା ଉପରେ ସବୁକିଛିର ନିଷ୍ପତ୍ତିକୁ ଛାଡ଼ିଦେବା ... ଏପରିକି ବ୍ୟାପକତମ ଦୃଷ୍ଟି ଥିଲେ ମଧ୍ୟ ଆମେ କୌଣସି ଜିନିଷକୁ କେବେହେଲେ ଠିକ୍ ରୂପେ ଜାଣି ପାରିବା ନାହିଁ, ଆମେ କୌଣସି ଜିନିଷକୁ କେବଳ ଅତ୍ୟନ୍ତ ଆଂଶିକ ଭାବରେହିଁ ଜାଣୁ । ତେଣୁ ଆମର ମନୋଯୋଗ ଏ ଦିଗରେ ବା ସେଦିଗରେ ଟାଣି ହେଉଥାଏ, ଏବଂ ତାହାଛଡ଼ା ମଧ୍ୟ ଆହୁରି ଅନେକ ଜିନିଷ ରହିଥାଏ । ବିପଜ୍ଜନକ ଓ କ୍ଷତିକାରକ ଜିନିଷ ପ୍ରତି ଅଧିକ ଗୁରୁତ୍ୱ ଦେବା ଦ୍ୱାରା ଆମେ ସେଗୁଡ଼ିକର କେବଳ ଶକ୍ତି ବଢ଼ାଇଥାଉ ।

(*ମା' ଧ୍ୟାନସ୍ଥ ହୋଇଗଲେ*)

ଏଇ ଧରଣର ବିଶୃଙ୍ଖଳା ଓ ବିଭ୍ରାନ୍ତି ଯଦି ତୁମକୁ ବିବ୍ରତ କରେ ତେବେ ତୁମକୁ କେବଳ ଗୋଟିଏ ଜିନିଷ କରିବାକୁ ହେବ; ତୁମକୁ ଏପରି ଏକ ଚେତନା ଭିତରେ ପ୍ରବେଶ କରିବାକୁ ହେବ ଯେଉଁଠି ତୁମେ କେବଳ ସେହି ଏକହିଁ ଦିବ୍ୟସତ୍ତା, ଏକହିଁ ଦିବ୍ୟ ଚେତନା, ଏକହିଁ ଦିବ୍ୟଶକ୍ତିକୁ ଦେଖୁଛ – କେବଳ ଗୋଟିଏ ମାତ୍ର ଏକକ ଦିବ୍ୟ ଏକତ୍ୱହିଁ ରହିଛି ଏବଂ ସେହି ଦିବ୍ୟ-ଏକତ୍ୱ ଭିତରେହିଁ ସବୁକିଛି ଘଟୁଛି । ଏବଂ ଆମର ସମସ୍ତ ନଗଣ୍ୟ ଦୃଷ୍ଟି, ଜ୍ଞାନ ଓ ବିଚାରସବୁ ... ସବୁଗୁଡ଼ିକ ଅର୍ଥହୀନ; ସବୁକିଛି ଉପରେ ଅଧିଷ୍ଠିତ ହୋଇ ରହିଥିବା ଦିବ୍ୟଚେତନା ତୁଳନାରେ ଏହା ଅଣୁମାତ୍ର । ତେଣୁ କାହିଁକି ପୃଥକ୍ ବ୍ୟକ୍ତିତ୍ୱର ସୃଷ୍ଟି ହୋଇଛି, ତାହାର କାରଣ ସମ୍ପର୍କରେ ତୁମର ଯଦି ସାମାନ୍ୟତମ ବୋଧ ଥାଏ, ତା'ହେଲେ ତୁମେ ଦେଖିପାରିବ ଯେ ଏହା ରହିଛି ଅଭୀପ୍ସାକୁ ସମ୍ଭବ କରିବା ପାଇଁ, ତା'ର ଅସ୍ତିତ୍ୱକୁ ସମ୍ଭବ କରିବା ପାଇଁ, ଆତ୍ମନିବେଦନ ଓ ସମର୍ପଣ, ବିଶ୍ୱାସ ଓ ଭରସାର ଏହି ଗତିବୃତ୍ତିକୁ ରୂପାୟିତ କରିବା ପାଇଁ । କେବଳ ଏଇଥିପାଇଁ, ଏହି କାରଣରୁହିଁ ବ୍ୟକ୍ତିତ୍ୱଗୁଡ଼ିକର ଗଠନ ହୋଇଛି; ଏବଂ ସମସ୍ତ ଆନ୍ତରିକତା ଓ ଗଭୀରତା ନେଇ ତାହାହିଁ ହୋଇ ଉଠିବା ହେଉଛି ତୁମର କାମ ... କେବଳ ଏହାହିଁ ପ୍ରୟୋଜନ ।

ଏକମାତ୍ର ଏହି ଜିନିଷଟିରହିଁ ପ୍ରୟୋଜନ ରହିଛି, ଏହାହିଁ ଏକମାତ୍ର ଜିନିଷ ଯାହା ତିଷ୍ଠି ରୁହେ, ବାକିସବୁ ... କେବଳ ମାୟାର ଜାଲ ।

ଏବଂ ପ୍ରତ୍ୟେକଟି କ୍ଷେତ୍ରରେ ଏକମାତ୍ର ଏହି ଜିନିଷଟିରହିଁ ନ୍ୟାଯ୍ୟ ମୂଲ୍ୟ ରହିଛି : ତୁମେ ଯେତେବେଳେ କିଛି କରିବାକୁ ଚାହଁ, ତୁମେ ଯେତେବେଳେ କିଛି କରିପାର ନାହିଁ, ତୁମେ ଯେତେବେଳେ ଗତି କରିବାକୁ ଚାହଁ, ଯେତେବେଳେ ଶରୀର

ଆଉ ଚଳପ୍ରଚଳ ହେବାକୁ ଅସମର୍ଥ ହୁଏ ... ପ୍ରତ୍ୟେକଟି କ୍ଷେତ୍ରରେ, ପ୍ରତ୍ୟେକଟି କ୍ଷେତ୍ରରେ କେବଳ ଏହାହିଁ, କେବଳ ଏହାହିଁ କରିବାକୁ ହେବ : ପରମ ଦିବ୍ୟ ଚେତନା ସହିତ ସଚେତ ସମ୍ପର୍କରେ ଆସିବାକୁ ହେବ, ତାହା ସହିତ ଯୁକ୍ତ ଓ ମିଳିତ ହେବାକୁ ହେବ; ଏବଂ ଅପେକ୍ଷା କରିବାକୁ ହେବ । ବାସ୍ !

କେବଳ ସେତିକିବେଳେ ତୁମକୁ ନିର୍ଭୁଲ୍ ସୂଚନା ମିଳିବ ପ୍ରତ୍ୟେକ ମୁହୂର୍ତ୍ତରେ ତୁମର କ'ଣ କରିବା ଉଚିତ – କରିବ କି କରିବ ନାହିଁ, କାମ କରିବା ଆରମ୍ଭ କରିଦେବ ନା ପଥର ପରି ନିଶ୍ଚଳ ହୋଇ ବସିରହିବ । ବାସ୍ ଏହାହିଁ । ଏପରିକି ତୁମେ ହେବ କି ହେବ ନାହିଁ – ସେ କ୍ଷେତ୍ରରେ ମଧ୍ୟ ଏହାହିଁ ଏକମାତ୍ର ସମାଧାନ । ଅଧିକରୁ ଅଧିକ, ଅଧିକରୁ ଅଧିକ ସେହି ନିଶ୍ଚିତତା ରହିଛି : ଏହାହିଁ ଏକମାତ୍ର ସମାଧାନ । ବାକି ସବୁକିଛି କେବଳ ପିଲାଳିଆମି ।

ଏବଂ ସବୁକିଛି କର୍ମ, ସବୁକିଛି ସମ୍ଭାବନାକୁ ଏକ ସ୍ୱାଭାବିକ ରୀତିରେ ଉପଯୋଗ କରାଯାଇପାରେ – ଏହା ସମସ୍ତ ମନମୁଖି ବ୍ୟକ୍ତିଗତ ନିର୍ବାଚନର ଉପାଦାନକୁ ଦୂର କରିଦିଏ, ସମସ୍ତ ସମ୍ଭାବନା ରହିଛି, ସମସ୍ତ, ସବୁକିଛି ବିରାଜିତ ହୋଇ ରହିଛି । ସମସ୍ତ ପ୍ରତ୍ୟକ୍ଷ ରହିଛି, ସମସ୍ତ ଜ୍ଞାନ ରହିଛି – କେବଳ ମନମୁଖି ନିର୍ବାଚନର ଉପାଦାନଟିକୁ ଦୂର କରି ଦିଆଯାଇଛି । ଏବଂ ଏହି ବ୍ୟକ୍ତିଗତ ମନମୁଖି ପଣିଆଟା ଏତେ ପିଲାଳିଆ, ଏତେ ପିଲାଳିଆ,... ଏହା ଏପରି ଏକ ନିର୍ବୋଧତା, ଅଜ୍ଞାନଭରା ଏପରି ଏକ ନିର୍ବୋଧତା !

ଏବଂ ମୁଁ ଅନୁଭବ କରୁଛି, ମୁଁ ଏହିପରି ଅନୁଭବ କରୁଛି (ମା' ବାତାବରଣକୁ ଅନୁଭବ କଲେ) ଏହି ଯେତେସବୁ ବିକ୍ଷୋଭ ଓ ଉତ୍ତେଜନା, ଓଃ, ବାତାବରଣରେ ଏହି ଯେଉଁ ଘୂର୍ଣ୍ଣି !

ବିଚରା ମାନବସମାଜ !

(ଦୀର୍ଘ ନିରବତା)

ଏସବୁକିଛି ହେଉଛି ପୃଥିବୀକୁ ଶିକ୍ଷା ଦେବା ପାଇଁ, ତାହା ଯେପରି ନିଜ ଚେତନାରେ ଭଗବାନଙ୍କ ଦିଗରେ ନିଜକୁ ଫେରାଏ ... କାହିଁକି ? କାରଣ କେବଳ ଏଇଥିପାଇଁ ଏକ ସୃଷ୍ଟିର ନିର୍ମାଣ ହୋଇଛି !

(ନିରବତା)

ଶିଷ୍ୟ : ମୋର କିନ୍ତୁ ଏକ ବାସ୍ତବ ବ୍ୟବହାରିକ ସମସ୍ୟା ରହିଛି । ମୁଁ ଯେତେଥର ଏହି ଶୂନ୍ୟତାର ଗଠନ କରେ ଯାହା ଫଳରେ ମୁଁ ନିଜକୁ ଊର୍ଦ୍ଧ୍ୱସ୍ଥ କିଛି ସହିତ ଯୁକ୍ତ କରି ଦେଇପାରିବି, କିନ୍ତୁ ମୁଁ ଅନୁଭବ କରେ ଯେ କେବେହେଲେ ମୁଁ ସମ୍ପୂର୍ଣ୍ଣ ଠିକ୍ କିଛି ଉତ୍ତର ପାଏ ନାହିଁ । ସେଠାରେ ଏହା ଏପରି ବିପୁଳ ଏକ ଶକ୍ତି, ଏତେ ଘନ ଏବଂ ତା'ପରେ ...

ଶ୍ରୀମା : ଆଃ ! ତୁମେ କେବେହେଲେ କୌଣସି ଉତ୍ତର ପାଇ ନାହଁ ?

ଶିଷ୍ୟ : ଏହା ବରାବର ସେହି ଏକା ଜିନିଷ, ଏହି ବିପୁଳ ଦିବ୍ୟଶକ୍ତି ସେଠାରେ ରହିଛି କିନ୍ତୁ ତାହା ସମ୍ପୂର୍ଣ୍ଣ ଉଦାସୀନ ।

ଶ୍ରୀମା : ଆଚ୍ଛା ।

ଶିଷ୍ୟ : ଉଦାହରଣ ସ୍ୱରୂପ, ଗତକାଲି ଧ୍ୟାନ ସମୟରେ ସେହି ଏକା ଜିନିଷ – ବରାବର ଏହା ସେହି ଏକା ଜିନିଷ – ଏହି ଦିବ୍ୟଜିନିଷଟି ସେଠାରେ ରହିଛି ସୁବିପୁଳ, ମହାନ୍ ଓ ଶକ୍ତିଶାଳୀ ହୋଇ, କିନ୍ତୁ ତାହା କିଛି କହିବାକୁ ଚାହେଁ ନାହିଁ ।

ଶ୍ରୀମା : କିନ୍ତୁ ତୁମର କ'ଣ ଏପରି କିଛିର ବୋଧ ଆସେ ନାହିଁ – ମୁଁ ଠିକ୍ କିପରି ତାହା ବ୍ୟାଖ୍ୟା କରିବି ଜାଣିପାରୁ ନାହିଁ, କାରଣ ତାହା ସହଜ ନୁହେଁ, ଜାଣିପାରୁ ନାହିଁ କିପରି ତାହା ବୁଝାଇ ଦେଇହେବ,... ଏହା ଏପରି ଏକ ଜିନିଷ ... ଯାହାକୁ କୌଣସି ଶବ୍ଦ ଦ୍ୱାରା ବୁଝାଇ ଦେଇ ହେବ ନାହିଁ, କିନ୍ତୁ ଏହା ତୁମକୁ ପୂରାପୂରି ତୃପ୍ତ ଓ ସନ୍ତୁଷ୍ଟ କରି ଛାଡ଼େ ।

ଶିଷ୍ୟ : ତାହା ଭଲ ଲାଗେ ।

ଶ୍ରୀମା : ଆଃ !

ଶିଷ୍ୟ : ହଁ, ତାହା ଭଲ ଲାଗେ, ଏହା ନିଶ୍ଚିତ ଭାବରେ ଭଲ ଲାଗେ ।

ଶ୍ରୀମା : ଆଃ, ତା'ହେଲେ ସବୁ ଠିକ୍ ଅଛି, ଏହା ହେଉଛି ସେଇ ଜିନିଷ । ବାକି ସବୁକିଛି, ସବୁକିଛି ଅର୍ଥହୀନ ।

ଶିଷ୍ୟ : ହଁ, କିନ୍ତୁ କିପରି ଆମେ ଯଥାର୍ଥ ଓ ନିର୍ଭୁଲ୍ ପ୍ରେରଣା ପାଇପାରିବୁ ?

ଶ୍ରୀମା : କିନ୍ତୁ ଏହା ସେହି ସ୍ଥିତିର ତଳେହିଁ ରହିଛି ।

ଶିଷ୍ୟ : ଏହା ତା'ର ତଳେ ରହିଛି ?

ଶ୍ରୀମା : ଏହା ତା'ର ତଳେ ରହିଛି । ସେହି ସ୍ଥିତିର ଅବସ୍ଥା... ମୁଁ ନିଜ ଅନୁଭୂତିରୁ ଜାଣେ, ଏହା ଏପରି ଏକ ଅବସ୍ଥା ଯେଉଁଥିରେ ରହି ଜଣେ ସାରା ପୃଥିବୀକୁ ବଦଳାଇ ଦେଇପାରେ । ଜଣେ ସେତେବେଳେ ହୋଇଉଠେ ଏକ ଯନ୍ତ୍ର ପରି – ଏପରିକି ସେ ଯେ ଏକ ଯନ୍ତ୍ର ସେସମ୍ପର୍କରେ ମଧ୍ୟ ସେ ସଚେତ ହୋଇଥାଇ ନ ପାରେ – କିନ୍ତୁ ତାହା କାମ କରେ

*(ଅବଶିଷ୍ଟାଂଶ ପୃଷ୍ଠା ୧୫ରେ ଦେଖନ୍ତୁ)*

# ଅବଚେତନ

## (ଶ୍ରୀଅରବିନ୍ଦଙ୍କ ପତ୍ରାବଳୀରୁ)

ଆମ ଯୋଗରେ ଅବଚେତନ କହିଲେ ଆମ ସତ୍ତାର ସେହି ବୁଡ଼ି ରହିଥିବା ପ୍ରଚ୍ଛନ୍ନ ଅଂଶକୁ ବୁଝାଏ ଯେଉଁଥିରେ ଜାଗ୍ରତ୍ ଭାବରେ କୌଣସି ସଚେତ ବା ସଂଲଗ୍ନ ଭାବନା, ଇଚ୍ଛା ବା ଆବେଗ ବା ସଂଗଠିତ ପ୍ରତିକ୍ରିୟା ନ ଥାଏ । କିନ୍ତୁ ତଥାପି ଏହି ଅବଚେତନ ଅଜ୍ଞାନ ଓ ଅସ୍ପଷ୍ଟ ଭାବରେ ସବୁକିଛିର ଛାପ ଗ୍ରହଣ କରେ ଓ ନିଜ ଭିତରେ ସେଗୁଡ଼ିକୁ ଜମାଇ ରଖେ । ଏହି ଅବଚେତନରୁ ମଧ୍ୟ ଉଦ୍ରେକ ହୋଇଥାଏ ଲାଗି ରହିଥିବା ନାନା ଅଭ୍ୟାସଗତ ଗତିବୃତ୍ତିର ପ୍ରେରଣାସବୁ, ଯେଉଁଗୁଡ଼ିକ କି ଅତି ସ୍ଥୂଳ ଭାବରେ ବାରଂବାର ପୁନରାବୃତ୍ତି ହୋଇ ଚାଲିଥାଆନ୍ତି ବା ନାନା କିଂଭୂତକିମାକାର ଛଦ୍ମବେଶ ନେଇ ସ୍ୱପ୍ନ ବା ଜାଗ୍ରତ୍ ଅବସ୍ଥା ଭିତରକୁ ପ୍ରବେଶ କରିଥାଆନ୍ତି । କାରଣ, ଯଦି ଏହି ଅବଚେତନର ଛାପଗୁଡ଼ିକ ଏକ ଅସଂଲଗ୍ନ ଓ ଅସଂଗଠିତ ରୂପ ନେଇ ସ୍ୱପ୍ନ ଆକାରରେ ଉପରକୁ ଉଠି ଆସିପାରନ୍ତି ତେବେ ସେଗୁଡ଼ିକ ମଧ୍ୟ ଆମ ଜାଗ୍ରତ୍ ଚେତନା ଭିତରକୁ ଉଠି ଆସିପାରନ୍ତି ଓ ଉଠି ଆସି ଥାଆନ୍ତି ମଧ୍ୟ । ସେତେବେଳେ ସେଗୁଡ଼ିକ ପୁରୁଣା ଚିନ୍ତା, ପୁରୁଣା ମାନସିକ, ପ୍ରାଣିକ ଓ ଦୈହିକ ନାନା ଅଭ୍ୟାସର ପୁନରାବୃତ୍ତି ବା ନାନା ଇନ୍ଦ୍ରିୟାନୁଭୂତି, କର୍ମ ଓ ଆବେଗ ଦିଗରେ ଏକ ଅନ୍ଧ, ଅଜ୍ଞାନମୟ ପ୍ରେରଣାର ରୂପ ବା ଆକାର ନେଇ ଉଠି ଆସନ୍ତି ।

ଏହି ଅସ୍ପଷ୍ଟ, ଅଜ୍ଞାନମୟ ପ୍ରେରଣାଗୁଡ଼ିକ ଆମ ସଚେତ ଭାବନା, ବା ସଂକଳ୍ପ ଭିତରୁ ଆସି ନ ଥା'ନ୍ତି ଏବଂ ଏପରିକି ଅନେକ ସମୟରେ ଆମର ସତ୍ତା ଯାହା ଠିକ୍ ବୋଲି ଜାଣେ, ବିଚାର କରେ ଓ ଯାହାକୁ ଅନୁସରଣ କରିବା ପାଇଁ ସ୍ଥିର କରେ ଏଗୁଡ଼ିକ ତା'ର ବିରୋଧ କରିଥାଆନ୍ତି । ଅବଚେତନାରେହିଁ ରହିଥାଏ ଏକ ଅଜ୍ଞାନମୟ ମନ ଯାହା ଆମର ଅତୀତ ଦ୍ୱାରା ଗଠିତ ନାନା ଜିଦ୍‌ଖୋର ସଂସ୍କାର, ଛାପ, ଯୋଗାଯୋଗ, ଧରାବନ୍ଧା ଧାରଣା, ଅଭ୍ୟାସଗତ ପ୍ରତିକ୍ରିୟା ଆଦିରେ ଭରପୂର; ଆଉ ମଧ୍ୟ ରହିଥାଏ ଏକ ଅଜ୍ଞାନମୟ ପ୍ରାଣ ଯାହାକି ଅଭ୍ୟାସଗତ ନାନା କାମନା ବାସନା, ଇନ୍ଦ୍ରିୟାବେଗ ଓ ସ୍ନାୟବିକ କ୍ରିୟା ପ୍ରତିକ୍ରିୟାର ବୀଜଗୁଡ଼ିକରେ ଭରପୂର ଓ ତହିଁ ସଙ୍ଗରେ ମଧ୍ୟ ରହିଥାଏ ସେହି ସବୁଠୁ ଅଜ୍ଞାନମୟ ଜଡ଼-ଭୌତିକ ଅଂଶ ଯାହା ଆମ ଶରୀରର ଅବସ୍ଥା ସମ୍ବନ୍ଧୀୟ ନାନା ବିଷୟର ନିରୂପଣ କରେ । ଏହାହିଁ ଆମ ଶରୀରର ରୋଗବ୍ୟାଧି ପାଇଁ ବିଶେଷ ଭାବରେ ଦାୟୀ । ଏହି ଅବଚେତନା ଯୋଗୁଁହିଁ ଆମକୁ ନାନା ଦୁରାରୋଗ୍ୟ ବ୍ୟାଧି ଭୋଗିବାକୁ ପଡ଼େ, କାରଣ ଶରୀର ଚେତନା ଉପରେ କୌଣସି ବ୍ୟାଧିର ଆକ୍ରମଣ ଯେତେବେଳେ କିଛି ଛାପ ରଖିଯାଏ, ସେତେବେଳେ ଅବଚେତନା ନିଜର ଜିଦ୍‌ଖୋର ସ୍ମୃତି ଓ ପୁନରାବୃତ୍ତିର ଅଭ୍ୟାସ ଯୋଗୁଁ, ସେହି ରୋଗକୁ ବାରବାର ମନେ ପକାଏ ଓ ଆମ ଶରୀରକୁ ମଧ୍ୟ କ୍ରମାଗତ ଭାବେ ବାରବାର ସେହି ରୋଗ ଭୋଗ କରିବାକୁ ପଡ଼େ ।

କିନ୍ତୁ ଏହି ଅବଚେତନା (Subconscient)କୁ ଆମ ସତ୍ତାର ଅନ୍ୟାନ୍ୟ ନିମଗ୍ନ ଚେତନା (Subliminal)ର ଅଂଶଠାରୁ ସ୍ପଷ୍ଟ ରୂପେ ପୃଥକ୍ କରି ଦେଖିବା ଉଚିତ, ଯେପରି ଆନ୍ତର ବା ସୂକ୍ଷ୍ମ ଦୈହିକ ଚେତନା, ଆନ୍ତର ପ୍ରାଣିକ ବା ଆନ୍ତର ମାନସିକ ଚେତନା – କାରଣ ଏଗୁଡ଼ିକ ଆଦୌ ଅଜ୍ଞାନମୟ ବା ଅସଂଲଗ୍ନ ବା ଅସଂଗଠିତ ଚେତନା ନୁହନ୍ତି, ଏଗୁଡ଼ିକ କେବଳ ଆମର ବାହ୍ୟ, ସମ୍ମୁଖଭାଗର ଚେତନାଠାରୁ ପରଦାବୃତ ହୋଇ ଅନ୍ତରାଳରେ ଅଛନ୍ତି । ଆମର ସମ୍ମୁଖଭାଗ ଚେତନା ଏହି ନିମଗ୍ନ ଚେତନାଠାରୁ ଆନ୍ତର ସ୍ପର୍ଶ, ଆନ୍ତର ସଂଯୋଗ ବା ପ୍ରଭାବ ଆକାରରେ ବରାବର କିଛି ନା କିଛି ଗ୍ରହଣ କରୁଥାଏ କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହା ଜାଣି ନ ଥାଏ ସେଗୁଡ଼ିକ କେତେବେଳେ କିପରି ଭାବରେ ଆସୁଛି ।

ନିଦ୍ରା ସମୟରେ ନିଜ ସଂକଳ୍ପକୁ କାର୍ଯ୍ୟକାରୀ କରିବାର ବାଟଟି ହେଉଛି, ନିଦ୍ରା ଯିବା ପୂର୍ବରୁ ଜାଗ୍ରତ୍ ମନର ସଂକଳ୍ପ ସହ ଅବଚେତନକୁ ଏପରି ପରିଚିତ ଓ ଅଭ୍ୟସ୍ତ କରାଇବା, ଯେପରିକି ତାହା ଏହି ସଂକଳ୍ପଟିକୁ ନିଦ୍ରା ସମୟରେ ବି ମାନି ଚଳିବ । ଉଦାହରଣ ସ୍ୱରୂପ ଅନେକ ସମୟରେ ଏପରି ଘଟିଥାଏ ଯେ ତୁମେ ଯଦି ଅବଚେତନ ଉପରେ ଏକ ସଂକଳ୍ପ ରଖିଦିଅ ଯେ ସକାଳେ ଏତେଟା ବେଳକୁ ନିଦରୁ ଉଠିବ ବୋଲି ତେବେ ଅବଚେତନ ତାହା ମାନିବ ଏବଂ ଠିକ୍ ସେତିକି ବେଳକୁ ତୁମ ନିଦ ଭାଙ୍ଗିଯିବ । ଅନ୍ୟାନ୍ୟ ବିଷୟର କ୍ଷେତ୍ରରେ ମଧ୍ୟ ଏହି

ପଦ୍ଧତିଟିକୁ ପ୍ରସାରିତ କରାଯାଇପାରେ । ଅନେକେ ଶୋଇବା ପୂର୍ବରୁ କାମଭାବ ସମ୍ପନ୍ନ ସ୍ୱପ୍ନ ନ ଦେଖିବାକୁ ଓ କୌଣସି ସ୍ଖଳନ ଆଦି ନ ହେବାକୁ ଅବଚେତନ ଉପରେ ଏକ ସଂକଳ୍ପ ରଖି ଦିଅନ୍ତି । କିଛିଦିନର ଅଭ୍ୟାସ ପରେ (ପ୍ରଥମରୁ ସାଫଲ୍ୟ ନ ମିଳିଲେ ମଧ୍ୟ) ଏପରି ହୁଏ ଯେ ଯୌନାବେଗସମ୍ପନ୍ନ ସ୍ୱପ୍ନ ଦେଖିବା ପୂର୍ବରୁ ଆପେ ଆପେ ନିଦ ଭାଙ୍ଗିଯାଏ ଓ ସ୍ୱପ୍ନରେ ସ୍ଖଳନ ଆଦି ଘଟେ ନାହିଁ । ଜଣେ ମଧ୍ୟ ଏକ ସଚେତ ନିଦ୍ରାର ବିକାଶ ଘଟାଇପାରେ, ଯେଉଁଥିରେ ଏକ ପ୍ରକାର ଅନ୍ତଶ୍ଚେତନା ସଜାଗ ରୁହେ ଏବଂ ସ୍ୱପ୍ନରେ କିଛି ଅଘଟଣ ଘଟିବା ପୂର୍ବରୁ ତାହା ହସ୍ତକ୍ଷେପ କରେ । ✤

(Bulletin, Aug. 1968, p. 18)

---

*(ପୃଷ୍ଠା ୧୩ର ଅବଶିଷ୍ଟାଂଶ)*

(ଯନ୍ତ୍ରର ମଧ୍ୟଦେଇ ଶକ୍ତିର ପ୍ରବାହକୁ ଦେଖାଇବାର ଏକ ଭଙ୍ଗୀ) ଶକ୍ତିସବୁର ପ୍ରକ୍ଷେପଣ ପାଇଁ ଯନ୍ତ୍ରଟିକୁ କେନ୍ଦ୍ର କରି, ସବୁ ଦିଗରେ ତହିଁରୁ ଶକ୍ତି ବିକିରଣ ହେଉଥିବାର ଭଙ୍ଗୀ) । ମସ୍ତିଷ୍କଟି ଅତି ଛୋଟ, ନିତାନ୍ତ ଛୋଟ, ନୁହେଁ କି ? ଏପରିକି ଯେତେବେଳେ ଏହାର ଆକାର ବେଶ୍ ବଡ଼ ହୋଇଥାଏ ସେତେବେଳେ ମଧ୍ୟ କୌଣସି ବିଷୟ ବୁଝିବାକୁ ସକ୍ଷମ ହେବା ପାଇଁ ଏହା ଅତ୍ୟନ୍ତ ଛୋଟ । ସେଇଥିପାଇଁ ମନରେ ଏହି ଶୂନ୍ୟତା ରହିଛି ଏବଂ ତାହା ଫଳରେ ଯଥାର୍ଥ ବୁଝିବା ସମ୍ଭବ ହୋଇଥାଏ ।

ଏବଂ ତା'ପରେ, ତୁମେ ପ୍ରତିନିଧିତ୍ୱ କରୁଥିବା ଏହି ଛୋଟ ଜୀବନଟିର ପ୍ରୟୋଜନଗୁଡ଼ିକ ସମ୍ପର୍କରେ ତୁମେ ଲକ୍ଷ୍ୟ କରିବ ଯେ ଏଗୁଡ଼ିକ ସ୍ୱୟଂଚାଳିତ ଭାବରେ ଆସେ ଏବଂ ତୁମେ ପ୍ରତ୍ୟେକ ମିନିଟରେ ସେହି କାମଗୁଡ଼ିକ ସ୍ୱୟଂଚାଳିତଭାବେ କରିଯାଅ ଯାହା ତୁମକୁ କରିବାକୁ ପଡ଼େ, ସେଥିପାଇଁ କୌଣସି ହିସାବ କିତାବ କରିବାକୁ ହୁଏ ନାହିଁ, କୌଣସି ବିଚାର କି ଅନୁମାନ କରିବାକୁ ହୁଏ ନାହିଁ, କୌଣସି ନିଷ୍ପତ୍ତି ନେବାକୁ ହୁଏ ନାହିଁ, ଏହା ଏହିଭାବେହିଁ ହୁଏ (ଯନ୍ତ୍ର ଭିତରଦେଇ ଶକ୍ତି ପ୍ରବାହିତ ହେବାର ସେଇ ଏକ ପ୍ରକାରର ଭଙ୍ଗୀ) ।

ମୋର ଏହି ବ୍ୟକ୍ତିଗତ ଅନୁଭୂତି ରହିଛି ଯେ ଯଦି ଶରୀରରେ କିଛି ବିଗିଡ଼ିଯାଏ (ଏକ ଯନ୍ତ୍ରଣା, ବା ଅସ୍ୱସ୍ତି ବା ଏପରି କିଛି ଯାହା ଠିକ୍ ଭାବରେ କାମ କରୁ ନଥାଏ), ସେତେବେଳେ ଯଦି ତୁମେ ପୂର୍ବୋକ୍ତ ଏହିପରି ଏକ ଅବସ୍ଥା ଭିତରଦେଇ ଯାଅ ତେବେ ତାହା ତୁମକୁ ଛାଡ଼ି ଚାଲିଯାଏ, କୁଆଡ଼େ ଉଭେଇଯାଏ, ଅନ୍ତର୍ଦ୍ଧାନ ହୋଇଯାଏ । ଏପରିକି ଭୀଷଣ ଯନ୍ତ୍ରଣା ମଧ୍ୟ ପୂରାପୂରି ଉଭାନ ହୋଇଯାଏ, ଆମେ ଜାଣୁନା ତାହା କିପରି ଚାଲିଯାଏ । ଆଃ, ଯନ୍ତ୍ରଣାଟି ଚାଲିଗଲା – ଏହିପରି ଭାବରେ ଏହା ଘଟେ ।

ଏବଂ ତା'ପରେ, ଲୋକମାନଙ୍କ ସହ ସମ୍ପର୍କ କ୍ଷେତ୍ରରେ, ଜୀବନର ବିଷୟଗୁଡ଼ିକ ସହ ସମ୍ପର୍କର କ୍ଷେତ୍ରରେ ଏହା ଏହିପରି ପିଲାଙ୍କ ଭଳି ସହଜ ଭାବରେ ହୁଏ । ଅର୍ଥାତ୍ ଆମେ ଏହିସବୁ କାମ କରିବାକୁ ସମର୍ଥ ହେଉ, ସେ ସମ୍ପର୍କରେ କୌଣସି ବିଚାର, ଅନୁମାନ ନ କରି ।

ବାସ୍, ଏହା ଏହିପରି ଘଟେ । ତୁମେ ଯେଉଁ ଅବସ୍ଥାର ବର୍ଣ୍ଣନା କରୁଛ, ମୁଁ ବରାବର ସେହି ଅବସ୍ଥାରେ ରହିବାକୁ ଚେଷ୍ଟା କରେ ସେହିପରି ଅବସ୍ଥାରେ, ଯାହା ବି ଘଟୁ ନା କାହିଁକି ଏବଂ ବରାବର, ସବୁ ସମୟରେ, କୌଣସି ବ୍ୟତିକ୍ରମ ନ ଥାଇ,– ଯଦି କୌଣସି କିଛି କରିବାର ଥାଏ, ମୋ ଦ୍ୱାରା ତାହା କରାଇ ନିଆଯାଏ ।

ଏହାଛଡ଼ା ମୁଁ ଆଉ କିଛି କହିପାରିବି ନାହିଁ । ଜିନିଷଟି ଏହିପରିହିଁ ହୋଇଥାଏ ।

ମୁଁ ଲକ୍ଷ୍ୟ କରିଛି ଯେ ଭିନ୍ନ ଭିନ୍ନ ସମୟରେ, ଭିନ୍ନ ଭିନ୍ନ ଲୋକଙ୍କ ସଙ୍ଗେ, ମୋତେ ଭିନ୍ନ ଭିନ୍ନ ଭାବରେ କାମ କରିବାକୁ ପଡ଼ିଛି, ଏବଂ ଏପରିକି ମୋର ଅନୁଭୂତି ମଧ୍ୟ ଖୁବ୍ ଭିନ୍ନ ଭିନ୍ନ ଧରଣର ହୋଇଛି – ସେସବୁ କ୍ଷେତ୍ରରେ, ସେଇ ଏକା ଜିନିଷ, ସେଇ ଏକା ବାଟ, ଏହିପରି (ସମ୍ପୂର୍ଣ୍ଣ ନିଶ୍ଚଳ ରହି ଊର୍ଦ୍ଧ୍ୱ ଆଡ଼କୁ ଏକ ଭଙ୍ଗୀ) ।

କେବଳ, ତୁମକୁ ସେହି ଅବସ୍ଥାରେ ପହଞ୍ଚିବାକୁ ହେବ, ଯେଉଁଠି ତୁମର କିଛି ପସନ୍ଦ ଅପସନ୍ଦ ନାହିଁ, କୌଣସି କାମନା ନାହିଁ, କୌଣସି ବିତୃଷ୍ଣା ନାହିଁ ବା ଆକର୍ଷଣ ନାହିଁ, କିଛି ବି ନାହିଁ, ସେସବୁ ଚାଲିଯାଇଛି ।

ଏବଂ ସର୍ବୋପରି, ସର୍ବୋପରି, ବିଶେଷତଃ କୌଣସି ଭୟ ମଧ୍ୟ ନାହିଁ । ସବୁ ଭିତରେ ତାହାହିଁ ସବୁଠାରୁ ଆବଶ୍ୟକ । ✤

(CWM Vol. 11, p. 184 - 188)

# ନିମ୍ନପ୍ରକୃତିର ପରିବର୍ତ୍ତନ

## ଶ୍ରୀମା

**ନିମ୍ନପ୍ରକୃତିର ପରିବର୍ତ୍ତନ ପାଇଁ ଚାରୋଟି ସର୍ତ୍ତ :**

୧. ତୁମ ପ୍ରକୃତିର ଯେ ପରିବର୍ତ୍ତନ ହୋଇପାରିବ ସେ ସମ୍ପର୍କରେ ସନ୍ଦେହଶୂନ୍ୟ ହୃଦ୍‌ବୋଧ ଓ ସମ୍ପୂର୍ଣ୍ଣ ନିଶ୍ଚିତତା ରହିବା ଉଚିତ ।

୨. ନିମ୍ନ ପ୍ରକୃତିର କୌଣସି ଆଳ ବା ଯୁକ୍ତିକୁ ଆଦୌ ଗ୍ରହଣ ନକରି ପରିବର୍ତ୍ତନ ପାଇଁ ଏକ ଦୃଢ଼ ସଙ୍କଳ୍ପ ନେବାକୁ ହେବ ।

୩. ଯେତେଯାହା ପତନ ହେଲେ ମଧ୍ୟ ତା' ସତ୍ତ୍ୱେ ପରିବର୍ତ୍ତନ ପାଇଁ ନିଜ ସଂକଳ୍ପରେ ଦୃଢ଼ତାର ସହ ଲାଗି ରହିବାକୁ ହେବ ।

୪. ଏହି ପରିବର୍ତ୍ତନ ପାଇଁ ଯେଉଁ ଦିବ୍ୟସହାୟତା ମିଳିଥାଏ ତା' ଉପରେ ଅଟଳ ବିଶ୍ୱାସ ରଖିବାକୁ ହେବ ।

**ପ୍ରକୃତିର ଦୋଷ ଦୁର୍ବଳତା ଓ ଦିବ୍ୟଶକ୍ତି ଆଡ଼କୁ ଉନ୍ମୀଳନ :**

ପ୍ରଶ୍ନ : ମା', ଗତଥର ଆମେ ପଢ଼ିଥିଲେ ଯେ, ''ତୁମ ପ୍ରକୃତିରେ କେତେ କ'ଣ ଦୋଷ ଦୁର୍ବଳତା ଅଛି ସେଇଟା ବଡ଼ କଥା ନୁହେଁ । ଯେଉଁ ଗୋଟିଏ କଥା ଗୁରୁତ୍ୱପୂର୍ଣ୍ଣ ତା' ହେଉଛି ଦିବ୍ୟଶକ୍ତି ପ୍ରତି ନିଜକୁ ଖୋଲି ଧରିବା ।'' ମା', ଯେତେବେଳଯାଏ ଜଣକ ଭିତରେ ଦୋଷତ୍ରୁଟି ରହିଥାଏ ସେ ନିଜକୁ ଦିବ୍ୟଶକ୍ତି ପ୍ରତି ଖୋଲି ଧରିବ କିପରି ?

ଶ୍ରୀମା : ମୁଁ ମନେକରେ ଯେ ପ୍ରତ୍ୟେକ ଲୋକରହିଁ ଦୋଷଦୁର୍ବଳତା ରହିଛି । ତେଣୁ ଯଦି ଏପରି ହୋଇଥାଆନ୍ତା ଯେ ଯେଉଁମାନଙ୍କର ଆଦୌ କୌଣସି ଦୋଷତ୍ରୁଟି ନାହିଁ ସେହିମାନେ କେବଳ ଭଗବାନଙ୍କ ଆଡ଼କୁ ନିଜକୁ ଖୋଲି ଧରିପାରିବେ ତା' ହେଲେ କେହି ମଧ୍ୟ ନିଜକୁ ଖୋଲି ଧରି ପାରନ୍ତେ ନାହିଁ । ଆରମ୍ଭରେ ସମସ୍ତଙ୍କର ନାନା ଦୋଷତ୍ରୁଟି ଥାଏ । କୌଣସି ଲୋକ ଗୋଟିଏ ଅବିଭାଜ୍ୟ ଏକକ ଖଣ୍ଡ ଆକାରରେ ଗଠିତ ହୋଇ ନାହିଁ । ଏହାହିଁ ହେଉଛି ମୁଖ୍ୟ କାରଣ । ଆମ ସତ୍ତାର ବହୁ ଭିନ୍ନ ଭିନ୍ନ ଅଂଶ ରହିଛି, ଯେଉଁଗୁଡ଼ିକ କି ଅନେକ ସମୟରେ ପରସ୍ପରଠାରୁ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ପାଖାପାଖି ପାଳି କରି, ଏପରିକି ପୂରା ନିୟମିତ କ୍ରମରେ ସେଗୁଡ଼ିକ ଆମ ଚେତନା ଉପରେ ପ୍ରଭାବ ବିସ୍ତାର କରନ୍ତି । ତେଣୁ ଯେତେବେଳେ ଆମ ସତ୍ତାର ଏକ ଅଂଶ ବେଶ୍ ସଦିଚ୍ଛାସମ୍ପନ୍ନ ହୋଇଥାଏ ଏବଂ ଦିବ୍ୟଶକ୍ତି କ'ଣ ସେ ସମ୍ପର୍କରେ ତା'ର କିଛି ଧରଣର ପ୍ରତ୍ୟକ୍ଷ ରହିଥାଏ ସେହି ଅଂଶଟିହିଁ ଆମ ସତ୍ତାକୁ ସେହି ଶକ୍ତି ପ୍ରତି ଖୋଲିଦିଏ ଓ ସେହି ଶକ୍ତି ସହ ସଂଯୋଗ ସ୍ଥାପନ କରେ । କିନ୍ତୁ ଏହି ଅଂଶଟି ସବୁବେଳେ ସତ୍ତାର ସମ୍ମୁଖ ଭାଗରେ ରହି ନଥାଏ । ଅନ୍ୟାନ୍ୟ ଅଂଶଗୁଡ଼ିକ ସତ୍ତାର ସମ୍ମୁଖ ଭାଗକୁ ଆସି ଯାଆନ୍ତି ଯେଉଁଗୁଡ଼ିକ ଭିତରେ ନାନାପ୍ରକାର ଦୋଷତ୍ରୁଟି, ମନ୍ଦ ଅଭ୍ୟାସ ଆଦି ରହିଥାଏ ଏବଂ ସେଗୁଡ଼ିକ ଚେତନା ଉପରେ ନାନା ପରଦାପକାଇ ତାହାକୁ ପୂରା ଆବୃତ କରିଦେଇ ପାରନ୍ତି । କିନ୍ତୁ ଯଦି ଆମେ ସତ୍ତାର ସେଇ ଅଂଶଟି କଥା ସ୍ମରଣ ରଖିଥିବୁ ଯେ ତାହା ନିଜକୁ ଦିବ୍ୟଶକ୍ତି ପ୍ରତି ଖୋଲି ଦେଇଥିଲା, ତା'ହେଲେ ସେହି ଉନ୍ମୀଳନଟିକୁ ଆମେ ଧରିରଖି ପାରିବୁ ଯଦିଓ ସେତେବେଳେ ବାହ୍ୟ ଭାବରେ ସକ୍ରିୟ ଓ ସମ୍ମୁଖ ଭାଗରେ ଥିବା ସତ୍ତାର ଅଂଶଟି ସେ ସମ୍ପର୍କରେ କୌଣସି ବିଶେଷ ଆଗ୍ରହ ପ୍ରକାଶ କରେନା ବା ଏପରିକି ତାହାକୁ ବୁଝିବା ପାଇଁ ମଧ୍ୟ ସମର୍ଥ ହୁଏ ନାହିଁ । କିନ୍ତୁ ଅନ୍ୟ ଅଂଶଟି ନିଜକୁ ସେଇଭଳି ବରାବର ଖୋଲି ରଖି ପାରିବା ପାଇଁ ଓ ଦିବ୍ୟଶକ୍ତିକୁ ଗ୍ରହଣ କରିବା ପାଇଁ ସମର୍ଥ ହୋଇପାରେ । ❖

# ଚେତନାର ବିପୁଳତା ଓ ପ୍ରସାର

(ଆଶ୍ରମ ଛାତ୍ରଛାତ୍ରୀମାନଙ୍କ ସହ ଶ୍ରୀମା'ଙ୍କ କଥୋପକଥନ)

*ପ୍ରଶ୍ନ : ମା', ଆମର ଚେତନାର ବିପୁଳତା ଓ ପ୍ରସାର ଲାଭ ହେବ କିପରି ?*

ଶ୍ରୀମା : ବିପୁଳ ? ଏହା କରିବା ପାଇଁ ବହୁପ୍ରକାର ବାଟ ରହିଛି । ସବୁଠୁ ସହଜ ବାଟ ହେଲା ନିଜକୁ ଏପରି କିଛି ସହ ଏକାତ୍ମ କରିବା ଯାହା ସ୍ୱୟଂ ବିପୁଳ । ଉଦାହରଣସ୍ୱରୂପ ତୁମେ ଯେତେବେଳେ ଅନୁଭବ କର ଯେ ତୁମେ ସମ୍ପୂର୍ଣ୍ଣ ଏକ ସଂକୀର୍ଣ୍ଣ ଓ ସୀମିତ ଚିନ୍ତା, ସଂକଳ୍ପ ବା ଚେତନାରେ ଆବଦ୍ଧ ହୋଇ ପଡୁଛ, ତୁମକୁ ଯେତେବେଳେ ଲାଗେ ଏକ ଛୋଟ ଖୋଳ ଭିତରେ ରୁଦ୍ଧ ହୋଇ ରହିଛ, ସେତେବେଳେ ତୁମେ ଯଦି ଏପରି କୌଣସି ଜିନିଷ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କରିବ ଯାହା ଖୁବ୍ ବିରାଟ ଓ ବିପୁଳ ତେବେ ଏହା ବେଶ୍ ଫଳପ୍ରଦ ହୁଏ । ଉଦାହରଣସ୍ୱରୂପ ତୁମେ ଏକ ମହାସାଗରର ବିପୁଳ ଜଳରାଶି ଉପରେ ଚିନ୍ତା କରିପାର । ଯଦି ପ୍ରକୃତରେ ତୁମେ ମହାସମୁଦ୍ର ସମ୍ପର୍କରେ ଏହିପରି ଚିନ୍ତା କରିବ, ଏହା କିପରି ଭାବରେ ଦୂରକୁ, ଦୂରକୁ ବହୁ ଦୂରକୁ ସବୁ ଦିଗରେ ବିସ୍ତାରିତ ହୋଇଯାଇଛି, ଏହିପରି ଭାବରେ (ମା' ନିଜର ବାହୁ ବିସ୍ତାର କରି ଦେଖାଇ ଦେଲେ), ତୁମ ନିଜ ତୁଳନାରେ ଏହା ଏତେ ସୁଦୂରକୁ ବିସ୍ତାରିତ ଯେ ତୁମେ ଏହାର ଅନ୍ୟ କୂଳଟି ଦେଖିପାରୁ ନାହଁ, କୌଣସିଠାରେ ତୁମେ ଏହାର ସୀମା ଶେଷକୁ ପ୍ରତ୍ୟକ୍ଷ କରିପାରୁ ନାହଁ, ଏହାର ପଛ ବା ଆଗ, ବାମ ବା ଦକ୍ଷିଣ କୌଣସି ସୀମାକୁ ଛୁଇଁପାରୁ ନାହଁ । ଏହା ସବୁଆଡ଼େ ପ୍ରସାରିତ, ସବୁ ଦିଗରେ ବିସ୍ତାରିତ, ଚତୁର୍ଦ୍ଦିଗରେ କେବଳ ବିସ୍ତାର, ବିପୁଳ ବିସ୍ତାର, – ତୁମେ ଏହାରି ଉପରେ ଚିନ୍ତା କର ଏବଂ ତା'ପରେ ଭାବ ଓ ଅନୁଭବ କର ଯେ ତୁମେ ଏହି ମହାସମୁଦ୍ରରେ ଭାସୁଛ, ଏବଂ କୌଣସିଠାରେ କେଉଁଠି ସୀମା ନାହିଁ ।... ଏହା ବେଶ୍ ସହଜ; ତା'ହେଲେ ତୁମ ଚେତନାକୁ ଟିକେ ପ୍ରସାରିତ କରିପାରିବ ।

ଅନ୍ୟମାନେ, ଉଦାହରଣସ୍ୱରୂପ, ଆକାଶ ଦିଗରେ ଚାହିଁବାକୁ ଆରମ୍ଭ କରନ୍ତି ଏବଂ ତା'ପରେ ସେମାନେ ନକ୍ଷତ୍ରମାନଙ୍କ ଭିତରେ ମହାଶୂନ୍ୟର ଯେଉଁ ବିରାଟ ବ୍ୟବଧାନସବୁ ରହିଛି ସେଗୁଡ଼ିକର କଳ୍ପନା କରନ୍ତି... ... ଏବଂ ସେହି ଅସୀମ ଅନନ୍ତ ମହାଶୂନ୍ୟ ଭିତରେ ପୃଥିବୀ କେଡ଼େ କ୍ଷୁଦ୍ର ଏବଂ ତା' ଭିତରେ ତୁମେ କେଡ଼େ କ୍ଷୁଦ୍ରାଦପି କ୍ଷୁଦ୍ର, ପୃଥିବୀ ଉପରେ ସେହି ତୁଳନାରେ ତୁମେ ଅତି ଛୋଟ ଗୋଟିଏ ବିନ୍ଦୁ ମାତ୍ର, ପିମ୍ପୁଡ଼ିଠାରୁ ବି ଆହୁରି ସାନ । ଏହିପରି ତୁମେ ଆକାଶ ଆଡ଼େ ଅନାଇ ଅନୁଭବ କରିପାର ଯେ ଗ୍ରହ-ନକ୍ଷତ୍ରମାନଙ୍କ ଭିତରେ ଥିବା ସେହି ଅନନ୍ତ ମହାଶୂନ୍ୟରେ ତୁମେ ଭାସୁଛ ଓ ତାହା ସହ ଏକାକାର ହୋଇ କ୍ରମଶଃ ବିପୁଳରୁ ବିପୁଳତର ହୋଇଉଠୁଛ, ଦୂରରୁ ଆହୁରି ଦୂରକୁ ବ୍ୟାପୀ ଯାଉଛ । କେତେକ ଲୋକ ଏହି ଭାବରେ ନିଜର ଚେତନାକୁ ବିସ୍ତାରିତ କରିବାରେ ସଫଳ ହୁଅନ୍ତି ।

ଆଉ ଏକ ବାଟ ମଧ ଅଛି, ତା'ହେଲା ପୃଥିବୀପୃଷ୍ଠରେ ଥିବା ସମସ୍ତ ବସ୍ତୁ, ସମସ୍ତ ବିଷୟ ସଙ୍ଗେ ନିଜର ଏକାତ୍ମତା ସ୍ଥାପନ କରିବା ପାଇଁ ଚେଷ୍ଟା କରିବା । ଉଦାହରଣସ୍ୱରୂପ କୌଣସି ବିଷୟ ସମ୍ପର୍କରେ ତୁମର ଏକ କ୍ଷୁଦ୍ର, ସଂକୀର୍ଣ୍ଣ ଦୃଷ୍ଟିକୋଣ ଅଛି, ସେତେବେଳେ ସେହି ବିଷୟଟି ସମ୍ପର୍କରେ ଅନ୍ୟର ଯେଉଁ ଭିନ୍ନ ଦୃଷ୍ଟିକୋଣ ରହିଥାଏ ତା' ଦ୍ୱାରା ତୁମେ କୌଣସି ଆଘାତ ନପାଇ ନିଜକୁ ତା' ସ୍ଥାନରେ ରଖି, ନିଜର ଚେତନାର ସ୍ଥାନ ବଦଳାଇ ତା' ସହ ନିଜକୁ ଏକ କରି ଜିନିଷଟିକୁ ଦେଖିବାକୁ ଚେଷ୍ଟା କର; ଏହିପରି ଭାବରେ କ୍ରମଶଃ ଅନ୍ୟ ସମସ୍ତଙ୍କ ଦୃଷ୍ଟିକୋଣ ଓ ବିଚାର ଧାରା ସହ ନିଜର ଏକାତ୍ମତା ସ୍ଥାପନ କରାଯାଇପାରେ । ଅବଶ୍ୟ ଏହା – ମୁଁ ଠିକ୍ କେମିତି କହିବି – ଟିକେ ଅଧିକ ବିପଜ୍ଜନକ । କାରଣ ଅନ୍ୟମାନଙ୍କ ଚିନ୍ତାଧାରା ଓ ଇଚ୍ଛା ସଙ୍ଗେ ନିଜକୁ ଏକାତ୍ମ କରିବା ଅର୍ଥ ହେଉଛି ଗଦା ଗଦା ନିର୍ବୋଧତା ଓ ଅସଦିଚ୍ଛା ସଙ୍ଗେ ନିଜକୁ ଏକାତ୍ମ କରିବା ଓ ଏହା ଏପରି ପରିଣାମ ସୃଷ୍ଟି କରିପାରେ ଯାହା ବିଶେଷ ମଙ୍ଗଳପ୍ରଦ ନୁହେଁ । କିନ୍ତୁ, ତଥାପି କେତେକ ଲୋକ ଏହା ଅଧିକ ସହଜରେ କରିପାରନ୍ତି । ଉଦାହରଣସ୍ୱରୂପ, ଯେତେବେଳେ କାହା ସହିତ ସେମାନଙ୍କର ମତ ପାର୍ଥକ୍ୟ ଘଟିଥାଏ, ନିଜର ଚେତନାକୁ ପ୍ରସାରିତ କରିବା ପାଇଁ ସେମାନେ ଅନ୍ୟର ସ୍ଥାନରେ ନିଜକୁ ରଖନ୍ତି ଓ ନିଜ ଦୃଷ୍ଟିକୋଣରୁ ନଦେଖି ଅନ୍ୟର ଦୃଷ୍ଟିକୋଣରୁ ଜିନିଷଟିକୁ ଦେଖିବାକୁ ଚେଷ୍ଟା କରନ୍ତି । ଏହା ଚେତନାକୁ ପ୍ରସାରିତ କରିଥାଏ, ଯଦିଓ ପ୍ରଥମେ ମୁଁ ଯେଉଁ ଉପାୟ କଥା କହିଥିଲି ସେଗୁଡ଼ିକ ପରି ଏହା ସେତେ ଫଳପ୍ରଦ ହୁଏ ନାହିଁ । ସେହି ଉପାୟଗୁଡ଼ିକ ଖୁବ୍ ନିରାପଦ ଓ ନିରୀହ ।

ତହିଁରୁ କୌଣସି ବିପଦର ଆଶଙ୍କା ନାହିଁ, ବରଂ ତାହା ତୁମର ଅନେକ ମଙ୍ଗଳ କରେ, ତାହା ଦ୍ୱାରା ତୁମକୁ ଯଥେଷ୍ଟ ଶାନ୍ତି ମିଳେ ।

ଚେତନାର ପ୍ରସାର ପାଇଁ ଅନେକ ବୁଦ୍ଧିଗତ ଉପାୟ ମଧ୍ୟ ରହିଛି । ମୋ ବହିରେ ଏଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା କରିଛି । ସେ ଯାହାହେଉ, ତୁମେ ଯେତେବେଳେ କୌଣସି ବିଷୟରେ ବିରକ୍ତ ବା ଅବସନ୍ନ ହୁଅ, କୌଣସି ବିଷୟ ଯେତେବେଳେ ତୁମ ପାଇଁ ଯନ୍ତ୍ରଣାଦାୟକ ବା ଖୁବ୍ ଅପ୍ରୀତିକର ହୁଏ, ସେତେବେଳେ ଯଦି ତୁମେ କାଳର ଚିରନ୍ତନତା ବା ସ୍ଥାନର ଅନନ୍ତ ଅସୀମତା କଥା ଚିନ୍ତାକର, ଯଦି ତୁମେ ଭାବ ଯେ ଏହା ପୂର୍ବରୁ କେତେ କ'ଣ ଘଟିଯାଇଛି ଓ ପରେ ମଧ୍ୟ କେତେ କ'ଣ ଘଟିବ ଏବଂ ଚିରନ୍ତନ ମହାକାଳ ଭିତରେ ଏହି ମୁହୂର୍ତ୍ତଟି ମାତ୍ର ଗୋଟିଏ ନିଃଶ୍ୱାସ ପରି କ୍ଷଣସ୍ଥାୟୀ, ତା'ହେଲେ ସେ କ୍ଷେତ୍ରରେ କୌଣସି ବିଷୟରେ ବ୍ୟସ୍ତବିବ୍ରତ ହେବା ନିତାନ୍ତ ହାସ୍ୟାସ୍ପଦ ନୁହେଁ କି ? କାରଣ ଶାଶ୍ୱତ ମହାକାଳ ଭିତରେ ତୁମକୁ ବିବ୍ରତ କରୁଥିବା ସେହି ବିଷୟଟିର ଆଦୌ କୌଣସି ସ୍ଥାନ, ଆଦୌ କୌଣସି ଗୁରୁତ୍ୱ ଅଛି କି ? ସେ ସମ୍ପର୍କରେ ଏପରିକି ସଚେତ ହେବାକୁ କାହାର ସମୟ ନାହିଁ ।

ଅନନ୍ତ କାଳ ଭିତରେ ଗୋଟିଏ ସେକେଣ୍ଡର କ'ଣ ବା ମୂଲ୍ୟ ? ଯଦି ଜଣେ ଏହି ବିଷୟ ଉପଲବ୍ଧି କରିବ, – କିପରି କହିବି – ଯଦି ଜଣେ ଆଖି ଆଗରେ ଚିତ୍ରଟିଏ ଭଳି ଦେଖିପାରିବ ଏହି ଛୋଟ ପୃଥିବୀଟିରେ ସେ କେତେ ଛୋଟ ମଣିଷଟିଏ, ଏବଂ ଯେଉଁ ଜିନିଷଟି ତାକୁ ଏଇ ମୁହୂର୍ତ୍ତରେ ବ୍ୟସ୍ତ ବିବ୍ରତ କରୁଛି, ଆଘାତ ଦେଉଛି, ଅପ୍ରୀତିକର ଲାଗୁଛି ତାହା ତା'ର ଚେତନାର ଗୋଟିଏ ସେକେଣ୍ଡ, ଗୋଟିଏ ଛୋଟ ମୁହୂର୍ତ୍ତ ମାତ୍ର, ତା'ର ସମଗ୍ର ଜୀବଦ୍ଦଶାର ସମୟ ବିଚାର କଲେ ତାହା ମାତ୍ର ଗୋଟିଏ ସେକେଣ୍ଡ ଏବଂ ସେ ନିଜେ ଏହା ପୂର୍ବରୁ ଏହିପରି କେତେ କେତେ ଘଟଣା ଭିତର ଦେଇ ଯାଇଛି ଓ ପରେ ମଧ୍ୟ କେତେକେତେ ଘଟଣା ଭିତର ଦେଇ ଯିବ, ଏବଂ ଆଜି ଯାହା ତାକୁ ଏତେ କଷ୍ଟକର ମନେ ହେଉଛି ହୁଏତ ଦଶ ବର୍ଷ ଭିତରେ ସେ ତାହା ସମ୍ପୂର୍ଣ୍ଣ ଭୁଲିଯିବ । କିଂବା ତୁମେ ଯଦି ତାହା ମନେ ପକାଅ ତେବେ ଭାବିବ, ''ଏହି ତୁଚ୍ଛ ଘଟଣାଟି ଉପରେ ମୁଁ ଏତେ ଗୁରୁତ୍ୱ ଦେଉଥିଲି କିପରି ?''... ଯଦି ତୁମେ ପ୍ରଥମେ ତାହା ଉପଲବ୍ଧି କର ଏବଂ ପରେ ଏହା ଉପଲବ୍ଧି କର ଯେ ତୁମର ବ୍ୟକ୍ତିତ୍ୱ ଅନନ୍ତ ମହାକାଳ ଭିତରେ ଗୋଟିଏ ସେକେଣ୍ଡ ମାତ୍ର, ଏପରିକି ଗୋଟିଏ ସେକେଣ୍ଡ ମଧ୍ୟ ନୁହେଁ, ମହାକାଳ ଭିତରେ ହଜି ଯାଉଥିବା ଗୋଟିଏ ସେକେଣ୍ଡର ଭଗ୍ନାଂଶ ମାତ୍ର – ଏହା ପୂର୍ବରୁ ସମଗ୍ର ପୃଥିବୀ କାଳର ପ୍ରବାହରେ ଭାସି ଚାଲିଥିଲା ଓ ପରେ ମଧ୍ୟ ଭାସି ଚାଲିଥିବ ଓ ନାନା ଘଟଣାକୁ ରୂପ ଦେଉଥିବ – ଅନିର୍ଦ୍ଦିଷ୍ଟ ଭାବରେ ପୂର୍ବରୁ ଓ ପଶ୍ଚାତରେ ନାନା ଘଟଣା ଘଟୁଥିବ । ଯଦି ଏହିପରି ଚିନ୍ତା କରିପାର ତା'ହେଲେ ଦେଖିବ ତୁମେ ଯେଉଁ ଘଟଣାକୁ ଏତେ ଗୁରୁତ୍ୱ ଦେଉଥିଲ ତାହା ହଠାତ୍ କିପରି ହାସ୍ୟାସ୍ପଦ ଭାବରେ ତୁଚ୍ଛ ଓ ନଗଣ୍ୟ ମନେ ହେଉଛି । ଯଥାର୍ଥରେ ତୁମେ ଅନୁଭବ କରିବ ନିଜର ଜୀବନ ଉପରେ, ନିଜ ଉପରେ, ତୁମ ପାଇଁ କ'ଣ ଘଟିଲା ତା' ଉପରେ ଯେଉଁ ଗୁରୁତ୍ୱ ଦେଉଥିଲ ତାହା କେଡ଼େ ଅର୍ଥହୀନ । ଏବଂ ମାତ୍ର ତିନି ମିନିଟ ଭିତରେ, ତୁମେ ଯଦି ଏହା ଠିକ୍ ଭାବରେ କରିପାର, ତା'ହେଲେ ଦେଖିବ ସମସ୍ତ ଅପ୍ରୀତିକର ଗ୍ଲାନି ଭାବ କେଉଁଆଡ଼େ ଧୋଇ ହୋଇ ଯାଇଛି । ଏପରିକି ଖୁବ୍ ଗଭୀର ଯନ୍ତ୍ରଣା ମଧ୍ୟ ଏହିପରି ଭାବରେ ଧୋଇ ହୋଇ କେଉଁଆଡ଼େ ଭାସି ଚାଲିଯିବ । କେବଳ ଏଇ ଧରଣର ଏକ ଏକାଗ୍ରତା ଏବଂ ନିଜକୁ ଅସୀମ ଓ ଅନନ୍ତ ସହ ଏକ କରି ରଖି ଭାବିବା ଦରକାର । ଏହିପରି ସବୁକିଛି ଦୁଃଖକଷ୍ଟ କେଉଁଆଡ଼େ ନିଶ୍ଚିହ୍ନ ହୋଇଯାଏ । ଏବଂ ଏହି ଅନୁଭୂତିରୁ ତୁମେ ଆହୁରି ଶୁଦ୍ଧ ଓ ସ୍ୱଚ୍ଛ ହୋଇ ବାହାରି ଆସ । ଏହି ଭାବରେ ସମସ୍ତ ଆସକ୍ତିରୁ ତୁମେ ମୁକ୍ତ ହୋଇପାର ଏବଂ ଏପରିକି ମୁଁ କହିବି ଗଭୀରତମ ଦୁଃଖରୁ ମଧ୍ୟ ମୁକ୍ତ ହୋଇପାର... ଯଦି ତୁମେ ଠିକ୍ ଭାବରେ ଏହା କିପରି କରିବାକୁ ହୁଏ ତା' ଜାଣ । ସଙ୍ଗେ ସଙ୍ଗେ ଏହା ମଧ୍ୟ ତୁମକୁ ତୁମର ଛୋଟ ଅହଂଟିରୁ ବାହାରକୁ କାଢ଼ିଆଣେ । ✤

ଏହି ଯୋଗରେ ପ୍ରଥମ ପାଠ ହେଉଛି ଏକ ଶାନ୍ତ ନୀରବ ମନ, ଏକ ଦୃଢ଼ ସାହସ ଓ ଭଗବତ୍ ଶକ୍ତି ଉପରେ ପୂର୍ଣ୍ଣ ଆସ୍ଥା ରଖି ଜୀବନ ଓ ତା'ର ପରୀକ୍ଷାସବୁର ସମ୍ମୁଖୀନ ହେବା ।

– ଶ୍ରୀଅରବିନ୍ଦ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ବରହମ୍ପୁର ସମ୍ମିଳନୀର ଅଧ୍ୟକ୍ଷ

ନରମପନ୍ଥୀ ଦଳର କୁଚକ୍ରାନ୍ତ କରୁଥିବା ଏକ ପ୍ରଭାବଶାଳୀ ଗୋଷ୍ଠୀ ଯେଉଁମାନେ କି ମହାସଭା ଆଉ ସମ୍ମିଳନୀମାନ ଆୟୋଜନ କରନ୍ତି; ସେମାନେ ଯେତେବେଳେ ବରହମ୍ପୁର ଅଧିବେଶନରେ ପୌରୋହିତ୍ୟ କରିବା ପାଇଁ ଶ୍ରୀଯୁକ୍ତ ଦୀପ୍‌ନାରାୟଣ ସିଂଙ୍କୁ ବାଛିଲେ, ନିଃସନ୍ଦେହରେ ସେମାନେ ଭାବି ନେଇଥିଲେ ଯେ ଏଇ ମନୋନୟନଟି ଦ୍ୱିଗୁଣଭାବେ ଉପଯୁକ୍ତ । ଜଣେ ତରୁଣ ବ୍ୟକ୍ତି ହିସାବରେ ଓ ଜଣେ ଖ୍ୟାତନାମା ଉଗ୍ର ଦେଶ-ପ୍ରେମୀଭାବେ ସେ ତାଙ୍କର ଅତି ଉଦାରପନ୍ଥୀ ବିବୃତି ଦ୍ୱାରା ବଙ୍ଗଳାକୁ ଅସନ୍ତୁଷ୍ଟ କରିବେ ନାହିଁ; ଜଣେ ଜମିଦାର ହୋଇଥିବାରୁ ସରକାରଙ୍କ କୋପଦୃଷ୍ଟିରେ ପଡ଼ିବାର ଆଶଙ୍କା ତାଙ୍କର ରହିଥାଇପାରେ ଓ ନୂତନ ମତାବଲମ୍ବୀର ଚିନ୍ତାଧାରା ଆଉ କାର୍ଯ୍ୟକ୍ରମ ପ୍ରତି ଖୋଲାଖୋଲି ସମର୍ଥନରୁ ଦୂରେଇ ରହିବାର ଆଶା କରାଯାଇପାରେ । ଆମର ବିଶ୍ୱାସ ଉପରୋକ୍ତ ମନୋନୟନରେ ଆମମାନଙ୍କ ମଧ୍ୟରୁ କେତେଜଣ ଯେଉଁ ଅସନ୍ତୋଷ ପ୍ରକଟ କରିଥିଲେ, ତା' ମୂଳରେ ଏଇ ପରବର୍ତ୍ତୀ ଆଶଙ୍କାଟିହିଁ ରହିଥିଲା । ଆମମାନଙ୍କ ପକ୍ଷରୁ ଆମେ ନରମପନ୍ଥୀମାନଙ୍କର ପ୍ରତ୍ୟାଶାରେ ନା ଆମ ନିଜ ଦଳ ପୋଷଣ କରିଥିବା ଆଶଙ୍କାରେ ଭାଗ ନେଇଥିଲୁ । ଶ୍ରୀଯୁକ୍ତ ଦୀପ୍‌ନାରାୟଣ ସିଂ ଇଂଲଣ୍ଡରେ ଥିବା ସମୟରେ ଯେଉଁ ବିବରଣୀ ମିଳିଥିଲା, ସେଥିରୁ ତାଙ୍କ ସମ୍ପର୍କରେ ଆମେ କିଛି ଜାଣିବାକୁ ପାଇଥିଲୁ ଆଉ ଆମେ ସତରେ ବିଶ୍ୱାସ କରିପାରିଲୁନି ଯେ ଏଇ ଅଳ୍ପ ସମୟର ବ୍ୟବଧାନରେ ତାଙ୍କ ଭିତରେ ଥିବା ଏତେ ମାତ୍ରାର ଉଦ୍ଦୀପନା, ଆନ୍ତରିକତା ଓ ଉତ୍କଣ୍ଠା ନିର୍ବାପିତ ହୋଇଗଲା କିଂବା ସେ ଏକ ଧନାଢ୍ୟ ବ୍ୟକ୍ତି ଓ ଜଣେ ଜମିଦାର ଆସନରେ ଥିବାରୁ ଏମିତିକି ତାହା ପୂରା ଦବିଗଲା । ଘଟଣା ଅନୁରୂପ ଏକ ମତାମତ ଆମେ ତାଙ୍କଠାରୁ ଦୃଢ଼ ପ୍ରତ୍ୟୟ ସହ ଆଶା କରିଥିଲୁ ଏବଂ ଆମେ ଏଥିରେ ଆଦୌ ହତାଶ ହୋଇ ପଡ଼ି ନାହୁଁ । ବିବରଣୀର ସାରାଂଶ ଅନୁଯାୟୀ ତାଙ୍କ ଭାଷଣରେ ପ୍ରକୃତ ଜାତୀୟତାବାଦର ଚେତନା ଅନ୍ତର୍ନିହିତ ରହିଛି । ନୂତନ ବିଚାର-ଧାରାରେ ଯେଉଁ କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ପକ୍କା ରୂପ ନେଇଛି ବାସ୍ତବ କ୍ଷେତ୍ରରେ ହେଉ ଅବା ସହସା ଜରୁରୀ ଆବଶ୍ୟକତା ବଶତଃ ହେଉ, ତାହା ଗୃହୀତ ହୋଇଯାଇଛି ଆଉ ବର୍ଜନ ଆନ୍ଦୋଳନର ଘୋଷଣା ବେଶ୍ ସନ୍ତୋଷଜନକଭାବେ ସ୍ପଷ୍ଟ ଓ ଅଭ୍ରାନ୍ତ ବୋଲି ସ୍ୱୀକୃତ ହେଉଛି । ଶ୍ରୀଯୁକ୍ତ ଦୀପ୍‌ନାରାୟଣଙ୍କୁ ସାମନାକୁ ଅଣାଯିବା ଦ୍ୱାରା ବୋଧହୁଏ ବିହାର ପ୍ରତି ପ୍ରକୃତ ଉପକାର ସାଧିତ ହୋଇଛି; ତା'ର ଦରକାର ପଡ଼ୁଛି ଏପରି ଅନେକ ମଣିଷ ଯେଉଁମାନେ ସମୟର ବେଗକୁ ବୁଝି ପାରିବେ ଓ ପ୍ରଦେଶର ରାଜନୈତିକ କାର୍ଯ୍ୟକଳାପଗୁଡ଼ିକୁ ଏକ ମୃତ ଆଉ ଗଳିତ ଅତୀତ ସହିତ ଖଞ୍ଜିବାକୁ ଚେଷ୍ଟା କରିବା ପରିବର୍ତ୍ତେ ଭବିଷ୍ୟତ୍ ଅଭିମୁଖେ ସଞ୍ଚାଳିତ କରିପାରିବେ । ଆମ ଜାତୀୟତାର ହିନ୍ଦିଭାଷୀ ଉପଜାତି (sub-race) ହିସାବରେ ବିହାରର ନିଜସ୍ୱ ଏକ ସ୍ୱତନ୍ତ୍ର ଭବିଷ୍ୟତ୍ ରହିଛି; ଆଉ ସଭାପତି ତାଙ୍କ ଦିବ୍ୟଦୃଷ୍ଟିରୁ ଭାରତବର୍ଷର ସଂଯୁକ୍ତ ରାଜ୍ୟଗୁଡ଼ିକ ଗଠନର ଯେଉଁ ପ୍ରାକ୍ ସୂଚନା ଦେଇଛନ୍ତି, ତହିଁରେ ଏହାର ନିଜସ୍ୱ କେନ୍ଦ୍ର ରହିବ । କିନ୍ତୁ ସେଇ ସଂଘ ମଧ୍ୟରେ ରହି ପ୍ରଭାବ ବିସ୍ତାର କରିବା ଉଦ୍ଦେଶ୍ୟରେ ସେ ତା' ନିୟତିର ଭାର ନିଜେ ବହନ କରିବ ଓ ସ୍ୱତନ୍ତ୍ରତା ଅଭିମୁଖୀ ତେଜି ଉଠୁଥିବା ବ୍ୟାପକ ଗଣ-ଆନ୍ଦୋଳନରେ ଏକ ସକ୍ରିୟ ଶକ୍ତିଭାବେ ଉଭା ହେବ । ବର୍ତ୍ତମାନର ଅମଲାତନ୍ତ୍ର ଅଧୀନରେ ବଙ୍ଗଳାଠାରୁ ପ୍ରଶାସନିକ ସ୍ତରରେ ଅଲଗା ହୋଇ ରହିବାକୁ ଇଚ୍ଛା ପ୍ରକଟ କରି ବିହାରୀମାନେ ବିଜ୍ଞତାର ପରିଚୟ ଦେଇଛନ୍ତି କି ନାହିଁ ତାହା କହିବା କାଠିକର ପାଠ । ବଙ୍ଗଳା କିଂବା ସଂଯୁକ୍ତ ପ୍ରଦେଶମାନଙ୍କ ସହିତ ସାମିଲ ନହୋଇ ଏକ ଅମଲାତାନ୍ତ୍ରିକ ପ୍ରଶାସନର ଅତ୍ୟାଚାରକୁ ପ୍ରତିରୋଧ କରିବା ଦିଗରେ ଏହା ସ୍ୱୟଂ ନିଜ ଗୋଡ଼ରେ ନିଜେ ଠିଆ ହେବା ପାଇଁ ସତରେ କ'ଣ ଯଥେଷ୍ଟ ଶକ୍ତିଶାଳୀ – ଏ ସଂକ୍ରାନ୍ତରେ ଆମର ସନ୍ଦେହ ବଳବତ୍ତର ରହିଛି । କିନ୍ତୁ ବିହାରୀମାନେ ଯଦି ସାଧାରଣତଃ ନିଜକୁ ଖୁବ୍ ପରାକ୍ରମୀ ଆଉ ନିଜେ ସ୍ୱତନ୍ତ୍ରଭାବେ ପ୍ରତିରୋଧ କରିବାକ୍ଷମ ବୋଲି ଭାବୁଥାଆନ୍ତି, ତା'ହେଲେ ଆମେହିଁ ସବା ଶେଷରେ ଯାଇ ଏପ୍ରକାର ଚିନ୍ତାଧାରାର ବିରୋଧ କରିବୁ କାରଣ ଯାହା ଆମେ ପ୍ରକାଶ୍ୟରେ କହୁ ତାହା କାର୍ଯ୍ୟରେ ସମ୍ପନ୍ନ କରୁ । ପ୍ରଶାସନିକ ବ୍ୟବସ୍ଥାଗୁଡ଼ିକର ଅପରିହାର୍ଯ୍ୟ ଗୁରୁତ୍ୱ ନିଃଶେଷ

ହୋଇଯାଇଛି । କିନ୍ତୁ ସମ୍ପ୍ରତି ବଙ୍ଗାଳୀମାନଙ୍କଠାରୁ ବିହାରୀମାନଙ୍କୁ ମନଶ୍ଚେତନାରେ ସମ୍ପର୍କ ଛିନ୍ନ କରିଦେବା ପାଇଁ ଯେଉଁ ଉଦ୍ୟମ କରାଯାଇଛି, ତାହା ଆହୁରି ଏକ ସାଂଘାତିକ ପ୍ରସଙ୍ଗ । ସରକାରୀ ଚାକିରି, ସରକାରୀ ପଦପଦବୀ ଓ ସରକାରୀ ଅନୁକମ୍ପା ପାଇଁ ଅପବିତ୍ର ଆବେଗପ୍ରବେଗରୁହିଁ କେବଳ ଯାହା ବା ବିବାଦ ମୁଣ୍ଡ ଟେକିଛି, ନହେଲେ ଦୁଇଜାତି ଭିତରେ ବିବାଦର କୌଣସି କାରଣ ନାହିଁ । ସରକାରୀ ଆସନ ଓ ଚାକିରିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବା ପରିବର୍ତ୍ତେ ନୂତନ ଚିନ୍ତାଧାରା ତାହାକୁ ଅସମ୍ମାନଜନକ ବୋଲି ମାର୍କାମରା କରି ମତାନ୍ତରର ଏଇ ଜଘନ୍ୟ କାରଣଟିକୁ ନଷ୍ଟ କରିବାଟା ସୁନିଶ୍ଚିତ । ଶ୍ରୀଯୁକ୍ତ ଦୀପ୍‌ନାରାୟଣଙ୍କ ଅଭିଭାଷଣରୁ ତାଙ୍କ ଭିତରେ ଆମେ ଏପରି ଏକ ଉତ୍ସାହସମ୍ପନ୍ନ, ବିଚାରଶୀଳ ଆଉ ବୌଦ୍ଧିକ ସାମର୍ଥ୍ୟଯୁକ୍ତ ବିହାରୀ ବ୍ୟକ୍ତିଙ୍କୁ ପାଇଛୁ ବୋଲି ମନେହେଉଛି ଯିଏକି ତାଙ୍କର ପୂର୍ବାନୁମାନ ଭିତରେ ଭବିଷ୍ୟତକୁ ଭଲଭାବେ ଉପଲବ୍ଧି କରିପାରିଛନ୍ତି ଆଉ ସମ୍ଭବତଃ ସେଇ ବ୍ୟାପକ ଦୂରଦୃଷ୍ଟି ଅନୁସାରେ ଏବଂ କ୍ଷୁଦ୍ର ଓ କ୍ଷଣିକ ସ୍ୱାର୍ଥଜନିତ ଚାପର ବଶବର୍ତ୍ତୀ ନହୋଇ, ତାଙ୍କ ପ୍ରଦେଶର କାର୍ଯ୍ୟକଳାପକୁ ସେ ନୂଆ ରୂପରେଖ ଦେବେ । ଭାରତ ତା'ର ସକଳ ବୈଚିତ୍ର୍ୟ ଭିତରେ ଏକତାବଦ୍ଧ ହୋଇ ରହିଥିବାର ଦୃଷ୍ଟିଭଙ୍ଗୀକୁ ବାଦ୍ ଦେଲେ ଆହୁରି ଅଧିକ କେହି ନିର୍ଭୁଲ୍ ପଥ ପ୍ରଦର୍ଶକ ଆସିଲେ ବି ତାଙ୍କ ଅଧୀନରେ କୌଣସିଟି ପ୍ରଦେଶ ଆଗେଇ ପାରିବ ନାହିଁ କିଂବା ଆହୁରି ଅଧିକ ଏକ ଅମୋଘ ଆଦର୍ଶ ପ୍ରତି ରହିଥିବା ଦାବିଗୁଡ଼ିକୁ ଦୃଷ୍ଟି ପଥରେ ରଖି ତା' କାର୍ଯ୍ୟଧାରାର ଯଥାର୍ଥ ରୂପାୟଣରେ ସମର୍ଥ ହେବ ନାହିଁ । ଆଞ୍ଚଳିକ ଆଉ ସାମ୍ପ୍ରଦାୟିକ ବ୍ୟକ୍ତିସତ୍ତାମାନଙ୍କୁ ତଥା ସେମାନଙ୍କ କାର୍ଯ୍ୟକଳାପଗୁଡ଼ିକୁ ଭାରତ ପରି ଏକ ବିଶାଳ ଦେଶରୁ ସମ୍ପୂର୍ଣ୍ଣରୂପେ ଲୋପ କରାଯାଇପାରିବନି କିନ୍ତୁ ଆଧିପତ୍ୟ ବିସ୍ତାର କରୁଥିବା ଏକ ଐକ୍ୟ ଭିତରେ ସେମାନଙ୍କର ସମନ୍ୱୟ ସାଧନ କରିହେବ ।

ଅନ୍ୟମାନଙ୍କ ପାଇଁ, ନରମପନ୍ଥୀମାନେ ଚତୁରତାର ଯେଉଁ ଖେଳ ଖେଳୁଥିଲେ ତାହା କିପରି ବାରଂବାର ସେମାନଙ୍କ ବିରୋଧରେ ଲେଉଟି ଆସୁଥିଲା, ସେକଥା ଲକ୍ଷ୍ୟ କଲେ ମନରେ କୌତୂହଳ ଜାତ ହୁଏ । ବାସ୍ତବରେ ଏହାହିଁ ଘଟିବା ଅନିବାର୍ଯ୍ୟ, କାରଣ ଅଦୃଷ୍ଟ ଯେତେବେଳେ ମଣିଷମାନଙ୍କ ପ୍ରତି ବିମୁଖ ହୁଏ ସେତେବେଳେ ସେମାନଙ୍କର ସର୍ବାଧିକ ସମ୍ଭାବ୍ୟ ପ୍ରତିକାରଗୁଡ଼ିକ ଆଉ ଉଦ୍ଦେଶ୍ୟ ସାଧନ ନିମିତ୍ତ ସବୁଠାରୁ ଭଲରୂପେ ଐକ୍ୟବଦ୍ଧ ସମ୍ମିଶ୍ରଣ ଭିତରେ କାର୍ଯ୍ୟାନୁଷ୍ଠାନଗୁଡ଼ିକହିଁ ସ୍ୱୀୟ ସେମାନଙ୍କ ପ୍ରତି ହାନିକାରକଭାବେ କାର୍ଯ୍ୟକରେ । ଚରମପନ୍ଥୀମାନଙ୍କୁ ବୋକା ବନେଇବା ଉଦ୍ଦେଶ୍ୟରେ ଦାଦାଭାଇ ନାରୋଜିଙ୍କୁ ଅଧ୍ୟକ୍ଷ କରାଗଲା; ତଥାପି ସେଇ ନରମପନ୍ଥୀ ଅଧ୍ୟକ୍ଷ ଆମକୁ ସ୍ୱରାଜର ଧ୍ୱନି ଦେଇଥିଲେ ଯାହାକୁ ଚରମପନ୍ଥୀମାନେ ନିଜସ୍ୱ କରିନେଲେ, ଆଉ ଯାହା ଆଜି ଜାତିର ରକ୍ତକୁ ଉଦ୍‌ବେଳିତ କରୁଛି ମହାନ୍ କର୍ମ ଭିତରକୁ ଏବଂ ମହାନ୍ ଆଦର୍ଶଗୁଡ଼ିକ ଭିତରକୁ ଲମ୍ଫ ପ୍ରଦାନ କରିବା ନିମନ୍ତେ । ବର୍ଜନ ଆନ୍ଦୋଳନର ମହାପ୍ରସ୍ତାବ କାଳେ କଂଗ୍ରେସର ଅନୁମୋଦନ ଲାଭ କରିବ ତାକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ମାଡ୍ରାସ ଆଉ ଯୁକ୍ତ ପ୍ରଦେଶଗୁଡ଼ିକ ବର୍ଜନ ଆନ୍ଦୋଳନ ବିରୋଧରେ ଏକମତ ହୋଇଛନ୍ତି ବୋଲି ଘୋଷଣା କରାଗଲା; କିନ୍ତୁ ଫଳସ୍ୱରୂପ କେବଳ ଦକ୍ଷିଣ ଭାରତ ଓ ଉତ୍ତର ଭାରତରେ ସମାନଭାବେ ଚରମବାଦ (Extremism)ର ଏକ ତୁମୁଳ ଝଡ଼ର ସୂତ୍ରପାତ ହୋଇଛି ଆଉ ତାହା ବର୍ଜନ ଆନ୍ଦୋଳନର ଧ୍ୱନିକୁ ଅନୁରଣିତ କରିଛି ଭାରତବର୍ଷର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ । ବର୍ଜନ ଆନ୍ଦୋଳନକାରୀ-ମାନଙ୍କର ଅବାଧ ପ୍ରବେଶ ଯୋଗୁଁ ଯାହା ସମ୍ଭବତଃ ହୋଇପାରିଥା'ନ୍ତା, ତା' ଅପେକ୍ଷା ଆଲ୍ଲାବାଦରେ ନରମପନ୍ଥୀଙ୍କ ଭିତରେ ଥିବା ପ୍ରଭାବଶାଳୀ କୁଚକ୍ରାନ୍ତକାରୀ ଗୋଷ୍ଠୀଟିର ନିର୍ଲଜ୍ଜ ମନମୁଖି କାର୍ଯ୍ୟକଳାପ ଦୁର୍ବିନୀତଭାବେ ଅଧିକ କିଛି ସାଧନ କରିଛି ପୁରାତନର ଧ୍ୱଂସ ସକାଶେ ଓ ନୂତନ ବିଚାରଧାରାକୁ ସହାୟତା ଦେବା ସକାଶେ । 'ନିରାପଦ'ରେ ସମ୍ବୋଧନ କରିବାର ଆଶା ରଖି ଶେଷ ମୁହୂର୍ତ୍ତରେ ଅଧ୍ୟକ୍ଷଭାବେ ଶ୍ରୀଯୁକ୍ତ ଦୀପ୍‌ନାରାୟଣଙ୍କ ମନୋନୟନ,– ଠିକ୍ ଯେପରି ଏକ 'ନିରାପଦ' ସ୍ଥାନଭାବେ ବରହମ୍‌ପୁରକୁ ବଛା ଯାଇଥିଲା – ପରିଣତିସ୍ୱରୂପ, ଏକ ତାଜା ନିଦର୍ଶନ ରଖିଗଲା ନୂତନ ଭାବଧାରାର କ୍ରମିକ ବିକାଶରେ । କେତେଦିନ ଧରି ଏମିତି ଆପଣମାନେ ଚେଷ୍ଟା କରିଚାଲିଥିବେ ଅତି ଶସ୍ତାରେ ଶସ୍ତାରେ ଦଳ ଭିତରେ କପଟପାଶାର ପୁଳାଏ ସମାର୍ଜନୀ ଧରି ମହାସାଗରକୁ ବଳପୂର୍ବକ ଓଲେଇ ଓଲେଇ ପଛକୁ ହଟେଇ ଦେବା ପାଇଁ ?

(ବନ୍ଦେ ମାତରମ୍, ଏପ୍ରିଲ ୨, ୧୯୦୭)

## ଶାନ୍ତି ଓ ଏକଚ୍ଛତ୍ର ଶାସକଗଣ

ସାରାଦେଶରେ ବର୍ତ୍ତମାନ ଆଲୋଡ଼ନ ସୃଷ୍ଟି କରୁଥିବା ମତ ପାର୍ଥକ୍ୟରାଜି ଯେଉଁଦିନଠାରୁ ଦୁଇଟି ସ୍ୱତନ୍ତ୍ର ପାର୍ଟିର ଗଠନ

ଆକାରରେ ନିଜକୁ ଜାହିର କରିସାରିଲାଣି ସେଇଦିନଠୁ ଆମ ଭିତରେ ଏମିତି ଏକ ଶ୍ରେଣୀର ରାଜନୀତିଜ୍ଞମାନେ ରହି ଆସିଛନ୍ତି ଯେଉଁମାନେ ଦୁଇ ବିବଦମାନ ବିଚାରଧାରା ଭିତରେ ପ୍ରତିଟି ସଂଘର୍ଷ ପାଇଁ ଗଭୀର ଖେଦ ପ୍ରକାଶ କରିଛନ୍ତି ଆଉ ସମସ୍ତଙ୍କୁ ନିବେଦନ କରିଛନ୍ତି ନିଜ ନିଜର ମତାନ୍ତରସବୁକୁ ଟାଳିଦେଇ ଦେଶ ସକାଶେ କାମ କରିଯିବାକୁ । ସେମାନେ ଶାନ୍ତି, ଶାନ୍ତି ବୋଲି ଦୋହରେଇ କହିବାରେ କେବେ ବି ଥକି ଯାଇନାହାନ୍ତି । ଏସବୁ କାନକୁ ବେଶ୍ ଯୁକ୍ତିଯୁକ୍ତ ମନେହୁଏ ଆଉ ସାଧାରଣ ଚିନ୍ତାଶୂନ୍ୟ ମନ ଉପରେ ପ୍ରଭାବ ପକାଏ । ସଂଘ, ଐକ୍ୟ ଓ ଦେଶ ପାଇଁ କାର୍ଯ୍ୟ ହେଉଛି ଚିତ୍ତାକର୍ଷକ ଓ ପବିତ୍ର ଶବ୍ଦଗୁଚ୍ଛ ଯାହା ସମ୍ମାନ ପ୍ରାପ୍ତିର ଯୋଗ୍ୟ ବସ୍ତୁ – ଯେତେବେଳେ ଏଗୁଡ଼ିକର କୌଣସି ଅପପ୍ରୟୋଗ ନ ହୋଇଛି । କିନ୍ତୁ ସଂଘ, ଐକ୍ୟ ଆଉ ଦେଶ ପାଇଁ କାର୍ଯ୍ୟ, ଏସବୁର ଦୁହାଇ ଦେଇ ରାଜନୀତିଜ୍ଞମାନେ ଆମକୁ ଯାହା କରିବାକୁ କହୁଛନ୍ତି, ତାହା କ'ଣ ? ସେମାନେ ଆମକୁ କହୁଛନ୍ତି ଆମର ଦୃଢ଼ବିଶ୍ୱାସଟିକୁ ଜଳାଞ୍ଜଳି ଦେଇଦେବାକୁ କିଂବା ତାକୁ ଶ୍ୱାସରୋଧ କରିବାକୁ ଏବଂ ବିବେକର ତତ୍ପରତାକୁ ନିଷ୍କ୍ରିୟ କରି ଦେବାକୁ, କେବଳ ସେଇ ନେତାମାନଙ୍କୁ ଅନୁସରଣ କରିଚାଲିବା ଉଦ୍ଦେଶ୍ୟରେ, ଯେଉଁମାନେ ଯୁଗର ଉଦ୍ଦୀପନା ସାଥିରେ ଥିବା ସମ୍ପର୍କକୁ ହରାଇ ବସିଛନ୍ତି ବୋଲି ଆମର ବିଶ୍ୱାସ ଆଉ ଏପରି ଏକ କର୍ମର ସ୍ରୋତ ଭିତରେ ସେମାନେ ''ସଂଘବଦ୍ଧ ହୋଇ କାମ'' କରୁଛନ୍ତି ଯାହା ଦେଶ ପ୍ରତି ନିତାନ୍ତ ମାରାତ୍ମକ ବୋଲି ଆମେ ବିଶ୍ୱାସ କରୁ । ନେତାମାନେ ଯାହା ଭାବନ୍ତି, କହନ୍ତି ଓ କରନ୍ତି ଏପରିକି ସେସବୁକୁ ଅନୁମୋଦନ ନକରି ଆମେ ସେମାନଙ୍କୁ ଯେ ଅନୁସରଣ କରିଚାଲିବୁ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ଉତ୍ସାହୀ ଅନୁଗତମାନେ ଏପ୍ରକାର ଦାବି ନିହାତି ଖୋଲାଖୋଲିଭାବେ କରିଛନ୍ତି । ଏହାଠାରୁ ଅଧିକ ଧୃଷ୍ଟତାପୂର୍ଣ୍ଣ କିଂବା ସକଳ ରାଜନୈତିକ ସଦାଚାର ଓ ସାଧୁତାର ଅଧିକ ଧ୍ୱଂସସାଧନକାରୀ ଦାବି ଆଉ କିଛି ହୋଇପାରି ନଥାନ୍ତା । ରାଜନୈତିକ ବିବେକ ବୋଲି ଏକ ବିଷୟ ନିଶ୍ଚୟ ରହିଛି । ଯଦିବା 'ବେଙ୍ଗଲୀ' ର ସମ୍ପାଦକ ଏହାର ଅସ୍ତିତ୍ୱକୁ ସ୍ୱୀକାର କରି ନାହାନ୍ତି । ସେଇ ସତ୍ୟବତ୍ସଳ ପତ୍ରିକାଟି ଯେଉଁ ଜରୁରୀ ବାଞ୍ଛନୀୟତାକୁ ରାଜନୀତିର ଏକମାତ୍ର ଇଷ୍ଟଦେବ ବୋଲି ଆଖ୍ୟା ଦେଇ ଚାଲିଛି, ଦେଖିବାକୁ ଗଲେ ସେଇଟା ସେମିତି କିଛି ନୁହେଁ କିନ୍ତୁ ତାହା ଏକ ନିମ୍ନ ପଦସ୍ଥ ପଥପ୍ରଦର୍ଶକ ମାତ୍ର ଯାହା ଉଚ୍ଚସ୍ତରୀୟ ବିଚାରବୋଧ ଦ୍ୱାରା ନିୟନ୍ତ୍ରିତ ହୁଏ ।

ଅବଶ୍ୟ, ସେଇମାନଙ୍କ ମଧ୍ୟରୁ ଅନେକେ ଅଛନ୍ତି ଯେଉଁମାନେ ଯେକୌଣସି ମୂଲ୍ୟ ବଦଳରେ ଶାନ୍ତି ପାଇଁ ଚିତ୍କାର କରନ୍ତି, ଅଥଚ ସେମାନଙ୍କ ଚାହିଦାର ଅନ୍ତର୍ନିହିତ ରହସ୍ୟଗୁଡ଼ିକୁ ସେମାନେ ଅନୁଭବ କରିପାରନ୍ତି ନାହିଁ । ସେମାନଙ୍କ ଯୁକ୍ତି ହେଲା, ମତଭେଦ ଥିବା ସତ୍ତ୍ୱେ କ'ଣ ମିଳିମିଶି ଏକାଠି କାମ କରିବା ସମ୍ଭବ ନୁହେଁ ? ଆମେମାନେହିଁ ସର୍ବଶେଷ ବ୍ୟକ୍ତି ଏହାକୁ ଅସ୍ୱୀକାର କରିବା ପାଇଁ । ଉଦାହରଣସ୍ୱରୂପ, ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ ଯେଉଁମାନେ ସହମତ ପ୍ରକାଶ କରନ୍ତି ସେମାନଙ୍କ ଦ୍ୱାରା ମାମୁଲି ମତଭେଦଗୁଡ଼ିକ କେତେଦୂର ଗୌଣ ବୋଲି ଧରାଯାଉଛି, ତା' ଉପରେ ନିର୍ଭର କରେ ଦଳୀୟ ରାଜନୀତିର ସମ୍ପୂର୍ଣ୍ଣ ବ୍ୟବସ୍ଥା । ଯେପର୍ଯ୍ୟନ୍ତ ମତପାର୍ଥକ୍ୟଗୁଡ଼ିକ ସାମାନ୍ୟ ହୋଇ ରହିଛି ଆଉ ଅପରିହାର୍ଯ୍ୟ ବଶତଃ କିଂବା ସେଇ ମୁହୂର୍ତ୍ତ ପାଇଁ ହେଉନା କାହିଁକି ଯଦି ଅପ୍ରାସଙ୍ଗିକ ହୋଇପଡୁଥାଏ ସକଳ ବାସ୍ତବ ଲକ୍ଷ୍ୟ ସାଧନର ଦିଗରେ ତେବେ ପୂର୍ଣ୍ଣ ଏକତାକୁ କାହିଁକି ହାସଲ କରାନଯିବ ? କିନ୍ତୁ ଯେତେବେଳେ ଗୁରୁତ୍ୱପୂର୍ଣ୍ଣ ମତଭେଦଗୁଡ଼ିକର ଉଦ୍ରେକ ହୁଏ, ସେଇ ମୁହୂର୍ତ୍ତରେହିଁ ଦଳଗୁଡ଼ିକ ଭିତରେ ବିବାଦ କିଂବା ଦଳୀୟ କନ୍ଦଳ ଦୁର୍ନିବାର ହୋଇଉଠେ । ଶାନ୍ତି ଆଉ ଐକ୍ୟର ପ୍ରବକ୍ତାଗଣ ଜାପାନ ଓ ଇଂଲଣ୍ଡକୁ ଆଣି ଆମ ମୁହଁ ଉପରେ ଫିଙ୍ଗିବାରେ କେବେ ବି ଅବସନ୍ନ ହୋଇପଡ଼ି ନାହାନ୍ତି । କିନ୍ତୁ ସେମାନେ ଯେଉଁ ଦେଶଗୁଡ଼ିକୁ ଆମ ପାଇଁ ଉଦାହରଣ ରୂପେ ଉପସ୍ଥାପିତ କରୁଛନ୍ତି ସେଇ ଦେଶଗୁଡ଼ିକର ଇତିହାସ ଯେ ସେମାନେ ଅଧ୍ୟୟନ କରିଛନ୍ତି – ଏକଥା କାହିଁ ମନେହେଉ ନାହିଁ । ସଂଘୀୟ ରାଷ୍ଟ୍ରର ସମର୍ଥକଗଣ (Federalists) ଆଉ ସାମ୍ରାଜ୍ୟବାଦୀଙ୍କ (Imperialists) ମଧ୍ୟରେ ଯେଉଁ ସଂଘର୍ଷ କିଂବା ସଂଘୀୟ ରାଷ୍ଟ୍ରର ସମର୍ଥକ (Federalists) ଆଉ ଶ୍ରମିକ ସଂଘର ପ୍ରବକ୍ତା (Unionists) ମାନଙ୍କ ମଧ୍ୟରେ ଯେ ଅନ୍ତର୍ଦ୍ୱନ୍ଦ୍ୱ ଜାପାନରେ ଆଗରୁ ଘଟି ଯାଇଥିଲା ଓ ତା'ର ଅଦ୍ଭୁତ ବିକାଶର ପଥଟିକୁ ପରିଷ୍କାର କରି ଦେଇଥିଲା, ସେମାନେ କ'ଣ ସେ ସମ୍ବନ୍ଧରେ ଶୁଣିବାକୁ ପାଇ ନାହାନ୍ତି ? ତାହା ଥିଲା ଏମିତି ଏକ ସମୟ ଯେତେବେଳେ ଆମେରିକୀୟ ବନ୍ଧୁକମାନ ଦେଶର ପ୍ରବେଶ-ଦ୍ୱାରଗୁଡ଼ିକ ଭାଙ୍ଗି ଉନ୍ମୁକ୍ତ କରିପକାଇଥିଲା ଆଉ ବିଦେଶୀ ଆକ୍ରମଣର ବିପଦ ତାକୁ ବେଶ୍ ଆଚ୍ଛନ୍ନ କରି ଦେଇଥିଲା । ତଥାପି ପରମ ଦେଶଭକ୍ତ ଜାପାନୀମାନେ ସେଇ ମୁହୂର୍ତ୍ତଟିକୁହିଁ ଉପଯୁକ୍ତ ବୋଲି ବାଛି ନେଇଥିଲେ ଏକ ଉତ୍କଟ

ଦଳୀୟ ସଂଘର୍ଷ ପାଇଁ, ଯହିଁରେ ସେମାନେ ଭାଗ ନେଇଥିଲେ ଆପଣା ଆପଣା ଭିତରେ ଅଜ୍ଞାତରେ ବଧ ହୋଇ, ଆଉ ଯାହାର ପରିସମାପ୍ତି ଘଟିଥିଲା ବ୍ୟାପକ ଗଣହତ୍ୟାରେ । ଏ ସଂକଟର ମୂଳରେ ପ୍ରସଙ୍ଗଟି କ'ଣ ଥିଲା ? ଉତ୍ତରଟି ଅତି ସହଜରେ କହିବାକୁ ଗଲେ, ଶୋଗୁନ୍ (Shogun) ନା ମିକାଡ଼ୋ (Mikado) – ଏହିଦୁଇଜଣଙ୍କ ଭିତରୁ ଜାପାନର ନେତା ଓ ସାର୍ବଭୌମ ନରପତି କିଏ ହେବ ? ଆମର ଏଇ ବିଜ୍ଞଜନମାନେ ସେତେବେଳେ ନିଶ୍ଚୟ ଉପଦେଶ ଦେଇଥାନ୍ତେ ଜାପାନୀମାନଙ୍କୁ, ସେମାନଙ୍କର ମତଭେଦଗୁଡ଼ିକୁ ଭୁଲିଯିବା ପାଇଁ ଆଉ ଶୋଗୁନ୍‌ଙ୍କ ଅଧୀନରେ ରହି ଏକାଠି କାର୍ଯ୍ୟ କରିବା ପାଇଁ । କାରଣ ସେହିଁ ଥିଲେ ଏକ ''ସର୍ବବିଦିତ ନେତା''; କିନ୍ତୁ ଜାପାନର ଦେଶପ୍ରେମୀମାନେ ଜାଣିଥିଲେ ଯେ ଶୋଗୁନ୍ ଆଉ ମିକାଡ଼ୋଙ୍କୁ ନେଇ ପ୍ରଶ୍ନ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଜଡ଼ିତ ଥିଲା ଯାହାର ସମାଧାନ ଯେମିତି ହେଲେ କରିବାକୁ ଆବଶ୍ୟକ ପଡ଼ିଥିଲା; ତେଣୁ ଗୋଟିଏ ହାତରେ ସେମାନେ ଉଭୟଙ୍କର ଶତ୍ରୁକୁ ଦୂରେଇ ରଖିଲେ ଯେତେବେଳେ ଅନ୍ୟ ହାତଟିରେ ସେମାନେ ଶେଷକୁ ନିଜ ଭିତରେ ଝଗଡ଼ା କରି ଆପୋସରେ ପ୍ରଶ୍ନଟିର ସମାଧାନ କରିଦେଲେ । ଭାରତବର୍ଷରେ ଦେଖାଦେଇଥିବା ଅସୁବିଧାର ଏଇ ଗୋଟିକହିଁ ସମାଧାନ – ନିଜ ଭିତରେ ପ୍ରଶ୍ନଟିର ସମାଧାନ ପାଇଁ ପ୍ରୟାସ କରିବା ସମୟରେ ପ୍ରଶାସନିକ ଆକ୍ରମଣ ବିରୋଧରେ ଏକ ମିଳିତ ସାମ୍ମୁଖ୍ୟକୁ ଆଣି ଉପସ୍ଥାପିତ କରିବା । ଏଇତକ ସମନ୍ୱୟ ସାଧନ ହୋଇପାରିବ କେବଳ ଗୋଟିଏ ସର୍ତ୍ତରେ, ତାହା ହେଲା ଉଭୟଙ୍କ ମଧ୍ୟରୁ କୌଣସି ଦଳ ଆର ଦଳଟିକୁ ଆଘାତ କିଂବା ଧ୍ୱଂସ କରିବା ଉଦ୍ଦେଶ୍ୟରେ ଉଭୟଙ୍କର ଶତ୍ରୁକୁ ଆମନ୍ତ୍ରଣ କରିବ ନାହିଁ । ସରକାର ପକ୍ଷରୁ ହୋଇଥିବା ଦୋଷାରୋପଗୁଡ଼ିକରୁ ଗୋଟିଏ ପାର୍ଟିର ଜଣେ ନେତାଙ୍କୁ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ପଠାଯାଉଥିବା ଟେଲିଗ୍ରାମଗୁଡ଼ିକୁ ଚାପିଦିଆଯିବ ନାହିଁ । ବିଶୃଙ୍ଖଳା ତେଜୁଛି ବୋଲି କହି ତାକୁ ଫସେଇବା ସକାଶେ ସମ୍ପାଦକୀୟ ଅନୁଚ୍ଛେଦଗୁଡ଼ିକ ମାଧ୍ୟମରେ କୌଣସି ପ୍ରକାର ପ୍ରଚେଷ୍ଟା କରାଯିବ ନାହିଁ । ସେଇ ପ୍ରଚାର ବିରୋଧରେ ଦୃଢ଼ ପଦକ୍ଷେପମାନ ନେବା ପାଇଁ ବଡ଼ଲାଟଙ୍କ ସହିତ ନିମନ୍ତ୍ରିତ ହୋଇଥିବା ପ୍ରଶାସକମାନଙ୍କର ସାକ୍ଷାତ୍‌କାରରେ କୌଣସି ପ୍ରକାରର ସହାୟତା ଦିଆଯିବ ନାହିଁ ।

ଯଦି ଯୁକ୍ତି ହୁଏ ଯେ ଆମକୁ ଭାଗ ଭାଗ କରିଦେଉଥିବା ମତଭେଦଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ହେଲେ ଆମେ ଏଥିରେ ସମ୍ପୂର୍ଣ୍ଣରୂପେ ଅରାଜି ହେଉଛୁ । ଆମେ ସମସ୍ତେ ଗୋଟିଏ ପ୍ରସଙ୍ଗରେହିଁ ଏକମତ ହୋଇଛୁ ଯେ ସେଇଟା ହେଲା ଦୁର୍ଦ୍ଧର୍ଷ ଏ ଅମଲାତାନ୍ତ୍ରିକ ଏକଛତ୍ରବାଦ ଶାସନ ଦେଶପାଇଁ ମାରାତ୍ମକ ଆଉ ସେଥିପାଇଁ ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏହି ପ୍ରସଙ୍ଗଟିର ବହୁ ଊର୍ଦ୍ଧ୍ୱରେ ସହମତି ଅପେକ୍ଷା ମତଭେଦ ହେଉଛି ଅଧିକ । ଅନେକଗୁଡ଼ିଏ ଉପାଦାନର ସମ୍ମିଶ୍ରଣରେ ନୂଆଦଳକୁ ଗଠନ କରାଯାଇଛି ଆଉ ସେଗୁଡ଼ିକ ମଧ୍ୟରେ ମତାମତ ଓ ପନ୍ଥାଗୁଡ଼ିକ ସମ୍ପର୍କରେ ଯାହା ବା ସାମାନ୍ୟ ମତଭେଦ ରହିଛି; କିନ୍ତୁ ଗୋଟିଏ ସର୍ବସମ୍ମତ ସଂକଳ୍ପ ନେବାକୁ ସେମାନେ ସମସ୍ତେ ରାଜି ହୋଇଛନ୍ତି – ସେଇଟା ହେଲା ଏକଛତ୍ର ଶାସନର ପରିସମାପ୍ତି, ତାହା ପ୍ରଶମିତ ହେଉ ବା ଅପ୍ରତିହତ ହେଉ, ଆଉ ତା' ପରିବର୍ତ୍ତେ ଏକ ମୁକ୍ତ ଆଧୁନିକ ଓ ଜାତୀୟ ସରକାରକୁ ପ୍ରତିଷ୍ଠା କରିବା । ପୁରାତନ ଦଳ ମଧ୍ୟ ଅନେକ ଉପାଦାନର ମିଶ୍ରଣରେ ଗଠିତ ହୋଇଛି – ଚରମ ରାଜଭକ୍ତ (Ultra Loyalists), ରାଜଭକ୍ତ (Loyalist), ଅତ୍ୟନ୍ତ ଉଦାରବାଦୀ (Ultra Moderate), ଉଦାରପନ୍ଥୀ (Moderate), ଆଉ ଏମିତିକି ଅଧାଅଧି ଚରମପନ୍ଥୀ (Semi-demi-extremist) । କିନ୍ତୁ ସେମାନେ ସମସ୍ତେ ମୁଖ୍ୟତଃ ଗୋଟିଏ ଆଭିମୁଖ୍ୟରେ ଏକମତ ହୋଇଛନ୍ତି, ତା' ହେଉଛି ଯେତେବେଳେ ସେମାନେ ଔପନିବେଶିକ ସ୍ୱାୟତ୍ତଶାସନ (Colonial Self Government) ପ୍ରତି ଆକାଙ୍କ୍ଷା ପୋଷଣ କରିବେ ଯଦି ଜୋର୍‌ସୋର୍ ଦରଖାସ୍ତମାନ କରି ବିଶେଷ କିଛି ସୁଫଳ ନ ମିଳେ ସେମାନେ ଶିଥିଳ ହୋଇ ଆସିଥିବା ଏକଛତ୍ରଶାସନକୁ ଆହୁରି ଦୁଇଶହ ବର୍ଷ ଏମିତି ବରଦାସ୍ତ କରିନେବେ । ଆଦର୍ଶ, ଲକ୍ଷ୍ୟ ଓ ମନୋବୃତ୍ତିକୁ ନେଇ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ତାରତମ୍ୟ ରହିଛି; ଆଉ ଆବଶ୍ୟକତା ବଶତଃ କାର୍ଯ୍ୟପନ୍ଥା ମଧ୍ୟରେ ଏକ ଦୁର୍ବାର ମତଭେଦ ଯୋଡ଼ି ହୋଇଯାଇଛି । ସ୍ୱାବଲମ୍ବନର ଓ ଅନ୍ତତଃ ସତ୍ୟାଗ୍ରହ (Passive Resistance)ର ସଂଗଠନ ଉପରେ ଏକ ନୀତି ନିର୍ଦ୍ଧାରଣ ପାଇଁ ନୂଆ ଦଳ ରାଜି ହୋଇଛି । ପୁରାତନ ଗୋଷ୍ଠୀ କେବଳ ହାରିଗୁହାରି କରିବାର ପବିତ୍ର ଅଧିକାର ବ୍ୟତୀତ ଆଉ କେଉଁଥିରେ ରାଜି ନୁହେଁ । ଫିରୋଜସାହ ମେହେଟା ମହାଶୟ ଆଉ ବୟୋଜ୍ୟେଷ୍ଠ ଉଦାରପନ୍ଥୀମାନେ ସେଇ ସମସ୍ତ ପବିତ୍ର ସୀମା ଭିତରେ ଆମ ରାଜନୀତିକୁ ଆବଦ୍ଧ କରି ରଖିବେ । ପଣ୍ଡିତ

ମଦନ ମୋହନ ଆଉ ଯୁକ୍ତ ପ୍ରଦେଶଗୁଡ଼ିକ (United Provinces)ର ନରମପନ୍ଥୀମାନେ ଆଗ୍ରହ ପ୍ରକାଶ କରିଛନ୍ତି ସ୍ୱାବଲମ୍ବନରୂପକ ଏକ ନରମ ଆଉ ନିରୁପଦ୍ରବ ବିଶିଷ୍ଟ ମସଲାକୁ ଆଣି ସଂଯୁକ୍ତ କରିବା ପାଇଁ । ବାବୁ ସୁରେନ୍ଦ୍ରନାଥ ଆଉ ବଙ୍ଗୀୟ ଉଦାରପନ୍ଥୀମାନେ ମଧ୍ୟ ସତ୍ୟାଗ୍ରହ (Passive Resistance) ପ୍ରତି ଆଗ୍ରହୀ ହେବେ ସତ କିନ୍ତୁ ଏକ ସଂକୀର୍ଣ୍ଣ ପରିସର ଭିତରେ ଆଉ ତାହା ପୁଣି ବିଶେଷ ଓ ଅସ୍ଥାୟୀ କୌଣସି ଉଦ୍ଦେଶ୍ୟ ସାଧନ ସକାଶେ । କିନ୍ତୁ ନୂଆଦଳଟି ଭିତରୁ ସମସ୍ତଙ୍କର ମତଭେଦଗୁଡ଼ିକ ସେମିତି ଅସମାହିତ ହୋଇ ରହେ ।

ଯେଉଁଠି ଏଭଳି ସାଂଘାତିକ ମତଭେଦ ରହିଛି ଆଉ ବ୍ୟକ୍ତିଗଣ ଭିନ୍ନ ଭିନ୍ନ ପଥର ଅନୁସରଣ କରିବାକୁ ଇଚ୍ଛା କରନ୍ତି ସେଇଠି ସେମିତି ସ୍ଥାୟୀ ମିଶ୍ରଣ ସମ୍ଭବ ନୁହେଁ । ଦଳଗତ ବିବାଦ ଏମିତି ଚାଲିଥିବ ଯେପର୍ଯ୍ୟନ୍ତ ଦେଶ କୌଣସି ଗୋଟିଏ କିଂବା ଅନ୍ୟ ବିକଳ୍ପ, ଆଦର୍ଶ ଓ ପନ୍ଥା ନିର୍ଦ୍ଦିଷ୍ଟ ରୂପେ ଗ୍ରହଣ ନ କରିଛି । କାର୍ଯ୍ୟକ୍ଷମ ହେଉଥିବା ଅସ୍ଥାୟୀ ସାଲିସ୍‌ଗୁଡ଼ିକ କେବଳହିଁ ସମ୍ଭବପର ଆଉ ଅଧିକନ୍ତୁ ଏଭଳି ସାଲିସ୍‌ଗୁଡ଼ିକର ଯୁକ୍ତିଯୁକ୍ତତା ହେଉଛି ସର୍ତ୍ତସାପେକ୍ଷ, ତାହା ନିର୍ଭର କରେ ପ୍ରଥମତଃ ଉଭୟପକ୍ଷ ଯେଉଁ ନିଷ୍କପଟତା ଆଉ ଚିତ୍ତର ପୂର୍ଣ୍ଣ ଅଭିନିବେଶ ସହିତ ସେସବୁର ଦାୟିତ୍ୱ ସମ୍ପାଦନ ପାଇଁ ବଚନବଦ୍ଧ ହେବା ଉପରେ; ଦ୍ୱିତୀୟତଃ, ପ୍ରତିଯୋଗିତାର କଠୋର ନିୟମାବଳୀ ଭିତରେ ରହି ଦଳୀୟ ସଂଘର୍ଷକୁ ଆଗେଇ ନେବା ଉପରେ । ସଂଘର୍ଷ ଭିତରେ ବର୍ତ୍ତମାନ ଯେଉଁ ତିକ୍ତତା ରହିଛି ତାହା ବିଶେଷତଃ ଏଇସବୁ ମୌଳିକ ସର୍ତ୍ତଗୁଡ଼ିକ ପ୍ରତି ଅବଜ୍ଞା ପ୍ରଦର୍ଶନ ହେତୁ । ବଙ୍ଗଳାରେ ରାଜନୈତିକ କାର୍ଯ୍ୟକ୍ରମ ଭିତରେ ଜାତୀୟ ଶିକ୍ଷା ଏକ ଅଂଶବିଶେଷରୂପେ ଗୃହୀତ ହୋଇଛି; ତଥାପି ଉଦାରପନ୍ଥୀ ନେତାମାନଙ୍କ ଭିତରେ ସବୁଠାରୁ ସ୍ୱନାମଧନ୍ୟ ଆଉ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତିମାନେ ଆନ୍ଦୋଳନର ଅଗ୍ରଗତି ପ୍ରତି କାର୍ଯ୍ୟତଃ ଉଦାସୀନ ରହନ୍ତି ବା ଶାନ୍ତିପୂର୍ଣ୍ଣଭାବେ ବିରୋଧ କରନ୍ତି; ବଙ୍ଗଳାରେ ଦୁଇଟିଯାକ ଦଳ ବର୍ଜନର ଧ୍ୱନି ଦେଇଛନ୍ତି । ତଥାପି ଉଦାରପନ୍ଥୀ ନେତାମାନେ ସ୍ୱଦେଶୀ-ବିଦେଶୀ ପ୍ରଦର୍ଶନୀ (Swadeshi-Bideshi-Exhibition)କୁ ସମର୍ଥନ ଦେଇ ବର୍ଜନ ଆନ୍ଦୋଳନକୁ ପଣ୍ଡ କରିଦେବା ପାଇଁ କୁଣ୍ଠାବୋଧ କରି ନଥିଲେ । ଅଧିକନ୍ତୁ, ଆମମାନଙ୍କର ଯେତିକି ଅଭିଜ୍ଞତା ଅଦ୍ୟାବଧି ହାସଲ ହୋଇଛି, ତାହା ହେଲା, ଉଦାରପନ୍ଥୀମାନେ ଚାଲାଖି କରି ନାନାବିଧ କୂଟ କପଟରେ ଯେକୌଣସି ସାଲିସକୁ ଆଣି ଚରମପନ୍ଥୀମାନଙ୍କୁ ପରିବେଷଣ କରିବା ସକାଶେ ଚାହିଁ ବସିଥାନ୍ତି କିଂବା ଏକ କ୍ଷଣିକ ସୁବିଧାର ବ୍ୟବସ୍ଥା କରି କିଛିକ୍ଷଣ ପାଇଁ ଅପ୍ରୀତିକର ବିରୋଧକୁ ଟାଳି ଦେଇପାରନ୍ତି ।

ଦ୍ୱିତୀୟ ସର୍ତ୍ତଟି ପ୍ରତି ମଧ୍ୟ ଅନୁରୂପ ଅବଜ୍ଞା ଭାବ ପ୍ରଦର୍ଶନ କରାଯାଇଛି । ଯେତେଦିନ ଧରି ଅସାଧୁ କୌଶଳ ଅବଲମ୍ବନ ପୂର୍ବକ ସ୍ୱେଚ୍ଛାଚାରୀ ପନ୍ଥାରେ ନୂଆ ଉଦ୍ଦୀପନା (New spirit)କୁ ଦମନ କରି ରଖିବା ପାଇଁ ପ୍ରୟାସ ଚାଲିଥିବ, ସେପର୍ଯ୍ୟନ୍ତ ଶାନ୍ତି କିଂବା ଐକ୍ୟ ସମ୍ବନ୍ଧରେ କୌଣସି ଆଲୋଚନା ହୋଇପାରିବ ନାହିଁ । ଆଲାହାବାଦରେ ପଣ୍ଡିତ ମଦନ ମୋହନ ମାଳବ୍ୟ ଆଉ ତାଙ୍କର କୁଚକ୍ରାନ୍ତକାରୀ ପ୍ରଭାବଶାଳୀ ଗୋଷ୍ଠୀଟିର ଆଚରଣ ଉଭୟ ମନମୁଖି ଓ ଅସାଧୁ ହୋଇପଡ଼ିଛି । ରେଲଓ୍ୱେ ଥିଏଟରରେ ନିର୍ବାଚିତ ହୋଇଥିବା ପ୍ରତିନିଧିମାନଙ୍କର ମନୋନୟନ ହୋଇଥିଲା କଂଗ୍ରେସ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଯାଇଥିବା ପନ୍ଥାଗୁଡ଼ିକ ସାହାଯ୍ୟରେ ଆଉ ତା'ପରେ କଂଗ୍ରେସ କିଂବା ସମ୍ମିଳନୀରେ ଭାଗନେବା ପାଇଁ ଏକ ବିଶାଳ ଜନସଭା ଦ୍ୱାରା ମନୋନୀତ ଭଦ୍ରବ୍ୟକ୍ତିଙ୍କ ଅଧିକାର ସମ୍ପର୍କୀୟ ପ୍ରଶ୍ନ କେବେ ବି ଉଠିନି । କଂଗ୍ରେସର ସମ୍ବିଧାନ ବଦଳେଇବାକୁ କୌଣସି କ୍ଷମତା ପ୍ରାପ୍ତ ହୋଇନଥିବା ଏକ ଅସ୍ଥାୟୀ କମିଟିର ସ୍ୱେଚ୍ଛାଚାରୀ ପ୍ରସ୍ତାବଗୁଡ଼ିକ ଦ୍ୱାରା ପଣ୍ଡିତ ମାଳବ୍ୟ ଓ ତାଙ୍କ କର୍ମଚାରିଗଣ ରେଲଓ୍ୱେ ଥିଏଟରର ନିର୍ବାଚିତ ସଭ୍ୟଙ୍କୁ ତଥାପି ଅନୁମତି ନ ଦେବାକୁ ଚାହିଁପାରିଲେ ! ଆହୁରି ମଧ୍ୟ, ମାନବ ବିଦ୍ୱେଷୀ ସ୍ୱେଚ୍ଛାଚାରିତାର ଏଭଳି ଏକ ନିର୍ଲଜ୍ଜ, ଗର୍ହିତ କର୍ମ କରିଥିଲେ ବ୍ରିଟିଶ ଅମଲାତନ୍ତ୍ର ନିଜେ ହୁଏତ ଲଜ୍ଜାରେ ଲାଲ ପଡ଼ିଯାଇଥା'ନ୍ତା । କିନ୍ତୁ ଏଇ ସ୍ୱେଚ୍ଛାଚାରୀ ଗଣତନ୍ତ୍ରବାଦୀମାନଙ୍କର ସ୍ୱୀୟ ସ୍ୱେଚ୍ଛାଚାରିତା ପାଇଁ ସାହସଟିକକ ନଥିଲା । ମାୟୋ ସଭାଗୃହ (Mayo hall)ରେ ଯେ କେବଳ ନିର୍ଦ୍ଦିଷ୍ଟସଂଖ୍ୟକ ଲୋକ ବସିପାରିବେ ଏଇ ହାସ୍ୟାସ୍ପଦ ବାହାନା ଦେଖେଇ ଲୋକମାନଙ୍କ ଭିତରୁ ନିର୍ବାଚିତମାନଙ୍କୁ ବାଦ୍ ଦେବାକୁ ସେମାନେ ପ୍ରଥମେ ଚେଷ୍ଟା କରିଥିଲେ ଏବଂ ସେଥିଲାଗି – ଏଇ ନିର୍ଦ୍ଦିଷ୍ଟ ସଂଖ୍ୟକ ବ୍ୟକ୍ତିଗଣ ନିଶ୍ଚୟ ମାଳବ୍ୟଙ୍କ ଉଦାରପନ୍ଥୀ ହୋଇଥିବେ ଓ ରେଲଓ୍ୱେ ଥିଏଟରର ପ୍ରଗତିବାଦୀମାନେ ସେଥିରୁ ବାଦ୍ ପଡ଼ିଯାଇଥିଲେ । ଏଇଟା ଉଦାରବାଦର କି ଯୁକ୍ତିବିଦ୍ୟା ! କିନ୍ତୁ ସେମାନେ ଦେଖିଲେ, ଏଇ ଚାଲବାଜିଟି ଆଉ କାମ କରିବ ନାହିଁ । ସେମାନେ ତା'ପରେ ନିଜ ସ୍ୱେଚ୍ଛାଚାରିତାକୁ ଏଇ ଯୁକ୍ତିଛଳରେ

ତୋଳି ଧରିଥିଲେ ଯେ ଏହ୍ଲାବାଦଠାରେ ଯେଉଁ ସମ୍ମିଳନୀ ଅନୁଷ୍ଠିତ ହେବ ତହିଁରେ ଅଧିକ ସଂଖ୍ୟକ ସଭ୍ୟ ଯୋଗଦାନ କରିବା ଠିକ୍ ହେବନି । ଏଇ କୈଫିୟତ୍‌ରୁହିଁ ଚାଲବାଜିଟି ବେଶ୍ ଧରାପଡ଼ିଯାଉଥିଲା ଯେହେତୁ ବର୍ତ୍ତମାନର ନିୟମ ଦୃଷ୍ଟିରୁ ସଭାସ୍ଥଳଟିକୁ ଅଧିକ ସଂଖ୍ୟକ ପ୍ରତିନିଧିତ୍ୱରୁ ବଞ୍ଚିତ କରିବା ଅସମ୍ଭବ । ବାସ୍ତବିକ, ଯେଉଁ କେତେଜଣ ପ୍ରତିନିଧି ଯୋଗ ଦେଇଥିଲେ ତନ୍ମଧ୍ୟରୁ ଆଲାହାବାଦହିଁ କେବଳ ବିପୁଳ ସଂଖ୍ୟାରେ ପ୍ରତିନିଧି ଯୋଗଦାନ କରିଥିଲେ । ସାଧାରଣ କାଣ୍ଡଜ୍ଞାନ ଥିବା କୌଣସି ମଣିଷ ପାର୍ଟି ପାର୍ଟି ଭିତରେ ସଙ୍ଗତି ଆଉ ସାଲିସ ପ୍ରତି ଆଶା ରଖିପାରିବନି ଯେତେବେଳେ ପାର୍ଟି ପରିଚାଳନା କ୍ଷେତ୍ରରେ ଏ ଧରଣ ଚାଲବାଜିକୁ ନ୍ୟାୟସଙ୍ଗତ ବୋଲି ବିବେଚନା କରାଯାଉଛି । ଏଥରକ ଯେଉଁ ଦଣ୍ଡଟି ଭୋଗିବାକୁ ପଡ଼ିଲା ତାହା ଆଲାହାବାଦ ସମ୍ମିଳନୀର ବିଫଳତା ପାଇଁ । ଯଦି ଏଇ କୁଚକ୍ରାନ୍ତକାରୀ ପ୍ରଭାବଶାଳୀ ଗୋଷ୍ଠୀଟିର ଜ୍ଞାନ ଉଦୟ ନହୁଏ, ଆସନ୍ତା ଥରକ ତାକୁ ଖୋଲାଖୋଲିଭାବେ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିପାରେ ଆଉ ପରିଣାମତଃ ସେଇ ପ୍ରଦେଶରେ ଅଲଗା ଅଲଗା ଦୁଇଗୋଟି ସମ୍ମିଳନୀ ଅନୁଷ୍ଠିତ ହେବ, ଯାହା ହେବ ପରବର୍ତ୍ତୀ ସମ୍ମିଳନୀର ଶାସ୍ତି ଭୋଗ ।

(ବନ୍ଦେ ମାତରମ୍, ଏପ୍ରିଲ ୩, ୧୯୦୭)

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✥


Every day, at each moment, we shall aspire to do the right thing in the right way, always.

– The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ପାପ-ପୁଣ୍ୟ କଥା

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ପାପର ଦଣ୍ଡ, ପୁଣ୍ୟର ପୁରସ୍କାର – ଏହାହିଁ ପୃଥିବୀରେ ମାନବଜୀବନର ଗତିଧାରା, ଅନ୍ତତଃ ଏଇପରି ହେବା ଉଚିତ ଏବଂ ସାଧାରଣ ମାନବର ଚଳିତ ବିଶ୍ୱାସ ମଧ୍ୟ ଏଇପ୍ରକାରେ ଘଟିଥିବାର ଆମେ ଦେଖୁ । ଅବଶ୍ୟ ରଚନାରେ ବେଳେ ବେଳେ ଯେ ବ୍ୟତିକ୍ରମ ଦେଖା ନଯାଏ, ତାହା ନୁହେଁ, ତଥାପି ଆପାତତଃ ଯାହା ଦେଖାଯାଉ ନା କାହିଁକି ଶେଷ ପର୍ଯ୍ୟନ୍ତ ପାପୀର ଦଣ୍ଡ ଭୋଗିବା ଓ ପୁଣ୍ୟବାନ୍‌ର ପୁରସ୍କାର ପାଇବା – ଏଇ ଅନିବାର୍ଯ୍ୟ ନିୟତି ନିଶ୍ଚୟ ଘଟିବହିଁ ଘଟିବ ବୋଲି ବୁଝେଇ ଦିଆହୁଏ । ଏଇ ବିଧିଲିପିର ସପକ୍ଷରେ ଆହୁରି ବି କୁହାଯାଇପାରିବ ଯେ ଏ ଜନ୍ମରେ ଯଦି ଏହା ପୂରା ନହୋଇଛି, ଆଉ ଏକ ଜନ୍ମରେ ପୁଣି ଏ ଜଗତରେ ପାପପୁଣ୍ୟର ଫଳଭୋଗ ଠିକ୍ ଭାବରେ ଯଦି କରାଯାଇ ନାହିଁ, ତେବେ ଆଉ ଏକ ଜଗତରେ ସେ ହିସାବଟି ଠିକ୍ କରି ଧରାଯିବ ।

ତେବେ ଆମର କବି ଓ ରଚୟିତା ପରଲୋକର ବା ପରବର୍ତ୍ତୀ ଜନ୍ମର ଅପେକ୍ଷାରେ ରହିବାକୁ ଚାହାନ୍ତି ନାହିଁ । ସେଥିପାଇଁ ସେମାନେ ତାଙ୍କ ରଚନାରେ ବର୍ତ୍ତମାନ ଜୀବନ ଭିତରେହିଁ ଏଇ ରହସ୍ୟର ଏକ ସମାଧାନ କରିବାକୁ ଚେଷ୍ଟା କରିଛନ୍ତି । ପ୍ରାଚ୍ୟରେ, ଆମମାନଙ୍କ ଦେଶରେ, ମହାକାବ୍ୟରେ ତଥା ନାଟକରେ କବିମାନେ ଧର୍ମର ଗ୍ଲାନିର କଥା, ଅଧର୍ମର ଅଭ୍ୟୁତ୍ଥାନର କଥା ଫୁଟାଇଛନ୍ତି ରଚନାର ମୁଖବନ୍ଧ ହିସାବରେ ଖାଲି, ଅବଶ୍ୟ ଏଇ ଦିଗଟିକୁ ଦେଖାଇବାକୁ ହୋଇଥାଏ ଯଥାସମ୍ଭବ ତୀବ୍ର ଓ ଏକାନ୍ତ କରି ଯାହାଫଳରେ ବିପରୀତ ଦୃଶ୍ୟଟି ତତୋଽଧିକ ସମୁଜ୍ଜ୍ୱଳ କରି ଫୁଟାଇହେବ; ସେ ରଚନାରେ ପାପର ପ୍ରାୟଶ୍ଚିତ୍ତ ଓ ପୁଣ୍ୟର ଶୁଭଫଳର ବିଷୟଟି ସେଇଭଳି ପରିଷ୍କାର, ପରିସ୍ଫୁଟ ଓ ସର୍ବଜନ ପ୍ରୀତିକର ହୁଏ । ରାମାୟଣ ଓ ମହାଭାରତରେ ଏଇ ତଥ୍ୟଟି କି ପ୍ରକାର ସୁସ୍ପଷ୍ଟ ହୋଇ ଦେଖା ହୋଇଛି, ଏହା ଆମ ସମସ୍ତଙ୍କୁ ଜଣା । ୟୁରୋପୀୟ ନାଟକରେ ମଧ୍ୟ ଏଇ ଧାରା ପ୍ରଚଳିତ ଥିଲା ବୋଲି ଆମେ ଜାଣୁ – ମ୍ୟାକ୍‌ବେଥ୍ ଓ ଲେଡ଼ି ମ୍ୟାକ୍‌ବେଥ୍‌ଙ୍କର କେମିତି ଅଭ୍ୟୁଦୟ ହେଲା ଓ ଶେଷଫଳ କ'ଣ ହେଲା, ଏହା ପାଠକଲେ ଏବେ ବି ମନରେ, ପ୍ରାଣରେ ରୋମାଞ୍ଚ ଜାତ ହୁଏ । ତୁଳନା କରି ଦେଖିଲେ ପୁଣ୍ୟର ପୁରସ୍କାରଟି ସେପରି କିଛି ସମାରୋହ ଦେଖାଇବା ଭଳି ହୋଇ ନାହିଁ ।

ଗ୍ରୀକ୍ ନାଟକରେ ମଧ୍ୟ ଏଇଭଳି ପାପର ପ୍ରାୟଶ୍ଚିତ୍ତ ଅତି ଉଗ୍ର ଓ ପୁଣ୍ୟର ପୁରସ୍କାର ଅତି ଗୌଣ ଭାବରେ ଚିତ୍ରିତ ହୋଇଛି । ଗ୍ରୀକ୍ କବିମାନଙ୍କ ହାତରେ ପ୍ରାୟଶ୍ଚିତ୍ତ ଓ କର୍ମଫଳ କହିଲେ ଏ ଜୀବନର ଦୁର୍ଯୋଗକୁହିଁ ବୁଝାଏ, ବିଶେଷକରି ଦୁଃଖକଷ୍ଟ, ଶାରୀରିକ ଯନ୍ତ୍ରଣାଭୋଗ... ଇତ୍ୟାଦି । ତେବେ ଗ୍ରୀକ୍ ଚେତନାରେ ପାପର ଏକ ବିଶେଷ ସଂଜ୍ଞା ରହିଛି କିଂବା ସେଇଭଳି ରୂପ ତାକୁ ଦିଆଯାଇଛି, ଯଥା : ସର୍ବଜନମାନ୍ୟ ବିଧିନିଷେଧକୁ ଅମାନ୍ୟ କରିବା, ସମାଜରେ ଯେଉଁ ବିଧିବ୍ୟବସ୍ଥା ଚାଲୁ ରହିଛି, ତା'ର ବିରୁଦ୍ଧାଚରଣ କରିବା, କିଂବା ଦେବତାଙ୍କର ବିରାଗଭାଜନ ହେବା ଭଳି କିଛି ଦୁଷ୍କର୍ମ କରିବା । ରାଜା ଇଡ଼ିପସ୍‌ଙ୍କ ମନରେ କୌଣସି ପାପ ପ୍ରବୃତ୍ତି ନଥିଲା, ସେ ଅଜ୍ଞାତସାରରେ ଗୋଟିଏ ଅସାମାଜିକ ଓ ନୀତିବିରୁଦ୍ଧ ଗର୍ହିତ କାମ କରି ପକାଇଥିଲେ, ଫଳରେ ତାଙ୍କ ଦୁର୍ଦ୍ଦଶାର ଅନ୍ତ ରହିଲା ନାହିଁ, ମୃତ୍ୟୁ ମଧ୍ୟ ସେ ଦୁର୍ଦ୍ଦଶା ଘୁଞ୍ଚାଇ ପାରି ନାହିଁ । ଏବଂ ତାଙ୍କର କନ୍ୟା ଆଣ୍ଟିଗୋନା ସ୍ୱଭାବତଃହିଁ ସରଳତା, ମାଧୁର୍ଯ୍ୟ ଓ ସତ୍ୟସଂଧତାର ପ୍ରତିମୂର୍ତ୍ତି; ମାତ୍ର ସେ ରାଜାଙ୍କର ଗୋଟିଏ ବ୍ୟବସ୍ଥାକୁ ସ୍ୱୀକାର କରିପାରିଲା ନାହିଁ, ଏକ ଅସାମାଜିକ କାମରେ ପ୍ରବୃତ୍ତ ହେଲା । ସୁତରାଂ ତା'ର ପ୍ରାୟଶ୍ଚିତ୍ତ ଦୁଃଖଜନକ ହୋଇଗଲା । ସେମିତି ଆଗାମେମନନ ଓ ତାଙ୍କ ରାଣୀ କ୍ଲିଟେମ୍‌ନେଷ୍ଟ୍ରା ଆରମ୍ଭ ଜୀବନରେ କିଛି ଗୋଟିଏ ଗର୍ହିତ ଆଚରଣ କରି ପକାଇଥିଲେ ଏବଂ ପରିଣାମ ଏପରି ହେଲା ଯେ ଆହୁରି ଗର୍ହିତ ଆଚରଣ ମଧ୍ୟରେ ଭାଗ୍ୟ ତାଙ୍କୁ ଟାଣି ନେଇ ଚାଲିଲା, କର୍ମଫଳ ଆହୁରି ଟାଣି ହୋଇ ଚାଲିଲା ଯେମିତି ଚକ୍ରବୃଦ୍ଧି ହାରରେ ସୁଧ । ସେସବୁ ଟ୍ରାଜେଡ଼ି ହେଉଛି ଜୀବନର ନିଗୂଢ଼

* ଇଂରାଜୀ ତଥା ଗ୍ରୀକ୍ ନାଟକ ଉପରେ ନିବନ୍ଧିତ ଏଇ ଆଲୋଚନାର ପ୍ରଥମାଂଶ, ପରବର୍ତ୍ତୀ ଅଂଶରେ ଶ୍ରୀଅରବିନ୍ଦଙ୍କ ସ୍ପର୍ଶରେ ଇଂରାଜୀ ନାଟକର ଗତିମୁଖ କିପରି ପରିବର୍ତ୍ତିତ ହୋଇଛି, ତାହାର ଏକ ତୁଳନାତ୍ମକ ଆଲୋଚନା ଲେଖକ ଏଠାରେ କରିଛନ୍ତି ।

– ସମ୍ପାଦନା

pathos – ମର୍ମନ୍ତୁଦ କାରୁଣ୍ୟ । ଅଥଚ ସ୍ୱଭାବ ଭିତରେ ଗୋଟିଏ କୁଟିଳତା ବା ପଙ୍କିଳତା ଆନ୍ତର ଚେତନାକୁ କେମିତି ଘୃଣ୍ୟ କି ଜଘନ୍ୟ କରି ଦେଇପାରେ, ସେ ତଥ୍ୟସବୁ ସାହିତ୍ୟରେ ଦର୍ଶିତ ହୋଇ ନାହିଁ । ମିଡ଼ିୟା 'ୟୁରିପିଡିସ୍'ର ମଧ୍ୟରେ ହୁଏତ ପ୍ରାଣାବେଗର ରାକ୍ଷସୀ ବା ପୈଶାଚିକୀ ବୃତ୍ତି ପ୍ରତିଫଳିତ ହୋଇଥିଲା ଏବଂ ପ୍ରତିକ୍ରିୟା ମଧ୍ୟରେ ଅତ୍ୟଧିକ ଦୁର୍ଭୋଗ ଭିତରଦେଇ ତାକୁ ଯିବାକୁ ହୋଇଥିଲା ଏବଂ ପ୍ରାୟଶ୍ଚିତ୍ତ ମଧ୍ୟ ସେ କ୍ଷେତ୍ରରେ ଯଥେଷ୍ଟ ହୋଇଥିଲା – ଗ୍ରୀକ୍ ସାହିତ୍ୟର ଏଇ ଗୋଟିକ ରଚନାରେହିଁ (ଆନ୍ତର ଚେତନାରେ ପାପର ପ୍ରତିକ୍ରିୟା ଓ ଫଳାଫଳ) ଏପରି ଦେଖିବାକୁ ମିଳେ । ତା'ପରେ ଦେଖିବା ଇଂରାଜୀ ନାଟକର କଥା ।

ସେକ୍ସପିଅରଙ୍କ ମଧ୍ୟରେହିଁ ଏଇ ଧାରାଟି ଯେପରି ପୂର୍ଣ୍ଣ ମୂର୍ତ୍ତିରେ ଫୁଟି ଉଠିଛି ତା'ର ସମସ୍ତ ପ୍ରବେଗକୁ ନେଇ – ଆମେ ତାହା ଲକ୍ଷ୍ୟ କରିଥାଉ ଏବଂ ତାଙ୍କର ବୈଶିଷ୍ଟ୍ୟ ଏଇଠାରେହିଁ । ପାପର ସ୍ୱରୂପ ବାହ୍ୟ ଆଚରଣରେ ଖାଲି ପ୍ରକାଶ ପାଏ ନାହିଁ ଅଥବା ସମାଜର ଦୃଢ଼ ନିୟମକୁ ଭଙ୍ଗ କରିବାରେ ନଥାଏ, ତା' ହେବାକୁ ସୁଯୋଗ ପାଏ ଅନ୍ତରରେ ଏକ ଜାଗାରେ କ୍ଲେଦ ଜମିଲେ ବା ସେଠି କିଛି ପଚିବାକୁ ଆରମ୍ଭ କଲେ, ଭାବରେ ବିକୃତି ଦେଖାଗଲେ, ବୃତ୍ତି ମଧ୍ୟକୁ ଏକାନ୍ତ ଅଶୁଦ୍ଧି ଆସି ଆସ୍ଥାନ ଜମାଏ । ପାପୀ ଯେ ପରପୀଡ଼ନ କରେ ବା ହତ୍ୟାକରେ, ସେଇଟା କେବଳ ବାହ୍ୟ ଲକ୍ଷଣ, ମାତ୍ର ଅସଲରେ ପ୍ରାଥମିକ ଅବସ୍ଥାରେ ସେ ନିଜ ଭିତରେ ଗୋଟିଏ ନରକ ସୃଷ୍ଟି କରିଥାଏ, ଚେତନା ମଧ୍ୟରେ ନାରକୀୟ ପ୍ରେରଣା ଆସି ଜାଗିଥାଏ । ଏସବୁର ବାହ୍ୟପ୍ରକାଶ ଯାହା ହୋଇଥାଉ ନା କାହିଁକି, ବାହ୍ୟ ସମୃଦ୍ଧି ଓ ସାଫଲ୍ୟ ହୁଏତ ଯଥେଷ୍ଟ ବେଶୀ ଥାଇପାରେ; ଅନେକ ସମୟରେ ଏଇ ସମୃଦ୍ଧି ଓ ସଫଳତା ହେତୁ ନାରକୀୟ ଭାବ ବି ଅନ୍ତରରେ ଦୃଢ଼ତା ଜମାଇ ବସେ ଏବଂ ତାହାରହିଁ ନାମ ପାପର ପ୍ରତିକ୍ରିୟା ଅର୍ଥାତ୍ ମାନସିକ ଅଧଃପତନ ବା ଚେତନାର ବିକଳତା ଏବଂ ଏଇଠାରେହିଁ ପାପର ପ୍ରାୟଶ୍ଚିତ୍ତ । ମ୍ୟାକ୍‌ବେଥର କଥା ଉତ୍ଥାପନ କରି ସେଇ ଦମ୍ପତିର କି ଶୋକାବହ ପରିଣାମ ସେ ଦର୍ଶାଇ ନଥିଲେ ! ରାଜା ଲିୟର ଓ ଅଥେଲୋର ଚରିତ୍ର ଚିତ୍ରଣରେ ଆମେ ଦେଖୁ ପଙ୍କିଳ ମନୋବୃତ୍ତିର ପ୍ରତିକ୍ରିୟା, ପ୍ରତିଶୋଧ ଓ ପ୍ରତିହିଂସା । 'ହାମ୍‌ଲେଟ୍-ଟ୍ରାଜେଡ଼ି'ର ମୂଳ କଥାଟି ହାମ୍‌ଲେଟ୍‌ର ମା'ର ପଦସ୍ଖଳନରେ ଯେତେ ଅଧିକ ଫୁଟି ନାହିଁ, ତା'ଠାରୁ ବେଶୀ ପରିସ୍ଫୁଟ ହୋଇଛି ତା'ର ନିଜର ପ୍ରତିହିଂସାପରାୟଣତାରେ, ଉଦ୍ୟତଫଣା-ଜିଘାଂସା, ଅଶାଳୀନ, ଅସମୀଚୀନ ମନୋଭାବରେ, ପାପ-କର୍ମ ଉପରେ ଜୁଗୁପ୍ସା ଓ ଉତ୍କଟ ଘୃଣାରେ । ସେଇ ଅଗ୍ନିରେ ହାମ୍‌ଲେଟ୍ ନିଜେ ପତଙ୍ଗ ପରି ଆଉ ତା'ର ଅସହାୟା ବାଳିକାବନ୍ଧୁ ଅଫେଲିୟା ପର୍ଯ୍ୟନ୍ତ ନିପତିତ, ଭସ୍ମୀଭୂତ; ତେବେ ଲକ୍ଷଣୀୟ ଯେ ହାମ୍‌ଲେଟ୍‌ଙ୍କ ପ୍ରତିହିଂସା ପ୍ରାକୃତଜନର ପ୍ରତିହିଂସା ପରି ନୁହେଁ । ତାହା ଟିକିଏ ପୃଥକ୍ ଧରଣର – ସେ ଥିଲେ ଗୁଣିଜନ । ତାଙ୍କୁ ପ୍ରତିହିଂସା-ପରାୟଣ କରିଛି ତାଙ୍କର ଏକ ମହାନ୍ ଆଦର୍ଶ । ତାଙ୍କର ନିଷ୍ପାପ ଆଖିରେ ଧରାପଡ଼ିଛି ପାର୍ଥିବ ମଣିଷର କଦର୍ଯ୍ୟତା, ତାଙ୍କ ମଧ୍ୟକୁ ଏକ ପ୍ରେରଣା ଆସିଛି ଯେ ଏଇ ମାଳିନ୍ୟକୁ ସଂଶୋଧନ କରାଯାଇପାରିବ କି ନାହିଁ । ମାତ୍ର ଅନ୍ତିମ ପର୍ବରେ ସେ ଦେଖିପାରିଲେ ଯେ ଏ କାମଟି ଅସମ୍ଭବ ଏବଂ ଯିଏ ଏଇଭଳି କାମରେ ହାତ ଦିଏ, ତାହାର ଜୀବନ ହୁଏ ଶାପଗ୍ରସ୍ତ । ଅତି ଦୁଃଖରେ, କ୍ଷୋଭରେ ତାଙ୍କୁ ଶେଷରେ କହିବାକୁ ପଡ଼ିଥିଲା :

The time is out of joint, O cursed spirit,
That ever I was born to set it right.

## (୨)

ଶ୍ରୀଅରବିନ୍ଦଙ୍କ ଜୀବନସାଧନା ଏଇ ସୀମାପ୍ରାନ୍ତରୁହିଁ ଆରମ୍ଭ ହୋଇଥିଲା । ସୁବୁଦ୍ଧି-ପ୍ରଣୋଦିତ ହୋଇ ମଧ୍ୟ ମନୁଷ୍ୟ ବ୍ୟର୍ଥ ହୋଇପଡ଼ିଛି ଯେଉଁଠି ପହଞ୍ଚ, ସେଇଠାରୁହିଁ ଶ୍ରୀଅରବିନ୍ଦଙ୍କ କର୍ମଧାରା ଆରମ୍ଭ ହୋଇଛି । ତାଙ୍କର କାମ ହେଉଛି – ଜଗତର ଭଙ୍ଗାକପାଳକୁ ଯୋଡ଼ିବା, ମାନବୀୟ ଭାଗ୍ୟରେ ଯେଉଁ ଦୁର୍ଯୋଗ ରହିଆସିଛି, ତାହାକୁ କିପରି ସୁଯୋଗରେ ପରିଣତ କରିବା । ତେଣୁ ତାଙ୍କର ସମଗ୍ର କାବ୍ୟ-ଜଗତରେ କ'ଣ ତାଙ୍କ ଜୀବନ-ବେଦର ବି ମୂଳକଥା ହେଉଛି ପ୍ରେମ ଓ ମୃତ୍ୟୁର ଦ୍ୱନ୍ଦ୍ୱ, ଏବଂ ପରିଣାମରେ ପ୍ରେମର ଜୟ ତଥା ମୃତ୍ୟୁର ମରଣ ।

ମୃତ୍ୟୁ କ'ଣ ? ଅତୀତର ସ୍ଥିର ଚେତନାର ଯେଉଁ ପ୍ରଲମ୍ବିତ ଗତି, ଅଟଳ ଆୟତନର ଯେଉଁ ପ୍ରସାର – ବର୍ତ୍ତମାନ କହିଲେ ଆମେ ତାହାକୁହିଁ ବୁଝୁ, ଏଇ ତାମସ ନିର୍ବନ୍ଧକୁ – ଯାହାର ଅନ୍ୟ ନାମ ମୃତ୍ୟୁ । ଏଇ ସୁପ୍ତିର ଗଳିତ ଅବସ୍ଥାରୁ ଜାଗି ଉଠିବ ନବଜୀବନ, ଅନ୍ଧକାରର କବଳରୁ ସ୍ଫୁରିତ ହେବ ହିରଣ୍ମୟ ଊଷା । ପୃଥିବୀ ମୂଳତଃ ସ୍ଥୂଳତଃ ଭୂଷିତ ହେବ ନବ-ସୌନ୍ଦର୍ଯ୍ୟରେ, ମନୁଷ୍ୟ ଅର୍ଜନ କରିବ ଅମୃତର ପରମ-ଶ୍ରୀ ।

ଶ୍ରୀଅରବିନ୍ଦଙ୍କ ଦର୍ଶନର ତଥା ସାଧନାର ମୂଳ କଥାଟି ଏଇଠି ରହିଛି ।

ନାଟ୍ୟକାର ହିସାବରେ ଶ୍ରୀଅରବିନ୍ଦ ତାଙ୍କ ନାଟକାବଳୀରେ ଏଇ ମୂଳମନ୍ତ୍ରଟିକୁ ବିଭିନ୍ନ ଘଟନାସ୍ରୋତରେ, ବିଚିତ୍ର ପାତ୍ରପାତ୍ରୀଙ୍କ ଆଶ୍ରୟରେ ରୂପାୟିତ କରିବାକୁ ଯାଇଛନ୍ତି । ପାପ ଓ ପୁଣ୍ୟର କଥା – ଆମ ଦୃଷ୍ଟିରେ ଅଧସ୍ତନ ଚେତନାକୁ ଧରିରଖିବା ହେଉଛି ପାପ, ସେଇଠାରୁ ଉତ୍ତରଣ କରିବା ହେଉଛି ପୁଣ୍ୟର ତପସ୍ୟା । ଧରାଯାଉ ପରିତ୍ରାଣକାରୀ ପର୍ସିୟସ୍ ନାଟକଟି – ଏଥିରେ ଚେତନାର ଉତ୍ତରଣର କଥା ଅତି ସୂକ୍ଷ୍ମଭାବରେ ଉଲ୍ଲେଖ କରାଯାଇଛି । ଅତୀତର ଜଗତ୍ ତାହାର ଅନ୍ଧପ୍ରେରଣା, ଅଶୁଦ୍ଧ ପ୍ରାଣାବେଗ ନେଇ ରହିଥାଏ, ତା'ର ଧର୍ମ ତାମସିକ, ପୂରା ତା' ନହେଲେ ବି ତାମସ-ରାଜସିକ; ଏହାକୁ ପରାଭୂତ କରି ଦୂରକୁ ଠେଲି ଦେଇ ଅଥବା ଘୁଞ୍ଚାଇ ଦେଇ, ସେଇ ସ୍ଥାନରେ ଆଲୋକର, ସତ୍ତ୍ୱଗୁଣର ଜଗତକୁ ଆଣି ପ୍ରତିଷ୍ଠିତ କରିବା – ଏହାହିଁ ନାଟକର ବିଷୟବସ୍ତୁ । ପ୍ରାଚୀନତମ ଆସୁରିକ ସଭ୍ୟତା, ରାକ୍ଷସ ଏପରିକି ପୈଶାଚିକ ସଭ୍ୟତା ଲୋପ ପାଇବ, ପରିବର୍ତ୍ତରେ ଆସିବେ ଆଲୋକର ପୂଜାରୀ – ଗ୍ରୀକ୍ ସଭ୍ୟତାର ଲୋକେ; ଏଇ ପ୍ରତୀକଟିକୁ ଆଶ୍ରୟ କରି ମାନବଚେତନାରେ ଗୋଟିଏ ଉତ୍ତରଣର କଥା କୁହାଯାଇଛି 'ପର୍ସିୟସ୍' କାହାଣୀରେ । ଏଇ ମୂଳ ବିଷୟବସ୍ତୁର ନାମାନ୍ତର ହେଲା ପ୍ରେମମୃତ୍ୟୁର ରହସ୍ୟ । ଶ୍ରୀଅରବିନ୍ଦ ତାଙ୍କ ପ୍ରଥମ ଜୀବନରେ Love and Death କାବ୍ୟରୁ ଆରମ୍ଭ କରି ପରିଣତ ବୟସର Savitri ଗ୍ରନ୍ଥ ପର୍ଯ୍ୟନ୍ତ ଏକହିଁ ମନ୍ତ୍ରର ଜପସାଧନା କରିଛନ୍ତି । ଫଳରେ ଶ୍ରୀଅରବିନ୍ଦଙ୍କ ସମସ୍ତ ନାଟକରେ ପ୍ରେମର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି, ମୃତ୍ୟୁର ସାମ୍ରାଜ୍ୟରେ ପ୍ରେମର ଅଭିଯାନ ଏବଂ ଅଭିଜୟ । ମୃତ୍ୟୁ ଭିତର ଦେଇ, ମୃତ୍ୟୁର ଅଗ୍ନିରେ ଦଗ୍ଧ ହୋଇ ପ୍ରେମ ଯେପରି ହୋଇଉଠେ ନିକଷିତ ହେମ । ପ୍ରେମର ଦେହଗତ ପୂର୍ଣ୍ଣ ବିଜୟ ହୋଇଛି Perseus the Deliverer ନାଟକରେ ।

Eric ନାଟକରେ ପ୍ରେମର ଆହ୍ୱାନ ଯାଇ ପହଞ୍ଚିଛି ବୀର ହୃଦୟ ପାଖରେ ଏବଂ ସେଇ ସଂଘର୍ଷ ଭିତର ଦେଇ ତା'ର ସ୍ୱରୂପ ପ୍ରକଟିତ ହୋଇଛି । ବୀର୍ଯ୍ୟ ଓ କ୍ଷାତ୍ରତେଜ ମନୁଷ୍ୟର ବରଣୀୟ ସମ୍ପଦ, ଅବଶ୍ୟ ତାହାର ସମାଦର ଚାଲି ଆସୁଛି କେଉଁ ଯୁଗରୁ; ତେବେ ସେଗୁଡ଼ିକ ମନୁଷ୍ୟର ଅର୍ଦ୍ଧାଙ୍ଗ ମାତ୍ର । ଏଇ ବସ୍ତୁଟି ଉନ୍ନୀତ ହୁଏ, ମାର୍ଜିତ ତଥା ସମୃଦ୍ଧ ହୁଏ ପ୍ରେମର ସ୍ପର୍ଶରେ ଓ ପ୍ରେମର ସାନ୍ନିଧ୍ୟରେ ଏବଂ ପ୍ରେମ ମଧ୍ୟ ଯେତେବେଳେ ଖାଲି ଆବେଗ ଉଚ୍ଛ୍ୱାସ ନ ହୋଇ, ହୋଇଥାଏ ଶକ୍ତିମାନ୍, ସେତେବେଳେ ଅନ୍ତରତମ ଅନୁଭୂତିରେ ଯାଇ ପହଞ୍ଚେ ପ୍ରେମର ଶକ୍ତି, ଯାହାହିଁ ମାନୁଷୀଚେତନାର ପରିପୂର୍ଣ୍ଣତା । ପ୍ରେମର ସହଜ ଆତ୍ମଦାନ, ପରାର୍ଥପରତା – ଅପର ବ୍ୟକ୍ତିମାନଙ୍କ ମଧ୍ୟରେ, ଆବେଷ୍ଟନରେ, ପରିବେଶ ମଧ୍ୟରେ ପ୍ରୀତିର ସହୃଦୟତା ଓ ସାମଞ୍ଜସ୍ୟ ଖେଳେଇ ଦିଏ; ବୀର୍ଯ୍ୟର ଏଇ ସୁଖସାର ପରିଣାମ Eric ନାଟକର ବସ୍ତୁସାର – ନାୟକନାୟିକାଙ୍କ ପ୍ରେମର ସାର୍ଥକତା ।

ଏଇ ପରିଣାମର କିଛି ବିପରୀତ ବସ୍ତୁ ବାହ୍ୟତଃ 'Rodogune' ନାଟକରେ ପାଉ – ବିଷାଦ ଯୋଗ । ଏଇ ରଚନାରେ ପ୍ରେମସାଧନା ଭିନ୍ନପଥ ଗ୍ରହଣ କରିଛି, ପ୍ରେମ ମୃତ୍ୟୁକୁ ବରଣ କରିଛି – ରୋମିଓ ଜୁଲିଏଟ୍ ଏଠାରେ ସ୍ମରଣୀୟ, ଯେଉଁଠି ଦେହକୁ ବଳି ଦିଆଯାଇଛି । ତେବେ ଏଇ ଆତ୍ମତ୍ୟାଗରେ (ଅର୍ଥାତ୍ ଦେହତ୍ୟାଗରେ) ପ୍ରେମର ବିଜୟ ମୂର୍ତ୍ତ ହୋଇ ଉଠିଛି, ଘୋଷଣା କରାହୋଇଛି : ପ୍ରେମ ଶାରୀର ବସ୍ତୁ ନୁହେଁ, ପ୍ରେମ ଶରୀରକୁ ମାଧ୍ୟମକରି ତାକୁ ଅନୁପ୍ରାଣିତ କରେ, କିନ୍ତୁ ତା'ର ସ୍ଥିତି ବା କ୍ରିୟା ଶରୀର ମଧ୍ୟରେ ଆବଦ୍ଧ ନୁହେଁ । ଶରୀର ଥାଉ ଅବା ନ ଥାଉ, ପ୍ରେମ ଚିରକାଳ ଜୀବନ୍ତ; ମୃତ୍ୟୁ ପରେ ମୃତ୍ୟୁର ପରପାରରେ ଚିରନ୍ତନ ଗୋଲୋକରେ ପ୍ରେମିକ ପ୍ରେମିକା ସମ୍ମିଳିତ । ଏ ଜଗତରେ ଶାରୀର-ଯନ୍ତ୍ରଣା, ଦୁଃଖକଷ୍ଟ ଆଦି ପ୍ରେମର ଇନ୍ଧନ, ମୃତ୍ୟୁ ହେଉଛି ତାହାର ଉପସେଚନ ।

ଅନ୍ୟ ନାଟକ 'ବସୋରାର ଉଜୀର' ପକ୍ଷାନ୍ତରରେ ପ୍ରେମର ଯେପରି ବୃନ୍ଦାବନ ଲୀଳା – ବିଶୁଦ୍ଧ ଅମିଶ୍ର ପ୍ରେମର ଅହୈତୁକ ଅବାଧ ବିଳାସ । ଏଥିରେ ବାଧାବିପତ୍ତି ବି ଦେଖାଦେଇଛି, ତେବେ ଏକାନ୍ତ ସ୍ୱାଭାବିକ ଭାବରେ ସେସବୁ ଆସି ପହଞ୍ଚିଛି ଯେମିତି ପ୍ରେମର ଖେଳରେ ସେସବୁ ଅପରପକ୍ଷ ମାତ୍ର । ଖେଳଟି ଭଲକରି ଜମିବା ସକାଶେ ଅପରପକ୍ଷ ଦରକାର ହୋଇଥାଏ । ଏଠାରେ ଯାହା ଦର୍ଶିତ ହୋଇଛି, ତହିଁରେ ନାଟକଟି ଘଟିଛି ପାର୍ଥିବ ଭୂମିରେ, ଅଥଚ ମନେହୁଏ ସେଥିରେ ଯେମିତି ଶିଶୁଚେତନାର ନିର୍ମଳତା କିଏ ମିଶାଇ ଦେଇଛି । ଶିଶିର ପରି ତାହା ଏପରି ସ୍ୱଚ୍ଛ, ଟଳମଳ ଯେ ମାଟିର ଜିନିଷ ହେଲେ ବି ଆମେ ସେଥିରେ ବୁଡ଼ ଲଗାଇ ଓ ପରିଶ୍ରୁତ ପରିଶୁଦ୍ଧ ହୋଇଯାଇ ପାରିବା ।

'ବାସବଦତ୍ତା' ରେ ଯେଉଁ ପ୍ରେମଟି ଦେଖାହୋଇଛି,

ତାହା ପ୍ରେମର ଅଭିଜାତ, ଅଭିରୂପ-ଭୂୟିଷ୍ଠ ପ୍ରତିରୂପ କୁହାଯାଇପାରେ । ପ୍ରାକୃତଜନର ଅନ୍ଧ ଆବେଗ ଏଥିରେ ନାହିଁ, ସାଧାରଣ ବ୍ୟକ୍ତିର ରୂଢ଼ କାମସ୍ପୃହା ଏଥିରେ ନାହିଁ, ଯାହା ରହିଛି ତାହା ମାର୍ଜିତ ଚେତନାର ଏକ ଆନ୍ତର ଗଭୀରତାର ଶ୍ରୀମୟ ମହିମାର ପରିପ୍ରକାଶ । ପ୍ରେମର ଆଧାର ଏଠାରେ ଶିକ୍ଷାଦୀକ୍ଷାରେ ଉନ୍ନତ, ଋଦ୍ଧିମନ୍ତ, ଶୀଳଶାଳିନ୍ୟରେ ସମୁନ୍ନତ, ଦେବସୁଲଭ ଆଚରଣରେ ଗୌରବାନ୍ୱିତ ।

ଜାଗତିକ ଜୀବନର ନିରାନନ୍ଦ ତଥା ମୃତ୍ୟୁର ଯେଉଁ ପାଶ ରହିଛି, ସେଥିରୁ ଶ୍ରୀଅରବିନ୍ଦ ଆମକୁ ତାଙ୍କ ରଚନାର ଯାଦୁ ସ୍ପର୍ଶ ଦେଇ ଉଦ୍ଧାର କରି ଊର୍ଦ୍ଧ୍ୱାୟିତ କରିଛନ୍ତି କେବଳ ପ୍ରେମର ଜୀବନ୍ତ ମାୟାବଳରେ ।

ଟ୍ରାଜେଡ଼ି, ବିଶେଷ କରି ପାଶ୍ଚାତ୍ୟ ଟ୍ରାଜେଡ଼ି ଯେଉଁ ମୂଳବିଷୟ ତତ୍ତ୍ୱଟି ଉପରେ ଆଧାରିତ ହୋଇଥାଏ, ସେଗୁଡ଼ିକ ହେଉଛନ୍ତି ମୃତ୍ୟୁ କିଂବା ଏକାନ୍ତ ଦୁଃସ୍ଥତା, ଦୈନ୍ୟ, କୃପଣତା ଓ କାରୁଣ୍ୟ ଭଳି ବିଷାଦମୟ ସ୍ଥିତି । ପାଶ୍ଚାତ୍ୟରେ କବି ତଥା ସୁଧୀଗଣ ମୃତ୍ୟୁର ରାଜ୍ୟକୁ ସୂକ୍ଷ୍ମଦୃଷ୍ଟିରେ ପରିଦର୍ଶନ କରିଛନ୍ତି, ମୃତ୍ୟୁରାଜ୍ୟର ଭିତର ଦେଇ ଯାଇଛନ୍ତି, ମୃତ୍ୟୁର ଅଭିଜ୍ଞତା ଲାଭ କରିଛନ୍ତି ଏବଂ ପରିଣାମରେ ମୃତ୍ୟୁର କବଳରେ ଅନ୍ତର୍ହିତ ହୋଇଛନ୍ତି । ସେକ୍ସପିଅର୍ କରୁଣ କଣ୍ଠରେ କହିଛନ୍ତି : 'କଷ୍ଟ ସହ୍ୟ କରି ଚାଲିବା ବ୍ୟତୀତ ଆଉ କ'ଣ ଉପାୟ ଅଛି ମର୍ତ୍ତ୍ୟଜୀବର'–

*And in this harsh world*
*Draw thy breath in pain.*

ଏହାଠାରୁ ବେଶୀ ମଣିଷ ମଧରେ ଆଉ କ'ଣ କରଣୀୟ, ଏହାଠାରୁ ଅଧିକ କିଛି ଯଦି ମଣିଷ କରିବାକୁ ବସେ, ତେବେ ତା'ର ଗତି ହାମ୍‌ଲେଟ୍ ଭଳି ହେବା ଛଡ଼ା ଆଉ କ'ଣ ହୋଇପାରେ ! ଏଇଟାହିଁ ସେମାନଙ୍କର ମତବାଦ ।

ପ୍ରାଚ୍ୟର ଦୃଷ୍ଟି ଆଉ ଟିକିଏ ଉପରେ, ଆଉ ଟିକିଏ ଆଗକୁ ଯାଇଛି – ମୃତ୍ୟୁର ସୀମା ମଧରେ ରହି ମଧ ତା'ର ସୀମାକୁ ଅତିକ୍ରମ କରିହେବ । ସେକ୍ସପିଅରଙ୍କ ଯାହା ଅନୁଭବ, ତା'ଠାରୁ ମାତ୍ର ଟିକିଏ ପୃଥକ୍ –

ଅନିତ୍ୟମ୍ ଅସୁଖଂ ଲୋକମ୍ ଇମଂ ପ୍ରାପ୍ୟ –

ଗୀତାର ଦୃଷ୍ଟି ବିଷାଦରେ ଶେଷ ହୋଇଯାଇ ନାହିଁ, ତେଣୁ ଏଇ ଉପଲବ୍ଧିର ସହିତ ଯୋଗ କରିଦେଇଛି ଅପୂର୍ବ ଗୋଟିଏ ବାକ୍ୟ, 'ଭଜସ୍ୱ ମାମ୍'; ସେଥିରେ ଆଣି ଦେଇଛି ସବୁ ସମସ୍ୟାର ମୀମାଂସା, ପରମ ସମାଧାନ । ଟ୍ରାଜେଡ଼ିର ସେପାଖରେ ରହିଛି ଆମମାନଙ୍କର ଆନନ୍ଦମ୍ ଅମୃତମ୍, ଖ୍ରୀଷ୍ଟୀୟ ସାଧକ କବି ମଧ ଯେଉଁ କଥା କହିଯାଇଛନ୍ତି : Divina Commedia ।

ଟ୍ରାଜେଡ଼ି ହେଉଛି ଉପନିଷଦର ଋଷି-ଦୃଷ୍ଟିର ଅର୍ଦ୍ଧେକର କଥା – ମାନବଜୀବନର ସମଗ୍ର ପଥ ମଧରୁ ଅର୍ଦ୍ଧଯାଏଁ ଯାହାର ଅବଧି; କବି ଦାନ୍ତେ ବି ତାଙ୍କର ନରକ ଦର୍ଶନ ବିଷୟରେ କହୁଛନ୍ତି : ଜୀବନର ଅଧା ବାଟ ଚାଲି ସେଠାରେ ଉପନୀତ ହୋଇଛନ୍ତି ସିଏ –

'*Nel mezzo del cammin di nostra vita.*'

ଫଳତଃ ମାନବଜୀବନର ଅର୍ଦ୍ଧାଂଶ ଅବିଦ୍ୟାର ଅଭିଜ୍ଞତା, ଏଇ ଅଭିଜ୍ଞତାର ଭିତର ଦେଇ ପଥ ଚାଲିବା ଅର୍ଥ ମୃତ୍ୟୁକୁ ପାରିହେବା –'ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା'; ଏପର୍ଯ୍ୟନ୍ତ ଯେଉଁ ଯାତ୍ରା, ତାକୁ ଲୌକିକ ଜୀବନର ଅସମାପ୍ତ ଜିଜ୍ଞାସା ବୋଲି କୁହାଯିବ । ତେବେ ରହସ୍ୟ ପୂରଣ ହେବ ପରବର୍ତ୍ତୀ ଅର୍ଦ୍ଧେକରେ, ବିଦ୍ୟାର ଅଭିଜ୍ଞତାକୁ ଆଶ୍ରୟ କରି, ଅମୃତତ୍ୱ ଲାଭ କରି 'ବିଦ୍ୟୟା ଅମୃତମ୍ ଅଶ୍ନୁତେ' । ଦାନ୍ତେ ତାଙ୍କ ମୃତ୍ୟୁର ଅଭିଜ୍ଞତାରେ ହୋଇ ଉଠିଥିଲେ ଯେପରି ପଥର, ହୃଦୟ ତାଙ୍କର ଶୁଷ୍କ, ରୁକ୍ଷ, କଠୋର ହୋଇ ଯାଇଥିଲା – sidientro impietrai, ତେବେ ସେ ମଧ ଭାଗବତ କରୁଣାର ଅଧିକାରୀ ହୋଇଥିଲେ, ପରିଣାମରେ ସମସ୍ତ ଅନ୍ତର୍ବର୍ତ୍ତୀ ଜଗତ୍ ପାରିହୋଇ ପହଞ୍ଚିଥିଲେ ଯାଇ ସ୍ୱର୍ଗର ଶାନ୍ତିମୟ ଧାମରେ ।

ଗ୍ରୀକ୍ ନାଟକରେ ଯେ ଏକଥା ଉଲ୍ଲେଖ କରାଯାଇ ନାହିଁ, ତାହା ନୁହେଁ : ପାପର ଫଳ, କର୍ମର ଫଳ ମନୁଷ୍ୟକୁ ଅନୁସରଣ କରିଚାଲେ ଯକ୍ଷିଣୀ, ରକ୍ଷିଣୀ, ଯୋଗିନୀ ଓ ନାଗିନୀର ଶକ୍ତି ଭଳି, ମଣିଷକୁ ନିରନ୍ତର ଯନ୍ତ୍ରଣା ଦେଇ ତା' ପଛେ ପଛେ ଗୋଡ଼ାଇଥାଏ; ଏମାନଙ୍କ ହାତରୁ ରକ୍ଷା ପାଇବା ସମ୍ଭବ ହେବ ସେତିକିବେଳେ, ଯେତେବେଳେ ଦେବତା ପ୍ରସନ୍ନ ହେବେ । ତେଣୁ ଦେବତାଙ୍କୁ ପ୍ରସନ୍ନ କରିବାକୁ ପଡ଼ିବ, Erynies ବା ଡାକିନୀଗଣଙ୍କ ରୂପାନ୍ତରିତ ହୋଇଯିବା ଦ୍ୱାରା, ଯାହା ହେବେ ଶିବାନୀ, ଅର୍ଥାତ୍ ଦୁର୍ମତି ହେବ ସୁମତି । ଆମେ Medeaର ବିଷୟ ଉଲ୍ଲେଖ କରିଛେ ଆଗେ, ସେଇ Medeaର ପରିଶେଷରେ ସୌଭାଗ୍ୟୋଦୟ ହୋଇଥିଲା ।

ଏଦିଗରେ ଶ୍ରୀଅରବିନ୍ଦ ସ୍ୱର୍ଗର ଅମର ବାୟୁମଣ୍ଡଳଟିକୁ ମର୍ତ୍ତ୍ୟଧାମକୁ ନେଇ ଆସିଛନ୍ତି, ଦେଖେଇବାକୁ ଚାହିଁଛନ୍ତି ଐହିକ

ପ୍ରେମର ଧାରାକୁ ଆଶ୍ରୟ କରି ପ୍ରେମ କିପରି ମୃତ୍ୟୁକୁ ଅମୃତତ୍ୱରେ ପରିଣତ କରିପାରେ; ପାର୍ଥିବ ଗରଳକୁ ସୋମରସରେ ରୂପାନ୍ତରିତ କରିଦେଇପାରେ ତା'ର ସରଳ ମଧୁର ମାୟାମନ୍ତ୍ର ଦେଇ ।

କାଳିଦାସ କହୁଛନ୍ତି ଏକ ସ୍ଥାନରେ ଯେ ଶିବା-ବାହନ ସିଂହ ହାସ୍ୟ ବିକଶିତ ଦନ୍ତଶ୍ରେଣୀ ଦ୍ୱାରା ଗୁହାର ଅନ୍ଧକାରକୁ ଛିନ୍ନଭିନ୍ନ କରି ଆଲୋକମୟ କରିଦେଉଛି । କିନ୍ତୁ ମୋର ମନେ ହେଉଛି ଆହୁରି ଆଗକୁ ଯାଇ ପ୍ରେମର ଦେବତା ଶ୍ରୀଅରବିନ୍ଦଙ୍କ ମଧରେ ଏପରି ଶୁଭ୍ରହସ ଫୁଟାଇ ସବୁଦିଗରେ ଏପରି ଖେଳରେ ଧରିଛନ୍ତି ଯେ ସକଳ ପ୍ରାକୃତ-ବୃତ୍ତି ପର୍ଯ୍ୟନ୍ତ ଜ୍ୟୋତିର୍ମୟ ହୋଇଯାଇଛି । ମନୁଷ୍ୟ ଜୀବନ ଉପରେ ପ୍ରସାରିତ ମୃତ୍ୟୁର କରାଳ ଛାୟା ମଧ ମିଳାଇ ଯାଇଛି, ଏକ ସ୍ୱର୍ଗୀୟ ଆଲୋକର ଫୁଲଝରି ଖେଳରେ ସେଇ ନିରାନନ୍ଦ ବି ଅଦୃଶ୍ୟ ହୋଇଛି । ଯେଉଁ ଆନନ୍ଦ ସେ ଏଇସବୁ ନାଟକରେ ପରିବେଷଣ କରିଛନ୍ତି, ତାକୁ ଆଧ୍ୟାତ୍ମିକ ଆନନ୍ଦ ବୋଲି ହୁଏତ ଆମେ ନାମ ଦେଇପାରିବା ନାହିଁ, ତଥାପି ତାହା ଯେ ବ୍ରହ୍ମାନନ୍ଦ-ସହୋଦର, ଏକଥା ତ ସ୍ୱୀକାର କରିପାରିବା ।

ଅନୁବାଦ : କୃଷ୍ଣାଦେବୀ ✤

The greatest Yoga is to take refuge from all the perplexities and difficulties of our nature with this indwelling Lord of all Nature, to turn to him with our whole being, with the life and body and sense and mind and heart and understanding, with our whole dedicated knowledge and will and action, *sarva-bhãvena*, in every way of our conscious self and our instrumental nature. And when we can at all times and entirely do this, then the divine Light and Love and Power takes hold of us, fills both self and instruments and leads us safe through all the doubts and difficulties and perplexities and perils that beset our soul and our life, leads us to a supreme peace and the spiritual freedom of our immortal and eternal status, *parãm sãntim, sthãnam sãsvatam.*

– Sri Aurobindo

ସର୍ବ ମହାନ୍ ଯୋଗ ହେଉଛି ସେଇ ଯୋଗ ଯେଉଁଥିରେ ଆମକୁ ଆମ ପ୍ରକୃତିର ଜଟିଳତା ଓ ବାଧାବିପତ୍ତି ମଧ୍ୟରୁ ବାହାରି ଆସି ସର୍ବମୟ ଉଚ୍ଚତର ପ୍ରକୃତିର ଅନ୍ତରବାସୀ ଭଗବାନଙ୍କ ନିକଟରେ ଆଶ୍ରୟ ଗ୍ରହଣ କରିବାକୁ, ଆମର ସମଗ୍ର ସତ୍ତା, ଜୀବନ, ଶରୀର, ଇନ୍ଦ୍ରିୟ, ମନ, ହୃଦୟ, ବୋଧଶକ୍ତି, ଆମର ସମଗ୍ର ଉତ୍ସର୍ଗୀକୃତ ଜ୍ଞାନ, ସଂକଳ୍ପ ତଥା କର୍ମ, ସକଳ ଭାବନା, ଆମର ସଚେତନ ସତ୍ତା ଓ ଯାନ୍ତ୍ରିକ ପ୍ରକୃତିର ପ୍ରତ୍ୟେକଟି ଧାରାକୁ ନେଇ, *ସର୍ବଭାବେନ*, ତାଙ୍କରି ପ୍ରତି ଉନ୍ମୁକ୍ତ ରହିବାକୁ ପଡ଼ିଥାଏ । ଯେତେବେଳେ ଆମେ ସବୁ ସମୟରେ ଓ ପରିପୂର୍ଣ୍ଣ ଭାବେ ଏହା କରିବାକୁ ସମର୍ଥ ହେବୁ ତା'ପରେ ଦିବ୍ୟ-ଆଲୋକ, ଦିବ୍ୟପ୍ରେମ ଓ ଦିବ୍ୟଶକ୍ତି ଆମକୁ ଅଧିକାର କରିବ ଓ ଉଭୟ ଆତ୍ମା ତଥା ଅନ୍ୟାନ୍ୟ ଆଧାର ମଧରେ ନିଜକୁ ଭରିଦେବ ଓ ସମସ୍ତ ସନ୍ଦେହ, ବାଧା, ଜଟିଳତା ତଥା ବିପଦ ଯାହା ଆତ୍ମା ତଥା ଜୀବନକୁ ଘେରି ରହିଥାଏ ସେସବୁର ମଧଦେଇ ଆମକୁ ନିରାପଦରେ ନେଇଚାଲିବ । ନେଇ ଚାଲିବ ଏକ ପରମ ଶାନ୍ତି ଓ ଆମର ଅମର ତଥା ଶାଶ୍ୱତ ସ୍ଥିତି ଆଧ୍ୟାତ୍ମିକ ମୁକ୍ତି ଦିଗରେ *ପରାଂ ଶାନ୍ତିମ୍, ସ୍ଥାନଂ ଶାଶ୍ୱତମ୍* ।

— ଶ୍ରୀଅରବିନ୍ଦ

বেদরহস্য - (দ্বিতীয়ভাগ) : নির্বাচিত সূক্তাবলী – ৪

# ଅଗ୍ନି : ତେଜୋମୟ କ୍ରତୁ

## (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୭୭)

**(ଋଷି : ଗୋତମୋ ରାହୂଗଣ । ଦେବତା : ଅଗ୍ନି । ଛନ୍ଦ : ୧, ନିଚୃତ୍ ପଂକ୍ତି, ୨- ନିଚୃତ୍ ତ୍ରିଷ୍ଟୁପ୍, ୩-୫- ବିରାଟ୍ ତ୍ରିଷ୍ଟୁପ୍ ।)**

## ଶ୍ରୀଅରବିନ୍ଦ

**କଥା ଦାଶେମାଗ୍ନୟେ କାସ୍ମୈ**
**ଦେବଜୁଷ୍ଟୋଚ୍ୟତେ ଭାମିନେ ଗୀଃ ।**
**ୟୋ ମର୍ତ୍ତ୍ୟେଷ୍ୱମୃତ ଋତାବା ହୋତା**
**ୟଜିଷ୍ଠ ଇଦ୍ କୃଣୋତି ଦେବାନ୍ ।।୧।।**

ଅର୍ଥ – ଅଗ୍ନିଙ୍କୁ ଆମେ ହବିଃଦାନ କିପରି କରିବୁ [ଅଗ୍ନୟେ କଥା ଦାଶେମା] ? ତାଙ୍କ ନିମନ୍ତେ ଦେବଗୃହୀତ କେଉଁ ବାକ୍ୟ ବୋଲାଯାଏ [ଅସ୍ମୈ କା ଦେବଜୁଷ୍ଟା ଉଚ୍ୟତେ] ? ଏହା ତାଙ୍କରି ନିମନ୍ତେ ଯିଏ ମର୍ତ୍ତ୍ୟମାନଙ୍କ ମଧ୍ୟରେ ଅମୃତ [ୟଃ ମର୍ତ୍ତ୍ୟେଷୁ ଅମୃତଃ], ଯିଏ ଋତ ସମ୍ପନ୍ନ [ଋତାବା] , ଯିଏ ଯାଜ୍ଞିକମାନଙ୍କ ମଧ୍ୟରେ ଶ୍ରେଷ୍ଠ ହୋତା [ହୋତା ୟଜିଷ୍ଠଃ], ଯିଏ ଦେବଗଣଙ୍କୁ ବି ଗଢ଼ିଥା'ନ୍ତି [ଦେବାନ୍ ଇଦ୍ କୃଣୋତି] ।

**ୟୋ ଅଧ୍ୱରେଷୁ ଶଂତମ ଋତାବା**
**ହୋତା ତମୂ ନମୋଭିରା କୃଣୁଧ୍ୱମ୍ ।**
**ଅଗ୍ନିର୍ୟଦ୍ ମର୍ତାୟ ଦେବାନ୍‌ତ୍ସ**
**ଚା ବୋଧତି ମନସା ୟଜାତି ।।୨।।**

ଅର୍ଥ – ଯିଏ ଯଜ୍ଞଗୁଡ଼ିକରେ ଶାନ୍ତିମୟ ହୋତା [ୟଃ ଅଧ୍ୱରେଷୁ ଶଂତମ ହୋତା], ଯିଏ ଋତସମ୍ପନ୍ନ [ଋତାବା], ଆତ୍ମ ସମର୍ପଣ ଦ୍ୱାରା ତୁମେ ତାଙ୍କୁ ନିଜ ମଧ୍ୟରେ ଗଠନ କର [ନମୋଭିଃ ତମ୍ ଉ ଆ କୃଣୁଧ୍ୱମ୍]; ମର୍ତ୍ତ୍ୟମାନଙ୍କ ନିମନ୍ତେ ଅଗ୍ନି ଯେତେବେଳେ ଦେବଗଣଙ୍କୁ ଅଭିବ୍ୟକ୍ତ କରନ୍ତି (ଅଥବା - ଦେବଗଣଙ୍କ ମଧ୍ୟରେ ପ୍ରବେଶ କରନ୍ତି) [ୟଦ୍ ମର୍ତାୟ ଅଗ୍ନିଃ ଦେବାନ୍ ବେଃ] ସେତେବେଳେ ସେ ମଧ୍ୟ ସେମାନଙ୍କ ବିଷୟରେ ଜାଣନ୍ତି [ସ ଚ ବୋଧତି] ଏବଂ ମନ ଦ୍ୱାରା ସେମାନଙ୍କ ଯଜ୍ଞାହୁତି ପ୍ରଦାନ କରନ୍ତି [ମନସା ୟଜାତି] ।

**ସ ହି କ୍ରତୁଃ ସ ମର୍ତ୍ୟଃ ସ ସାଧୁର୍ମିତ୍ରୋ**
**ନ ଭୂଦଦ୍ଭୁତସ୍ୟ ରଥୀଃ ।**
**ତଂ ମେଧେଷୁ ପ୍ରଥମଂ ଦେବୟନ୍ତୀର୍ବିଶ**
**ଉପ ବ୍ରୁବତେ ଦସ୍ମମାରୀଃ ।।୩।।**

ଅର୍ଥ – କାରଣ, ସେହିଁ ସଂକଳ୍ପ [ହି ସଃ କ୍ରତୁଃ], ସେହିଁ ବଳ [ସଃ ମର୍ୟଃ], ସେହିଁ ପୂର୍ଣ୍ଣତା ସମ୍ପାଦକ ଅଟନ୍ତି [ସ ସାଧୁଃ], ଏପରିକି ମିତ୍ରଦେବଙ୍କ ପରି [ମିତ୍ରଃ ନ] ସେ ପରମ ପୁରୁଷଙ୍କ ରଥୀ ହୋଇଥା'ନ୍ତି [ଅଦ୍ଭୁତସ୍ୟ ରଥୀଃ ଭୂତ୍] । ସମୃଦ୍ଧ ହବିଃ ମଧ୍ୟରେ [ମେଧେଷୁ] ଦେବକାମୀ ଆର୍ଯ୍ୟ ପ୍ରଜାଗଣ [ଦେବୟନ୍ତୀଃ ଆରୀଃ ବିଶଃ] ତାଙ୍କ ଉଦ୍ଦେଶ୍ୟରେ [ତମ୍] ପ୍ରଥମେ ସ୍ତବଗାନ କରନ୍ତି [ପ୍ରଥମମ୍ ଉପ ବ୍ରୁବତେ] ।

**ସ ନୋ ନୃଣାଂ ନୃତମୋ ରିଶାଦା**
**ଅଗ୍ନିର୍ଗିରୋଽବସା ବେତୁ ଧୀତିମ୍ ।**
**ତନା ଚ ୟେ ମଘବାନଃ ଶବିଷ୍ଠା**
**ବାଜପ୍ରସୂତା ଇଷୟନ୍ତ ମନ୍ମ ।।୪।।**

ଶକ୍ତିଶାଳୀମାନଙ୍କ ମଧ୍ୟରେ ଶକ୍ତିମତ୍ତମ [ନୃଣାଂ ନୃତମଃ] ଏବଂ ବିନାଶକମାନଙ୍କର ଖାଦକ [ରିଶାଦାଃ] ସେହି ଅଗ୍ନି [ସଃ ଅଗ୍ନିଃ] ନିଜର ଉପସ୍ଥିତି ଦ୍ୱାରା [ ଅବସା] ବାକ୍ ତଥା ସେମାନଙ୍କର ବୋଧନକୁ [ଗିରଃ ଧୀତିମ୍] ଅଭିବ୍ୟକ୍ତ କରନ୍ତୁ (ଅଥବା, ଶବ୍ଦ ଓ ଚିନ୍ତା ମଧ୍ୟକୁ ପ୍ରବେଶ କରନ୍ତୁ) [ବେତୁ], ଏବଂ ନିଜ ବ୍ୟାପକତାରେ [ତନା] ଯେଉଁମାନେ ପ୍ରାଚୁର୍ଯ୍ୟର ଦେବ [ମଘବାନଃ], ଶକ୍ତିରେ ତେଜୋବତ୍ତମ [ଶବିଷ୍ଠାଃ] ସେମାନେ ନିଜର ପ୍ରାଚୁର୍ଯ୍ୟକୁ ଅଜାଡ଼ି ଦିଅନ୍ତୁ [ବାଜ-ପ୍ରସୂତାଃ (ସ୍ୟୁଃ)] ଏବଂ ଚିନ୍ତାକୁ ସେମାନଙ୍କ ପ୍ରବୃତ୍ତି ଦାନ କରନ୍ତୁ [ମନ୍ମ ଇଷୟନ୍ତ] ।।

**ଏବାଗ୍ନିର୍ଗୋତମେଭିର୍ଋତାବା**
**ବିପ୍ରେଭିରସ୍ତୋଷ୍ଟ ଜାତବେଦାଃ ।**
**ସ ଏଷୁ ଦ୍ୟୁମ୍ନଂ ପୀପୟଦ୍ ସ ବାଜଂ**
**ସ ପୁଷ୍ଟିଂ ୟାତି ଜୋଷମା ଚିକିତ୍ୱାନ୍ ।।୫।।**

ଅର୍ଥ – ଏହି ଭାବେ [ଏବ] ଋତବାନ୍ ଅଗ୍ନି [ଋତାବା ଅଗ୍ନିଃ] ଜ୍ୟୋତିଃର ସ୍ୱାମୀମାନଙ୍କ ଦ୍ୱାରା [ଗୋତମେଭିଃ(୧)] ସ୍ତୁତ ହୋଇଛନ୍ତି, ଶୁଦ୍ଧୀଭୂତ ମାନସଗୁଡ଼ିକ ଦ୍ୱାରା [ବିପ୍ରେଭିଃ]

ସେ ଜଗତଗୁଡ଼ିକର ଜ୍ଞାତା [ଜାତବେଦାଃ] । ସେମାନଙ୍କ ମଧ୍ୟରେ [ଏଷୁ] ସେ ଜ୍ଞାନର ଶକ୍ତିକୁ ପରିପୋଷିତ କରିବେ [ପୀପୟତ୍], ସେ ମଧ୍ୟ ସମ୍ପଦକୁ (ପରିପୋଷିତ କରିବେ) [ସଃ ବାଜମ୍]; ନିଜର ଜ୍ଞାନ ଦ୍ୱାରା [ଚିକିତ୍ୱାନ୍] ସେ ପରିପୁଷ୍ଟିକୁ [ପୁଷ୍ଟିମ୍] ଏବଂ ସଙ୍ଗତିକୁ [ଜୋଷମା] ପ୍ରାପ୍ତ କରିବେ [ଆୟାତି] ।

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ

ଏହି ସୂକ୍ତର ଦ୍ରଷ୍ଟା ହେଉଛନ୍ତି ଋଷି ଗୋତମ ରାହୁଗଣଃ, ଅଗ୍ନି ହେଉଛନ୍ତି ବିଶ୍ୱରେ କ୍ରିୟାରତ ଦିବ୍ୟକ୍ରତୁ – ତାଙ୍କରି ସ୍ତୁତିରେ ଏହି ସୂକ୍ତଟି ରଚିତ ।

ବୈଦିକ ଦେବଗଣଙ୍କ ମଧ୍ୟରେ ଅଗ୍ନି ହେଉଛନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସର୍ବାପେକ୍ଷା ଅଧିକ ବିଶ୍ୱାତ୍ମକ ଦେବ । ସ୍ଥୂଳ ଜଗତରେ ସେ ହେଉଛନ୍ତି ଜଣେ ସାଧାରଣ ଖାଦକ ଓ ଉପଭୋକ୍ତା । ସେ ମଧ୍ୟ ଜଣେ ବିଶୋଧକ(ପବକ); ସେ ଯେତେବେଳେ ଭକ୍ଷଣ ଓ ଭୋଗ କରୁଥା'ନ୍ତି ତା'ସହ ସେ ପାବନ ବି କରୁଥା'ନ୍ତି । ଏ ସେହି ଅଗ୍ନି ଯିଏ ପ୍ରସ୍ତୁତ କରନ୍ତି ଏବଂ ନିଖୁଣ ବା ପରିପୂର୍ଣ୍ଣ କରନ୍ତି; ଆହୁରି ମଧ୍ୟ ଏ ସେହି ଅଗ୍ନି ଯିଏ ଆତ୍ମସାତ୍ କରି ନିଅନ୍ତି ଏବଂ ତାଙ୍କ ଶକ୍ତିର ଉଷ୍ଣତା ନିର୍ମାଣ କରିଥା'ନ୍ତି । ସେ ଜୀବନର ଉଷ୍ଣତା ଅଟନ୍ତି ଏବଂ ବସ୍ତୁମାନଙ୍କ ମଧ୍ୟରେ ସେ ରସ ସୃଷ୍ଟି କରନ୍ତି, ଯାହା ସେଗୁଡ଼ିକର ମୂଳ ସତ୍ତାର ନିର୍ଯାସ ଏବଂ ସେମାନଙ୍କ ଆନନ୍ଦର ମୂଳ ଉପାଦାନ ।

ସେହି ସମାନ ରୂପେ ପ୍ରାଣରେ ସେ କ୍ରତୁ (ସଂକଳ୍ପ ଶକ୍ତି), କ୍ରିୟାଶୀଳ ପ୍ରାଣଶକ୍ତି, ଏବଂ ସେହି ଶକ୍ତି ରୂପେ ସେ ମଧ୍ୟ ସେହି ସମାନ କ୍ରିୟାଗୁଡ଼ିକୁ କରିଥା'ନ୍ତି । ଭକ୍ଷଣ, ଭୋଗ, ପାବନ, ପ୍ରସ୍ତୁତି, ନିର୍ମାଣ ପ୍ରଭୃତି କରିବା ମାଧ୍ୟମରେ ସେ ସର୍ବଦା ଊର୍ଦ୍ଧ୍ୱ ଦିଗକୁ ଉଠି ଚାଲିଥା'ନ୍ତି ଏବଂ ତାଙ୍କର ଶକ୍ତିଗୁଡ଼ିକୁ ମାନସିକ ଶକ୍ତି ରୂପକ 'ମରୁତ୍' ରୂପେ ପରିବର୍ତ୍ତିତ କରିଦେଇଥା'ନ୍ତି । ଆମର ବାସନା ତଥା ଅପରିଷ୍କୃତ ଭାବାବେଗଗୁଡ଼ିକ ହେଉଛନ୍ତି ସେହି ଅଗ୍ନିଙ୍କ ଦହନ କ୍ରିୟାର ଧୂମ । ଆମର ସମସ୍ତ ସ୍ନାୟବିକ ଶକ୍ତି ତାଙ୍କରି ବଳରେ ସମାନଙ୍କ କାର୍ଯ୍ୟକୁ ସୁନିଶ୍ଚିତ କରିଥା'ନ୍ତି ।

ଆମର ସ୍ନାୟବିକ ସତ୍ତାରେ ସେ ଯଦି କ୍ରତୁ ହେଲେ ଏବଂ ତାହାକୁ କର୍ମ ଦ୍ୱାରା ବିଶୋଧନ କରନ୍ତି, ମନରେ ମଧ୍ୟ ସେ କ୍ରତୁ ଅଟନ୍ତି ଏବଂ ଅଭୀପ୍ସା ଦ୍ୱାରା ତାହାକୁ ବିଶୋଧନ କରନ୍ତି । ଯେତେବେଳେ ସେ ବୁଦ୍ଧିରେ ପ୍ରବେଶ କରନ୍ତି ସେତେବେଳେ ସେ ନିଜ ଦିବ୍ୟଜନ୍ମସ୍ଥଳ ତଥା ଗୃହର ନିକଟବର୍ତ୍ତୀ ହୁଅନ୍ତି । ଚିନ୍ତାରାଜିକୁ ସେ ଫଳ ସାଧକ ଶକ୍ତି ଦିଗରେ ନେଇ ଯାଆନ୍ତି; ସକ୍ରିୟ ଶକ୍ତିରାଜିକୁ ସେ ଆଲୋକ ଦିଗରେ ନେଇ ଯାଆନ୍ତି ।

ଯଦିଓ ସେ ସର୍ବତ୍ର ଜାତ ଓ ସର୍ବ ବସ୍ତୁରେ ନିବାସ କରନ୍ତି ତଥାପି 'ସତ୍ୟ' ହେଉଛି ତାଙ୍କର ଜନ୍ମସ୍ଥାନ ତଥା ଗୃହ – ଏହି ସତ୍ୟ ହେଉଛି ଅନନ୍ତ, ବିରାଟ ବିଶ୍ୱାତ୍ମିକା ଦିବ୍ୟପ୍ରଜ୍ଞା, ଯାହା ମଧ୍ୟରେ ଜ୍ଞାନ ଓ ଶକ୍ତି ଏକତ୍ୱ ଲାଭ କରିଥା'ନ୍ତି । କାରଣ ବସ୍ତୁଗୁଡ଼ିକର ସତ୍ୟ ମଧ୍ୟରେ ସର୍ବ ସଂକଳ୍ପର ସମନ୍ୱୟ ଘଟିଥାଏ – ସେହି କାରଣରୁ ଏହା ଫଳୋତ୍ପାଦକ; ସକଳ ଚିନ୍ତା ହେଉଛି ସେହି ପ୍ରଜ୍ଞାର ଏକ ଏକ ଅଂଶ – ପ୍ରଜ୍ଞା ହେଉଛି ଦିବ୍ୟ ବିଧାନ, ଏବଂ ସେହି କାରଣରୁ ଏହା ଦିବ୍ୟକର୍ମର ପୂର୍ଣ୍ଣତଃ ଏକ ନିୟମବର୍ତ୍ତୀ ବସ୍ତୁ । ପୂର୍ଣ୍ଣତାପ୍ରାପ୍ତ ଅଗ୍ନି ନିଜ ଗୃହରେ – ସତ୍ୟ, ଋତ, ବୃହତ୍ ମଧ୍ୟରେ – ବଳଶାଳୀ ହୋଇଥା'ନ୍ତି । ମାନବଜାତିର ଅଭୀପ୍ସାକୁ ଊର୍ଦ୍ଧ୍ୱ ଦିଗରେ ପରିଚାଳିତ କରି ସେ ଯେଉଁ ଲକ୍ଷ୍ୟ ସ୍ଥଳକୁ ନେଇଥା'ନ୍ତି ଏହା ସେହି ସ୍ଥଳ, ଆର୍ଯ୍ୟଜନର ଏହାହିଁ ଆତ୍ମା, ବୈଶ୍ୱଯଜ୍ଞର ଏହା ହେଉଛି ଶିର ।

ଏହା ହେଉଛି ସେହି ମହାନ୍ ସରଣୀର ପ୍ରଥମ ସମ୍ଭାବନାର ସମୟ ଯେତେବେଳେ ମନରୁ ଅତିମାନସକୁ ବ୍ୟକ୍ତି ସଂକ୍ରମଣ କରିଥାଏ, ବୁଦ୍ଧିର ରୂପାନ୍ତରଣ ଘଟିଥାଏ, ମାନସ ସତ୍ତାର ଯିଏ ଏବେ ଅଭିଷିକ୍ତ ନେତା ତାହାର ଦିବ୍ୟ-ଆଲୋକରେ ରୂପାନ୍ତରଣ ଘଟେ, – ବୈଦିକ ଯୋଗର ଏହି

୧. **ଗୋତମେଭିଃ** – ଏହାର ବାହ୍ୟ ଅର୍ଥ ଅନୁସାରେ ତାତ୍ପର୍ଯ୍ୟ ହେଲା – ଏହା ଏକ ଋଷି ବଂଶର ନାମ – ''ଗୋତମ ରାହୂଗଣ'' – ଯିଏ ଏହି ସୂକ୍ତର ଦ୍ରଷ୍ଟା କବି । କିନ୍ତୁ ଦେଖାଯାଏ ଯେ ସୂକ୍ତରେ ଯେଉଁଠି ଯେଉଁଠି ଋଷିଙ୍କର ନାମକୁ ପ୍ରୟୋଗ କରାଯାଇଛି ସର୍ବତ୍ର ତାହାର ଅର୍ଥ ସହିତ ଏକ ଭିତିରି ସମ୍ପର୍କ ରହିଛି । ଏହି ସୂକ୍ତରେ ''ଗୋତମେଭିଃ ଋତାବା, ବିପ୍ରେଭିଃ ଜାତବେଦାଃ'' ପ୍ରଭୃତି ଯେଉଁ ଶବ୍ଦଗୋଷ୍ଠୀ ରହିଛି ସେଥିରେ ତାତ୍ପର୍ଯ୍ୟ ଥିବା ନିଃସନ୍ଦେହ, ଠିକ୍ ଯେପରି ତୃତୀୟ ଋକ୍‌ରେ ''ଦସ୍ମମ୍ ଆରାଃ'' ପଦଗୁଡ଼ିକ ଦେଖାଯାଏ ।

ପରମ ତଥା ଗମ୍ଭୀର ଅବସ୍ଥାରେ ଋଷି 'ଗୃତ୍ସବଦ ରାହୂଗଣ' ଅନ୍ତଃପ୍ରେରିତ ବାକ୍‌କୁ ନିଜ ମଧ୍ୟରେ କାମନା କରୁଛନ୍ତି । ସେହି ବାକ୍ ନିଜ ପାଇଁ ତଥା ଅନ୍ୟମାନଙ୍କ ପାଇଁ ସେହି ଶକ୍ତିର ଉପଲବ୍ଧିରେ ସାହାଯ୍ୟ କରିବ ଯାହା ଏହି ଅତିକ୍ରମକୁ ଫଳାନ୍ୱିତ କରିବ ଏବଂ ସେହି ଦୀପ୍ତ ସମୃଦ୍ଧିର ଅବସ୍ଥା ସୃଷ୍ଟି କରିବ ଯେଉଁଠୁ ଏହି ରୂପାନ୍ତରଣର ଶୁଭାରମ୍ଭ କରିବାକୁ ହେବ ।

ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଯଜ୍ଞ ହେଉଛି ବିଶ୍ୱାତ୍ମକ ଓ ବ୍ୟକ୍ତିଗତ କ୍ରିୟାବଳିର ପ୍ରତୀକ ଯାହା ହୋଇଛି ଆତ୍ମ-ସଚେତନ, ଜ୍ଞାନଦୀପ୍ତ ଓ ତାହାର ଲକ୍ଷ୍ୟ ବିଷୟରେ ସଚେତନ । ବିଶ୍ୱର ସମଗ୍ର ପ୍ରକ୍ରିୟାଟି ସ୍ୱଭାବତଃ, ସ୍ୱତଃପ୍ରେରିତ ବା ଅସ୍ୱତଃ ପ୍ରେରିତଭାବେ, ଏକ ଯଜ୍ଞ । ଆତ୍ମୋତ୍ସର୍ଗ ମାଧ୍ୟମରେ ଆତ୍ମ-ପରିପୂର୍ଣ୍ଣତା, ଦାନ ଦ୍ୱାରା ବୃଦ୍ଧିଲାଭ ହେଉଛି ବିଶ୍ୱର ବିଧାନ । ଯାହା ନିଜକୁ ଦେବାକୁ ପ୍ରତ୍ୟାଖ୍ୟାନ କରେ ତାହା ମଧ୍ୟ ତଥାପି ବିଶ୍ୱଶକ୍ତିମାନଙ୍କର ଖାଦ୍ୟ ହୋଇଥାଏ । ''ଯେ ଖାଦକ ସେ ସ୍ୱୟଂ ଖାଦିତ ହୋଇଥାଏ'' – ଏହା ଏକ ଅର୍ଥଗର୍ଭକ ତଥା ଭୟଙ୍କର ବିଚାର ସୂତ୍ର – ଏଇ ଉକ୍ତିର ସହ ଏକ ଉପନିଷଦ୍ ବିଶ୍ୱର ଏହି ତତ୍ତ୍ୱଟିର ଉପସଂହାର କରିଛନ୍ତି,[୨] ଏବଂ ଅନ୍ୟ ଏକ ସୂକ୍ତି ମଧ୍ୟରେ ଦେବଗଣଙ୍କ ପଶୁ ରୂପେ ମଣିଷମାନେ ବର୍ଣ୍ଣିତ ହୋଇଛନ୍ତି[୩] । ଏହି ବିଧାନଟି ଯେତେବେଳେ ସ୍ୱୀକୃତି ଲାଭ କରେ ତଥା ସ୍ୱତଃପ୍ରବୃତ୍ତଭାବେ ଏହାକୁ ଗ୍ରହଣ କରି ନିଆଯାଏ ସେତେବେଳେ ଯାଇ ଏହି ମୃତ୍ୟୁଲୋକକୁ ଅତିକ୍ରମ କରାଯାଇ ପାରିବ ଏବଂ ଯଜ୍ଞକର୍ମ ଦ୍ୱାରା ଅମରତ୍ୱକୁ ସମ୍ଭବ କରାଇବା ସଙ୍ଗେ ତାହାକୁ ମଧ୍ୟ ସିଦ୍ଧ କରାଯାଇ ପାରିବ । ମାନବ ଜୀବନର ସମସ୍ତ ଶକ୍ତି ଓ ଅନ୍ତଃନିହିତ ସାମର୍ଥ୍ୟରାଜିକୁ ଯଜ୍ଞର ପ୍ରତୀକ ମଧ୍ୟରେ, ବୈଶ୍ୱ ବାତାବରଣ ମଧ୍ୟରେ ଥିବା ଦିବ୍ୟଜୀବନ ପ୍ରତି ଉତ୍ସର୍ଗ କରି ଦିଆଯାଏ ।

ଦିବ୍ୟଜୀବନର ତ୍ରିବିଧା ଶକ୍ତି ହେଲା ଜ୍ଞାନ, ଶକ୍ତି ଓ ଆନନ୍ଦ; ଚିନ୍ତାରାଜି ଓ ଏଗୁଡ଼ିକର ସକଳ ରଚନା, ସଂକଳ୍ପ ଓ ଏହାର ସକଳ କର୍ମ, ପ୍ରେମ ଓ ଏହାର ଯେତେ ସଙ୍ଗତୀକରଣ, ଏ ସମସ୍ତ ମାନବୀୟ କାର୍ଯ୍ୟକଳାପର ଅନ୍ତର୍ଗତ, ଏସବୁକୁ ଭାଗବତ ସ୍ତରକୁ ଉନ୍ନୀତ କରିବାକୁ ହେବ । ସତ୍ୟ ଓ ମିଥ୍ୟା, ଆଲୋକ ଓ ଅନ୍ଧକାର, ଧାରଣାଗତ ଉଚିତ ଓ ଅନୁଚିତ, ଏ ସମସ୍ତ ଦ୍ୱୈଧତା ହେଉଛି ଜ୍ଞାନର ଭ୍ରାନ୍ତି ଯାହା ଅହଂଗ୍ରସ୍ତ ପାର୍ଥକ୍ୟବୋଧରୁ ଜାତ; ଅହଂକବଳିତ ପ୍ରେମ ଓ ଘୃଣା, ହର୍ଷ ଓ ବିଷାଦ, ସୁଖ ଓ ଦୁଃଖ, ଏ ସମସ୍ତ ଦ୍ୱୈଧତା ହେଲେ ପ୍ରେମର ଭ୍ରାନ୍ତି ଯାହା 'ଆନନ୍ଦ'ର ବିକୃତ ରୂପାବଳି; ଶକ୍ତି ଓ ଦୁର୍ବଳତା, ପାପ ଓ ପୁଣ୍ୟ, କର୍ମ ଓ ଅକର୍ମ ପ୍ରଭୃତି ଦ୍ୱୈଧତା ହେଲେ ସଂକଳ୍ପର ଭ୍ରାନ୍ତି, ଏ ସମସ୍ତ ଦିବ୍ୟଶକ୍ତିର ବିକୃତିକାରୀ ଅଟନ୍ତି । ଏହି ସକଳ ଭ୍ରାନ୍ତି ମୁଣ୍ଡ ଟେକନ୍ତି ଏବଂ ଏପରିକି ଆମ କର୍ମ ନିମନ୍ତେ ଏଗୁଡ଼ିକ ପ୍ରୟୋଜନ ହୋଇଥା'ନ୍ତି କାରଣ ଦିବ୍ୟ ଜୀବନର ଉକ୍ତ ତ୍ରିବିଧ ଶକ୍ତି ପରସ୍ପରଠାରୁ ବିଚ୍ଛିନ୍ନ ହୋଇଯାଇଥା'ନ୍ତି, ବିଭେଦକ 'ଅଜ୍ଞାନ' ଦ୍ୱାରା ଜ୍ଞାନ ଶକ୍ତିଠାରୁ, ପ୍ରେମ ଉକ୍ତ ଉଭୟଠାରୁ ପୃଥକ୍ ହୋଇ ରହିଥା'ନ୍ତି । ଅଜ୍ଞାନକୁ ଅର୍ଥାତ୍ ବିଶ୍ୱକୁ କବଳିତ କରି ରଖିଥିବା ମିଥ୍ୟାକୁ ମୂଳୋତ୍ପାଟିତ କରିବାକୁ ହେବ । ତେବେ ଦେଖିବ 'ସତ୍ୟ' ମଧ୍ୟ ଦେଇ ଯଥାର୍ଥ ସଙ୍ଗତି ପ୍ରତି, ଅଖଣ୍ଡ ଆନନ୍ଦ ପ୍ରତି, ଦିବ୍ୟ-ଆନନ୍ଦ ମଧ୍ୟରେ ପ୍ରେମର ପରମ ଚରିତାର୍ଥତା ପ୍ରତି ପଥ ଉନ୍ମୁକ୍ତ ହୋଇ ରହିଛି । ଅତଏବ, ମନୁଷ୍ୟ ମଧ୍ୟରେ ଅବସ୍ଥିତ କ୍ରତୁ (ସଂକଳ୍ପ) ଯେତେବେଳେ ଦିବ୍ୟ ହୋଇ ଉଠିବ ଏବଂ ସତ୍ୟର ଅଧିକୃତ ବସ୍ତୁ ହୋଇ ଉଠିବ, **ଅମୃତୋ ଋତାବା**, ସେତେବେଳେ ଯାଇ ଆମେ ଗତି କରୁଥିବା ପୂର୍ଣ୍ଣତା ରୂପକ ଲକ୍ଷ୍ୟ ମାନବଜାତି ମଧ୍ୟରେ ରୂପାୟିତ ହୋଇପାରିବ ।

(କ୍ରମଶଃ)

(ସୂକ୍ତରେ ଥିବା ମନ୍ତ୍ରମାନଙ୍କର ଭାଷ୍ୟ ଆଗାମୀ ସଂଖ୍ୟାରେ)

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ ''*Agni, The Illumined Will*''ର ଓଡ଼ିଆ ଅନୁବାଦ ।]

ଅନୁବାଦ : ମଧୁସୂଦନ ମହାପାତ୍ର

୨. ଅହମନ୍ନମ୍, ଅନ୍ନମଦନ୍ତ ମଦ୍ମି । ତୈତ୍ତିରୀୟ ଉପନିଷଦ୍, ୩।୧୦।୬

୩. ପଶୁରେବ ସ ଦେବାନାମ୍ । ବୃ. ଉପନିଷଦ୍, ୧।୪।୧୦

# ବିଚିତ୍ର ମାନବ ଚରିତ୍ର :
# ଦୁର୍ଯୋଗ ଏବଂ ସୁଯୋଗ
## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

- ମହତ୍ ଚରିତ୍ରରେ ସହାବସ୍ଥାନ କରିପାରେ ବିପରୀତ ଧର୍ମୀ ଗୁଣ ?
- ମଣିଷ କେତେ ମାତ୍ରାରେ କୁଶକ୍ତି କବଳିତ ହୋଇପାରେ ?

**ପ୍ରଥମ ଜିଜ୍ଞାସୁ :** ଗତ ସାକ୍ଷାତ୍‌କାରରେ ସମୟ ଅଭାବରୁ ଆମ ଶେଷ ପ୍ରଶ୍ନଟି ଅସମାହିତ ରହିଯାଇଥିଲା । ଆଗାମୀ କାଲି ପ୍ରଭାତରେ ଆମେ ବିଦାୟ ନେବୁ । ଏତେ ତୃପ୍ତି ପରେ ସାମାନ୍ୟ ଅତୃପ୍ତି ଧରି ଆମେ ଯଦି ଚାଲିଯିବୁ, ତେବେ ଆମେ ନିଜ ନିଜକୁ କ୍ଷମା କରିପାରିବୁ ନାହିଁ ।

**ଉତ୍ତର :** ଆପଣଙ୍କ ବିନୟବୋଧରେ ମୁଁ ତୃପ୍ତ ! ବର୍ତ୍ତମାନ ଅସମାହିତ ପ୍ରଶ୍ନଟି ମନେ ପକାଇ ଦିଅନ୍ତୁ ।

**ପ୍ରଥମ ଜିଜ୍ଞାସୁ :** ପ୍ରଶ୍ନଟିର ପଟଭୂମି ଗୋଟିଏ ପ୍ରାଚୀନ କାହାଣୀ । ତରୁଣଟିଏ ସତ୍ୟାନୁସନ୍ଧାନରେ ଯାଇ ଗୋଟିଏ ଆଶ୍ରମରେ ରହିଥିଲା । ସାଧକ ଭାବରେ ଜୀବନ ନିର୍ବାହ କରିବାର ସିଦ୍ଧାନ୍ତ ନେଇଥିଲା । କିନ୍ତୁ ଥରେ ତା' ମାଆ ଗୁରୁତର ଅସୁସ୍ଥ ବୋଲି ଶୁଣି କରି ଲେଉଟି ଆସି ପୁଣି ଏଡ଼େ ମୋହାଚ୍ଛନ୍ନ ହୋଇ ପଡ଼ିଲା ଯେ, ସଂସାରୀ ଜୀବନଯାପନ ଅନ୍ତେ ନିଜ ଉପାର୍ଜିତ ଅର୍ଥ ଜଗି ରହିବା ପାଇଁ ପ୍ରଥମେ କୁକୁର ରୂପେ ଏବଂ ପରେ ଗୋଖର ସାପ ରୂପେ ଜନ୍ମଗ୍ରହଣ କଲା । ଅବଶ୍ୟ ସେ ସବୁ କଥା କାହାଣୀ ବୋଲି ଆପଣ ସ୍ପଷ୍ଟ କରି ଦେଇଥିଲେ । ତେବେ କାହାଣୀର ମର୍ମ ଯଥାର୍ଥ ବୋଲି ଆପଣ କହିଥିଲେ । ଅର୍ଥାତ୍ ଜଣେ ମଣିଷ ଭିତରେ ଆଧ୍ୟାତ୍ମିକ ତୃଷ୍ଣା ବଳବତ୍ତର ଥିବା ସତ୍ତ୍ୱେ ସେ ପୁଣି ମୋହଗ୍ରସ୍ତ ହୋଇପାରେ । ପ୍ରଶ୍ନ ହେଲା ତାହା ସମ୍ଭବ ହୁଏ କିପରି ?

**ଦ୍ୱିତୀୟ ଜିଜ୍ଞାସୁ :** ଆମେ ଜାଣୁ, ଆମ ଭଳି ସାଧାରଣ ଲୋକଙ୍କର ମତିଗତି ସର୍ବଦା ଅସ୍ଥିର । କିନ୍ତୁ ଜଣେ ମହତ୍ ଲୋକର ଚରିତ୍ରର ଏଭଳି ଦୁର୍ଗତି କିପରି ସମ୍ଭବ ହୁଏ ?

**ଉତ୍ତର :** ଆପଣ ଠିକ୍ କହିଛନ୍ତି; ଆମ ଭଳି ସାଧାରଣ ଲୋକଙ୍କ...

**ପ୍ରଥମ ଓ ଦ୍ୱିତୀୟ ଜିଜ୍ଞାସୁ :** କ୍ଷମା କରିବେ । ଆପଣ ନିଜକୁ 'ଆମ ଭଳି ସାଧାରଣ' ପର୍ଯ୍ୟାୟରେ ପକାନ୍ତୁ ନାହିଁ ।

**ଉତ୍ତର :** କ୍ଷମା କରିବେ । ଆପଣ କ'ଣ ମୋତେ ମୋ ନିଜଠାରୁ ଅଧିକ ମାତ୍ରାରେ ଜାଣନ୍ତି ? ମୁଁ ବିନୟର ଆଡ଼ମ୍ବର କରୁ ନାହିଁ । 'ସାଧାରଣ'ର ପରିସର ବ୍ୟାପକ । କ୍ୱଚିତ୍ କେତେକଙ୍କୁ ବାଦ୍ ଦେଲେ ଆମେ ସଭିଏଁ ସେହି ବ୍ୟାପକ ପରିସରର ଅନ୍ତର୍ଭୁକ୍ତ । ମାନୁଛି, ମାତ୍ରାରେ କିଛି କିଛି ପାର୍ଥକ୍ୟ ଥାଏ । କିନ୍ତୁ ପ୍ରକୃତି ନିହିତ ବିପୁଳ ମାୟା ଆମକୁ ବାରଂବାର ପ୍ରଭାବିତ କରିପାରେ । ଦୈନନ୍ଦିନ ଜୀବନରେ ଆମେ କେତେ ଶକ୍ତି ଦ୍ୱାରା ପ୍ରଭାବିତ ହୋଇଥାଉ । ଆମର ଏକ ସ୍ଥିରାବସ୍ଥା ଥାଏ, କିନ୍ତୁ ତାହା ସର୍ବଦା ହଲ୍‌ଚଲ୍ ହେଉଥାଏ । ବିଦ୍ୟା, ବୁଦ୍ଧି ଅଥବା ବୃତ୍ତିରେ ଆମ ସମକକ୍ଷ ସାମନାରେ ଆମେ ସ୍ୱତଃସ୍ଫୂର୍ତ୍ତ ଭାବରେ ନିଜକୁ ଅଧିକ ଦକ୍ଷ ବୋଲି ସୂଚିତ କରିବାରେ ଆଗ୍ରହୀ ହେଉ; କାର୍ଯ୍ୟସ୍ଥଳରେ ଆମେ ଯଦି କର୍ତ୍ତା ହୋଇଥିବୁ ତେବେ ଯାବତୀୟ କର୍ମଚାରୀଙ୍କ ଅପେକ୍ଷା ନିଜକୁ ଅଧିକ ଜ୍ଞାନୀ ଓ ଗୁଣୀ ବୋଲାଇବାର ଆବେଗ ଆସିଥାଏ ଆପଣାଛାଏଁ । ଜଣେ ଅବିସମ୍ବାଦିତ ମହତ୍ ବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଆଗରେ ଆମ ଭିତରର ନମ୍ରତାବୋଧ ବେଳେବେଳେ ଆମ ମନୋଭାବ ଏବଂ ଆଚରଣକୁ ପ୍ରଭାବିତ କରେ । ଏ ପ୍ରତ୍ୟେକଟି ଅବସ୍ଥାରେ ଆମେହିଁ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ଯେତିକି ନିଶ୍ଚିତ, ସେମାନେ ମଧ୍ୟ ଆମ ଦ୍ୱାରା ପ୍ରଭାବିତ ହେଉଥିବା ସେତିକି ନିଶ୍ଚିତ ।

ଏହା ସାଧାରଣ ଦୈନନ୍ଦିନ ଜୀବନର କଥା । କିନ୍ତୁ ସାଧାରଣଠୁଁ ଟିକିଏ ବିଚ୍ଛିନ୍ନ ହେଲେ ଆମକୁ ପ୍ରଭାବିତ କରନ୍ତି ଅନ୍ୟ କେତେକ ଶକ୍ତି । ବିଶେଷତଃ ବିତ୍ତ ଏବଂ କ୍ଷମତାର ରହିଛି ନିଜସ୍ୱ ଅଦୃଶ୍ୟ ପ୍ରତିପତ୍ତି ଓ କରାମତି । ଜଣେ ବାହାରକୁ ଯେତେ଼ ସାଧୁ ସୁଧାର ଦେଖାଗଲେ ମଧ୍ୟ ବିତ୍ତ ଓ କ୍ଷମତା ଦ୍ୱାରା ଊଣା-ଅଧିକ ଗର୍ବିତ ଏବଂ ଉଦ୍ଧତ ବନିଯାଉ ନଥିବା ବ୍ୟକ୍ତି ଏକ ସହସ୍ର ବିତ୍ତବାନ୍ ବା କ୍ଷମତାବନ୍ତ ବ୍ୟକ୍ତି ଭିତରେ ଦଶ ଜଣ ଥାଇପାରନ୍ତି । ଥାଇପାରନ୍ତି ନୁହେଁ, ଅଛନ୍ତି ନିଶ୍ଚୟ । ସେମାନେ ବେଶ୍ ବିକଶିତ-ଚେତନାର ଅଧିକାରୀ ବ୍ୟକ୍ତି ।

**ତୃତୀୟ ଜିଜ୍ଞାସୁ :** କିନ୍ତୁ ଏକ ସଚ୍ଚା ଚରିତ୍ରରେ କ'ଣ ମହତ୍ତ୍ୱର ବିପରୀତ ମନ୍ଦଗୁଣ ରହିବା ସମ୍ଭବ ?

**ଉତ୍ତର :** ସମ୍ଭବ ! ଦୃଷ୍ଟାନ୍ତ ବହୁତ । କେତେ ବା ମୁଁ ହଠାତ୍ ମନେପକାଇ ପାରିବି । ଆଚ୍ଛା, କର୍ଣ୍ଣ ମହତ୍ ନା ନୁହନ୍ତି ?

ସମସ୍ତ ଜିଜ୍ଞାସୁ ଏକତ୍ର : ସେଥିରେ ସନ୍ଦେହ କ'ଣ ?

**ପ୍ରଥମ ଜିଜ୍ଞାସୁ :** ମହତ୍ ଦାତା ସିଏ; ଦାନବୀର । ସମସ୍ତ ଦୁର୍ଯୋଗ ସତ୍ତ୍ୱେ, ପୁଣି ପ୍ରଲୋଭନ ସତ୍ତ୍ୱେ ସେ ବନ୍ଧୁ ଦୁର୍ଯ୍ୟୋଧନଙ୍କୁ ତ୍ୟାଗ କରି ନାହାନ୍ତି । କ'ଣ, ତାଙ୍କ ଚରିତ୍ରରେ କିଛି ଉଲ୍ଲେଖଯୋଗ୍ୟ ତ୍ରୁଟି ରହିଛି ?

**ଉତ୍ତର :** ଉଲ୍ଲେଖଯୋଗ୍ୟ ତ୍ରୁଟି ନୁହେଁ, ବରଂ ଉଲ୍ଲେଖର ମଧ ଅଯୋଗ୍ୟ ଦୁର୍ଗୁଣ । କୁରୁସଭାରେ ଦ୍ରୌପଦୀଙ୍କ ପ୍ରତି ପାଷଣ୍ଡ ଦୁଃଶାସନ ଅଶ୍ଳୀଳ ଆଚରଣ କରୁଥିବା ବେଳେ ତାକୁ ଉଦ୍ଦାମ ଉତ୍ସାହ ଦେଉଥିଲେ କିଏ ? ଖାଲି ଦୁର୍ଯ୍ୟୋଧନ ? ବ୍ୟାସଦେବଙ୍କ ମହାଭାରତ ପଢ଼ନ୍ତୁ । କର୍ଣ୍ଣଙ୍କ ପ୍ରତି ସମସ୍ତ ସମ୍ମାନ ଓ ସହାନୁଭୂତି ଉଭେଇଯାଇ ଆପଣଙ୍କ ଚେତନାରେ ଯେଉଁ ଶୂନ୍ୟ ସ୍ଥାନ ସୃଷ୍ଟି ହେବ, ତାକୁ ଅଧିକାର କରିବ ବିମର୍ଷତା । ସେ ଅଭିଶପ୍ତ ମୁହୂର୍ତ୍ତ କର୍ଣ୍ଣଙ୍କ ଚରିତ୍ରର ବୀଭତ୍ସ ଦିଗକୁ ଉନ୍ମୋଚିତ କରିଛି । ଦ୍ରୌପଦୀଙ୍କୁ ତ ସେମାନେ ବିବସ୍ତ୍ର କରିପାରିଲେ ନାହିଁ, କିନ୍ତୁ ଯେଉଁମାନେ ଉଲଗ୍ନ ହେଲେ, ସେମାନଙ୍କ ଭିତରେ କର୍ଣ୍ଣ ପ୍ରଥମ ଧାଡ଼ିରେ ଦଣ୍ଡାୟମାନ ।

**ଦ୍ୱିତୀୟ ଜିଜ୍ଞାସୁ :** ହେ ଭଗବାନ୍ !

**ତୃତୀୟ ଜିଜ୍ଞାସୁ :** ଏକଲବ୍ୟ କେଡ଼େ ମହତ୍ ! ଗୁରୁ କହିବା ମାତ୍ରେ ନିଜ ବୃଦ୍ଧାଙ୍ଗୁଷ୍ଠି ଉଡ଼ାଇ ଦେଲା !

**ଉତ୍ତର :** ମହତ୍ ଚରିତ୍ରରେ ପରସ୍ପର ବିରୋଧୀ ଗୁଣର ସହାବସ୍ଥାନ ତତ୍ତ୍ୱଟି ପ୍ରତିପାଦିତ ହେବା ପାଇଁ ଏକଲବ୍ୟ ମଧ ଏକ ଆଧାର । ଆପଣଙ୍କ ଯଥାର୍ଥ ପ୍ରଶଂସାସୂଚକ ବାକ୍ୟଟିକୁ ଆପଣ ଏମିତି ଭାବରେ ପୁନଃବିନ୍ୟସ୍ତ କରନ୍ତୁ : ''ଯେଉଁ ଏକଲବ୍ୟ ଏଡ଼େ ଦାୟିତ୍ୱହୀନ ଏବଂ ଅବିବେକୀ ଯେ ଗୋଟାଏ ଅସହାୟ କୁକୁର ଉପରେ କ୍ରୋଧାନ୍ୱିତ ହୋଇ ସେ ବିଚରାର ମୁହଁକୁ ଅତୀବ ଜଟିଳ ତୀର ସନ୍ଧାନ ଦ୍ୱାରା ସିଲେଇ କରିଦେଲା, ସେ ଏକଲବ୍ୟ ପୁଣି ଏଡ଼େ ମହତ୍ ଯେ ଗୁରୁଙ୍କ ନିର୍ଦ୍ଦେଶରେ ଦ୍ୱିଧାହୀନଭାବେ ନିଜ ବୃଦ୍ଧାଙ୍ଗୁଷ୍ଠି ତ୍ୟାଗ କଲା !''

**ତୃତୀୟ ଜିଜ୍ଞାସୁ :** ଏକଲବ୍ୟକୁ ମୁଁ ଏମିତି ଦୃଷ୍ଟିକୋଣରୁ ଦେଖି ନଥିଲି ।

**ଜଣେ ଜିଜ୍ଞାସୁ :** ତେବେ ସମ୍ପୂର୍ଣ୍ଣ ଭଲ ମଣିଷ କ'ଣ ନଥିଲେ ବା ନାହାନ୍ତି ?

**ଉତ୍ତର :** ଜାଣେନା । ରାଜା ଜନକ, ରାଜା ହରିଶ୍ଚନ୍ଦ୍ରଙ୍କ ଭଳି ଚରିତ୍ର ଅବଶ୍ୟ ଅଛନ୍ତି । ସବୁ ବାସ୍ତବତାର ବା ହାରାହାରି ନିୟମର ବ୍ୟତିକ୍ରମ ରହିଛି । ମନେହୁଏ, ବ୍ୟତିକ୍ରମ କଥା ବାଦ୍ ଦେଲେ ସମ୍ପୂର୍ଣ୍ଣ ଭଲ ମଣିଷ ନାହାନ୍ତି । କିନ୍ତୁ...

**ଦ୍ୱିତୀୟ ଜିଜ୍ଞାସୁ :** ଅଛନ୍ତି, ଅଛନ୍ତି, ଆଜ୍ଞା, ଶ୍ରୀକୃଷ୍ଣ ଭଗବାନଙ୍କ କଥା କ'ଣ ଆମେ ଭୁଲିଯିବା ?

**ଉତ୍ତର :** ମୋଟେ ଭୁଲିବା ନାହିଁ । ପୁଣି ଭୁଲିବା ନାହିଁ ଯେ ଆପଣ ବର୍ତ୍ତମାନହିଁ ତାଙ୍କୁ ଭଗବାନ୍ ଭାବରେ ଆଖ୍ୟାୟିତ କଲେ । ଭଗବାନ୍ ଭୁଲ୍‌ଭ୍ରାନ୍ତି, ଭଲ ମନ୍ଦ, ପାପପୁଣ୍ୟ, ଜୟପରାଜୟ ଇତ୍ୟାଦି ମାନବିକ ମୂଲ୍ୟବୋଧର ଊର୍ଦ୍ଧ୍ୱରେ । କିନ୍ତୁ ରାମ, କୃଷ୍ଣ, ଏମାନଙ୍କୁ ଯଦି ଆପଣ ମାନସିକ ମୂଲ୍ୟବୋଧର ମାନଦଣ୍ଡରେ ବିଚାର କରିବେ, ଦେଖିବେ ଏମାନଙ୍କ ଭୁଲ୍-ଭ୍ରାନ୍ତି କମ୍ ନୁହେଁ ।

**ପ୍ରଥମ ଜିଜ୍ଞାସୁ :** (ତାଙ୍କ ବନ୍ଧୁମାନଙ୍କୁ ଚୁପ୍ ରହିବାକୁ ଅନୁରୋଧ ଜଣାଇ) : ଆପଣ ଟିକିଏ ଆଗରୁ ''ସମ୍ପୂର୍ଣ୍ଣ ଭଲ ମଣିଷ ନାହାନ୍ତି'' ବୋଲି କହିସାରି ''କିନ୍ତୁ'' ବୋଲି କହିଥିଲେ । ଅନ୍ୟ କଥା ଆସିଗଲା । ସେ ''କିନ୍ତୁ''ଟିକୁ ସେମିତି ଛାଡ଼ି ଦିଅନ୍ତୁ ନାହିଁ ।

**ଉତ୍ତର :** କହୁଥିଲି, ସମ୍ପୂର୍ଣ୍ଣ ଭଲ ମଣିଷ ନ ଥାଇପାରନ୍ତି, କିନ୍ତୁ ସମ୍ପୂର୍ଣ୍ଣ ଖରାପ ମଣିଷ ଅଛନ୍ତି । ଅବଶ୍ୟ ମୁଁ ହାଲୁକା ସ୍ତରରେ କହୁଛି । ଆଧ୍ୟାତ୍ମିକ ଦୃଷ୍ଟିରୁ, ଅତ୍ୟନ୍ତ ପାପୀ, ଶଠ, ହିଂସ୍ର ଭିତରେ ମଧ କାଣିଚାଏ ହେଲେ ଭଲଗୁଣ ପ୍ରଚ୍ଛନ୍ନ ଥିବ; ଭସ୍ମାବୃତ ଦିବ୍ୟ ଅଗ୍ନି-କଣିକାଟିଏ ଦପ୍ ଦପ୍ କରୁଥିବ । ମୋ ମନରେ ଶକୁନିର ଦୃଷ୍ଟାନ୍ତ ଚମକି ଉଠିଥିଲା ବୋଲି ସେମିତି କହୁଥିଲି । ଲୋକଟିର ବୁଦ୍ଧି, ଚାତୁର୍ଯ୍ୟ – ସବୁହିଁ କେବଳ ମାତ୍ର ଅସଂହତି ସୃଜନରେ ବ୍ୟାପୃତ ରହିଥାଏ । ସାହିତ୍ୟରେ ସେମିତି ଏକ ଦୃଷ୍ଟାନ୍ତ ସେକ୍ସପିଅରଙ୍କ ''ଓଥେଲୋ'' ନାଟକର ଖଳନାୟକ ଇଆଗୋ । ବିଶ୍ୱାସକୁ ବିଷାକ୍ତ କରିବା, ସଂହତିକୁ ଧ୍ୱସ୍ତ କରିଦେବାହିଁ ତା'ର ବ୍ରତ ।

**ପ୍ରଥମ ଜିଜ୍ଞାସୁ :** ସେମାନେ କ'ଣ କୌଣସି କୁଶକ୍ତି ଦ୍ୱାରା ପ୍ରଭାବିତ ହୋଇଥା'ନ୍ତି ?

**ଉତ୍ତର :** ସେମାନେହିଁ କୁଶକ୍ତି; ଅନ୍ୟକୁ ସେମାନେ ପ୍ରଭାବିତ କରନ୍ତି । ସେଭଳି ଚରିତ୍ରସବୁକୁ ଦୁଇ ଧାରାରେ ବିଭକ୍ତ କରାଯାଇପାରେ : ପ୍ରଭାବକ ଏବଂ ପ୍ରଭାବିତ । ପ୍ରଥମ ଏବଂ ବିରଳ ଧାରା ହେଲେ ଆଜନ୍ମ ସୈତାନ୍ । ଦ୍ୱିତୀୟ ଧାରାର ଅନ୍ତର୍ଭୁକ୍ତ ସେହିମାନେ, ଯେଉଁମାନଙ୍କୁ କୁଶକ୍ତି ଆୟତ୍ତ କରିନିଏ

ବା ପ୍ରଭାବିତ କରେ । ଜଣେ ହାରାହାରି ଦୃଷ୍ଟିରୁ ଭଲ ମଣିଷ ମଧ୍ୟ ସାମୟିକଭାବରେ କୁଶକ୍ତି ଦ୍ୱାରା ପ୍ରଭାବିତ ହୋଇପାରେ । କିନ୍ତୁ କୁଶକ୍ତି ଯାହାକୁ ଆୟତ୍ତ କରିନିଏ, ତା'ର ନିଜତ୍ୱ ବୋଲି କିଛି ରହେ ନାହିଁ । ତା'ର ଦେହ ଓ ଚେତନାକୁ କୁଶକ୍ତି ନିଜର ସ୍ୱେଚ୍ଛାଚାଳିତ ଯନ୍ତ୍ର ଭାବରେ ବ୍ୟବହାର କରେ ।

**ଜଣେ ଜିଜ୍ଞାସୁ :** କର୍ଣ୍ଣଙ୍କୁ ସେମିତି କୁଶକ୍ତି ଆୟତ୍ତ କରିନେଇଥିଲା ନିଶ୍ଚୟ ।

**ଉତ୍ତର :** ନା, ନା, ନା ! ଭଲ ହେଲା, ଆପଣ କର୍ଣ୍ଣଙ୍କ ସମ୍ପର୍କରେ ଏଭଳି ସନ୍ଦେହ ପ୍ରକଟ କଲେ । କଥାଟି ସ୍ପଷ୍ଟ କରିଦେବା ଭଲ । ଅତୀନ୍ଦ୍ରିୟ ଜଗତର କୁଶକ୍ତି ଆୟତ୍ତ କରିବା ଏବଂ ନିଜ ଅନ୍ତର୍ନିହିତ ଦୁର୍ବଳତା ଦ୍ୱାରା ସାମୟିକ ଭାବରେ ଆଚ୍ଛନ୍ନ ହେବା ଏକା କଥା ନୁହେଁ । ଦ୍ୱିତୀୟ ପର୍ଯ୍ୟାୟର ବିଡ଼ମ୍ବନା ଆମ ସମସ୍ତଙ୍କ ଜୀବନରେ ବହୁବାର ଘଟିପାରେ । ଜଣେ ଏକ ମହତ୍ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ବହୁକିଛି ତ୍ୟାଗ କରିପାରେ; କିନ୍ତୁ ତା' ଭିତରେ ପ୍ରଚ୍ଛନ୍ନ ଥାଇପାରେ ପ୍ରଚଣ୍ଡ ଅହଙ୍କାର । ଜଣେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ଭୁଲିଯାଇ ନିଜକୁ ପୀଡ଼ିତ ଏବଂ ଦୁର୍ଗତମାନଙ୍କ ସେବାରେ ନିୟୋଜିତ କରିପାରେ; କିନ୍ତୁ ତା' ଭିତରେ ଥାଇପାରେ ଦୁରନ୍ତ କାମାବେଗ । ଜଣେ ତରୁଣ ଜମିଦାର ସ୍ୱାଧୀନତା ସଂଗ୍ରାମ ବେଳେ ତାଙ୍କ ବିପୁଳ ସମ୍ପତ୍ତି ସ୍ୱେଚ୍ଛାସେବକମାନଙ୍କୁ ସଙ୍ଗଠିତ କରିବାରେ ଏବଂ ସେମାନଙ୍କ 'ଆଶ୍ରମ' ପରିଚାଳନାରେ, ସହସ୍ରାଧିକ ମହିଳାଙ୍କୁ ଚରଖା କିଣିଦେବାରେ ଉଡ଼ାଇ ଦେଇଥିଲେ । ତାଙ୍କ ତରୁଣୀ ପତ୍ନୀ ନବଜାତ ସନ୍ତାନଟିକୁ ଧରି ଅଭିମାନରେ ବାପ ଘରକୁ ଚାଲିଗଲେ । 'ବାସ୍ତବିକ କେଡ଼େ ବଡ଼ ତ୍ୟାଗୀ' ! ବୋଲି ବିପୁଳ ପ୍ରଶଂସା ତାଙ୍କ ଉପରେ ଓଜାଡ଼ି ହୋଇ ପଡୁଥାଏ ।

ସ୍ୱାଧୀନତା ଆସିଲା; ସେ କ୍ଷମତାସୀନ ହେଲେ । ଜୀବନର ଶେଷ ଦଶନ୍ଧିରେ ସେ ଅବିଶ୍ୱାସ୍ୟ ଦୁର୍ନୀତି କରି ନିଜ ବଂଶଧରମାନଙ୍କ ଭବିଷ୍ୟତ୍ ସୁଗମ କରିବାର ଚେଷ୍ଟା କରି ହାସ୍ୟାସ୍ପଦ ହେଲେ । ଗତଥର ଯେଉଁ ଗଳ୍ପଟି ଉପରେ ଆମେ ଆଲୋକପାତ କରିଥିଲୁ, ଏସବୁ ସେହି ଗଳ୍ପ-ନିହିତ ଚେତାବନୀର ପୁନରାବୃତ୍ତି । କଥା ହେଲା, ମଣିଷ ଗୋଟାଏ ଏକକ ଚେତନା ଦ୍ୱାରା ପରିଚାଳିତ ହୁଏ ନାହିଁ । ତା' ଚେତନାରେ ବେଶ୍ କିଛି ପରସ୍ପର ବିରୋଧୀ ଗୁଣର ସହାବସ୍ଥାନ ଘଟିଥାଏ । କର୍ଣ୍ଣ ଥିଲେ ବହୁ-ଗୁଣ-ଅଳଙ୍କୃତ ମହତ୍ ବୀର । କିନ୍ତୁ ସମ୍ଭବତଃ ତାଙ୍କର ସବୁଠାରୁ ବଡ଼ ଦୁର୍ବଳତା ଥିଲା ଈର୍ଷା; ଅର୍ଜୁନଙ୍କ ପ୍ରତି । ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପାଖରେ ଅସ୍ତ୍ରଶିକ୍ଷା ଅବସରରେହିଁ, ଅର୍ଥାତ୍ କୈଶୋରରେହିଁ ସେ ଦୁର୍ବଳତା ପ୍ରକଟିତ ହୋଇଥିଲା । ଦ୍ରୌପଦୀଙ୍କ ସ୍ୱୟମ୍ବର ସଭାରେ ତାହାର ଉତ୍ତାପ ଅସହ୍ୟ ମାତ୍ରା ସ୍ପର୍ଶ କରିବା ସତ୍ତ୍ୱେ ସେ ଚୁପ୍ ଥିଲେ । କୁରୁସଭାରେ ଦ୍ରୌପଦୀଙ୍କ ହିନସ୍ତାବେଳେ ସେହି ଈର୍ଷାର ଆଗ୍ନେୟଗିରିରେ ହେଲା ବିସ୍ଫୋରଣ ।

**ପ୍ରଥମ ଜିଜ୍ଞାସୁ :** ସେତେ଼ ବଡ଼ ଚରିତ୍ରରେ ଯଦି ସେଭଳି ଦୁର୍ବଳତା ଥିଲା, ଆମ କଥା ତ ଛାର !

**ଦ୍ୱିତୀୟ ଜିଜ୍ଞାସୁ :** ତାଙ୍କଠିଁ ଏମିତି ଗୋଟିଏ ଦୁର୍ବଳତା ଥିବା ସ୍ଥଳେ ଆମଠିଁ ଗଣ୍ଡାଏ ରହିବାର ବଡ଼ କଥା କ'ଣ ?

**ତୃତୀୟ ଜିଜ୍ଞାସୁ :** ମାତ୍ର ଗଣ୍ଡାଏ ବୋଲି କହୁଛ ଅଧ୍ୟାପକ ମହାଶୟ ?

**ଉତ୍ତର :** ଏଭଳି ଦୃଷ୍ଟାନ୍ତ ସବୁ ଦ୍ୱାରା ଆମ ଭିତରେ ଦୁଇ ଧରଣର ପ୍ରତିକ୍ରିୟା ସମ୍ଭବ । ଆମେ ଏଇଆ ଭାବି ଆତ୍ମ-ସନ୍ତୋଷ ଲାଭ କରିଛୁ ଯେ, ଯଦି ବୀର, ମହାବୀରମାନେ ଏମିତି ଦୁର୍ବଳତା ପୋଷଣ କରିପାରନ୍ତି, ଆମେ ଆମ ଭିତରର ଦୁର୍ବଳତାସବୁ ପ୍ରତି ଉଦାସୀନ ରହିଲେ କ୍ଷତି ନାହିଁ । କାମନା-ବାସନା ଅଧ୍ୟୁଷିତ ଏ ଜୀବନ ପାଇଁ ଏଭଳି ଦୃଷ୍ଟାନ୍ତ ଆମ ଦୁର୍ବଳତାସବୁର ପୃଷ୍ଠପୋଷକତା ଦିଗରେ ବେଶ୍ ଯୁକ୍ତି ହୋଇପାରନ୍ତି । ଏହା ଖୁବ୍ ସମର୍ଥନ ଯୋଗ୍ୟ ଦୃଷ୍ଟିକୋଣ ନୁହେଁ । ସମର୍ଥନ ଯୋଗ୍ୟ ହେଲା ଦ୍ୱିତୀୟ ଧରଣର ପ୍ରତିକ୍ରିୟା : ଯଦି ଏମନ୍ତ ସନ୍ତାନ, ବଡ଼ ବଡ଼ ବୀର ଓ ମହତ୍ ବ୍ୟକ୍ତିମାନଙ୍କୁ ମାନସିକ ଦୁର୍ବଳତା କାବୁ କରିନେଇପାରେ, ତେବେ ଆମେ ସେଭଳି ଆପଦର ସମ୍ମୁଖୀନ ନହେବା ସକାଶେ ଖୁବ୍ ସତର୍କ ରହିବା ଆବଶ୍ୟକ ।

**ତୃତୀୟ ଜିଜ୍ଞାସୁ :** କେବଳ ଆଧ୍ୟାତ୍ମିକ ମାର୍ଗର ଯାତ୍ରୀମାନେ ନିରାପଦ ।

**ଅନ୍ୟମାନେ :** ଠିକ୍ କଥା ।

**ଉତ୍ତର :** କ୍ଷମା କରିବେ । ଠିକ୍ କଥା ବୋଲି ମୁଁ କହିପାରୁ ନାହିଁ । ଆଧ୍ୟାତ୍ମିକ ମାର୍ଗ ବଡ଼ ପ୍ରଶସ୍ତ; ପୁଣି ତାହା ଗୋଟାଏ ନୁହେଁ; ଅନେକ । ଆପାତତଃ ସେ ମାର୍ଗର ପଥିକମାନଙ୍କୁ ସାଧକ ବୋଲି କୁହାଯାଉ । ସାଧକ ଯଦି କୌଣସି ନିର୍ଦ୍ଦିଷ୍ଟ ସିଦ୍ଧି ଚାହୁଁଥିବ, ସ୍ଥୂଳ ଜଗତରେ ଯେମିତି ଜଣକର ରାଜନୈତିକ କ୍ଷମତା ଲାଭ କରିବା ନିମନ୍ତେ ଅଥବା ବିପୁଳ ବିତ୍ତର ଅଧିକାରୀ ହେବା ନିମନ୍ତେ ଅଭିଳାଷ ଥାଏ, ଜଣେ ଯଦି ଆଧ୍ୟାତ୍ମିକ ପଥରେ ଯାଇଥିବ ସେମିତି କୌଣସି ସିଦ୍ଧି ଲାଭ

କରିବାର ଉଚ୍ଚାଭିଳାଷ ନେଇ, ତେବେ ତାହା ଭିତରେ ସାଧାରଣ ମାନବିକ ଦୁର୍ବଳତା ଅବଶ୍ୟ ରହିଥିବ । ଏହାର ଅଭୁଲା ଦୃଷ୍ଟାନ୍ତ ବିଶ୍ୱାମିତ୍ର । ଆପଣମାନେ ଅବଶ୍ୟ ଜାଣନ୍ତି ତାଙ୍କ ଜୀବନ କଥା ।

**ଜଣେ ଜିଜ୍ଞାସୁ :** ଜାଣୁ କି ନା ଜାଣୁନା ।...

**ଅନ୍ୟ ଜିଜ୍ଞାସୁମାନେ :** ଟିକିଏ ସଂକ୍ଷେପରେ କହି ଦିଅନ୍ତୁ ।

**ଉତ୍ତର :** ଖୁବ୍ ସଂକ୍ଷେପରେ । ସେ ଥିଲେ ରାଜା । ଦିନେ ସେ ସଦଳବଳ ଅରଣ୍ୟ ଭିତରେ ଋଷି ବଶିଷ୍ଠଙ୍କ ଆଶ୍ରମରେ ବିଶ୍ରାମ ନେବା ଅବସରରେ ଋଷିବର ସେମାନଙ୍କୁ ଦିବ୍ୟ-ଭୋଜନରେ ଆପ୍ୟାୟିତ କଲେ । ବିସ୍ମିତ ବିଶ୍ୱାମିତ୍ର ଯେତେବେଳେ ଜାଣିଲେ ଋଷିଙ୍କ ଗାଭୀ କାମଧେନୁ ପ୍ରସାଦରୁ ଋଷି ସେ ବିପୁଳ ଆୟୋଜନ କରିପାରିଲେ, ସେ ସହସ୍ର ଗାଭୀ ବଦଳରେ ସେ ଗୋଟିକୁ ନେଇ ଯିବାକୁ ବିଚାର କଲେ ଏବଂ ତାଙ୍କ ଅନୁରୋଧ ରକ୍ଷା ନହେବାରୁ ସେ ବଳ ପ୍ରୟୋଗ କଲେ । ତତ୍‌କ୍ଷଣାତ୍ କାମଧେନୁଙ୍କ ପ୍ରସାଦରୁ ଅସଂଖ୍ୟ ଅତିଭୌତିକ ଯୋଦ୍ଧା ସମ୍ଭବ ହୋଇ ରାଜାଙ୍କୁ ପରାଭୂତ କଲେ ।

ରାଜଶକ୍ତି ତୁଳନାରେ ତପଃଶକ୍ତି କେଡ଼େ ଅଧିକ ମହୀୟାନ୍ ହୋଇପାରେ, ତାହାର ପ୍ରମାଣରେ ଅଭିଭୂତ ରାଜା ବିଶ୍ୱାମିତ୍ର ତପସ୍ୱୀ-ଜୀବନ ବରି ନେଲେ । କିନ୍ତୁ ବଶିଷ୍ଠଙ୍କ ପ୍ରତି ତାଙ୍କ ଆକ୍ରୋଶର ଅବସାନ ହେଲା ନାହିଁ । ସେ ତାଙ୍କର ଭୀଷଣ ଅନିଷ୍ଟ କରି ଚାଲିଲେ । ଏଣେ ସେ ନିଜେ ବହୁ ସିଦ୍ଧିଲାଭ କରି ରାଜର୍ଷି ଭାବରେ ପରିଚିତ ହେଲେ । କିନ୍ତୁ ତାଙ୍କର ଅଦମ୍ୟ ଇଚ୍ଛା – ସେ ବ୍ରହ୍ମର୍ଷି ଭାବରେ ବିଦିତ ହେବେ । କିନ୍ତୁ ଯେ ଯାଏଁ ବ୍ରହ୍ମର୍ଷି ବଶିଷ୍ଠ ତାଙ୍କୁ ସେ ମହାନ୍ ସମ୍ମାନ ନ ଦେଇଛନ୍ତି, ଅନ୍ୟ ଋଷିମାନେ ତାହା ଦେବାର ପ୍ରଶ୍ନ ନଥିଲା ।

ବିଶ୍ୱାମିତ୍ରଙ୍କ ଅଭିମାନ ଏଡ଼େ ପ୍ରବଳ ହେଲା ଯେ ଦିନେ ସେ ବାସ୍ତବିକ କ୍ରୋଧାନ୍ଧ ଅବସ୍ଥାରେ ବଶିଷ୍ଠଙ୍କ ଉପରେ ଦାଉ ସାଧିବା ନିମନ୍ତେ ତାଙ୍କ କୁଟିର ଆଡ଼େ ଅଗ୍ରସର ହେଲେ । ସେତେବେଳେ ରାତ୍ରିର ପ୍ରଥମ ପ୍ରହର । କୁଟିର ଅନ୍ଧକାର । ବିଶ୍ୱାମିତ୍ର ଶୁଣିଲେ ବଶିଷ୍ଠ ଏବଂ ତାଙ୍କ ପତ୍ନୀ ଅରୁନ୍ଧତୀଙ୍କ ଭିତରେ ସଂଳାପ । ଘରେ ଅଗ୍ନି ନଥିଲା । ବଶିଷ୍ଠ ପ୍ରଶ୍ନ କଲେ ଅରୁନ୍ଧତୀ କାହିଁକି ନିକଟବର୍ତ୍ତୀ ବିଶ୍ୱାମିତ୍ରଙ୍କ କୁଟିରରୁ ଅଗ୍ନି ଆଣି ପାରିଲେ ନାହିଁ । ଅରୁନ୍ଧତୀ ଦୁଃଖ ଓ ବିସ୍ମୟଭରେ ପ୍ରତି-ପ୍ରଶ୍ନ କଲେ – ଯେଉଁ ବିଶ୍ୱାମିତ୍ର ତାଙ୍କର ସର୍ବନାଶ କରିଛନ୍ତି ତାଙ୍କଠୁଁ ସେ କିଛି ଭିକ୍ଷା କରିବେ ବୋଲି ବଶିଷ୍ଠ କେମିତି ଆଶା କରୁଛନ୍ତି ! ପରେ ପରେ ପୁଣି ସେ ତପସ୍ୱିନୀ ପଚାରିଲେ – ବଶିଷ୍ଠ କାହିଁକି ବିଶ୍ୱାମିତ୍ରଙ୍କୁ ଥରେ ବ୍ରହ୍ମର୍ଷି ବୋଲି କହିଦେଉ ନାହାନ୍ତି ? ସେତକ କଲେ ତ ବିଶ୍ୱାମିତ୍ରଙ୍କ ସମସ୍ତ ଅଭିମାନର ଅବସାନ ହୁଅନ୍ତା ।

ବଶିଷ୍ଠ ଦେଲେ ଏମିତି ଉତ୍ତର : ଥରେ ସେ ବିଶ୍ୱାମିତ୍ରଙ୍କୁ ବ୍ରହ୍ମର୍ଷି ବୋଲି କହିଦେଲେ ତାଙ୍କ ଅହଂ ଯେଉଁ ସ୍ତରରେ ରହିଛି, ସେ ସେଇଠି ଅଟକି ରହିବେ । ବିଶ୍ୱାମିତ୍ରଙ୍କର ଯୌଗିକ ପ୍ରସ୍ତୁତି ସମ୍ପୂର୍ଣ୍ଣ ହେଉ ହେଉ କେବଳ ଶେଷ ମାତ୍ରାଟିର ତଳେ ଥ୍ଲାଣୁ ହୋଇଯାଇଛି – ତାଙ୍କ ଅହଙ୍କାର ଯୋଗୁଁ । ବଶିଷ୍ଠ ଏମିତି ଏକ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି, ଯେତେବେଳେ ବିଶ୍ୱାମିତ୍ର ସେହି ଅହଙ୍କାରର କ୍ରୂର ବନ୍ଧନରୁ ଖସି ଆସିବେ ! ଅର୍ଥାତ୍ ବଶିଷ୍ଠ ନିଜର ପବିତ୍ର ଶୁଭେଚ୍ଛା ଯୋଗୁହିଁ, ବିଶ୍ୱାମିତ୍ରଙ୍କ ପ୍ରକୃତ ହିତ ଦୃଷ୍ଟିରୁହିଁ, ତାଙ୍କୁ ବ୍ରହ୍ମର୍ଷି ସମ୍ବୋଧନ କରୁ ନାହାନ୍ତି !

ବିଶ୍ୱାମିତ୍ର ଏହି ସଂଳାପ ଶୁଣିସାରି ଅଥୟ ହୋଇ ଦୌଡ଼ିଯାଇ ବଶିଷ୍ଠଙ୍କୁ ପ୍ରଣିପାତ କଲେ । ସେ ଅହଂକାରର ଶେଷ ବନ୍ଧନରୁ ମୁକ୍ତି ପାଇଯାଇଥିଲେ । ବଶିଷ୍ଠ ତାଙ୍କୁ ଉଠାଇ କହିଲେ, ''ଶାନ୍ତ ହୁଅ ବ୍ରହ୍ମର୍ଷି ବିଶ୍ୱାମିତ୍ର ।'' କହିବା ବାହୁଲ୍ୟ ବିଶ୍ୱାମିତ୍ରଙ୍କ ଭିତରେ ପ୍ରସ୍ତୁତି ହୋଇ ସାରିଥିଲା । ସେହି ମୁହୂର୍ତ୍ତରେ ହେଲା ପରିପୂର୍ଣ୍ଣ ବ୍ରହ୍ମ-ଉପଲବ୍ଧି ।

**ଜଣେ ଜିଜ୍ଞାସୁ :** କେଡ଼େ ମହତ୍ ବଶିଷ୍ଠ ସତେ !

**ଉତ୍ତର :** ହଁ । ବଶିଷ୍ଠ-ବିଶ୍ୱାମିତ୍ର ସମ୍ବାଦର ବହୁ ଦିଗ ରହିଛି । ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଯାହାହେଉ, ଯେଉଁ ତତ୍ତ୍ୱଟି ମୁଁ ସ୍ପଷ୍ଟ କରିଦେବାକୁ ଚାହୁଁଥିଲି, ତାହା ହେଲା, ସହଜାତ ଦୁର୍ବଳତାର ବିସ୍ଫୋରଣ ଏବଂ କୁଶକ୍ତିର ପ୍ରଭାବ ଏକା କଥା ନୁହେଁ । ସୂକ୍ଷ୍ମ ବାତାବରଣରେ ଯେପରି ଅସଂଖ୍ୟ ମଙ୍ଗଳମୟ ଶକ୍ତି ଅଛନ୍ତି, ସେହିପରି ଅଛନ୍ତି ଅସଂଖ୍ୟ କୁଶକ୍ତି । ନିଜ ଦୁର୍ବଳତାରୁ ଜଣେ ମୁକ୍ତି ପାଇପାରେ; ଏକହିଁ ଜନ୍ମରେ ତା' କର୍ମଫଳ ନିଃଶେଷ ହୋଇଯାଇପାରେ, ନତୁବା ପରଜନ୍ମରେ – ଭରତଙ୍କ ଭଳି ।

**ପ୍ରଥମ ଜିଜ୍ଞାସୁ :** ଭରତଙ୍କ ଭଳି ମାନେ ?

**ଉତ୍ତର :** ମହାକାବ୍ୟ ତଥା ପୁରାଣମାନଙ୍କର ବେଶ୍ କେତୋଟି ଚରିତ୍ର ଭରତ ନାମରେ ବିଦିତ । ଶ୍ରୀରାମଚନ୍ଦ୍ରଙ୍କ ଅନୁଜ ଭରତ, ଦୁଷ୍ମନ୍ତ ଏବଂ ଶକୁନ୍ତଳାଙ୍କ ପୁତ୍ର ଭରତ ଯାହାଙ୍କ ନାମରେ ଏ ଭୂଖଣ୍ଡ ଭାରତଭାବେ ନାମିତ, 'ନାଟ୍ୟଶାସ୍ତ୍ର'ର ଲେଖକ ଭରତ ମୁନି, ଇତ୍ୟାଦି ।

ଜଣେ ଭରତ ହେଲେ ରାଜା ଋଷଭଙ୍କ ପୁତ୍ର । ସେ ଚକ୍ରନାଭ ନାମକ ନଦୀ ତୀରରେ ଦୀର୍ଘକାଳ ଧରି ତପସ୍ୟାରତ ଥା'ନ୍ତି । ଦିନେ ଗର୍ଭିଣୀ ହରିଣୀଟିଏ ତୃଷ୍ଣାର୍ତ୍ତ ହୋଇ ନଦୀ ସ୍ରୋତର ନିକଟବର୍ତ୍ତୀ ହେବା ବେଳକୁ ଗୋଟାଏ ସିଂହର ଗର୍ଜନ ଶୁଣି ଛାନିଆ ହୋଇଗଲା । ଦୌଡ଼ି ପଳାଇବା ଅବସ୍ଥାରେ ସେ ଶାବକଟିଏ ଜନ୍ମ ଦେଲା । ହରିଣୀର ମୃତ୍ୟୁ ହେଲା । ନଈରେ ଜୁଆର ଆସୁଥିଲା । ଶାବକଟି ଭାସି ଯାଇଥା'ନ୍ତା । ତପସ୍ୱୀ ଭରତ ତାକୁ ନିଜ କୁଟିରକୁ ଆଣି ଲାଳନପାଳନ କଲେ । କ୍ରମେ ସେ ପାସୋରି ଦେଲେ ନିଜ ତପସ୍ୟାର ଶୃଙ୍ଖଳା । ହରିଣଟି ହେଲା ତାଙ୍କର ନୟନପିତୁଳା ।

ଯେତେବେଳେ ଭରତଙ୍କ ଶେଷ ମୁହୂର୍ତ୍ତ ଉପସ୍ଥିତ ହେଲା, ସେତେବେଳେ ସେ ନିଜ ପାଳିତ ହରିଣ କଥାହିଁ ଭାବୁଥିଲେ । ଆସନ୍ନ ମୃତ୍ୟୁବେଳେ ଜଣକର ଚେତନା କେଉଁ ବସ୍ତୁ ବା ଭାବନାରେ ଅଭିନିବିଷ୍ଟ, ତାହା ଆଧ୍ୟାତ୍ମିକ ମନସ୍ତତ୍ତ୍ୱରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଯଥେଷ୍ଟ ପ୍ରସ୍ତୁତି ନଥିଲେ ଜଣେ ନିଜ ସନ୍ତାନସନ୍ତତି, ସମ୍ପତ୍ତିର ଭବିଷ୍ୟତ୍, ଏପରିକି ଶତ୍ରୁ କଥା ଭାବୁଥିବା ଅସ୍ୱାଭାବିକ ନୁହେଁ । ପ୍ରସ୍ତୁତି ଥିଲେହିଁ ଜଣେ ନିଜର ପରମ କାମ୍ୟ ପ୍ରତି ଉନ୍ମୁଖ ରହେ ସେହି ବିଶେଷ ମୁହୂର୍ତ୍ତରେ ।

ମୃତ୍ୟୁ ପରେ ଭରତ ହରିଣ ଜନ୍ମ ପ୍ରାପ୍ତ ହେଲେ । ଏ ସମ୍ପର୍କରେ ଆମେ ପୂର୍ବରୁ ଆଲୋଚନା କରିଛୁ । ମନେ ଅଛି ଟି ?

**ଜଣେ ଜିଜ୍ଞାସୁ :** ନିଶ୍ଚୟ ! ମଣିଷ ମୃତ୍ୟୁପରେ ପଶୁ ଜନ୍ମ ପାଏ ନାହିଁ, ତେବେ ତା'ର ଚେତନା କିଛି କାଳ କୌଣସି ପଶୁ ଉପରେ ସବାର୍ ହୋଇପାରେ — ଠିକ୍ ତ ?

**ଉତ୍ତର :** ଚେତନା ନୁହେଁ, ଚେତନାର ଏକ ଅଂଶ, ତା'ର ପ୍ରାଣସତ୍ତା । ଭରତ ମୋହାଚ୍ଛନ୍ନ ହୋଇ ରହିଥିଲେ । ପ୍ରାଣହିଁ ମୋହ, ମାୟା, ଆଶା, ବାସନାର ନିବାସ । ତେଣୁ ତାଙ୍କ ପ୍ରାଣସତ୍ତାହିଁ ଏକ ହରିଣ ସହ ସାମିଲ ହୋଇଥିବ । ସେହି ବ୍ୟାପାରରୁ ସେ ହରିଣ ଜନ୍ମ ନେଲେ ବୋଲି କୁହାଯାଇଛି । ସେ ଯାହାହେଉ, ସେ କିଛିକାଳ ମୋହାଚ୍ଛନ୍ନ ଥିଲେ ବୋଲି ତାଙ୍କ ତପସ୍ୟାର ଫଳ ଯେ ଅକାମୀ ହୋଇଗଲା, ତାହା ନୁହେଁ । ହରିଣର ସଂକ୍ଷିପ୍ତ ଜୀବନକାଳ ପରେ ସେ ପୁନର୍ବାର ମଣିଷ ଜନ୍ମ ପାଇଲେ । ନିଜ ଦିବ୍ୟଜ୍ଞାନକୁ କିନ୍ତୁ ସେ ପ୍ରକଟ କରୁ ନଥା'ନ୍ତି । ଦିନେ ତାଙ୍କ ଭ୍ରାମ୍ୟମାଣ ଅବସ୍ଥାରେ ଜଣେ ରାଜାଙ୍କ ସେବକମାନେ ତାଙ୍କୁ ଧରି ନେଇଥିଲେ । ରାଜାଙ୍କ ଶବାରି ପାଇଁ ଜଣେ ବାହକର ଅଭାବ ଥିଲା । ଜଡ଼ପ୍ରାୟ ଯୁବକଙ୍କୁ ସେବକମାନେ ସେହି କାର୍ଯ୍ୟରେ ଲଗାଇଲେ । କିନ୍ତୁ ପୁନର୍ଜାତ ତପସ୍ୱୀ କାର୍ଯ୍ୟଟି ସୁଚାରୁ ରୂପେ ତୁଲାଇ ନପାରିବାରୁ ରାଜା ତାଙ୍କୁ ଭର୍ତ୍ସନା କରନ୍ତେ ହଠାତ୍ କରୁଣା ପରବଶ ତପସ୍ୱୀ ତାଙ୍କୁ ସଦ୍‌ଜ୍ଞାନ ଦେଲେ । ଅଭିଭୂତ ରାଜା କଲେ ତାଙ୍କ ଚରଣ ବନ୍ଦନା ।

ସହଜାତ ଦୁର୍ବଳତାଜନିତ କର୍ମଫଳ ତୁଟିଯାଏ । କିନ୍ତୁ ଯେଉଁମାନେ ଭୟାବହ ଖଳଶକ୍ତିର ଦାସ ବନିଯାଆନ୍ତି, ସେମାନଙ୍କ ଭବିଷ୍ୟତ୍ ହୁଏ ଜଟିଳ ।

**ଜଣେ ଜିଜ୍ଞାସୁ :** ସେମିତି କୁ-ଶକ୍ତିର ଦାସ ବନି ଜଣେ ବହୁତ ବିଭ୍ରାଟ ସୃଜନ କରୁଥିବ ତ !

**ଉତ୍ତର :** ଭୂପୃଷ୍ଠରେ ଅବ୍ୟାହତ ରହିଥିବା ଚେତନାର ପ୍ରଗତିକୁ ପ୍ରତିହତ କରିବାହିଁ ସେମାନଙ୍କର ଆଭିମୁଖ୍ୟ । ମୁଁ ଅବଶ୍ୟ କୁନି କୁନି ଖଳଶକ୍ତିମାନଙ୍କ କଥା କହୁ ନାହିଁ — କହୁଛି ଭଗବତ୍-ବିରୋଧୀ ପ୍ରଚଣ୍ଡ ଅପଶକ୍ତିମାନଙ୍କ କଥା । ସେଭଳି ଶକ୍ତି ଜଣେ ଦୁର୍ବଳମନା, ବିବେକ-ଶୂନ୍ୟ ଉଚ୍ଚାଭିଳାଷୀ ମଣିଷକୁ ପ୍ରଥମେ ଆୟତ୍ତ କରିନେଇ ଗୋଟାଏ ସମଗ୍ର ଜାତିକୁ ମଧ୍ୟ ମତିଭ୍ରଷ୍ଟ, ନିର୍ମମ ତଥା ଭୀରୁ ବନାଇ ଦେଇ ପାରନ୍ତି । ମୁଁ ହିଟ୍‌ଲର୍ ଏବଂ ଜର୍ମାନ ଜାତି କଥା କହୁଛି ।

**ପ୍ରଥମ ଜିଜ୍ଞାସୁ :** ବିଷମ କଥା ତ ! ସମାଜ ଆଖିରେ ମହତ୍ ଲୋକଟିଏ ଦିଗ୍‌ଭ୍ରଷ୍ଟ ହୋଇପାରେ; ଏପରିକି ତପସ୍ୱୀ ମଧ୍ୟ କ୍ରୋଧାନ୍ଧ ହୋଇପାରେ । ଆମେ କେଉଁ ମଣିଷ — କେତେଦୂର ବା ଆମେ ସତର୍କ ରହିପାରିବା ?

**ଦ୍ୱିତୀୟ ଜିଜ୍ଞାସୁ :** ମୁଁ ନା ମହତ୍ ମଣିଷ, ନା ଯୋଗ କରିବା ଭଳି ଯୋଗ୍ୟତାର ଅଧିକାରୀ ! କରିବି କ'ଣ ?

**ଉତ୍ତର :** ଆମ ସମସ୍ତଙ୍କ ପାଇଁ ରହିଛି ଏକ ସୁନ୍ଦର, ମଧୁର ମାର୍ଗ । ମୁଁ ସେ ମାର୍ଗର ତାତ୍ତ୍ୱିକ ସନ୍ଧାନ ମାତ୍ର ଦେଇପାରେ । ନିଜେ ସେ ମାର୍ଗରେ ଅଗ୍ରସର ହୋଇପାରି ନାହିଁ । ହୁଏତ ଆପଣମାନେ ପାରିବେ । କାହା ଅନ୍ତରାତ୍ମାର ବିକାଶ କେତେଦୂର, ସେକଥା କିଏ ବା କହିପାରିବ । ସେ ମାର୍ଗର ପରିଚୟ ଜଣେ ଯୋଗୀ ଦେଇଛନ୍ତି ଏହି ଭାଷାରେ : ନଦୀରେ ଆସିଛି ପ୍ରବଳ ବନ୍ୟା । ସେ ସ୍ରୋତରେ ହାତୀଟିଏ ଭାସି ଯାଉଛି । କିନ୍ତୁ ସେ ସ୍ରୋତର ବିପରୀତ ଦିଗକୁ ଅବଲୀଳା କ୍ରମେ ସନ୍ତରଣ କରିଯାଇ ପାରୁଛି କ୍ଷୁଦ୍ର ମାଛଟିଏ । ରହସ୍ୟ ସ୍ପଷ୍ଟ, ମାଛଟି ନଈର ଆଶ୍ରିତ । ନିଃସର୍ତ୍ତ ଶରଣ ମାଧ୍ୟମରେହିଁ ସେମିତି ନିରାପଦ ଆଶ୍ରୟ ହେବା ସମ୍ଭବ ।

ଅଧିକାର-ବହିର୍ଭୂତ କଥା କହି ସାରିଲିଣି । ଏତିକିରେ ଥାଉ । ଆପଣମାନଙ୍କ ଯାତ୍ରା ସୁଗମ ହେଉ । ତେବେ ଆମ ପ୍ରସ୍ତୁତି-ବିହୀନ କଥାବାର୍ତ୍ତା ଯେଉଁ ଧାରାରେ ଗତିକଲା, ମୋର ଆଶଙ୍କା ଆପଣମାନେ ହୁଏତ ଆମର, ଅର୍ଥାତ୍ ମଣିଷର ଜୀବନଯାତ୍ରା ସମ୍ପର୍କରେ କିଞ୍ଚିତ୍ ସନ୍ଦିଗ୍ଧ ଅବସ୍ଥାରେ ରହି ମୋଠୁଁ ବିଦାୟ ନେଉଛନ୍ତି । ଗୋଟାଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସତ୍ୟ ମୁଁ ଆପଣମାନଙ୍କୁ ସ୍ମରଣ କରାଇ ଦେଉଛି । ମାନବ ସୃଷ୍ଟିର ଏକ ଭବିଷ୍ୟତ୍ ରହିଛି । ଯଦି ପ୍ରଗତି ଓ ପୂର୍ଣ୍ଣତାର ପ୍ରତିଶ୍ରୁତି ନଥା'ନ୍ତା, ତେବେ ଆମର ଗ୍ଲାନିବୋଧ, ବିବେକର ଦଂଶନ ଇତ୍ୟାଦି ଭଳି ଅନୁଭୂତି ହୁଅନ୍ତା ନାହିଁ । ଆମ ମନରେ କୌଣସି ଜିଜ୍ଞାସାର ଉଦୟ ମଧ୍ୟ ହୁଅନ୍ତା ନାହିଁ । ପ୍ରକୃତି-ନିହିତ ବିବର୍ତ୍ତନୀ ଶକ୍ତି କୁହନ୍ତୁ ବା ଦିବ୍ୟଶକ୍ତି କୁହନ୍ତୁ, ସେହି ପୂର୍ଣ୍ଣତା ଦିଗରେ ଆମର ସହାୟକ ହେବାକୁ ପ୍ରସ୍ତୁତ । ଆମ ଭିତରେ ଆଶା ଓ ବିଶ୍ୱାସ ଅଧିକରୁ ଅଧିକ ବଳବତ୍ତର ହେଉ । ଆଜିର ତମସାଚ୍ଛନ୍ନ ମାନବତାହିଁ କ୍ରମବିକାଶର ଶେଷ ଦୃଶ୍ୟ ହୋଇ ନପାରେ । ମାନବ ଚରିତ୍ର ବିଚିତ୍ର ନିଶ୍ଚୟ, କିନ୍ତୁ ପଥର ସନ୍ଧାନରେ ବହିର୍ଗତ ଚେତନା ପାଇଁ ଦୁର୍ଯୋଗ ଯେତିକି ରହିଛି, ତାହାଠୁଁ ବହୁତ ଅଧିକ ମାତ୍ରାରେ ରହିଛି ସୁଯୋଗ ।

His Grace is always with those who want to progress
and realise the Truth of tomorrow.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

# ବିବର୍ତ୍ତନର ଗତିଧାରା


## ଶ୍ରୀ ପ୍ରପତ୍ତି


ବିବର୍ତ୍ତନର ଗତିଧାରା ସର୍ବଦା ବଙ୍କାଟଙ୍କା, କୁଟିଳ ଓ ଜଟିଳ । ଏହି ଗତିଧାରାକୁ କଚ୍ଛପର ଗତି ସଙ୍ଗେ ତୁଳନା କରାଯାଇପାରେ । ଲକ୍ଷ ଲକ୍ଷ, କୋଟି କୋଟି ବର୍ଷ ଧରି ଏହି ଗତି ଚାଲିଛି । ସେଥିରେ ତିନୋଟି ସ୍ତର ପ୍ରକାଶ ହୋଇଛି । ଏହି ସ୍ତରଗୁଡ଼ିକ ହେଲା ବିବର୍ତ୍ତନର ତିନୋଟି ଗ୍ରନ୍ଥି (knots of evolution) । ଏହାର ପ୍ରତ୍ୟେକ ସ୍ତରରେ ଏକ ମୌଳିକ ତଥା ଗୁଣାତ୍ମକ ପରିବର୍ତ୍ତନ ହୋଇଛି । ବିବର୍ତ୍ତନର ମୂଳରେ ରହିଛି ନିଶ୍ଚେତନା (Inconscient) । ଏହି ନିଶ୍ଚେତନାର ସ୍ତରରେ ଚେତନାର ପୂର୍ଣ୍ଣ ବିଲୁପ୍ତି ଘଟିଛି । ଏହା ଘୋର ଅନ୍ଧକାରମୟ ନିଥର ପ୍ରଦେଶ । ଏହାରି ମଧ୍ୟରୁ ଏକ ଚେତନାର ଚାପ କ୍ରମେ ବିବର୍ତ୍ତନର ଧାରା ରୂପେ ଅଗ୍ରସର ହୋଇଛି । ଏହି ବିବର୍ତ୍ତନର ଅନ୍ତଃସ୍ଥଳରେ ରହିଛି ଏକ ଅସ୍ପଷ୍ଟ ବିକ୍ଷୁବ୍ଧ ବିପର୍ଯ୍ୟୟଗତ ଚେତନା । ଏହାର ପ୍ରକାଶର ସର୍ବପ୍ରଥମ ସ୍ତର ହେଲା ଜଡ଼ (Matter) । ଏହି ଜଡ଼ ଏହି ପୃଥିବୀରେ ବିବର୍ତ୍ତନର ପ୍ରାଥମିକ ସ୍ତରରୂପେ ଆସ୍ଥାନ ଜମେଇ ରହିଛି । ଯଦିଓ ଏହା ନିଶ୍ଚେତନାର ଗର୍ଭରୁ ଉଦ୍ଭୂତ ହୋଇଛି ତଥାପି ଏହା ମଧ୍ୟରେ ରହିଛି ଏକ ଚେତନା । ଏହାର ପୁନର୍ବିକାଶ ଘଟିଛି – ଚେତନାର ଅନ୍ୟ ଏକ ସ୍ତରରେ, ପ୍ରାଣର ଅଭ୍ୟୁଦୟ ଫଳରେ । ପ୍ରାଣହିଁ ବିବର୍ତ୍ତନର ଦ୍ୱିତୀୟ ମୌଳିକ ସ୍ତର । ପ୍ରାଣ-ଭୂମିରୁ ପ୍ରାଣ ଅବତରଣ କରିଛି ଏବଂ ଜଡ଼ ମଧ୍ୟରେ ଯେଉଁ ପ୍ରାଣ ସୁଷୁପ୍ତ ଓ ନିଦ୍ରିତ ଥିଲା ତାହାକୁ ଖୋଲି ଦେଇଛି । କିନ୍ତୁ ଏହି ଜଡ଼କୁ ଆଶ୍ରୟ କରି ପ୍ରାଣର ପ୍ରତିଷ୍ଠା ହୋଇଛି । ବିବର୍ତ୍ତନର ତୃତୀୟ ସ୍ତରରେ ଆଉ ଗୋଟିଏ ଗୁଣାତ୍ମକ ଓ ମୌଳିକ ଚେତନା ଦେଖାଦେଲା । ତାହା ହେଲା ମନୋମୟ ଚେତନା । ଏହି ଚେତନା ମନୋଭୂମିରୁ ଅବତରଣ କରି ପ୍ରାଣ ମଧ୍ୟରେ ଥିବା ଅସ୍ପଷ୍ଟ, ଅବିକଶିତ ଓ ଅର୍ଦ୍ଧଜାଗ୍ରତ୍ ମନକୁ ଖୋଲି ଦେଇଛି । ଏହି ତ୍ରିବିଧ ସ୍ତରଗୁଡ଼ିକୁ ଧାରଣ କରି ମଣିଷଜାତିର ଆବିର୍ଭାବ ହୋଇଛି । ସୁତରାଂ ଆମେମାନେ କହିପାରିବା ଯେ ପ୍ରତ୍ୟକ୍ଷରୂପେ ବିବର୍ତ୍ତନର ଧାରାରେ ତିନୋଟି ମୌଳିକ ସ୍ତର ଫୁଟିଉଠିଛି – ଜଡ଼, ପ୍ରାଣ ଓ ମନ । ବର୍ତ୍ତମାନ ପ୍ରଶ୍ନ ହେଉଛି ଏହି ସ୍ତରରେ ବିବର୍ତ୍ତନର ଧାରା ଅଟକି ଯିବ କି ? ମନର ବିକାଶହିଁ ଚେତନାର ସର୍ବୋତ୍କୃଷ୍ଟ ସ୍ତର କି ? ଏହିଠାରେ ଚେତନାର ପୂର୍ଣ୍ଣ ବିକାଶ ଘଟିଛି କି ? ଯଦି ତାହାହିଁ ସତ୍ୟ ହୁଏ ତାହା ହେଲେ ଏ ସୃଷ୍ଟି ସଂପୂର୍ଣ୍ଣତା ପ୍ରାପ୍ତ ହୋଇଛି ବୋଲି କୁହାଯାଇ ପାରିବ । କିନ୍ତୁ ଏହା କଦାପି ସେପରି ନୁହେଁ । ମନ, ଚେତନାର ପରିପୂର୍ଣ୍ଣ ବିକାଶ ନୁହେଁ । କାରଣ ଚେତନା ଏହି ସ୍ତରରେ ଖଣ୍ଡିତ, ସଂକୀର୍ଣ୍ଣ ଓ ଅର୍ଦ୍ଧବିକଶିତ ହୋଇରହିଛି । ଏହି ଚେତନାରେ ପୂର୍ଣ୍ଣ ଜ୍ୟୋତିର୍ମୟତା, ଅଖଣ୍ଡ ଜ୍ଞାନର ପ୍ରକାଶ ଘଟି ନାହିଁ । ସୁତରାଂ ଯେଉଁ ବିବର୍ତ୍ତନର ଧାରା ଜଡ଼ ଓ ପ୍ରାଣକୁ ଅତିକ୍ରମ କରି ମନୋମୟ ସ୍ତରରେ ପହଞ୍ଚିଛି ତାହା ସେହି ସ୍ତରରେ ଅଟକି ନଯାଇ ଆଗକୁ ଚାଲିବାକୁ ଚାହେଁ । ପ୍ରକୃତିର ବିବର୍ତ୍ତନର ଧାରା କଦାପି ଏହି ସ୍ତରରେ ରହିଯିବ ନାହିଁ । ଏକଥା କୁହାଯାଇପାରେ ଯେ ମନୋମୟ ସ୍ତରରୁ ବିବର୍ତ୍ତନର ଧାରା କିଛି ପରମାଣରେ ସଚେତନତା ପ୍ରାପ୍ତ ହୋଇଛି । ଯେଉଁ ବିବର୍ତ୍ତନର ଧାରା ବହୁ ଜଟିଳ ଓ କୁଟିଳ ପଥଦେଇ ଗତିକରି ଆସିଛି ତାହା ମନୋମୟ ସ୍ତରରେ ସଚେତନ ହୋଇ ଅଗ୍ରସର ହେବାକୁ ଚାହେଁ । ପୂର୍ବରୁ ଏହି ବିବର୍ତ୍ତନର ଧାରା ଅଚେତନଭାବେ କୋଟି କୋଟି ବର୍ଷ ଧରି ଚାଲିଥିଲା । ଏହି ବିବର୍ତ୍ତନ ମଧ୍ୟ ସଂଘଟିତ ହୋଇଥିଲା ପ୍ରକୃତିର ନିଜସ୍ୱ ବୃତ୍ତି ଉପରେ । କିନ୍ତୁ ବର୍ତ୍ତମାନ ମନୁଷ୍ୟ ମଧ୍ୟଦେଇ ତାହା ସଚେତନତା ପ୍ରାପ୍ତ ହୋଇଥିବାରୁ ମନୁଷ୍ୟ ଇଚ୍ଛାକଲେ କୋଟି କୋଟି ବର୍ଷର ପ୍ରାକୃତିକ ବିବର୍ତ୍ତନକୁ ଅଳ୍ପ କେତେ ବର୍ଷରେ ଅଗ୍ରଗତିର ପଥରେ ନେଇଯାଇପାରେ । ସୁତରାଂ ମାନବିକ ସ୍ତରରେ ବିବର୍ତ୍ତନର ଧାରା ସ୍ୱନିୟନ୍ତ୍ରିତ ଏବଂ ସ୍ୱୟଂ ପରିଚାଳିତ (self controlled and self directed) ହୋଇପାରିଛି ।

ବର୍ତ୍ତମାନ ପୃଥିବୀରେ ଯେଉଁ ସଂକଟ ଦେଖା ଦେଇଛି ତାହାହିଁ ବିବର୍ତ୍ତନଗତ ସଂକଟ । ମଣିଷ ଚେତନାର ଊର୍ଦ୍ଧ୍ୱାୟନ ଗତି ହେବ ଏବଂ ଚେତନା ଚତୁର୍ଥ ସ୍ତରକୁ ଆରୋହଣ କରିବ । ଯେହେତୁ ମନୁଷ୍ୟର ସହଯୋଗ ବିନା ଏହି କାର୍ଯ୍ୟ ହୋଇପାରିବ ନାହିଁ ସେଥିପାଇଁ ଏକ ବିଶ୍ୱବ୍ୟାପୀ ବିକ୍ଷୋଭ ଦେଖାଦେଇଛି । ପ୍ରକୃତିର ବିବର୍ତ୍ତନକୁ ତ୍ୱରାନ୍ୱିତ, କ୍ଷିପ୍ର, ସରଳ ଓ ସହଜ କରାଯାଇପାରେ । ଏହାହିଁ ବିବର୍ତ୍ତନର ଆହ୍ୱାନ (challange of evolution) । ଚେତନାର ଯେଉଁ ଭୂମି ଉନ୍ମୁକ୍ତ ହେବାକୁ ଅପେକ୍ଷା କରିରହିଛି ତାହାହେଲା ଚତୁର୍ଥ ଭୂମି । ପ୍ରତ୍ୟେକ ସ୍ତରରେ ଯେଉଁ ଗୁଣାତ୍ମକ

ମୌଳିକ ପରିବର୍ତ୍ତନ ଅତୀତରେ ଦେଖାଯାଇଛି ସେହିପରି ଏହି ଚତୁର୍ଥ ସ୍ତରରେ ମଧ୍ୟ ଏକ ଅତି ମୌଳିକ ଓ ଗୁଣାତ୍ମକ ପରିବର୍ତ୍ତନ ଦେଖାଦେବ । ଏହା ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।

ଏହି ଚତୁର୍ଥ ଭୂମିର ଉନ୍ମୋଚନ ଦ୍ୱାର ରୂପେ ଯେଉଁ ମୌଳିକ ପରିବର୍ତ୍ତନ ଦେଖାଦେବ ତାହାର ପରିଣାମସ୍ୱରୂପ ମଣିଷ ଜୀବନଧାରାର ଆମୂଳଚୂଳ ପରିବର୍ତ୍ତନ ହେବ । ସୁତରାଂ ବର୍ତ୍ତମାନ ଯେଉଁ ସମସ୍ୟା ଦେଖାଦେଇଛି ତାହା ଚେତନାର ସମସ୍ୟା ।

ଏହିପରି ଏକ ବିଶାଳ, ମହାନ୍, ପୂର୍ଣ୍ଣ ଚୈତନ୍ୟମୟ ପୂର୍ଣ୍ଣ ଜ୍ଞାନମୟ ଚେତନାକୁ ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଅବତରଣ କରାଇ ମାନବଜାତିର ଆଶୁ ପରିଣାମକୁ କ୍ଷିପ୍ରତର ଏବଂ ଦ୍ରୁତତର କରିଛନ୍ତି । ମନୁଷ୍ୟ ଇଚ୍ଛାକଲେ ଏବଂ ଏପରି ଇଚ୍ଛା କରିବାକୁ ବାଧ୍ୟ ହେବ ବର୍ତ୍ତମାନ ସଂକଟର ସମାଧାନ କରିବାରେ । ଚତୁର୍ଥ ଭୂମି ହେଉଛି ଦିବ୍ୟଭୂମି, ଆତ୍ମାର ଭୂମି, ଚୈତ୍ୟପୁରୁଷଙ୍କର ଭୂମି । ଏହି ଭୂମି ମଣିଷ ହୃଦୟରେ ମଧ୍ୟ ରହିଛି । ଏହି ଭୂମିରେ ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ ଓ ପ୍ରେମ ସ୍ୱାଭାବିକ ରୂପେ ବିଦ୍ୟମାନ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରକୁ ପ୍ରାପ୍ତ ନହୋଇଛି ସେପର୍ଯ୍ୟନ୍ତ ସେ ନାନା ଦୁଃଖ, କଷ୍ଟ, ବିପଦ ଓ ବିପର୍ଯ୍ୟୟ, ହତାଶ ଓ ନୈରାଶ୍ୟ ମଧ୍ୟଦେଇ ଗତି କରିବ । ଚେତନାର ଏହି ରୂପାନ୍ତରହିଁ ଚତୁର୍ଥ ଭୂମିକୁ ଉଠିଯିବାରେ ସାହାଯ୍ୟ କରିବ । ଏଥିପାଇଁ ଏହାକୁହିଁ Yoga of transformation ବୋଲି କୁହାଯାଏ ।

**ଯୋଗହିଁ ନବଜନ୍ମ :**

All yoga in its essence is a new birth. ଚେତନାର ନବଜନ୍ମର ଅର୍ଥ ମନୁଷ୍ୟ ବର୍ତ୍ତମାନ ଯେଉଁ ଚେତନାରେ ରହିଛି ସେହି ଚେତନାକୁ ଅତିକ୍ରମ କରି ଆଉ ଏକ ଚେତନା ସ୍ତରରେ ଉପନୀତ ହେବ । ବର୍ତ୍ତମାନର ଚେତନା ହେଲା ଖଣ୍ଡିତ, ସଂକୀର୍ଣ୍ଣ, ଅହଂଯୁକ୍ତ ତଥା ସଂଘର୍ଷମୂଳକ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରରେ ରହିଛି ସେତେଦିନ ପର୍ଯ୍ୟନ୍ତ ଦୁଃଖ, କଷ୍ଟ, ଅଶାନ୍ତି ଓ ସଂଘର୍ଷ ତଥା ନାନା ବାଧା, ବିବାଦ ଓ କଳହ ଲାଗି ରହିଥିବ । କେହି କେହି ମନେକରନ୍ତି ମନୁଷ୍ୟର ବାହ୍ୟ ଜୀବନର ପରିବର୍ତ୍ତନ ଘଟିଲେ ମନୁଷ୍ୟ ସୁଖ ଶାନ୍ତିରେ ରହିପାରିବ । କିନ୍ତୁ ଏହା ସମ୍ଭବ ନୁହେଁ । ମନୁଷ୍ୟ ଯେଉଁଠି ଅଛି ସେଇଠି ରହିବ ଅଥଚ ଏକ ସମୃଦ୍ଧ ସମାଜ (Affluent), ଏକ ଜନମଙ୍ଗଳ ରାଷ୍ଟ୍ର ଗଠନ କରିବ ବା ରାମରାଜ୍ୟ ବା ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବ, ଏହା କଦାପି ସମ୍ଭବ ନୁହେଁ । ବର୍ତ୍ତମାନର ଡାକରା ହେଉଛି ଏକ ଗଭୀରତର, ବିଶାଳତର ଓ ବ୍ୟାପକ ପରିବର୍ତ୍ତନ ପାଇଁ । ଏହି ପରିବର୍ତ୍ତନ ଦ୍ୱାରା ବହୁ ଜିନିଷ ଧ୍ୱଂସ ପ୍ରାପ୍ତ ହେବ । ମଣିଷ ଜୀବନ ବହୁ ଆକୁଳତାରେ ଓ ବ୍ୟାକୁଳତାରେ ପରିପୂର୍ଣ୍ଣ ହୋଇଉଠିବ । ଚତୁର୍ଦିଗରେ ଦେଖାଦେବ ଏକ ପ୍ରଜ୍ୱଳନ । ମନୁଷ୍ୟ ଯେତେ ଚେଷ୍ଟା କଲେ ବି ଯଦି ଠିକ୍ ରାସ୍ତା ନଧରେ ତେବେ ପୋଡ଼ାଜଳା ମଧ୍ୟରେ ମୃତ୍ୟୁହିଁ ସାର ହେବ । ସେଥିପାଇଁ ଶ୍ରୀମା'ଙ୍କ ଭାଷାରେ "Blessed are those who take a leap towards the future." ଅର୍ଥାତ୍ ସେହିମାନେହିଁ ଆଶୀର୍ବାଦଯୋଗ୍ୟ ଯେଉଁମାନେ ଭବିଷ୍ୟତ୍ ଅଭିମୁଖରେ ଲମ୍ଫ ଦିଅନ୍ତି । ଏହି ଲମ୍ଫ-ପ୍ରଦାନର ଅର୍ଥ ହେଲା ଚେତନାର ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଚାଲିଯିବା । ଭବିଷ୍ୟତ୍ ଯେପରି ଅନ୍ଧକାରମୟ ଏବଂ ଦୁର୍ଦ୍ଦିନରେ ପୂର୍ଣ୍ଣ ଭଳି ମନେ ହେଉଛି ତାହା ଯଥାର୍ଥରେ ଠିକ୍ ସେପରି ନୁହେଁ । ଧୀରେ ଧୀରେ ଏହି ସଂକଟ ଭୟଙ୍କର ଓ ଅବସାଦପୂର୍ଣ୍ଣ ବୋଲି ବୋଧ ହେବ । କିନ୍ତୁ ଆମେମାନେ ଯଦି ଆମମାନଙ୍କର ମନୋଭାବକୁ ପରିବର୍ତ୍ତନ କରିବା ଏବଂ ଏହି ସତ୍ୟର ଅଭିମୁଖୀ ହେବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା — ଏହାକୁ ଜୀବନରେ କାର୍ଯ୍ୟକାରୀ କରାଇବା ପାଇଁ ବଦ୍ଧପରିକର ହେବା ତେବେ ବର୍ତ୍ତମାନ ଯେଉଁ ଦୁଃସ୍ଥିତି, ବିଷାଦ ଓ ଭୟ ଦେଖାଦେଇଛି ତାହା ଦୂର ହେବ । ✤

ଶ୍ରୀଅରବିନ୍ଦ ପରମଙ୍କର ଏକ ପ୍ରକାଶ ଯିଏକି ପୃଥିବୀପୃଷ୍ଠକୁ ଆସିଥିଲେ ଏକ ନୂତନ ମାନବ ଜାତି ଓ ଏକ ନୂତନ ଅତିମାନସ ଜଗତର ଅଭିବ୍ୟକ୍ତି ସଂପର୍କରେ ଘୋଷଣା କରିବାକୁ ।

ଆସ ଆମେମାନେ ସମସ୍ତ ଆନ୍ତରିକତା ଓ ଆଗ୍ରହର ସହ ସେଥିଲାଗି ନିଜକୁ ପ୍ରସ୍ତୁତ କରିବା ।

— ଶ୍ରୀମା

# କର୍ମଫଳ ଓ ମାନବ ନିୟତି

## (୪)

**ମମତା ଦାଶ**

ବିଭିନ୍ନ ଧାର୍ମିକ ଓ ଆଧ୍ୟାତ୍ମିକ ପରମ୍ପରାରେ, ମାନବର ନିୟତି, ପୁନର୍ଜନ୍ମ ଓ କର୍ମଫଳ ଉପରେ ରହିଥିବା ବିଶ୍ୱାସ ଓ ଚିନ୍ତାଧାରା ସମ୍ବନ୍ଧରେ ଆମେ ସମ୍ୟକ୍ ଆଲୋଚନା କଲେ । କର୍ମଫଳ ଓ ନିୟତିବାଦ ସହିତ ପୁନର୍ଜନ୍ମର ବିଶ୍ୱାସ ଅଙ୍ଗାଙ୍ଗିଭାବରେ ଜଡ଼ିତ । ବୌଦ୍ଧଧର୍ମ, ଜୈନଧର୍ମ, ଥିଓସଫି ଏବଂ ହିନ୍ଦୁଧର୍ମରେ ପୁନର୍ଜନ୍ମରେ ବିଶ୍ୱାସ ରଖାଯାଏ । ଖ୍ରୀଷ୍ଟିଆନ ଧର୍ମରେ ମନୁଷ୍ୟ ତାହାର କୃତକର୍ମ ପାଇଁ ଦିନେ ଅନ୍ତିମ ବିଚାରର ସମ୍ମୁଖୀନ ହେବାକୁ ବାଧ୍ୟ । ପରିଣାମରେ ଜଣେ ବ୍ୟକ୍ତି ସ୍ୱର୍ଗ ବା ଅନନ୍ତ ନରକରେ ପତିତ ହୁଏ । ଇସଲାମ ଧର୍ମରେ ମଧ୍ୟ ପାପ ପୁଣ୍ୟର ଧାରଣା, ସ୍ୱର୍ଗଲାଭ, ଦଣ୍ଡବିଧାନ ଇତ୍ୟାଦିରେ ଦୃଢ଼ ବିଶ୍ୱାସ ରହିଛି । ହିନ୍ଦୁଧର୍ମର ବେଦ, ବେଦାନ୍ତ, ଉପନିଷଦ୍, ଭଗବଦ୍‌ଗୀତା ଇତ୍ୟାଦି ମୁଖ୍ୟ ଗ୍ରନ୍ଥମାନଙ୍କରେ କର୍ମଫଳ, ପୁରୁଷାକାର, ନିୟତି ଇତ୍ୟାଦି ସମ୍ବନ୍ଧରେ ଖୁବ୍ ମୁକ୍ତ ଚିନ୍ତାଧାରା ରହିଛି, କିନ୍ତୁ ପରବର୍ତ୍ତୀକାଳରେ ଲେଖା ଯାଇଥିବା ପୁରାଣ-ମାନଙ୍କରେ ମଣିଷର ପାପ ପାଇଁ ଭୟଙ୍କର ଦଣ୍ଡବିଧାନ ଏବଂ ପୁଣ୍ୟ ନିମିତ୍ତ ସ୍ୱର୍ଗ ଓ ଅନ୍ୟାନ୍ୟ ଲୋକମାନଙ୍କରେ ସ୍ଥାନ ରହିଥିବା କଥା ଉଲ୍ଲେଖ ରହିଛି ।

ହିନ୍ଦୁଧର୍ମର ମୌଳିକ ଦର୍ଶନରେ, ମଣିଷ ଜୀବନର ଆଧ୍ୟାତ୍ମିକ ସାଧନା ଉପରେ ଗୁରୁତ୍ୱ ଦିଆଯାଇଛି । ଆଧ୍ୟାତ୍ମିକ ଯୋଗସାଧନା କରି, ମଣିଷ ଯଦି ମୋକ୍ଷ ଲାଭ କରେ, ପରମାତ୍ମାଙ୍କ ସହିତ ମିଳିତ ହୋଇଯାଏ, ତେବେ ସେ କର୍ମଫଳ ଓ ଜନ୍ମଚକ୍ରରୁ ମୁକ୍ତ ହୋଇଯାଏ । ସେ ଇଚ୍ଛା ନକଲେ ଆଉ ଜନ୍ମ ନିଏ ନାହିଁ । ବୌଦ୍ଧଧର୍ମ ଅନୁସାରେ ନିର୍ବାଣପ୍ରାପ୍ତି ପରେ ପୁନର୍ଜନ୍ମ ଲାଭ କରିବାକୁ ହୁଏ ନାହିଁ । ତେବେ ଏହି ସୃଷ୍ଟିର ଲକ୍ଷ୍ୟ କ'ଣ ? ଜନ୍ମ ନେବା, କର୍ମ କରିବା, ତା'ର ଫଳଭୋଗ କରିବା ଏବଂ ମୋକ୍ଷ ବା ନିର୍ବାଣ ଲାଭ କରି ସୃଷ୍ଟି ମଧ୍ୟରୁ ପଳାୟନ କରିବା ? ଏପ୍ରକାର ଅଦ୍ଭୁତ ଉଦ୍ଦେଶ୍ୟ ନେଇ ସୃଷ୍ଟିକର୍ତ୍ତା କ'ଣ ଏହି ବିଶ୍ୱଜଗତକୁ ସୃଷ୍ଟି କରିଛନ୍ତି ?

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ବିଚାରଧାରା ଓ ଦର୍ଶନ ଏହି ପ୍ରଶ୍ନର ଏକ ଅକାଟ୍ୟ ଉତ୍ତର ଦେଇପାରେ । ବେଦ ମଧ୍ୟରେ ଏହି ଦର୍ଶନର ମୂଳ ବୀଜ ନିହିତ ଥିଲେହେଁ, ଏହାକୁ କାର୍ଯ୍ୟକାରୀ କରିବାର ପନ୍ଥା ଶ୍ରୀଅରବିନ୍ଦ ଓ ଶ୍ରୀମାହିଁ ପ୍ରଥମେ ନିର୍ଦ୍ଦେଶ କରିଛନ୍ତି । ଏହି ଦର୍ଶନ ଅନୁସାରେ ମନୁଷ୍ୟ କୃତକର୍ମର ପରିଣାମ ଭୋଗ କରିବ ନିଶ୍ଚୟ, କିନ୍ତୁ ତାହା ଈଶ୍ୱରଙ୍କର ବା ଭାଗ୍ୟ ବିଧାତାଙ୍କର ଶାସ୍ତିବିଧାନ ନୁହେଁ । ତାହା ଏକ ପ୍ରାକୃତିକ ନିୟମ । ନିଆଁରେ ହାତ ପୂରାଇଲେ, ହାତ ଜଳିଯିବା ଏକ ନିୟମ, ବିଷପାନ କଲେ ମୃତ୍ୟୁ ହେବା ସ୍ୱାଭାବିକ ନିୟମ – କର୍ମ ଓ ତା'ର ପରିଣାମ ସେହିପରି ଏକ ନିୟମମାତ୍ର । ଏହି ଅନିବାର୍ଯ୍ୟ ନିୟମ ମାଧ୍ୟମରେ ପ୍ରକୃତି ସୃଷ୍ଟି ପ୍ରକ୍ରିୟାକୁ ବଜାୟ ରଖିବାରେ ସଫଳ ହୁଏ । କିନ୍ତୁ, ଏହି ସୃଷ୍ଟି ନିମିତ୍ତ ପରମେଶ୍ୱରଙ୍କର ଯେଉଁ ଉଦ୍ଦେଶ୍ୟ ରହିଛି, ତାହା ମଧ୍ୟ ଏହି କର୍ମ ଓ କର୍ମଫଳର ଅଭିଜ୍ଞତା ମାଧ୍ୟମରେ ସମ୍ପନ୍ନ ହୋଇଥାଏ ।

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଦର୍ଶନରେ କୁହାଯାଏ ଯେ ମଣିଷ ଭିତରେ ଏକ ଦିବ୍ୟଝଲକ ରହିଛି, ଏକ ସାରସତ୍ତା ରହିଛି ଯାହା ଅଜ୍ଞତା ଭିତରେ ଜଡ଼ ଶରୀର, ମନ, ପ୍ରାଣକୁ ଧାରଣ କରି ଅଭିବ୍ୟକ୍ତ ହୋଇଥାଏ । ଧୀରେ ଧୀରେ ଜୀବନର ବିଭିନ୍ନ ଅଭିଜ୍ଞତା ମଧ୍ୟଦେଇ ତାହା ପରିପକ୍ୱ ହୁଏ, ବିବର୍ତ୍ତିତ ହୁଏ, ନିଜର ମୂଳ ଉତ୍ସକୁ ସ୍ମରଣ କରେ, ତାହାର ନିକଟତର ହୁଏ । ଏହା ଦ୍ୱାରା ପରମ ଈଶ୍ୱରଙ୍କର ସର୍ଜନା ଏକପ୍ରକାର ଚିତ୍ତାକର୍ଷକ ଯୋଜନାରେ ପରିଣତ ହୁଏ ।

ତା'ର ଅର୍ଥ ନୁହେଁ ଯେ, ଜଣେ ଭଲ ମଣିଷ ଏହି ଜୀବନର ତଥାକଥିତ ମାନଦଣ୍ଡ ଅନୁସାରେ 'ସୁଖୀ' ହେବ, ସଫଳ ହେବ – ଏବଂ ଜଣେ ମନ୍ଦ ମଣିଷ ଦୁର୍ଦ୍ଦଶା ଭୋଗ କରିବ । ଜୀବନରେ ବେଳେବେଳେ ଆମେ ଏହାର ଉଦାହରଣ ଦେଖିଥାଉ ଯେ ଭଲ ଲୋକ ଖୁବ୍ ଦୁଃଖ ଦୁର୍ଦ୍ଦଶା ଭିତରଦେଇ ଯାଉଥାଏ, ଜଣେ ମନ୍ଦ ଲୋକ ପ୍ରତିଷ୍ଠିତ, ଧନୀ ଓ ଯଶୋଖ୍ୟାତି ସମ୍ପନ୍ନ ହୋଇଥାଏ । ଆମକୁ ବୁଝିବାକୁ ହେବ ଯେ ବାହ୍ୟ ସଫଳତା ସର୍ବଦା ଏକ ମଣିଷର କର୍ମଫଳର ବିଚାରକ ନୁହେଁ । ମଣିଷର ଚେତନାର ଉପାଦାନହିଁ ସାରକଥା । ଯାହା ତାହାକୁ ତା'ର ଆଧ୍ୟାତ୍ମିକ ନିୟତି ଆଡ଼କୁ ଶାନ୍ତି, ଆନନ୍ଦ, ସୌନ୍ଦର୍ଯ୍ୟ

ଆଡ଼କୁ ନେଇଯାଏ ତାହାହିଁ ଭଲ କର୍ମ । ଏବଂ ଯାହାକିଛି ମଣିଷକୁ ବନ୍ଧ କରିଦିଏ ଓ ତା'ର ମୂଳଉତ୍ସଠାରୁ ଦୂରକୁ ନେଇଯାଏ, ତାହାହିଁ ମନ୍ଦ କର୍ମ । ତେଣୁ ଏହି ନିୟତିବାଦ ଏକ ଜଟିଳ, ଗହନ ତତ୍ତ୍ୱ, ଏହା ସରଳ ରୈଖିକ ନୁହେଁ, ଏହା ବହୁ ଆୟତନ ବିଶିଷ୍ଟ । ଜଣେ ବ୍ୟକ୍ତିମଧ୍ୟରେ ବିଭିନ୍ନ ସତ୍ତା ଓ ସେଗୁଡ଼ିକର ବିଭିନ୍ନ ସ୍ତର ରହିଛି ତଥା ସେହିସବୁ ବିଭିନ୍ନ ସ୍ତରର ମଧ୍ୟ ନିଜସ୍ୱ ନିୟତି ରହିଛି । ପୂର୍ଣ୍ଣଯୋଗରେ କୁହାଯାଇଛି ଯେ ମଣିଷର ଶାରୀରିକ ନିୟତି, ମାନସିକ ନିୟତି, ପ୍ରାଣିକ ନିୟତି, ଚୈତ୍ୟ ନିୟତି ଓ ଆଧ୍ୟାତ୍ମିକ ନିୟତି ରହିଛି । ରୁଗ୍ଣ ଶାରୀରିକ ନିୟତି ଥିବା ଜଣେ ବ୍ୟକ୍ତିର ମାନସିକ ନିୟତି, ତା'ର ଶରୀରକୁ ପ୍ରଭାବିତ କରିପାରେ, ଯଦି ପ୍ରାଣିକ ନିୟତି ବିଶୃଙ୍ଖଳିତ ଥାଏ ତେବେ ତାହାଦ୍ୱାରା ଶରୀର ମଧ୍ୟରେ ବି ବିଶୃଙ୍ଖଳା ସୃଷ୍ଟି ହୁଏ । ଜଣେ ଆଧ୍ୟାତ୍ମିକ ସାଧନା ଆରମ୍ଭ କରିବାମାତ୍ରେ, ତାହାର ନିମ୍ନତର ସ୍ତରଗୁଡ଼ିକ ପ୍ରଭାବିତ ହୁଅନ୍ତି ଏବଂ ସେମାନଙ୍କର ନିୟତି ମଧ୍ୟ ପରିବର୍ତ୍ତିତ ହୋଇଯାଏ । ଗୁରୁକୃପା ବା ଭଗବତ୍ କରୁଣା ଯଦି ବ୍ୟକ୍ତି ଜୀବନକୁ ଅବତରଣ କରେ, ତେବେ ବେଳେବେଳେ ଅଲୌକିକ ଘଟଣା ମଧ୍ୟ ଘଟିଯାଏ କିଂବା ବ୍ୟକ୍ତି ତା'ର ଦୁର୍ବାର କର୍ମଫଳକୁ ଭୋଗ କରିବାବେଳେ, ଭାଗବତ୍ କରୁଣା ତାହା ନିକଟରେ ଉପସ୍ଥିତ ରହି ତାହାର ସତ୍ତାର ବିଶୁଦ୍ଧୀକରଣ କରୁଥାଏ । ତା'ର ଯନ୍ତ୍ରଣା, ଦୁଃଖ ସବୁକିଛି ତେଣୁ ଭାଗବତ କର୍ମରେ ମିଳିତ ହୋଇଯାଏ ।

ଆହୁରି ମଧ୍ୟ ମଣିଷ କେବଳ ତାହାର ବ୍ୟକ୍ତିଗତ ନିୟତି ଦ୍ୱାରା ବନ୍ଧା ନୁହେଁ । ସେ ଯେଉଁ ପରିବାରରେ ଜନ୍ମଗ୍ରହଣ କରିଥାଏ ଏବଂ ଯେଉଁ ସ୍ଥାନ, ଦେଶ ଓ ସମୟ ଭିତରେ ରହିଥାଏ, ସେସବୁର ନିୟତି ଦ୍ୱାରା ମଧ୍ୟ ସେ ଆକ୍ରାନ୍ତ ହୁଏ । ଶ୍ରୀମା କହିଛନ୍ତି ''....First of all, Yoga teaches us we are not a single being, a simple entity which necessarily has a single destiny that is simple and logical. Rather we have to acknowledge that the destiny of most men is complex, often to the point of incoherence. Is it not this very complexity which gives us the impression of unexpectedness, of indeterminacy and consequently of unpredictability?''

(CWM, Vol. 15, p. 286)

ଅର୍ଥାତ୍, ''ସର୍ବପ୍ରଥମେ ଯୋଗ ଆମକୁ ଶିକ୍ଷାଦିଏ ଯେ ଆମେମାନେ ଏକ ସରଳ ସତ୍ତା ନୋହୁଁ, ଯାହାର କେବଳ ଗୋଟିଏ ମାତ୍ର ନିୟତି ରହିଛି ଏବଂ ଯାହା ଯୁକ୍ତି ସମ୍ମତ ଓ ସରଳ । ବରଂ ଆମକୁ ଏକଥା ସ୍ୱୀକାର କରିବାକୁ ହେବ ଯେ ଅଧିକାଂଶ ବ୍ୟକ୍ତିଙ୍କର ନିୟତି ଜଟିଳ, ଏପରିକି ଅସଂଲଗ୍ନ ମଧ୍ୟ । ଏହି ଜଟିଳତାହିଁ ଆମକୁ ଅପ୍ରତ୍ୟାଶିତର, ଅନିର୍ଦ୍ଦିଷ୍ଟତାର ଧାରଣା ଦେଇଥାଏ, ଏହା ଫଳ ସ୍ୱରୂପ ଅନିଶ୍ଚିତତାର ଧାରଣା ଦିଏ ନାହିଁ କି ?''

ତେଣୁ, ପୂର୍ଣ୍ଣଯୋଗର ସାଧକମାନେ ରକ୍ଷଣଶୀଳ କର୍ମବାଦର ଅତି ସରଳ, ଅତି ସହଜ ତତ୍ତ୍ୱକୁ ଗ୍ରହଣ କରିବା ଆଦୌ ଉଚିତ ନୁହେଁ । ସେ ଜାଣି ରଖିବ ଯେ କର୍ମଫଳର ଅଭିଜ୍ଞତା ଭିତରଦେଇ ଯାଉଯାଉ ନିଜର ଆତ୍ମଶକ୍ତି, ସଂକଳ୍ପ ଦ୍ୱାରା ଈଶ୍ୱରଙ୍କର କରୁଣାପ୍ରାପ୍ତି ଦ୍ୱାରା ସେ କେବଳ ନିଜର ନୁହେଁ, ମାନବଜାତିର ନିୟତିକୁ ମଧ୍ୟ ବଦଳାଇ ଦେଇପାରେ ।

ଶ୍ରୀଅରବିନ୍ଦଙ୍କର ''ସାବିତ୍ରୀ'' ମହାକାବ୍ୟରେ ଏହି ନିୟତିବାଦ ସମ୍ବନ୍ଧରେ ବିସ୍ତାରିତ ବର୍ଣ୍ଣନା ରହିଛି । ସାବିତ୍ରୀ ତାଙ୍କର ସ୍ୱାମୀ ସତ୍ୟବାନଙ୍କର ଅନିବାର୍ଯ୍ୟ ନିୟତିକୁ ନିଜର ତପସ୍ୟା, ସାଧନା ଓ ଭାଗବତ କରୁଣା ଦ୍ୱାରା ପରିବର୍ତ୍ତିତ କରିଥିଲେ ତଥା ତାଙ୍କୁ ମୃତ୍ୟୁ କବଳରୁ ରକ୍ଷା କରିଥିଲେ । ନିୟତିର ବଶଂବଦ ହୋଇ ସେ ସତ୍ୟବାନଙ୍କର ମୃତ୍ୟୁକୁ ସ୍ୱୀକାର କରିନେଇ ପାରିଥା'ନ୍ତେ । କିନ୍ତୁ ସେ ବିଶ୍ୱ ନିୟମକୁ ଦୋହଲାଇ ଦେଇ ତାକୁ ଭାଙ୍ଗିଦେଲେ ଏବଂ ମାନବ ନିୟତିର ଚରମ ପରିଣତି ମୃତ୍ୟୁକୁ ପରାହତ କରିବା ସମ୍ଭବ ବୋଲି ଦେଖାଇ ଦେଇଥିଲେ ।

ତେଣୁ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଦର୍ଶନରେ, ମଣିଷ ନିଜ ଭାଗ୍ୟ ହାତରେ ଏକ ଖେଳନା ବୋଲି ସ୍ୱୀକାର କରାଯାଏ ନାହିଁ । ମନୁଷ୍ୟର ସମସ୍ତ ଭୁଲ୍‌ଭ୍ରାନ୍ତି, ପତନ, ଦୁଃଖ ଯନ୍ତ୍ରଣା ମଧ୍ୟଦେଇ ଭଗବାନ୍ ସାଧକକୁ ତାହାର ଅଗ୍ରଗତି ଆଡ଼କୁ ପରିଚାଳିତ କରନ୍ତି । ଏଭଳି ଆଶାବାଦର ଧାରଣା ମଣିଷ ପାଇଁ ଏକ ଅଲୌକିକ ପ୍ରତିଶ୍ରୁତି । 'ସାବିତ୍ରୀ' ମହାକାବ୍ୟରେ ରହିଛି –

"Whatever our strong ills and present fate,
When nothing we can see but drift and bale,
A mighty Guidance leads us still through all."

(Savitri, p. 59)

ଏହାର ଗଦ୍ୟାନୁବାଦ ହେଉଛି :

ଆମର ପ୍ରଗାଢ଼ ଦୁର୍ଦ୍ଦଶା ଏବଂ ବର୍ତ୍ତମାନର ଭାଗ୍ୟ ଯାହା ହେଉନା କାହିଁକି, ଯେତେବେଳେ ଆମେ କେବଳ ଭାସିବୁଲିବା ବ୍ୟତୀତ କିଛି ବି ଦେଖିପାରୁ ନଥାଉ, ସେତେବେଳେ ଏକ ଶକ୍ତିଶାଳୀ ପଥପ୍ରଦର୍ଶକ ଆମକୁ ସେସବୁ ମଧ୍ୟଦେଇ ଆଗେଇ ନେଇଯାଆନ୍ତି ।''

ପରିଶେଷରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗର ସାଧକମାନଙ୍କୁ କୁହାଯାଇଛି ଯେ, ସେମାନେ କେବେ ମଧ୍ୟ ନିୟତି ସମ୍ବନ୍ଧରେ ହତାଶ ବା ବିବ୍ରତ ହେବେ ନାହିଁ । ନିଜକୁ ନିୟତି ନିଷ୍ପେସିତ ବୋଲି ଭାବିବେ ନାହିଁ । ପୂର୍ଣ୍ଣଯୋଗର ସାଧକ ନିମିତ୍ତ ଶ୍ରୀମା ଓ ଶ୍ରୀଅରବିନ୍ଦ ଯେଉଁ ପନ୍ଥା ନିର୍ଦ୍ଧାରଣ କରିଛନ୍ତି, ତାହା ମନୁଷ୍ୟଜାତିକୁ ତା'ର ଅବଧାରିତ ନିୟତିରୁ ଉତ୍ତୀର୍ଣ୍ଣ କରିଦେବ । କର୍ମ, କର୍ମଫଳ, ପୁନର୍ଜନ୍ମ, ମାନବନିୟତି – ଏସବୁ କିଛି ସହିତ ମାନବାତ୍ମାକୁ ତାହାର ପରମ, ସୁନ୍ଦରତମ ନିୟତି ମଧ୍ୟକୁ ପ୍ରବିଷ୍ଟ କରାଇବା, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ । ତେଣୁ ଆମର ସମର୍ପିତ ସଂକଳ୍ପ ଶକ୍ତି ଓ ଭଗବତ୍ କରୁଣା ଆମର ନିୟତିକୁ ପୋଛିଦେବ, ଏହି ବିଶ୍ୱାସହିଁ ମାନବନିୟତିର ଶ୍ରେଷ୍ଠ ତତ୍ତ୍ୱ ।

(ସମାପ୍ତ)

ତୁମ ବାଧାବିଘ୍ନଗୁଡ଼ିକ ଏହି ଯେଉଁ ଚରମ ଅବସ୍ଥାରେ ପହଞ୍ଚିଛି ଓ ତୀବ୍ରରୂପ ଧାରଣ କରିଛି ତା'ର କାରଣ ହେଉଛି ଯୋଗ ଓହ୍ଲାଇ ଆସିଛି ନିଶ୍ଚେତନାର ସେହି ପ୍ରସ୍ତର ଶଯ୍ୟାର ତଳକୁ, ତା' ବିରୋଧରେ । ତାହାହିଁ ସମସ୍ତ ପ୍ରତିରୋଧର ମୂଳ ଭିତ୍ତି । ଆତ୍ମାର ବିଜୟ ଓ ସେହି ବିଜୟ ଦିଗରେ ଆଗେଇ ନେଉଥିବା ଦିବ୍ୟ ଭଗବତ୍ କର୍ମର ବିରୋଧରେ ଏହି ପ୍ରତିରୋଧ ଛିଡ଼ା ହୋଇଛି ବ୍ୟକ୍ତି ଭିତରେ ତଥା ପୃଥିବୀରେ । ଆଶ୍ରମରେ ତଥା ବାହ୍ୟ ଜଗତରେ ଏହି ସମସ୍ତ ବାଧାବିଘ୍ନ ବ୍ୟାପକ ସାଧାରଣ ରୂପରେ ପ୍ରକଟିତ ହେଉଛି । ସନ୍ଦେହ, ହତୋତ୍ସାହ, ବିଶ୍ୱାସର ହ୍ରାସ ବା ଅଭାବ, ଆଦର୍ଶ ପାଇଁ ପ୍ରାଣିକ ଉତ୍ସାହରେ ଭଟ୍ଟା, ଭବିଷ୍ୟତ୍ ସଂପର୍କରେ ବୁଦ୍ଧିବଣା ଭାବ ଓ ଆଶାଭଙ୍ଗ – ଏଗୁଡ଼ିକହିଁ ହେଉଛି ସେହି ବାଧାବିଘ୍ନର ସାଧାରଣ ରୂପ । ବାହ୍ୟ ଜଗତରେ ଏହା ଅପେକ୍ଷା ବା ଆହୁରି ଅଧିକ ମନ୍ଦ ଲକ୍ଷଣ ସବୁ ପ୍ରକାଶ ପାଉଛି ଯଥା – ମାନବ-ବିଦ୍ୱେଷୀ ଭାବର ବ୍ୟାପକ ବୃଦ୍ଧି, ଆଦୌ କିଛି ଉପରେ ବିଶ୍ୱାସ ସ୍ଥାପନ ପାଇଁ ଅସ୍ୱୀକାର, ସଚ୍ଚୋଟତାର ହ୍ରାସ, ବିପୁଳ ଭ୍ରଷ୍ଟାଚାର, ଉଚ୍ଚତର ଜିନିଷଗୁଡ଼ିକୁ ଆଡ଼େଇ ବିଦା କରିଦେଇ ଆହାର, ଅର୍ଥ, ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ଭୋଗବିଳାସରେ ମାତିଯିବା, ଏବଂ ପୃଥିବୀ ପାଇଁ ଆହୁରି ମନ୍ଦ ଓ ଭୟଙ୍କର ଜିନିଷସବୁ ମାଡ଼ି ଆସିବାର ଆଶଙ୍କା ଓ ଅପେକ୍ଷାରେ ରହିବା ଇତ୍ୟାଦି । ଏହିସବୁଗୁଡ଼ିକ ଯେତେ ତୀବ୍ର ଆକାର ଧାରଣ କରୁନା କାହିଁକି, ଯେଉଁମାନେ ବିଶ୍ୱଶକ୍ତିର କ୍ରିୟା ସଂପର୍କରେ ଓ ଆତ୍ମାର କ୍ରିୟା ସଂପର୍କରେ କିଛିଟା ଜାଣନ୍ତି, ସେମାନଙ୍କ ପାଇଁ ଏହି ଘଟଣାଗୁଡ଼ିକ କ୍ଷଣସ୍ଥାୟୀ ଓ ଏଥିପାଇଁ ସେମାନେ ପ୍ରସ୍ତୁତ ଥିଲେ । ମୁଁ ନିଜେ ମଧ୍ୟ ଆଗରୁ ଦେଖି ପାରିଥିଲି ଯେ ଏହି ଧରଣର ଖରାପରୁ ଆହୁରି ଖରାପ ଜିନିଷ ସବୁ ଆସିବ, ଏହା ହେଉଛି ଉଷା ପୂର୍ବରୁ ରାତ୍ରିର ଅନ୍ଧକାର; ତେଣୁ ମୁଁ ହତୋତ୍ସାହିତ ହୋଇ ନାହିଁ । ମୁଁ ଜାଣେ ଏହି ଅନ୍ଧକାର ପଛରେ କେଉଁ ଜିନିଷ ନିଜକୁ ପ୍ରସ୍ତୁତ କରୁଛି । ଏବଂ ତା'ର ଆଗମନୀର ପ୍ରଥମ ଲକ୍ଷଣଗୁଡ଼ିକ ମୁଁ ଦେଖି ପାରୁଛି ଓ ଅନୁଭବ କରିପାରୁଛି । ଯେଉଁମାନେ ଭଗବାନଙ୍କୁ ପାଇବାକୁ ଚାହାନ୍ତି, ସେମାନଙ୍କୁ ଦୃଢ଼ ହୋଇ ଛିଡ଼ା ହେବାକୁ ହେବ ଏବଂ ନିଜର ଅନ୍ୱେଷଣରେ ଲାଗି ରହିବାକୁ ହେବ । ଗୋଟାଏ ସମୟ ପରେ ଅନ୍ଧକାର ପତଳା ହୋଇ ପୂରା ଅନ୍ତର୍ଦ୍ଧାନ ହୋଇଯିବାକୁ ଆରମ୍ଭ କରିବ ଏବଂ ଆଲୋକର ଆବିର୍ଭାବ ହେବ ।

୯ ଏପ୍ରିଲ ୧୯୪୭

**– ଶ୍ରୀଅରବିନ୍ଦ**

# ମାନବସମାଜର ବିଭିନ୍ନ ଧର୍ମ

## ହିନ୍ଦୁ ଧର୍ମ (୩)

**ଶ୍ରୀପତି ଦାସ**

[ଶ୍ରୀ ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ *''Philosophy of Religion – An Approach to World Religion''* ପୁସ୍ତକର ଅବଲମ୍ବନରେ ଲିଖିତ ।]

*(ଫେବ୍ରୁଆରୀ ୨୦୧୬ ସଂଖ୍ୟାରେ ପ୍ରକାଶିତ ହେବା ପରେ)*

**(୩) ସମନ୍ୱୟାତ୍ମକ ବିଭାବ :** ଉପନିଷଦରେ ବ୍ରହ୍ମନ୍, ପରମାତ୍ମା ଓ ଆତ୍ମା ସମ୍ବନ୍ଧେ ବିଭିନ୍ନ ମତ ରହିଛି । ସମୟ ସମୟରେ ମତଗୁଡ଼ିକ ପରସ୍ପର ବିପରୀତ ହୋଇଥାଏ । ହେଗେଲ୍‌ଙ୍କ ମତ ଅନୁସାରେ ଏହାକୁ ମତ, ବିରୋଧ ମତ ଓ ସମନ୍ୱୟ ବୋଲି କୁହାଯାଇପାରେ । ଉଦାହରଣସ୍ୱରୂପ ନିର୍ଦ୍ଦେଶ କରାଯାଇଛି ଯେ ବ୍ରହ୍ମନ୍ ହେଉଛନ୍ତି ସଗୁଣ ଓ ନିର୍ଗୁଣ, ପରା ଓ ଅପରା; ବିଶ୍ୱାତୀତ ଓ ଅନ୍ତର୍ନିହିତ । ଏଠାରେ ବିଭିନ୍ନ ଦ୍ୱନ୍ଦ୍ୱାତ୍ମକ ପଦ୍ଧତିକୁ ଏକ ସମନ୍ୱୟାତ୍ମକ ପଦ୍ଧତି ଦ୍ୱାରା ପୁନଃସ୍ଥାପିତ କରାଯାଇଛି । ବୃହଦାରଣ୍ୟକର ଚତୁର୍ଥ ଅଧ୍ୟାୟରେ ଯାଜ୍ଞବଲ୍‌କ୍ୟ ସମନ୍ୱିତ ଭାବରେ ରାଜା ଜନକଙ୍କ କୃତ କେତେକ ବ୍ୟାଖ୍ୟାକୁ ଉପସ୍ଥାପିତ କରିଛନ୍ତି । ଛାନ୍ଦୋଗ୍ୟ ଓ ପ୍ରଶ୍ନ ଉପନିଷଦରେ ମଧ୍ୟ ଏପରି ସମନ୍ୱୟ ଦେଖାଯାଏ ।

**(୪) ଆଧ୍ୟାତ୍ମିକ ବିଭାବ :** ଜୀବନର ଆଧ୍ୟାତ୍ମିକ ବିଭାବ ସହିତ ଉପନିଷଦସକଳ ଗଭୀରଭାବେ ସମ୍ପୃକ୍ତ । କେବଳ ଆତ୍ମୋପଲବ୍ଧି ପରେହିଁ ମନୁଷ୍ୟ ଆଧ୍ୟାତ୍ମିକ ଜ୍ଞାନଲାଭ କରିଥାଏ । ଆତ୍ମୋପଲବ୍ଧି ସକାଶେ ବାହ୍ୟ ବସ୍ତୁସବୁ ପ୍ରତି ମନର ଆକର୍ଷଣରୁ ମୁକ୍ତ ହେବାର ଅଭ୍ୟାସ କରିବାକୁ ହେବ । ଆତ୍ମାର ସ୍ଥିତି ଅନ୍ତରରେ, ଜାଗତିକ ବସ୍ତୁ ପ୍ରତି ଆକର୍ଷିତ ହେବା ଦ୍ୱାରା ଏହାର ଉପଲବ୍ଧି କରିବା ସମ୍ଭବ ନୁହେଁ । ବାକ୍ୟ ବା ବୁଦ୍ଧିଜାତ ବହୁ କଥା ଶୁଣିବା ଦ୍ୱାରା ଆତ୍ମାର ଉପଲବ୍ଧି କରାଯାଇପାରିବ ନାହିଁ । କିନ୍ତୁ ସତ୍ୟ, ତପସ୍ୟା, ଯଥାର୍ଥ ଜ୍ଞାନ ଏବଂ ବ୍ରହ୍ମଚର୍ଯ୍ୟ ରକ୍ଷାକରିବା ଦ୍ୱାରା ଏହାର ଉପଲବ୍ଧି କରିବା ସମ୍ଭବ । ଭକ୍ତି ସହିତ ଗୁରୁଙ୍କଠାରୁ ଦୀକ୍ଷାଗ୍ରହଣ ଏବଂ ଧ୍ୟାନ, ଆତ୍ମୋପଲବ୍ଧି ସକାଶେ ଆବଶ୍ୟକ । ଯେତେବେଳେ କୌଣସି ଅନୁସନ୍ଧିତ୍ସୁ ବ୍ରହ୍ମନ୍‌ଙ୍କୁ ଆତ୍ମା ଭାବରେ ଓ ପରମପ୍ରଭୁ ଭାବରେ ଉପଲବ୍ଧି କରନ୍ତି, ସେତେବେଳେହିଁ ଆତ୍ମୋପଲବ୍ଧିର ଚରମାବସ୍ଥାର ଉପଲବ୍ଧି ସମ୍ଭବ ହୋଇପାରେ । ବୃହଦାରଣ୍ୟକ ଉପନିଷଦ୍ ଓ ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି ଯେ ବ୍ୟକ୍ତିକୁ ପରମପ୍ରଭୁଙ୍କ ସହିତ ନିଜର ବ୍ୟକ୍ତିତ୍ୱକୁ ଏକୀଭୂତ କରିବାକୁ ହେବ । ଉପନିଷଦଗୁଡ଼ିକର ଆଧ୍ୟାତ୍ମିକ ବିଭାବଗୁଡ଼ିକରେ ମନୁଷ୍ୟର ସମଗ୍ର ପ୍ରକୃତିର ରୂପାନ୍ତର ଉପରେ ଗୁରୁତ୍ୱ ଦିଆଯାଇଛି ।

**(୫) ନୈତିକ ଓ ସାଂସ୍କୃତିକ ବିଭାବ :** ଆମର ନୈତିକ ଓ ଆଧ୍ୟାତ୍ମିକ ଜୀବନର ବ୍ୟାବହାରିକ ପରିଚାଳକଭାବେ ଉପନିଷଦ୍ ସକଳ କାର୍ଯ୍ୟ କରିଥା'ନ୍ତି । ତୈତ୍ତିରୀୟ ଉପନିଷଦରେ ବର୍ଣ୍ଣିତ ହୋଇଛି ଯେ ପଞ୍ଚକୋଷ – ଯଥା : ଭୌତିକ କୋଷ, ପ୍ରାଣିକ କୋଷ, ମାନସିକ କୋଷ, ଚେତନା କୋଷ ଏବଂ ଆନନ୍ଦ କୋଷ – ଆତ୍ମାର ରୂପାନ୍ତର ନିମିତ୍ତ ନୈତିକ ଓ ବୈଜ୍ଞାନିକ ପ୍ରଚେଷ୍ଟା ଉପରେ ନିର୍ଭରଶୀଳ । ବେଦ ଅପେକ୍ଷା ଉପନିଷଦରେ ନୈତିକ ଉଦ୍ଦେଶ୍ୟ ଅଧିକ ସ୍ପଷ୍ଟ ଭାବରେ ଆବଶ୍ୟକ । ଉପନିଷଦ୍ ଅନୁସାରେ ପରମାତ୍ମାଙ୍କ ଉପଲବ୍ଧି ହେଉଛି ଚରମାବସ୍ଥା । ଉପନିଷଦରେ କର୍ମର ବିଧାନ ଓ ଜୀବନର ଉଚ୍ଚତମ ସ୍ୱାଧୀନତା ହେଉଛି ନୈତିକ ଜଗତର ପରିପୂରକ । ଦିବ୍ୟଚେତନା ନିଶ୍ଚିତରୂପେ ମଙ୍ଗଳମୟ ହୋଇଥାଏ । ଉପନିଷଦ୍ ଅନୁସାରେ, ନୈତିକତା ବସ୍ତୁସକଳର ଯଥାର୍ଥ ପ୍ରକୃତିକୁ ପ୍ରକାଶ କରିଥାଏ ।

**(୬) ଆନନ୍ଦଦାୟକ ବିଭାବ :** ଉପନିଷଦଗୁଡ଼ିକର ଲକ୍ଷ୍ୟ ହେଉଛି ପୂର୍ଣ୍ଣାଙ୍ଗ ଜୀବନ ଲାଭ କରିବା । ଈଶୋପନିଷଦରେ କୁହାଯାଇଛି, ''ତାହାହିଁ ପୂର୍ଣ୍ଣତା, ଏହାହିଁ ପୂର୍ଣ୍ଣତା । ପୂର୍ଣ୍ଣ ମଧ୍ୟରୁହିଁ ପୂର୍ଣ୍ଣ ଆଗତ ହୋଇଥାଏ । ଯେତେବେଳେ ପୂର୍ଣ୍ଣ ମଧ୍ୟରୁ ପୂର୍ଣ୍ଣ ନିଆଯାଏ, ସେତେବେଳେ ପୂର୍ଣ୍ଣହିଁ ଅବଶିଷ୍ଟ ରହେ ।'' ବୃହଦାରଣ୍ୟକ ଉପନିଷଦ୍ କହନ୍ତି, ''ହେ ପ୍ରଭୁ, ମୋତେ ଅସତ୍ୟ ମଧ୍ୟରୁ ସତ୍ୟ ମଧ୍ୟକୁ ପରିଚାଳିତ କର । ମୋତେ ଅନ୍ଧକାର ମଧ୍ୟରୁ ଆଲୋକ ଦିଗରେ ପରିଚାଳିତ କର । ମୋତେ ମୃତ୍ୟୁ ମଧ୍ୟରୁ ଅମୃତ ମଧ୍ୟକୁ ପରିଚାଳିତ କର ।''

## ଭଗବଦ୍‌ଗୀତାର ଦର୍ଶନ :

ଭଗବଦ୍‌ଗୀତା କର୍ମ, ଜ୍ଞାନ ଓ ଭକ୍ତିର ଏକ ସମନ୍ୱୟ ପ୍ରକାଶ କରେ । ଯଦିଓ ଏହା ହିନ୍ଦୁଧର୍ମର ଏକ ଶାସ୍ତ୍ର, ତଥାପି ଏହା ବସ୍ତୁତଃ ପୃଥିବୀର ସକଳ ଧର୍ମ ଦ୍ୱାରା ଗ୍ରହଣୀୟ । ଏହି ପବିତ୍ର ଗ୍ରନ୍ଥ ହିନ୍ଦୁମାନଙ୍କ ମଧ୍ୟରେ ଅତି ଜନପ୍ରିୟ । ଏହା ମହାଭାରତର ଭୀଷ୍ମ ପର୍ବର ଏକ ଅଂଶ । ଭଗବଦ୍‌ଗୀତାର ପରିସର ବିଶ୍ୱବ୍ୟାପୀ । ଏହା ଜନପ୍ରିୟ ହିନ୍ଦୁଧର୍ମର ଏକ ଦାର୍ଶନିକ ଭିତ୍ତି । ଦାର୍ଶନିକ ଉଇଲିୟମ୍ ଭନ୍ ହମ୍‌ବୋଲଟ୍‌ଙ୍କ (William Vonttumboldt) ମତ ଅନୁସାରେ, ''ଗୀତା ହେଉଛି ଅତି ସୁନ୍ଦର, ବୋଧହୁଏ ପୃଥିବୀର ଭାଷାମାନଙ୍କ ମଧ୍ୟରେ ଏକମାତ୍ର ଦାର୍ଶନିକ ଗାନ ।'' ଲୋକମାନ୍ୟ ତିଳକ ଗୀତାକୁ ସର୍ବାଙ୍ଗସୁନ୍ଦର ଉଜ୍ଜ୍ୱଳ ଓ ଅମୂଲ୍ୟ ମୁକ୍ତା ବୋଲି କହନ୍ତି ଯାହା ଏକ ପୀଡ଼ାଗ୍ରସ୍ତ ଆତ୍ମାକୁ ଅଧ୍ୟାତ୍ମଜ୍ଞାନର ଶାନ୍ତି ପ୍ରଦାନ କରିପାରେ । ମହାତ୍ମାଗାନ୍ଧି ଏହାକୁ ଏକ ସାର୍ବଜନୀନ ମାତା ବୋଲି କହିଛନ୍ତି ଯାହାଙ୍କର ଦ୍ୱାର ପୂର୍ଣ୍ଣତଃ ମୁକ୍ତ ହୋଇପାରେ ଯଦି କେହି ଏହା ଉପରେ ଆଘାତ କରେ । ମହାମନା ମାଳବ୍ୟ ଗୀତାରେ ଉଚ୍ଚତମ ଜ୍ଞାନର ଏକ ଅନୁପମ ସମନ୍ୱୟ, ପବିତ୍ରତମ ପ୍ରେମ ଓ ଉଚ୍ଚତମ କର୍ମକୁ ଦର୍ଶନ କରିଛନ୍ତି । ଡଃ. ରାଧାକୃଷ୍ଣନ୍‌ଙ୍କ ମତରେ ଗୀତା କେବଳ ଏହାର ଚିନ୍ତାଶକ୍ତି ଓ ଗରିମାମୟ ଦୃଷ୍ଟି ନିମିତ୍ତ ନୁହେଁ, କିନ୍ତୁ ଭକ୍ତିର ଉତ୍ସାହ ଓ ଆଧ୍ୟାତ୍ମିକ ଉତ୍କଣ୍ଠାର ମାଧୁର୍ଯ୍ୟ ସକାଶେ ଆମମାନଙ୍କର ହୃଦୟଗ୍ରାହୀ ହୋଇଥାଏ । ଏହିପରି ପୃଥିବୀର ବହୁ ଗଣ୍ୟମାନ୍ୟ ମହାପୁରୁଷ ଗୀତାର ମହତ୍ତ୍ୱ ସମ୍ବନ୍ଧେ ଭୂୟସୀ ପ୍ରଶଂସା କରିଛନ୍ତି ।

## କର୍ମ, ଜ୍ଞାନ ଓ ଭକ୍ତିର ସମନ୍ୱୟ :

ଭଗବଦ୍‌ଗୀତା ପରମେଶ୍ୱରଙ୍କୁ ଏହି ବିଶ୍ୱସ୍ଥିତିର ଚରମ କାରଣ ଓ ଭିତ୍ତିରୂପେ ସ୍ୱୀକାର କରେ । ତାଙ୍କୁ ବର୍ଣ୍ଣନା କରିବା ନିମିତ୍ତ ଈଶ୍ୱର ଓ ବ୍ରହ୍ମନ୍ ହେଉଛି କେତେକ ଶବ୍ଦ । ଏହା ମନେରଖିବା ଆବଶ୍ୟକ ଯେ ଶ୍ରୀକୃଷ୍ଣ ଅନେକ ସମୟରେ ନିଜକୁ ବ୍ୟକ୍ତ କରିବା ନିମିତ୍ତ 'ମୁଁ' ଓ 'ମୋତେ' ଶବ୍ଦ ବ୍ୟବହାର କରିଥା'ନ୍ତି । ତାଙ୍କର ଦୁଇଟି ପ୍ରକୃତି ରହିଛି – ପରାପ୍ରକୃତି ଓ ଅପରାପ୍ରକୃତି । ପ୍ରଥମ ପ୍ରକୃତିଟି ସକଳ ଜୀବ ଓ ଜୀବନ୍ତ ସତ୍ତା ସକାଶେ ବ୍ୟବହୃତ ହୋଇଥାଏ ଏବଂ ଦ୍ୱିତୀୟ ପ୍ରକୃତିଟିରେ ରହିଛି ତିନୋଟି ଗୁଣ – ସତ୍ତ୍ୱ, ରଜସ୍ ଓ ତମସ୍ । ଜୀବଗଣ ହେଉଛନ୍ତି ତାଙ୍କର ଅଂଶ । ସେମାନେ ପ୍ରକୃତରେ ଜନ୍ମହୀନ, ମୃତ୍ୟୁହୀନ ଓ ଚିରନ୍ତନ । ମନୁଷ୍ୟ ଯେପରି ଉତ୍ତମ ବସ୍ତ୍ର ପରିଧାନ କରେ ଏବଂ ପୁରାତନ ହେଲେ ତାହାକୁ ତ୍ୟାଗ କରେ, ସେହିପରି ସେମାନେ ଶରୀରକୁ ଗ୍ରହଣ କରନ୍ତି ଓ ପରିତ୍ୟାଗ କରିଥା'ନ୍ତି । ଶରୀରସବୁକୁ 'କ୍ଷେତ୍ର' ବୋଲି କୁହାଯାଏ କାରଣ ସେସବୁର ମାଧ୍ୟମରେ କର୍ମଫଳ ଗ୍ରହଣ କରାଯାଏ । ଜୀବଗଣ, ଯେଉଁମାନେ ଯଥାର୍ଥତଃ ଆତ୍ମା, ସେମାନେ ଅଜ୍ଞାନତା ମଧ୍ୟଦେଇ କ୍ଷେତ୍ରସବୁ ସହିତ ଏକୀଭୂତ ହୋଇଯା'ନ୍ତି ଏବଂ ଜନ୍ମ, ରୋଗ, ବାର୍ଦ୍ଧକ୍ୟ ଓ ମୃତ୍ୟୁର ଦୁଃଖଭୋଗ କରନ୍ତି ।

ଗୀତାର ତ୍ରିବିଧ ମାର୍ଗ ହେଉଛି : ଜ୍ଞାନ-ମାର୍ଗ, କର୍ମ-ମାର୍ଗ ଓ ଭକ୍ତି-ମାର୍ଗ । ପ୍ରଥମତଃ ଗୀତା ମନୁଷ୍ୟକୁ ଆତ୍ମ-ଜ୍ଞାନ ଲାଭ କରିବାରେ ସହାୟକ ହୁଏ । ଦ୍ୱିତୀୟତଃ କର୍ମ-ମାର୍ଗ : ଏହା ନିଷ୍କାମ କର୍ମର ଶିକ୍ଷା ଦିଏ । ଅର୍ଥାତ୍ ସମାଜର ଶାନ୍ତି ଓ ମଙ୍ଗଳସାଧନ ନିମିତ୍ତ କର୍ମଫଳରେ କୌଣସି ଆଶା ନରଖି କର୍ମ ସମ୍ପନ୍ନ କରିବାକୁ ହୋଇଥାଏ । ତୃତୀୟତଃ ଭକ୍ତିମାର୍ଗ : ଏହା ଜୀବ ଓ ଈଶ୍ୱରଙ୍କ ପ୍ରତି ଗଭୀର ପ୍ରେମ ଓ ସଂକଳ୍ପର ବିକାଶ ଘଟାଇଥାଏ । ଆଧ୍ୟାତ୍ମିକ ଜୀବନରେ ଜ୍ଞାନ, କର୍ମ ଓ ଭକ୍ତିମାର୍ଗକୁ ଏକ ସଙ୍ଗେ ଅଭ୍ୟାସ କରାଯାଇପାରେ । ଯୋଗ ବା ଆଧ୍ୟାତ୍ମିକ ଜୀବନରେ ଜ୍ଞାନ, କର୍ମ ଓ ଭକ୍ତିମାର୍ଗକୁ ଏକ ସଙ୍ଗରେ ଅଭ୍ୟାସ କରାଯାଇପାରେ । ଏହି ତ୍ରିବିଧ ମାର୍ଗକୁ ପରସ୍ପରଠାରୁ ବିଚ୍ଛିନ୍ନ କରାଯାଇପାରେ ନାହିଁ । ତେଣୁ ଗୀତାବର୍ଣ୍ଣିତ ଜ୍ଞାନ, କର୍ମ ଭକ୍ତିର ମାର୍ଗ ହେଉଛି ସମନ୍ୱୟର ମାର୍ଗ ।

## ହିନ୍ଦୁଧର୍ମର ପୌରାଣିକ ବିଭାବ :

ରାମାୟଣ, ମହାଭାରତ ଓ ଅଷ୍ଟାଦଶ ପୁରାଣ ମଧ୍ୟରେ ହିନ୍ଦୁଧର୍ମର ବୀରତ୍ୱପୂର୍ଣ୍ଣ କାହାଣୀସକଳ ବର୍ଣ୍ଣିତ ହୋଇଛି । ଦୁଇ ହଜାରରୁ ଅଧିକ କାଳ ଧରି ରାମାୟଣ ଓ ମହାଭାରତ ଭାରତର ଧର୍ମ, ନୈତିକତା ଓ ସାହିତ୍ୟକୁ ପ୍ରଭାବିତ ଓ ପରିପୁଷ୍ଟ କରିଆସିଛି । ସ୍ୱାମୀ ବିବେକାନନ୍ଦ ଯଥାର୍ଥତଃ ଘୋଷଣା କରିଛନ୍ତି ଯେ ରାମାୟଣ ଓ ମହାଭାରତ ହେଉଛି ପ୍ରାଚୀନ ଆର୍ଯ୍ୟ ଜୀବନର ଦୁଇଟି ମହାଜ୍ଞାନକୋଷ । ବେଦସବୁ ହେଉଛି ସକଳ ପୁରାଣର ମୂଳଉତ୍ସ ।

ବାଲ୍ମୀକି ରାମାୟଣ ହେଉଛି ଅପରିହାର୍ଯ୍ୟତଃ ସକଳ ସୁଗୁଣର ସାରସଂଗ୍ରହ । ଏହାର ମୁଖ୍ୟ ନାୟକ ଶ୍ରୀରାମ ହେଉଛନ୍ତି ଗୁଣସକଳର ଆଦର୍ଶ, ପୂର୍ଣ୍ଣତାର ମାନବ ଏବଂ ଭଗବାନ୍ ବିଷ୍ଣୁଙ୍କ ଅବତାର, ଯିଏ ଅଧର୍ମର ବିନାଶ ଓ ଧର୍ମର ସଂସ୍ଥାପନ ନିମିତ୍ତ ଜନ୍ମଗ୍ରହଣ କରିଥିଲେ । ସେ ହେଉଛନ୍ତି ପୁରୁଷୋତ୍ତମ । କର୍ତ୍ତବ୍ୟ-ସଂସାଧନ, ଆତ୍ମୋତ୍ସର୍ଗ, କରୁଣା, ସୁରକ୍ଷା, ବୀରତ୍ୱ ଓ ନ୍ୟାୟର ପ୍ରତୀକ । ରାମାୟଣ ହେଉଛି ଏକ ପବିତ୍ର ଧର୍ମଶାସ୍ତ୍ର ଯାହା ନ୍ୟାୟ ଓ ସନାତନ ଧର୍ମର ଶିକ୍ଷା ପ୍ରଦାନ କରେ । ଏଥିରେ ବର୍ଣ୍ଣିତ ଲକ୍ଷ୍ମଣ ଓ ଭରତଙ୍କ ଚରିତ୍ର ଆଦର୍ଶ ଭ୍ରାତୃତ୍ୱର ଶିକ୍ଷା ଦିଏ । ସୀତା ହେଉଛନ୍ତି ଏକ କର୍ତ୍ତବ୍ୟନିଷ୍ଠ ସ୍ତ୍ରୀ ।

ମହର୍ଷି ବ୍ୟାସଙ୍କ ରଚିତ ମହାଭାରତର ପରିସର ଅତି ବ୍ୟାପକ ହୋଇଥିବାରୁ କୁହାଯାଏ ଯେ ଯାହା ମହାଭାରତରେ ନାହିଁ ତାହା ସମଗ୍ର ଭାରତରେ ଦୃଷ୍ଟିଗୋଚର ହୁଏ ନାହିଁ । ଏହା ଉଚ୍ଚତମ ଆଦର୍ଶର ଏକ ପୁରାଣ । ମହାଭାରତରେ ହିନ୍ଦୁଧର୍ମର ଷଡ଼୍‌ଦର୍ଶନର ସୂଚନା ରହିଛି । ଏହା ଜ୍ଞାନ, ନୈତିକତା, ସାମାଜିକ ଓ ରାଜନୈତିକ ଦର୍ଶନର ଏକ ନିର୍ଭରଯୋଗ୍ୟ ଶାସ୍ତ୍ର ଯହିଁରେ ଧର୍ମ, ଅର୍ଥ, କାମ ଓ ମୋକ୍ଷର ବିଧାନ ନିର୍ଦ୍ଦେଶିତ ହୋଇଛି । ଏହା ମୁକ୍ତିର ମାର୍ଗ-ପ୍ରଦର୍ଶକ ଓ ଭାରତୀୟ ଉଚ୍ଚତମ ଧର୍ମ-ଦର୍ଶନର ବ୍ୟାଖ୍ୟାକରେ ଏବଂ ପୁରୁଷୋତ୍ତମ ନାରାୟଣଙ୍କ ସକାଶେ ଭକ୍ତି-ପ୍ରଦର୍ଶନର ମାର୍ଗକୁ ଦୃଢ଼ୀଭୂତ କରେ ।

(କ୍ରମଶଃ) ❖

## ମୁଁ ଯାହା ଚାହେଁ

ଏହି ସ୍ଥୂଳ ଜଗତରେ, ପୃଥିବୀପୃଷ୍ଠରେ ମୁଁ ଯେଉଁ ପରିବର୍ତ୍ତନ ଆଣିବାକୁ ଚାହେଁ :

୧. ଅଖଣ୍ଡ ଚେତନା;
୨. ପୂର୍ଣ୍ଣ ଜ୍ଞାନ ଓ ସର୍ବଜ୍ଞତା;
୩. ଏପରି ଶକ୍ତି ଯାହା ଅପରାଜେୟ, ଅପ୍ରତିରୋଧ, ନିରବଚ୍ଛିନ୍ନ ସର୍ବଶକ୍ତିମତ୍ତା;
୪. ଏପରି ସ୍ୱାସ୍ଥ୍ୟ ଯାହା ଅଖଣ୍ଡ, ନିରବଚ୍ଛିନ୍ନ ଦୃଢ଼, ନିତ୍ୟନବୀନ ଶକ୍ତି;
୫. ଚିରତାରୁଣ୍ୟ, ନିରନ୍ତର ଅଭିବୃଦ୍ଧି, ଅବିରତ ଉନ୍ନତି;
୬. ଅଖଣ୍ଡ ସୌନ୍ଦର୍ଯ୍ୟ, ବହୁମୁଖୀ ଓ ପୂର୍ଣ୍ଣ ସଙ୍ଗତି;
୭. ଅକ୍ଷୟ ଓ ଅତୁଳନୀୟ ଐଶ୍ୱର୍ଯ୍ୟ, ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଉପରେ ନିୟନ୍ତ୍ରଣ;
୮. ଆରୋଗ୍ୟ ଓ ଆନନ୍ଦପ୍ରଦାନର ଶକ୍ତି;
୯. ସମସ୍ତ ଦୁର୍ଘଟଣାରୁ ମୁକ୍ତି, ସମସ୍ତ ବିରୋଧୀ ଶକ୍ତିର ଆକ୍ରମଣକୁ ପ୍ରତିରୋଧ କରିବାର ଶକ୍ତି;
୧୦. ସମସ୍ତ କ୍ଷେତ୍ରରେ ଓ ସମସ୍ତ କ୍ରିୟାକଳାପରେ ଯଥାର୍ଥ ଅଭିବ୍ୟକ୍ତିର ପୂର୍ଣ୍ଣ ଶକ୍ତି;
୧୧. ବାକ୍‌ଶକ୍ତି, ଅନ୍ୟମାନଙ୍କଠାରେ ନିଜର ବକ୍ତବ୍ୟକୁ ପୂର୍ଣ୍ଣତଃ ବୁଝାଇ ପାରିବାର ଶକ୍ତି;
୧୨. ଭଗବତ୍ କର୍ମର ସମ୍ପାଦନ ନିମିତ୍ତ ଅନ୍ୟ ଯାହାସବୁ ଆବଶ୍ୟକ ।

(୨୩ ଅକ୍‌ଟୋବର, ୧୯୩୭)

*

ମୁଁ ଚାହେଁ :

୧. ବ୍ୟକ୍ତିଗତଭାବେ ଚିରନ୍ତନ ରୂପେ ପରମ ଭଗବାନଙ୍କର ଅଖଣ୍ଡ ଅଭିବ୍ୟକ୍ତି ହେବା ସକାଶେ;
୨. ଅତିମାନସ ବିଜୟ, ଅଭିବ୍ୟକ୍ତି ଏବଂ ରୂପାନ୍ତର ଅବିଳମ୍ବେ ଘଟିବା ଉଚିତ;
୩. ବର୍ତ୍ତମାନ ଓ ଭବିଷ୍ୟତର ଜଗତସମୂହରୁ ଚିରକାଳ ସକାଶେ ସମସ୍ତ ଦୁଃଖଯନ୍ତ୍ରଣା ତିରୋହିତ ହେବା ଉଚିତ ।

— ଶ୍ରୀମା ❖

# ଅପଶକ୍ତି ଅପରାଜେୟ ନୁହେଁ

## ଶ୍ରୀ ବିମଳ ପ୍ରସନ୍ନ ଦାସ

ସୃଷ୍ଟିର ଜନ୍ମକାଳରୁ ଜୀବନର ଧାରା ଅବାରିତ ଭାବେ ବହିଚାଲିଛି ଅଜ୍ଞାନରୁ ଜ୍ଞାନ ଆଡ଼କୁ, ଅନ୍ଧକାରରୁ ଆଲୋକ ଆଡ଼କୁ ଓ ସର୍ବୋପରି ମୃତ୍ୟୁରୁ ଅମୃତତ୍ୱକୁ । ଏହାହିଁ ସୃଷ୍ଟିର ଶାଶ୍ୱତ ପ୍ରବାହ । ଅଜ୍ଞାନ ଓ ଅନ୍ଧକାର ମଧ୍ୟରେ ଆଜିର ସଭ୍ୟ, ଶିକ୍ଷିତ ମଣିଷ ଆଲୋକ ଓ ଅମୃତର ଅନ୍ୱେଷା କଲା ବେଳେ ସେ ଏକ ଅନିବାର୍ଯ୍ୟ ଏବଂ ଅପ୍ରତିହତ ଚେତନାର ସଙ୍କଟ ଦେଇ ଗତି କରୁଛି । ଏହି ଦୀର୍ଘ ଓ ଦୁର୍ଗମ ପଥରେ କେତେ ବାଧା, ପ୍ରତିବନ୍ଧକର ସେ ସମ୍ମୁଖୀନ ହେଉଛି । ନିରାଶା ଓ ହତାଶାର ଧୂଳିଝଡ଼ ମଧ୍ୟରେ ଅସହାୟ ପକ୍ଷୀଟିଏ ପରି ସେ ଲକ୍ଷ୍ୟହରା ହୋଇ ଭାଙ୍ଗି ପଡ଼ୁଛି । ତା'ର ଚତୁର୍ଦ୍ଦିଗରେ ଆସୁରିକ ଶକ୍ତିର ଅସରନ୍ତି ମାୟାଜାଲ ତା'ର ଗତିପଥକୁ ଅବରୁଦ୍ଧ କରୁଛି । ସେ ଚକ୍ରବ୍ୟୂହ ଭିତରେ ଛନ୍ଦି ହୋଇ ଅଭିଶପ୍ତ ଅଭିମନ୍ୟୁଟିଏ ପରି ରୁଦ୍ଧି ହୋଇ ଗଲାବେଳେ ଦିବ୍ୟଜନନୀଙ୍କର ପରମ ଆଶ୍ୱାସନାମୟ ଆହ୍ୱାନ ତାକୁ ନୂତନ ଆଶା ଓ ଉଦ୍ଦୀପନାରେ ପ୍ରଦୀପ୍ତ କରିଦିଏ । ଅପଶକ୍ତି ଯେ ପରାଜିତ ହୋଇସାରିଛି ଓ ସେ ଆଦୌ ସୃଷ୍ଟି ତଥା ବିବର୍ତ୍ତନ ପ୍ରକ୍ରିୟାରେ ଅପରାଜେୟ ନୁହେଁ ଏ ସମ୍ପର୍କରେ ମା' କହିଛନ୍ତି –''The aniversary of my return to Pondicherry is the tangible sign of victory over all adverse forces.'' ଅର୍ଥାତ୍ ମୋର ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନହିଁ ଅପଶକ୍ତି ଉପରେ ସମ୍ପୂର୍ଣ୍ଣ ବିଜୟର ସୁସ୍ପଷ୍ଟ ସ୍ମାରକୀ । ୧୯୨୦ ମସିହା ଏପ୍ରିଲ ମାସ ୨୪ ତାରିଖରେ ମା' ପଣ୍ଡିଚେରୀ ଆସି ଆଉ ଫେରି ନାହାନ୍ତି । ଏ ପବିତ୍ର ଦିବସ ସମଗ୍ର ମାନବସମାଜ ପାଇଁ ବିପୁଳ ସମ୍ଭାବନା, ପରମ ଆଶ୍ୱାସନା ଓ ମହାନ୍ ଦିବ୍ୟଭରସାରେ ଚିର ଭାସ୍ୱର । ଏହାର ମହିମାକୁ ଉପଲବ୍ଧି କରି ମା'ଙ୍କ ଉପରେ ଅବିଭକ୍ତ ବିଶ୍ୱାସ ଏବଂ ନିର୍ଭରତା ଅତୁଟ ରଖିଲେ ଯୋଗ ଜୀବନର ଦୀର୍ଘ ଯାତ୍ରାପଥକୁ ସଂକ୍ଷିପ୍ତ କରି ସିଦ୍ଧି ଦିଗରେ ଅନାୟାସରେ ଅଗ୍ରସର କରାଯାଇ ପାରିବ ।

ମା' କହିଛନ୍ତି ଆମେ ଏକ ନୂତନ ଜଗତର ଦ୍ୱାର ଦେଶରେ ପହଞ୍ଚି ଯାଇଛୁ । ଏହା ମଣିଷ ପାଇଁ କେବଳ ଏକ ସନ୍ଧିକ୍ଷଣ ବା ନିଷ୍ପତ୍ତିମୂଳକ ମୁହୂର୍ତ୍ତ ନୁହେଁ, ଏହା ସମ୍ପୂର୍ଣ୍ଣ ଏକ ନୂତନ ଜଗତ୍ ତଥା ଜୀବନ ପାଇଁ ସଚେତନ ପ୍ରସ୍ତୁତି ପର୍ବ । ସେଠି ଆଉ ଅହଂର ବା ଅପଶକ୍ତିର ରାଜତ୍ୱ ନାହିଁ । ତା'ର ଦାମ୍ଭିକ ଆସ୍ଫାଳନର ଚିତ୍କାର ନାହିଁ । ଆତ୍ମାର ରାଜ୍ୟରେ ପାରସ୍ପରିକ ସ୍ନେହ, ସଦିଚ୍ଛା, ସଂହତି ଏବଂ ସହୃଦୟତାର ପୂର୍ଣ୍ଣ ରାଜତ୍ୱ । ଚେତନାର ସୂକ୍ଷ୍ମସ୍ତରରେ ନୂତନ ଜଗତ୍ ଜନ୍ମଲାଭ କରି ସାରିଛି । ଯାହା ସୂକ୍ଷ୍ମ ସ୍ତରରେ ରୂପ ଗ୍ରହଣ କରିଛି ସ୍ଥୂଳ ଜଗତରେ ତା'ର ପରିସ୍ଫୁଟନ ଅବଶ୍ୟମ୍ଭାବୀ ଓ ଏକ ଅବଧାରିତ ତଥା ଅବିସମ୍ବାଦିତ ସତ୍ୟ । ପୁରାତନ ଜଗତକୁ ପ୍ରତିହତ କରି ନିଜକୁ ପ୍ରକାଶ କରିବାରେ ଯାହା ସମୟ ଲାଗୁଛି । ମା' କହିଛନ୍ତି ''ନୂତନ ଜଗତ୍ ଜନ୍ମ ଗ୍ରହଣ କରିସାରିଛି''– ଏହା ନିଃସନ୍ଦେହ ଓ ସକଳ ଯୁକ୍ତିର ଊର୍ଦ୍ଧ୍ୱରେ । ମା'ଙ୍କର ଅନୁପମ ବାଣୀ ହେଲା – ''But what has happened, the really new thing, is that a new world which is born, born ,born.'' ଅର୍ଥାତ୍ ''କିନ୍ତୁ ଯାହା ଘଟିଛି ତା' ହେଉଛି ପ୍ରକୃତରେ ଏକ ନୂତନ ଜିନିଷ, ଏକ ନୂତନ ଜଗତ୍ ଜନ୍ମ ନେଇଛି; ଜନ୍ମ ନେଇଛି ଜନ୍ମ ନେଇଛି'' । ନୂତନ ଶକ୍ତିରେ ଉଦ୍‌ଭାସିତ ଏ ଜଗତ୍ ନିଜର ପ୍ରଭାବରେ ସକ୍ରିୟ ହୋଇ ଉଠିଛି । ଏହାର ପ୍ରଧାନ ଓ ପ୍ରଥମ ଦାୟିତ୍ୱ ହେଲା ଅହଂର, ଆସୁରିକ ତଥା ଅପଶକ୍ତିର ଆଧିପତ୍ୟ ବିଲୁପ୍ତ କରି ଆତ୍ମାର ଆବିର୍ଭାବ ଓ ଅଧିକାର ପ୍ରତିଷ୍ଠା କରିବା ।

ମାତ୍ର ସାଂପ୍ରତିକ ସମାଜରେ ଅହଂକାର, ଅଧିକାରବୋଧ ଓ ଆଧିପତ୍ୟର ଆସ୍ଫାଳନ ଦେଖିଲେ ସୀମିତ ମଣିଷ ସ୍ୱତଃ ଦ୍ୱିଧାଗ୍ରସ୍ତ ହୋଇ ବିଭକ୍ତ ହୋଇଯାଏ । ତା' ଚେତନାକୁ ଅବିଶ୍ୱାସ ଓ ଅନାସ୍ଥା ଭାବ ଆକ୍ରାନ୍ତ କରି ପକାଏ । ସ୍ୱାର୍ଥ, ଅର୍ଥ, ସମ୍ପଦ, ସଂକୀର୍ଣ୍ଣତା, ପରଶ୍ରୀକାତରତା, କ୍ଷମତା, ପ୍ରତିପତ୍ତି ପ୍ରତିଷ୍ଠାର ମୋହିନୀ ମାୟାରେ ବ୍ୟକ୍ତିଗତ ଜୀବନଠାରୁ ଆନ୍ତର୍ଜାତିକ ସ୍ତରପର୍ଯ୍ୟନ୍ତ ସବୁ ଯେପରି ମୋହାଚ୍ଛନ୍ନ ଓ ନିମଗ୍ନ । ପ୍ରତିବେଶୀଟିଏ ହେବା ପରିବର୍ତ୍ତେ ଉଗ୍ର ପ୍ରତିଯୋଗିତାର ତାଣ୍ଡବ ଲୀଳା ମଣିଷ ସମାଜ ତଥା ପାରସ୍ପରିକ ମୂଲ୍ୟବୋଧକୁ ରାହୁଗ୍ରସ୍ତ କରିଛି । ମଣିଷଟା ସତେ ଯେପରି ଜ୍ୟାମିତିର ବିନ୍ଦୁର ସଂଜ୍ଞା ନେଇ ବଞ୍ଚି ରହିଛି । ସ୍ଥିତି ମାତ୍ର ଅଛି, ବିସ୍ତୃତି ନାହିଁ । ସ୍ୱାର୍ଥ, ଅର୍ଥ ଓ କ୍ଷମତାର ଆସୁରୀ ମାୟା ତାକୁ କେବଳ ଯେ ନିଃସଙ୍ଗ ଓ ନିର୍ଜନ କରିଛି ତା' ନୁହେଁ, ସେ ନିଜଠାରୁ ମଧ୍ୟ ନିଜକୁ ଅଲକ୍ଷ୍ୟରେ ନିର୍ବାସିତ କରି ଦେଇଛି । ଆସ୍ପର୍ଦ୍ଧା ଓ ଆତ୍ମ-

ପ୍ରବଞ୍ଚନାର ସଂକୀର୍ଣ୍ଣ ଦିଗରେ ସେ ଯେପରି ଏକ ଅଭିଶପ୍ତ, ନିର୍ବାସିତ ଜୀବ – ଲାଭକ୍ଷତିର ଗାଣିତିକ ଶୈଳୀରେ କାଳାତିପାତ କରୁଛି । ଏପରି ଏକ ଦୟନୀୟ, ବିକଳ ପରିବେଶରେ ଯିଏ ସଚେତନ ସେ ମା'ଙ୍କ ଅନୁପମ ତଥା ଅମୃତମୟ ବାଣୀର ସତ୍ୟତା ଖୋଜିବାକୁ ଯାଇ ଅନୁଭବ କରୁଛି ଯେ ଯେଉଁ ନୂତନ ଚେତନାର ଅବତରଣ ହୋଇ ସାରିଛି ତା'ର ସ୍ପର୍ଶ ଓ ଚାପରେ ଅପଶକ୍ତି ତା'ର ଅନ୍ତିମ ଆକ୍ରମଣ ଆରମ୍ଭ କରିଛି । ଫଳରେ ଅହଂଗ୍ରସ୍ତ ମଣିଷ ଶୁଭେଚ୍ଛୁ ଓ ସହୃଦୟ, ସଚେତନ ମଣିଷର କଥା ଶୁଣିବା ପରିବର୍ତ୍ତେ ତାକୁ ଶତ୍ରୁ ମଣୁଛି । କାହିଁ କେତେ କାଳର ଶ୍ରମ ଓ ସାଧନାର ବିନିମୟରେ ଗଢ଼ି ଉଠିଥିବା ଅନୁଷ୍ଠାନ ଓ ପ୍ରତିଷ୍ଠାନର ମୂଳଦୁଆ ଦୋହଲି ଯାଇ ଭାଙ୍ଗିପଡ଼ିବାର ଆଶଙ୍କା ଦେଖାଯାଉଛି । ଏକଦା ସାଧନାପୀଠ-ଗୁଡ଼ିକ ବିଭିନ୍ନ ଗୋଷ୍ଠୀ ଓ ଗୁହାଳରେ ବିଭକ୍ତ ହୋଇଯିବାର ଆତଙ୍କ ସ୍ପଷ୍ଟ ହୋଇ ଉଠୁଛି । ସମାଧାନ ଓ ସଂହତିର ସମ୍ଭାବନା ସତେ ଯେପରି ମଣିଷ ପାଇଁ ଖାଲି ଅତୀତର କଥାବସ୍ତୁ ହୋଇ ଏକ ଅପହଞ୍ଚ ସାମାନ୍ୟ ଆବଶ୍ୟକତାଟିଏ ହୋଇଯାଇଛି । ଯାହାର ଗୁରୁତ୍ୱ ହୋଇଛି ଅସ୍ୱୀକୃତ । ପ୍ରତ୍ୟେକ ପ୍ରତିଯୋଗୀ ସେ ବ୍ୟକ୍ତି ହେଉ ବା ଗୋଷ୍ଠୀ ହେଉ – ନିଜ ନିଜ ଦାବି ଯୁକ୍ତିର ଅତୀତ ବୋଲି କହି ଅନ୍ୟକୁ ସମାଲୋଚନାପୂର୍ବକ ନିଜର ପ୍ରଭୁତ୍ୱ ଓ ଆଧିପତ୍ୟ ଜାହିର କରିବାରେ ବ୍ୟସ୍ତ । ଫଳରେ ଉତ୍କଟ କୋଳାହଳ, କନ୍ଦଳ ଓ ବିବାଦ ଭିତରେ ପୁରାତନ ଜଗତ୍ ଅତୁଟ ଥିବା ପରି ଯେତେ ପ୍ରତୀୟମାନ ହେଲେ ମଧ୍ୟ ପ୍ରକୃତ ସଚେତନ ସତ୍ୟାଶ୍ରୟୀ ମଣିଷ ଚିହ୍ନିପାରିବ ସତ୍ୟ ଓ ମିଥ୍ୟାର ବାସ୍ତବ ସ୍ୱରୂପ ।

ଏହି ପରିସ୍ଥିତି ପରିପ୍ରେକ୍ଷୀରେ ନଭେମ୍ବର ୨୯, ୧୯୧୩ ମସିହାର ଶ୍ରୀମାଙ୍କ ଲିଖିତ ପ୍ରାର୍ଥନା (ଧ୍ୟାନ ଓ ପ୍ରାର୍ଥନା) ପ୍ରତ୍ୟେକ ମଣିଷ ବିଶେଷତଃ ମାତୃଭକ୍ତମାନଙ୍କ ପାଇଁ ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ । ଅଜ୍ଞାନର ଗାଢ଼ ଅନ୍ଧକାର ଭିତରେ ମା'ଙ୍କର ଏ ଅଭିବ୍ୟକ୍ତି ଏକ ଦୁରନ୍ତ ଉଜ୍ଜ୍ୱଳ ଆଲୋକ ସ୍ତମ୍ଭ । ମା'ଙ୍କ ଅନୁପମ ଭାଷାରେ ''କାହିଁକି ଏଇ କୋଳାହଳ, ଏଇ ଆନ୍ଦୋଳନ, ଏଇ ବିକ୍ଷୋଭ ? କାହିଁକି ଏହି ଘୂର୍ଣ୍ଣିବାତ୍ୟା ମଣିଷକୁ ନେଇ ଛୁଟି ଚାଲିଛି ଝଡ଼ ଭିତରେ ପଡ଼ି ଯାଇଥିବା ଦଳେ ମାଛି ପରି । କି କରୁଣ ଦୃଶ୍ୟ, ଶକ୍ତିର କି ଅପଚୟ, ଏତେ ପରିଶ୍ରମ କେବଳ ନଷ୍ଟ । ସୂତାରେ ଟଣା ହୋଇ କଣ୍ଢେଇ ପରି ସେମାନଙ୍କର ଏଇ ଯେଉଁ ନୃତ୍ୟ ଚାଲିଛି ତା' କେବେ ବନ୍ଦ ହେବ, କ'ଣ ବା କାହା ଦ୍ୱାରା ଏ ସୂତା ଧରା ହୋଇଛି ସେମାନେ ତାହା ବି ଜାଣନ୍ତି ନାହିଁ । କେବଳ ସମୟ କରି ସେମାନେ ଟିକେ ସ୍ଥିର ହୋଇ ବସିବେ । ନିଜ ଭିତର ଆଡ଼କୁ ଦୃଷ୍ଟି ଦେବେ ଓ ଆତ୍ମସ୍ଥ ହୋଇ ଅନ୍ତରର ଦ୍ୱାରକୁ ଖୋଲି ଧରିବେ, ଯାହାକି ଆଡୁଆଳ କରି ରଖିଛି ତୁମର ଅମୂଲ୍ୟ ସମ୍ପଦସବୁକୁ, ଅସୀମ କଲ୍ୟାଣସବୁକୁ ।

''ଲୋକମାନଙ୍କର ଅଜ୍ଞାନ, ଅନ୍ଧକାରର ଜୀବନ, ସେମାନଙ୍କ ନିର୍ବୋଧ ଉତ୍ତେଜନା ଓ ବ୍ୟର୍ଥ, ବିକ୍ଷିପ୍ତତାର ଜୀବନ – ମୋର ମନେହୁଏ କି ଦୀନହୀନ କି ବେଦନାକ୍ଲିଷ୍ଟ । ଅଥଚ ତୁମର ପରମ ଜ୍ୟୋତିଃର ଗୋଟିଏ ମାତ୍ର କଣା, ତୁମର ଦିବ୍ୟପ୍ରେମର ଗୋଟିଏ ମାତ୍ର ବିନ୍ଦୁ ଏଇ ବେଦନାକୁ ଆନନ୍ଦର ମହାସାଗରରେ ପରିଣତ କରିପାରେ ।

''ଭଗବାନ୍ ମୋର ପ୍ରାର୍ଥନା ତୁମ ଆଡ଼କୁ ଉଠିଚାଲିଛି । ସେମାନେ ଲାଭ କରନ୍ତୁ ତୁମର ଶାନ୍ତି, ଆଉ ସେଇ ସ୍ଥିର ଅଦମ୍ୟ ଶକ୍ତି ଯାହାର ଉତ୍ସ ହେଲା ଅଦମ୍ୟ ପ୍ରସନ୍ନତା – ଏ ବସ୍ତୁ ହେବ ସେଇମାନଙ୍କର ରାଜଭାଗ ଯେଉଁମାନଙ୍କର ଆଖି ଖୋଲିଛି ଓ ଯେଉଁମାନେ ସେମାନଙ୍କ ସତ୍ତାର ଆଲୋକିତ ଗଭୀର ପ୍ରକୋଷ୍ଠରେ ତୁମକୁ ଉପଲବ୍ଧି କରନ୍ତି ।

''କିନ୍ତୁ ସେ ଆବିର୍ଭାବର ସମୟ ତ ହୋଇଛି । ଅବିଳମ୍ବେ ଚତୁର୍ଦ୍ଦିଗ ଧ୍ୱନିତ ହୋଇଉଠିବ ଉଲ୍ଲାସ ଓ ଜୟଗାନରେ । ସେହି ଶୁଭ ମୁହୂର୍ତ୍ତର ଗୁରୁତ୍ୱ ଉଦ୍ଦେଶ୍ୟରେ ମୁଁ ଗଭୀର ପ୍ରଣାମ ଜଣାଉଛି ।''

ମା'ଙ୍କର ଏହି ଶାଶ୍ୱତ ଉକ୍ତି ଦିବାଲୋକ ପରି ସ୍ପଷ୍ଟ କରିଦିଏ ଯେ :

'All here shall be one day her sweetness' home,
All contraries prepare her harmony;'

(*Savitri*, p. 314) Sri Aurobindo

ଅର୍ଥାତ୍,

''ସବୁକିଛି ଏଠି ଦିନେ ହେବ ତାଙ୍କ ନୀଡ଼ ମଧୁମୟ
ବିରୋଧ ସକଳ ଗଢ଼ି ତୋଳି ଦେବେ ତାଙ୍କ ଦିବ୍ୟ ସୁସଂଗତି ।''

ମହାକାବ୍ୟ ସାବିତ୍ରୀରେ ମହାଯୋଗୀ ଶ୍ରୀଅରବିନ୍ଦ ଉପରୋକ୍ତ ପଂକ୍ତିରେ ଆଜିର ଉଦ୍‌ଭ୍ରାନ୍ତ ଦିଗହରା ମଣିଷ ପାଇଁ ମହାନ୍ ଭରସା ଓ ପରମ ଆଶ୍ୱାସନା ଦେଇ କହିଛନ୍ତି ''His failure is not failure whom God leads;''

(*Savitri*, p. 33)

ମହାଯୋଗୀଙ୍କ ଉପରୋକ୍ତ ଆହ୍ୱାନ ଓ ମା'ଙ୍କ ମନ୍ତ୍ରମୟୀ ବାଣୀ ମଣିଷ ଚେତନାକୁ ଅଭିମନ୍ତ୍ରିତ କରୁ – ଏତିକି ପ୍ରାର୍ଥନା ।

## ସାଧନା-ପରମ୍ପରା

# ନିତ୍ୟ ବୃନ୍ଦାବନ

## (୧)

[ବୈଷ୍ଣବ ପରମ୍ପରାରେ ଶ୍ରୀକୃଷ୍ଣଙ୍କ ଲୀଳାସ୍ଥଳୀ ବୃନ୍ଦାବନ ଏକ ନିତ୍ୟଧାମ । ଚେତନାର ଊର୍ଦ୍ଧ୍ୱସ୍ତରରେ, ହୁଏତ ଆମ ପରିଭାଷାରେ ଅଧିମାନସ ସ୍ତରରେ, ଶ୍ରୀକୃଷ୍ଣଙ୍କର ଯେଉଁ ଦିବ୍ୟପ୍ରେମର ଲୀଳା ନିତ୍ୟ ନିରନ୍ତର ଚାଲିଛି, ସେସମ୍ପର୍କରେ ବୈକୁଣ୍ଠ ଓ ଗୋଲୋକ ପରି ବୃନ୍ଦାବନକୁ ମଧ୍ୟ ବୈଷ୍ଣବ ଗ୍ରନ୍ଥ ଓ ପୁରାଣମାନଙ୍କରେ ଏକ ଗୂଢ଼ ରହସ୍ୟମୟ ଲୀଳାସ୍ଥଳୀ ରୂପେ ବର୍ଣ୍ଣନା କରାଯାଇଛି । ଏପରିକି ଶ୍ରୀଅରବିନ୍ଦ ମଧ୍ୟ ଜଣେ ସାଧକଙ୍କୁ ତାଙ୍କ ପତ୍ରରେ ଲେଖିଥିଲେ ଊର୍ଦ୍ଧ୍ୱତର ସୂକ୍ଷ୍ମ ଚେତନା ନେଇ ଆଜି ମଧ୍ୟ ଯଦି କେହି ସେହି ନିତ୍ୟ ବୃନ୍ଦାବନରେ ପ୍ରବେଶାଧିକାର ଲାଭ କରେ, ତେବେ ସେ ଶ୍ରୀକୃଷ୍ଣଙ୍କର ସେହି ଲୀଳା ପ୍ରତ୍ୟକ୍ଷ କରିପାରିବ ଓ ତାଙ୍କର ବଂଶୀଧ୍ୱନି ଶୁଣି ପାରିବ ।

ଏଠାରେ ମହାମହୋପାଧ୍ୟାୟ ଡକ୍ଟର ଗୋପୀନାଥ କବିରାଜ, ପଦ୍ମବିଭୂଷଣଙ୍କ ଲିଖିତ 'ଶ୍ରୀକୃଷ୍ଣ ପ୍ରସଙ୍ଗ' (ପ୍ରାଚୀ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ) ପୁସ୍ତକରୁ କିଛି ଅଂଶ ପ୍ରଦତ୍ତ ହେଲା । ଉଲ୍ଲେଖଯୋଗ୍ୟ ଯେ ଶ୍ରୀଅରବିନ୍ଦ ମା'ଙ୍କର ଚାରିଶକ୍ତି ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କ ବିଷୟରେ କହିବା ସାଙ୍ଗକୁ ଶ୍ରୀକୃଷ୍ଣଙ୍କ ଚାରିଶକ୍ତି ବାସୁଦେବ, ବଳରାମ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧଙ୍କ ବିଷୟରେ ମଧ୍ୟ କହିଛନ୍ତି । ନିମ୍ନୋକ୍ତ ଆଲୋଚନାରେ ଶ୍ରୀକୃଷ୍ଣଙ୍କର ଏହି ଚାରିଶକ୍ତି ସମ୍ପର୍କରେ କିଛି ସୂଚନା ଦିଆଯାଇଛି । — ସଂପାଦକ]

ପୁରାଣରେ ରହିଛି ଯେ ବୃନ୍ଦାବନର ଅଦ୍ଭୁତ ରହସ୍ୟ ତ୍ରୈଲୋକ୍ୟ ମଧ୍ୟରେ କେହି ବି ପରିଜ୍ଞାତ ନୁହନ୍ତି । ପଦ୍ମପୁରାଣରେ ଶ୍ରୀବୃନ୍ଦାବନର ଯେଉଁପରି ବର୍ଣ୍ଣନା ରହିଛି ତାହା ପ୍ରାୟ ବ୍ରହ୍ମ ସଂହିତାର ଅନୁରୂପ । ଏଥିରେ ସ୍ପଷ୍ଟ ଲିଖିତ ଅଛି ଯେ ଏହି ସ୍ଥଳ ପୂର୍ଣ୍ଣାନନ୍ଦ ରସର ଆଶ୍ରୟ । ଏହାର ଭୂମି ଚିନ୍ତାମଣି ସ୍ୱରୂପ, ଜଳ ଅମୃତ ରସପୂର୍ଣ୍ଣ, କୈଶୋର ଏକମାତ୍ର ବୟସ, ପୁରୁଷ ମାତ୍ରେହିଁ ବିଷ୍ଣୁ ଏବଂ ସ୍ତ୍ରୀ ମାତ୍ରେହିଁ ଲକ୍ଷ୍ମୀ । ଏଠାରେ ସକଳ ବିଗ୍ରହ ନିତ୍ୟ ଓ ଆନନ୍ଦମୟ ଏବଂ ସକଳେହିଁ ହାସ୍ୟମୁଖ । ଦୁଃଖ, ଜରା, ମୃତ୍ୟୁ, କ୍ରୋଧ, ମାତ୍ସର୍ଯ୍ୟ, ଭେଦଜ୍ଞାନ, ଅହଙ୍କାର ଏହି ସ୍ଥାନରୁ ଚିର ନିର୍ବାସିତ । ଏହି ସ୍ଥାନରେ କୋକିଳ ଓ ଭ୍ରମରଗଣଙ୍କ ଗୁଞ୍ଜନ, ଶୁକପକ୍ଷୀର ଗାନ, ମୟୂରର ନୃତ୍ୟ, ନାନା ପ୍ରକାର ପୁଷ୍ପ ସୌରଭ, ମଧୁର ସମୀରଣ, ପୁଷ୍ପରେଣୁର ବିକିରଣ, ସର୍ବଦା ପୂର୍ଣ୍ଣଚନ୍ଦ୍ରର ଉଦୟ ବିଶେଷ ଭାବରେ ଲୀଳାଭୂମିର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ପ୍ରକାଶ କରିଥାଏ । ଏଠାରେ ବୃକ୍ଷାଦିର ଅଙ୍ଗରେ ମଧ୍ୟ ପୁଲକ ସଂଚାର ହୁଏ ଏବଂ ପ୍ରେମ ଓ ଆନନ୍ଦର ଅଶ୍ରୁବର୍ଷଣ ଦୃଷ୍ଟ ହୁଏ । ଏହା ଅତି ଗୁପ୍ତ ସ୍ଥାନ । ଅଷ୍ଟକୋଣାତ୍ମକ ଯୋଗପୀଠ ମାଣିକ୍ୟ ରତ୍ନମୟ ସିଂହାସନ, ତନ୍ମଧ୍ୟରେ ଅଷ୍ଟଦଳ କମଳ ଏବଂ କମଳର କର୍ଣିକାରେ ପରମ ସ୍ଥାନ । ଏହା ଗୁଣାତୀତ ମହାଧାମ ।

ଯେଉଁ ସିଂହାସନରେ ରାଧାଗୋବିନ୍ଦ ଉପବିଷ୍ଟ, ତାହାର ବାହ୍ୟ ପ୍ରଦେଶରେ ଯୋଗପୀଠ ଓ ଲଳିତାଦି ସଖୀମାନଙ୍କର ଅବସ୍ଥାନ । ପଶ୍ଚିମରେ ଲଳିତା, ବାୟୁ କୋଣରେ ଶ୍ୟାମଳା, ଉତ୍ତରରେ ଧନ୍ୟା, ଈଶାନ କୋଣରେ ହରିପ୍ରିୟା, ପୂର୍ବରେ ବିଶାଖା, ଅଗ୍ନିକୋଣରେ ଶୈବ୍ୟା, ଦକ୍ଷିଣରେ ପଦ୍ମା ଏବଂ ନୈର୍ଋତରେ ଭଦ୍ରା ପ୍ରତିଷ୍ଠିତା । ରାଧିକା ମୂଳା ପ୍ରକୃତି, ଲଳିତାଦି ତାଙ୍କର ଅଂଶ ସ୍ୱରୂପ ।

ଯୋଗପୀଠର କେଶରର ଅଗ୍ରଭାଗରେ ଚନ୍ଦ୍ରାବଳୀଙ୍କ ସ୍ଥାନ । ଚନ୍ଦ୍ରାବତୀ, ଚନ୍ଦ୍ରାବଳୀ, ଚିତ୍ରଲେଖା, ଚନ୍ଦ୍ରା, ମଦନ ସୁନ୍ଦରୀ, କୃଷ୍ଣପ୍ରିୟା, ମଧୁମତୀ ଓ ଚନ୍ଦ୍ରରେଖା — ଏହି ଆଠଟି ପ୍ରକୃତି ଓ ପୂର୍ବ ବର୍ଣ୍ଣିତ ଅଷ୍ଟସଖୀ ପରସ୍ପର ସହିତ ମିଳିତ ହୋଇ ଷୋଡ଼ଶ ପ୍ରକୃତିର ବିକାଶ କରନ୍ତି । ଏହି ସକଳ ପ୍ରକୃତିର ଅଗ୍ରଭାଗରେ ସହସ୍ର ସହସ୍ର କିଶୋରୀ ଗୋପକନ୍ୟା ବିରାଜ କରୁଛନ୍ତି । ସେମାନଙ୍କର ଦକ୍ଷିଣାଂଶରେ ଶ୍ରୁତି କନ୍ୟାଗଣ ଓ ବାମାଂଶରେ ଦେବକନ୍ୟାଗଣ ଦିବ୍ୟାଳଙ୍କାରରେ ବିଭୂଷିତା ହୋଇ ସଙ୍ଗୀତ ଆଦି ଦ୍ୱାରା ଲୀଳାରସର ପୁଷ୍ଟିସାଧନ କରୁଛନ୍ତି ।

ଏହି ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ମନ୍ଦିରର ଅନ୍ତରଙ୍ଗ ଭାଗ ବୁଝିବାକୁ ହେବ । ମନ୍ଦିରର ବାହ୍ୟ ପ୍ରଦେଶରେ ପ୍ରିୟ ସଖାଗଣ ଅବସ୍ଥାନ କରନ୍ତି । ଏ ସମସ୍ତଙ୍କର ବୟସ, ବେଶ, ବଳ, ପୌରୁଷ, ଗୁଣ, କର୍ମ, ଭୂଷଣ ଓ ବେଣୁବାଦନ ଶ୍ରୀକୃଷ୍ଣଙ୍କରହିଁ ଅନୁରୂପ । ମନ୍ଦିରର ବାହାର ପଶ୍ଚିମ ଦ୍ୱାରରେ ଶ୍ରୀଦାମ, ଉତ୍ତର

ଦ୍ୱାରରେ ବସୁଦାମ, ପୂର୍ବଦ୍ୱାରରେ ସୁଦାମ ଓ ଦକ୍ଷିଣ ଦ୍ୱାରରେ କିଙ୍କିଣୀଙ୍କର ଅବସ୍ଥାନ । ଏହାର ବାହାରେ ସୁବର୍ଣ୍ଣମୟ ମନ୍ଦିର, ପ୍ରତି ମନ୍ଦିରରେ ସ୍ୱର୍ଣ୍ଣବେଦୀ ଏବଂ ତା' ଉପରେ ସୁବର୍ଣ୍ଣମୟ ପୀଠ । ଏହି ପୀଠରେ ସ୍ୱର୍ଣ୍ଣାଳଙ୍କାର ଭୂଷିତ ଗୋପାଳ ମୂର୍ତ୍ତି ବିରାଜିତ । ଚାରି ଦିଗରେ ଏହିପରି ଅସଂଖ୍ୟ ଗୋପାଳ ମୂର୍ତ୍ତି ବିରାଜ କରୁଛନ୍ତି । କାହାର ନାମ ସ୍ତୋକକୃଷ୍ଣ, କାହାର ନାମ ଅଂଶୁ ଭଦ୍ର ଇତ୍ୟାଦି । ସମସ୍ତଙ୍କ ହାତରେ ଶୃଙ୍ଗ, ବୀଣା ଓ ବେତ୍ର । ବୟସ, ବେଶ, ଆକାର ଓ ସ୍ୱର ସମସ୍ତଙ୍କର ଏକ ପ୍ରକାର । ଏହି ସକଳ ଗୋପାଳଙ୍କର ଚତୁର୍ଦ୍ଦିଗରେ କ୍ଷୀର ସ୍ରାବୀ ଧେନୁସକଳ ବିରାଜ କରୁଛନ୍ତି । ଗୋପାଳ ମଣ୍ଡଳର ବାହାରେ କୋଟି ସୂର୍ଯ୍ୟଙ୍କ ପ୍ରଭା ନେଇ ଉଜ୍ଜ୍ୱଳ ସୁବର୍ଣ୍ଣ ପ୍ରାଚୀର । ଏହି ପ୍ରାଚୀରର ଚାରିଦିଗରେ ଚାରିଟି ମହାବନ । ପଶ୍ଚିମ ଦିଗର ବନ ମହୋଦ୍ୟାନ ନାମରେ ପ୍ରସିଦ୍ଧ । ଏହା ପାରିଜାତ ବୃକ୍ଷର ବନ । ପାରିଜାତ ବୃକ୍ଷର ତଳେ ରହିଛି ଏକ ସ୍ୱର୍ଣ୍ଣ ମନ୍ଦିର ଓ ତହିଁରେ ସୁବର୍ଣ୍ଣମୟ ପୀଠ । ଏହି ପୀଠର ଉପରେ ଦିବ୍ୟ ସିଂହାସନରେ ଚତୁର୍ଭୁଜ ବାସୁଦେବ ମୂର୍ତ୍ତି ବିରାଜ କରୁଛନ୍ତି । ତାଙ୍କର ଅଷ୍ଟମହିଷୀ ଅର୍ଥାତ୍ ରୁକ୍ମିଣୀ, ସତ୍ୟଭାମା, ସୁଲକ୍ଷଣା, ନାଗ୍ନଜତୀ, ମିତ୍ରବୃନ୍ଦା, ଅନୁବୃନ୍ଦା, ସୁନନ୍ଦା ଓ ଜାମ୍ବବତୀ ବେଷ୍ଟିତ ହୋଇ ରହିଛନ୍ତି ଉଦ୍ଧବାଦି ଭକ୍ତଗଣଙ୍କ ଦ୍ୱାରା । ଉତ୍ତର ଦିଗର ମହାବନ ହରିଚନ୍ଦନ ବୃକ୍ଷର । ଏହା ମଧ୍ୟରେ ପୂର୍ବବତ୍ ମନ୍ଦିର ଓ ସିଂହାସନରେ ଶଙ୍କର୍ଷଣ ବା ବଳରାମ ରେବତୀଙ୍କ ସହ ବିରାଜମାନ । ଏ ନୀଳାମ୍ବରଧାରୀ ଓ ମଧୁପାନରେ ମତ୍ତ । ଦକ୍ଷିଣ ଦିଗର ନିକୁଞ୍ଜବନରେ ସନ୍ତାନକ ବୃକ୍ଷତଳେ ପ୍ରଦ୍ୟୁମ୍ନ (କାମଦେବ ଓ ରତି) ବିରାଜମାନ । ପୂର୍ବ ଦିଗର ସୁରତରୁ ମୂଳରେ ଅନିରୁଦ୍ଧ ଓ ଊଷା ପୂର୍ବପରି ମନ୍ଦିର ଓ ସିଂହାସନରେ ବିରାଜିତ । ଏହି ଚାରିଟି ଚତୁର୍ବ୍ୟୂହ ନାମରେ ପ୍ରସିଦ୍ଧ । ଊର୍ଦ୍ଧ୍ୱଦିଗରେ ଆକାଶ ମଣ୍ଡଳରେ କିରୀଟ ଓ କୁଣ୍ଡଳଧାରୀ ଚିନ୍ମୟ ବିଷ୍ଣୁ ବିଗ୍ରହ ପରିଦୃଷ୍ଟ ହୁଏ । ଏହା ନିଷ୍କାମ ଭକ୍ତମାନଙ୍କର ସ୍ଥାନ । ଭଗବାନଙ୍କ ବାମ ଦେଶରେ ଯକ୍ଷ, ଗନ୍ଧର୍ବ, ସିଦ୍ଧ ଓ କିନ୍ନର ସକଳ ନିଜ ନିଜର ସ୍ଥାନରେ ଅବସ୍ଥାନ କରୁଛନ୍ତି ଓ ଅପ୍ସରାଗଣ ନୃତ୍ୟ କରୁଛନ୍ତି । ଅଗ୍ରଭାଗରେ ପ୍ରହ୍ଲାଦ, ନାରଦ, ଶୁକଦେବ, ସନତ୍ କୁମାର ପ୍ରମୁଖ ଭକ୍ତଗଣ ଅବସ୍ଥାନ କରୁଛନ୍ତି । ଏହାର ବହିର୍ଦ୍ଦେଶରେ ଉଚ୍ଚ ସ୍ଫଟିକମୟ ପ୍ରାଚୀର, ଏହା ନାନା ବର୍ଣ୍ଣରେ ଉଜ୍ଜ୍ୱଳ । ଏହାର ଚାରି ଦ୍ୱାରରେ ଚାରି ଜଣ ବିଷ୍ଣୁ ଦ୍ୱାରପାଳ ରୂପେ ବିରାଜମାନ କରୁଛନ୍ତି । ଏମାନଙ୍କର ବର୍ଣ୍ଣ ପୃଥକ୍ ପୃଥକ୍ । ଯେ ପଶ୍ଚିମ ଦ୍ୱାରରେ ଅଛନ୍ତି ତାଙ୍କର ବର୍ଣ୍ଣ ଶୁକ୍ଳ, ଉତ୍ତରସ୍ଥଙ୍କ ବର୍ଣ୍ଣ ରକ୍ତ, ପୂର୍ବସ୍ଥଙ୍କର ବର୍ଣ୍ଣ ଗୌର ଓ ଦକ୍ଷିଣସ୍ଥଙ୍କର ବର୍ଣ୍ଣ କୃଷ୍ଣ ।...

... ଗୋଲୋକ, ବୈକୁଣ୍ଠ, ବୃନ୍ଦାବନ, ଗୋକୁଳ ଆଦି ସମସ୍ତ ଧାମହିଁ ଯନ୍ତ୍ରରୂପୀ, ଅର୍ଥାତ୍ ଯନ୍ତ୍ରାତ୍ମକ ଭଗବତ୍ ଧାମ । ପଦ୍ମ ପୁରାଣରେ ବୈକୁଣ୍ଠ ଧାମର ବର୍ଣ୍ଣନା ରହିଛି । ଭକ୍ତ ପ୍ରବର ରାମାନୁଜାଚାର୍ଯ୍ୟ ତାଙ୍କର ଗଦ୍ୟତ୍ରୟ ଗ୍ରନ୍ଥରେ ବୈକୁଣ୍ଠ ଧାମର ବର୍ଣ୍ଣନା କରିଛନ୍ତି । ପୌରାଣିକ ସାହିତ୍ୟର ବହୁ ସ୍ଥାନରେ ପ୍ରସଙ୍ଗତଃ ବୈକୁଣ୍ଠ ଧାମର ବର୍ଣ୍ଣନା ମିଳେ । କିନ୍ତୁ ଏଗୁଡ଼ିକ ସର୍ବାଂଶରେ ଏକ ପ୍ରକାର ନୁହେଁ । ସେହିପରି ଗୋଲୋକ ଧାମର ବର୍ଣ୍ଣନା ମଧ୍ୟ ମିଳେ । ଶ୍ୱେତଦ୍ୱୀପ ଗୋଲୋକ ଧାମରହିଁ ନାମାନ୍ତର । ଏହାର ଅନ୍ତର୍ଗତ ସହସ୍ର ପତ୍ରାତ୍ମକ ଗୋକୁଳ-ପଦ୍ମ ଭକ୍ତ ସମାଜରେ ପ୍ରସିଦ୍ଧ । ମାଥୁର ମଣ୍ଡଳ ଏହି ଧାମରହିଁ ନାମାନ୍ତର । ବ୍ରଜଭୂମିର ସନ୍ନିବେଶ ଏକ ଏକ ସ୍ଥଳରେ ଏକ ଏକ ପ୍ରକାର ବର୍ଣ୍ଣନା ମିଳେ । ଅବଶ୍ୟ ମୂଳ ରହସ୍ୟଟି ସର୍ବତ୍ର ମୂଳତଃ ଏକହିଁ । ଗୋକୁଳ ଓ ଶ୍ରୀବୃନ୍ଦାବନର ବର୍ଣ୍ଣନା ପଦ୍ମ ପୁରାଣରେ ଓ ଅନ୍ୟାନ୍ୟ ପୁରାଣରେ ଆଂଶିକ ଭାବେ ଦିଆଯାଇଛି । ଗୋପାଳ ଚମ୍ପୂରେ ଏହି ବିବରଣର ଅନୁରୂପ ବର୍ଣ୍ଣନା ଦିଆ ଯାଇଛି । ଲଘୁ ବ୍ରହ୍ମ ସଂହିତା ଏବଂ ଜୀବ ଗୋସ୍ୱାମୀଙ୍କ କୃତ ଏହାର ଟୀକାରେ ମଧ୍ୟ ଏସମ୍ବନ୍ଧରେ କିଛି କିଛି ବର୍ଣ୍ଣନା ମିଳେ ।... ଅସଲ କଥା ହେଉଛି ଧାମର ମୂଳ ତତ୍ତ୍ୱଟି ଯନ୍ତ୍ର ଏବଂ ଯନ୍ତ୍ରର ମୂଳ ତତ୍ତ୍ୱଟି ମନ୍ତ୍ର । ସୁତରାଂ ମନ୍ତ୍ରର ମୂଳତତ୍ତ୍ୱଟିକୁ ଆଶ୍ରୟ କରି ଯନ୍ତ୍ରକୁ ପ୍ରସ୍ଫୁଟିତ କରିପାରିଲେ ଯନ୍ତ୍ରର ବିକାଶ ସ୍ୱଭାବତଃହିଁ ସିଦ୍ଧ ହୁଏ ।

(କ୍ରମଶଃ)

# ପୁନର୍ଜନ୍ମ ଓ ଚୈତ୍ୟସତ୍ତା

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

''ପୁନର୍ଜନ୍ମରେ ଯେଉଁ ବାହ୍ୟ ସତ୍ତାଟି ପିତାମାତା, ପରିବେଶ ଓ ପରିସ୍ଥିତି ଦ୍ୱାରା ଗଠିତ ହୋଇଥାଏ ସେହି ମାନସିକ, ପ୍ରାଣିକ ଓ ଦୈହିକ ସତ୍ତା ପୁଣିଥରେ ଜନ୍ମଗ୍ରହଣ କରେ ନାହିଁ; କେବଳ ଚୈତ୍ୟସତ୍ତାହିଁ ଗୋଟିଏ ଶରୀରତ୍ୟାଗ କରି ଅନ୍ୟ ଏକ ଶରୀର ଗ୍ରହଣ କରେ । ତେଣୁ ଯୁକ୍ତି ଦୃଷ୍ଟିରୁ ଦେଖିଲେ ମାନସିକ ସତ୍ତା ବା ପ୍ରାଣିକ ସତ୍ତା ପୂର୍ବଜନ୍ମକୁ ସ୍ମରଣ କରିପାରିବ ନାହିଁ, ବା ଅମୁକ ବା ସମୁକ ବ୍ୟକ୍ତିର ଜୀବନ ଓ ଚରିତ୍ର ଭିତରେ ନିଜକୁ ଚିହ୍ନିପାରିବ ନାହିଁ । କେବଳ ଚୈତ୍ୟସତ୍ତାହିଁ ସ୍ମରଣ କରିପାରେ; ଏବଂ ଆମ ଚୈତ୍ୟସତ୍ତା ସଂପର୍କରେ ସଚେତ ହୋଇପାରିଲେ ଆମେ ତହିଁ ସଙ୍ଗେ ସଙ୍ଗେ ଆମର ଗତଜନ୍ମଗୁଡ଼ିକ ସଂପର୍କରେ ନିର୍ଭୁଲ ଧାରଣା ପାଇପାରିବୁ ।

''ତା'ଛଡ଼ା ଆମର ମନୋଯୋଗ ଦେବା ଉଚିତ ଆମେ କ'ଣ ହେବାକୁ ଚାହୁଁ, ଅତୀତରେ କ'ଣ ହୋଇଥିଲୁ, ତା'ଉପରେ ନୁହେଁ ।''

(ମାତୃବାଣୀ, ୨ ଅପ୍ରେଲ ୧୯୩୫)

*ପ୍ରଶ୍ନ : ଯଦି ମନ, ପ୍ରାଣ ବା ଦେହର ସତ୍ତା ନୁହେଁ କେବଳ ଚୈତ୍ୟସତ୍ତାହିଁ ପୁନର୍ଜନ୍ମ ଗ୍ରହଣ କରେ, ତା'ହେଲେ ପୂର୍ବଜନ୍ମରେ ପ୍ରାଣ ଓ ମନର ଯେଉଁ ଅଗ୍ରଗତି ହୋଇଥାଏ, ପରଜନ୍ମରେ ତା'ର ତ କୌଣସି ମୂଲ୍ୟ ନାହିଁ ?*

ଶ୍ରୀମା : ଏହିସବୁ ଅଂଶଗୁଡ଼ିକର ଅଗ୍ରଗତି କେବଳ ଯେତିକି ପରିମାଣରେ ଏଗୁଡ଼ିକୁ ଚୈତ୍ୟସତ୍ତାର ନିକଟବର୍ତ୍ତୀ କରାଇଥାଏ ତାହାର ମୂଲ୍ୟ ଅଛି, ଅର୍ଥାତ୍ ସତ୍ତାର ଯେଉଁସବୁ ଅଂଶଗୁଡ଼ିକ ପର୍ଯ୍ୟାୟକ୍ରମେ ଚୈତ୍ୟସତ୍ତାର ପ୍ରଭାବ ଅଧୀନକୁ ଆସିଥାଏ, ସେହି ପରିମାଣରେହିଁ ସେଗୁଡ଼ିକର ଅଗ୍ରଗତି ହୋଇଥାଏ । କାରଣ ଯେଉଁ ଅଂଶଗୁଡ଼ିକ ଚୈତ୍ୟସତ୍ତାର ପ୍ରଭାବ ଅଧୀନ ହୋଇ ରହିଥାଏ, ତାହା ସହ ଏକ ହୋଇ ଯାଇଥାଏ ସେହିଗୁଡ଼ିକହିଁ ଅଗ୍ରଗତି କରି ଚାଲିଥାଏ । କିନ୍ତୁ ଯଦି ଚୈତ୍ୟସତ୍ତାହିଁ ଜଣକର ଜୀବନ ଓ ଚେତନାର କେନ୍ଦ୍ରହୁଏ, ଏବଂ ଯଦି ସମଗ୍ର ସତ୍ତା ସେହି ଚୈତ୍ୟକେନ୍ଦ୍ରର ଚାରିପଟେ ସଂଗଠିତ ହୋଇଥାଏ, ଯଦି ସମଗ୍ର ସତ୍ତା ଚୈତ୍ୟସତ୍ତାର ପ୍ରଭାବାଧୀନ ହୋଇ ରୁହେ ଓ ତା'ସହ ମିଳିତ ହୋଇ ଏକ ହୋଇଯାଏ, ତା'ହେଲେ ତାହାର ଅଗ୍ରଗତି ବରାବର ସେହିପରି ଚାଲିଥିବ – ଯଦି ସେପରି ଚାଲିରହିଥିବା ତା'ପାଇଁ ଆବଶ୍ୟକ ହୁଏ । ଅବଶ୍ୟ, ଅଗ୍ରଗତି ପାଇଁ ଓ ଊର୍ଦ୍ଧ୍ୱକୁ ଉତ୍ତରଣ ପାଇଁ ଚୈତ୍ୟସତ୍ତାର ଯେଉଁ ସାମର୍ଥ୍ୟ ଅଛି, ଯଦି କୌଣସି ସ୍ଥୂଳ ଶରୀରକୁ ସେହି ସାମର୍ଥ୍ୟ ଓ ସେହି ଗତିବୃତ୍ତି ଦିଆଯାଏ, ତା'ହେଲେ ତା'ର ଶରୀର ତ୍ୟାଗ ବା ଶରୀର କ୍ଷୟର କୌଣସି ପ୍ରୟୋଜନ ନାହିଁ, କିନ୍ତୁ ଠିକ୍ ତାହାହିଁ ହେଉଛି ସବୁଠାରୁ ଦୁଃସାଧ୍ୟ ।

କେବଳ ସେହି ଅଂଶଗୁଡ଼ିକ ଯାହା ଚୈତ୍ୟସତ୍ତା ସହ ସଂଯୋଗ ରଖିଥାଏ ତାହାହିଁ ସ୍ଥାୟୀ ହୋଇ ରହିପାରେ, ଏବଂ ଯାହା ସ୍ଥାୟୀ ରୁହେ ତାହାହିଁ ସ୍ମରଣ କରିପାରେ, କାରଣ ବାକିସବୁ ତିରୋହିତ ହୋଇଯାଆନ୍ତି, ପୁଣିଥରେ ଛୋଟଛୋଟ ଅଂଶରେ ମିଳାଇଯାଇ, ଅନ୍ୟ ସ୍ଥାନରେ ସେଗୁଡ଼ିକର ବିନିଯୋଗ ହୁଏ– ଯେପରି ଶରୀର ପୁଣି ଥରେ ଧୂଳିମାଟିରେ ପରିଣତ ହୁଏ ଓ ଅନ୍ୟତ୍ର ତାହାର ବିନିଯୋଗ ହୁଏ । ଶରୀର ପୁଣି ମାଟିରେ ମିଶିଯାଏ, ସେହି ମାଟିରୁ ସାର ସଂଗ୍ରହ କରି ଉଦ୍ଭିଦମାନେ ବଢ଼ି ଉଠନ୍ତି ଓ ମନୁଷ୍ୟମାନେ ପୁଣି ସେହି ଉଦ୍ଭିଦକୁ ନିଜର ଆହାର ରୂପେ ଗ୍ରହଣ କରନ୍ତି । ଏହି ଭାବରେହିଁ ବରାବର ଏହିପରି ଚାଲିଥାଏ । ମାଟିରୁ ଉତ୍ପନ୍ନ ହୋଇ ପୁଣି ସବୁକିଛି ମାଟିକୁ ଫେରିଆସେ ଓ ପୁଣିଥରେ ଏହାର ପୁନରାବର୍ତ୍ତନ ଆରମ୍ଭ ହୁଏ । ଏହି ଭାବରେହିଁ ବିଶ୍ୱପ୍ରକୃତି ଅଗ୍ରଗତି କରି ଚାଲିଥାଏ । ନିଜର ଅଗ୍ରଗତି ପାଇଁ ଏହା ଗଦା ଗଦା ରୂପ ବା ଆକାର ସୃଷ୍ଟି କରେ, ପୁଣି ଯେତେବେଳେ ଦେଖେ ସେଗୁଡ଼ିକର କାମ ଶେଷ ହୋଇଯାଇଛି, ତା'ପାଇଁ ସେଗୁଡ଼ିକର ଆଉ କୌଣସି ପ୍ରୟୋଜନ ନାହିଁ, ଆଉ କୌଣସି ଗୁରୁତ୍ୱ ନାହିଁ, ସେତେବେଳେ ସେ ସେଗୁଡ଼ିକୁ ଭାଙ୍ଗି ନଷ୍ଟ କରିଦିଏ, ତହିଁରେ ଥିବା ଉପାଦାନସବୁକୁ, ତାହା ରାସାୟନିକ ହେଉ ବା ଅନ୍ୟ କିଛି ହେଉ, ସେ ପୁଣିଥରେ ଗ୍ରହଣ କରିନିଏ ଓ ସେଗୁଡ଼ିକୁ ଅନ୍ୟରୂପ ଦେଇ ନୂଆ କରି ଗଠନ କରେ; ଏହିପରି ଭାବରେ ଅନବରତ ଏହା ଏହିପରି ବଦଳି ଚାଲିଥାଏ, ଯାଉଥାଏ ପୁଣି ଆସୁଥାଏ, ନୂଆ ନୂଆ ରୂପରେ ସେହି ଯିବା ଆସିବା ବରାବର ଲାଗି ରହିଥାଏ । ବିଶ୍ୱପ୍ରକୃତିକୁ ଏହା ଖୁବ୍ ଭଲ ଲାଗେ, କାରଣ ସେ ବହୁତ ଦୂରକୁ ଦେଖିପାରେ, ତା'ର

କାମ ଶତାବ୍ଦୀ ଶତାବ୍ଦୀ ଧରି କଳ୍ପ କଳ୍ପ ଧରି ପ୍ରସାରିତ ଏବଂ ତା' ପାଇଁ ଗୋଟିଏ କ୍ଷୁଦ୍ର ମଣିଷର ଜୀବନକାଳ କିଛି ନୁହେଁ, ଚିରନ୍ତନ କାଳରେ ତାହା ଗୋଟିଏ ନିଃଶ୍ୱାସ ମାତ୍ର । ଏହିପରି ଭାବରେ ସେ କିଛିକୁ ଗ୍ରହଣ କରେ, ତାକୁ ରୂପ ଦିଏ, ଏଥିପାଇଁ କିଛି ସମୟ ନିଏ, ତା' ପାଇଁ ଏହା ଏକ ଖେଳ-କୌତୁକର ଜିନଷ, ତାହାକୁ ଏହା ଖୁବ୍ ଭଲ ଲାଗେ, ତା'ପରେ ଯେତେବେଳେ ଏହା ତାକୁ ଆଉ ସେତେ ଭଲ ଲାଗେ ନାହିଁ, ସେ ତାହାକୁ ଭାଙ୍ଗିଦିଏ,– ପୁଣି ଆଉ କିଛି ଗ୍ରହଣ କରେ, ସବୁକୁ ପୁଣି ମିଶାଇ ଆଉ କିଛି ଆରମ୍ଭ କରେ, ଅନ୍ୟ କିଛି ଗଠନ କରେ । ଏବଂ ସମ୍ଭବତଃ ଏହି ପ୍ରକ୍ରିୟା ଦ୍ୱାରା ଯାହାକି ସ୍ପଷ୍ଟତଃ ଖୁବ୍ ମନ୍ଥର, ସମଗ୍ର ଜଡ଼ର ଅଗ୍ରଗତି ସାଧିତ ହୋଇଥାଏ । ବରାବର ଏହି ଭାବରେହିଁ ଏହା ସମ୍ଭବ ହୋଇ ଆସିଛି, ବିଭିନ୍ନ ଉପାଦାନକୁ ନେଇ ପରସ୍ପର ସହିତ ଏକତ୍ର ମିଶାଇବା, ସେଗୁଡ଼ିକୁ ଭାଙ୍ଗିଦେବା, ପୁଣି ନୂଆ କରି ମିଶାଇବା, ପୁଣି ଭାଙ୍ଗିଦେବା । ସାରମର୍ମରେ ଏହା ହେଉଛି ଯେପରିକି ତୁମେ ଗୁଡ଼ିଏ ଛୋଟ ଛୋଟ ଜିନିଷର ଏକ ଗଦା ତିଆରି କଲ, ଏବଂ ତା'ପରେ ତାକୁ ଭାଙ୍ଗି ଧୂଳିସାତ୍ କରିଦେଲ, ପୁଣି ସେହି ଧୂଳିରୁ ନୂଆ ନୂଆ ଖେଳଣା ତିଆରି କଲ, ପୁଣି ସେଗୁଡ଼ିକୁ ଭାଙ୍ଗି ଦେଲ ଏବଂ ତହିଁରୁ ପୁଣି ଅନ୍ୟ ଖେଳଣା ସବୁ ତିଆରି କଲ । ପ୍ରତ୍ୟେକ ଥର ତହିଁରେ ଆଉ କିଛି ଜିନିଷ ଯୋଗ କର ଯେପରିକି ମିଶ୍ରଣର କାମଟି ଭଲ ଭାବରେ ହୋଇପାରିବ । ଏବଂ ତା'ପରେ ଦିନେ ହୁଏତ ସେସବୁଥିରୁ ଉତ୍ତମ କିଛିର ଉତ୍ପାଦନ ସମ୍ଭବ ହେବ । ସେ ଯାହାହେଉ ବିଶ୍ୱପ୍ରକୃତି କେବେ ତରତର ହୁଏ ନାହିଁ । ଏବଂ ଆମେ ଯେତେବେଳେ ତରତର ହେଉ ସେ କହେ, ''ତୁମେ କାହିଁକି ଏପରି ତରବର ହେଉଛ ? ଦିନେ ଏହା ନିଶ୍ଚୟ ଘଟିବ । ସେବିଷୟରେ ତୁମେ ଚିନ୍ତା କରିବାର ଆବଶ୍ୟକତା ନାହିଁ, ଏହା ନିଶ୍ଚିତ ରୂପେ ଘଟିବ । ଧୀରସ୍ଥିର ଭାବରେ ଅପେକ୍ଷା କର ।'' ସେତେବେଳେ ଆମେ ତାକୁ କହୁ ''କିନ୍ତୁ ଯେ ଅପେକ୍ଷା କରିବ ସେତ ମୁଁ ନୁହେଁ ।'' ''ଆଃ, ଯାହା ଆସେ ଏବଂ ଚାଲିଯାଏ ତାହାକୁହିଁ ତୁମେ 'ମୁଁ' ବୋଲି କହୁଥିବାରୁ ଏପରି ଭାବୁଛ । ତୁମେ ଯଦି ସେହି ଚେତନାକୁ, ସେହି ଏକ ଶାଶ୍ୱତ ଓ ଦିବ୍ୟ ଚେତନାକୁ 'ମୁଁ' ବୋଲି କୁହ ତା'ହେଲେ ତୁମେ ସବୁକିଛି ଦେଖିପାରିବ, ସବୁକିଛି ଭିତରେ ତୁମେ ଉପସ୍ଥିତ ରହିପାରିବ । ଏହା କରିବାରେ ତୁମର କିଛି ବାଧା ନାହିଁ । ଯେହେତୁ ତୁମେ କେବଳ ଏହା (ସ୍ଥୂଳ ଶରୀରକୁ ଅଙ୍ଗୁଳି ନିର୍ଦ୍ଦେଶ କରି) ସହିତ ନିଜକୁ ଏକ ବୋଲି ଭାବୁଛ, ତେଣୁ ଏପରି ହେଉଛି । ସେହି ସ୍ଥୂଳ ଶରୀର ସଙ୍ଗେ ନିଜକୁ ଏକ ବୋଲି ଭାବିବାକୁ ବନ୍ଦ କରିଦେବାକୁ ହେବ'' । ✤

(M.C.W. Vol. V pp. 359-360)

ଅନ୍ତରରେ ଏକ ଚୈତ୍ୟ ଅଗ୍ନି ପ୍ରଜ୍ୱଳିତ କରିବାକୁ ହେବ ଯାହା ଭିତରକୁ ସବୁକିଛି ନିକ୍ଷେପ କରିବାକୁ ହେବ ତା' ଉପରେ ଭଗବାନଙ୍କର ନାମାଙ୍କନ କରି । ସେହି ଅଗ୍ନିରେ ସମସ୍ତ ଭାବାବେଗ ସେମାନଙ୍କ ଖାଦର ଉପାଦାନଗୁଡ଼ିକୁ ପରିତ୍ୟାଗ କରିବାକୁ ବାଧ୍ୟ, ଏବଂ ଯେଉଁସବୁ ଅଦିବ୍ୟ ବିକାର ଥିବ ତାହା ପୋଡ଼ି ପାଉଁଶ ହୋଇଯିବ ଏବଂ ଅନ୍ୟଗୁଡ଼ିକ ନିଜର ନ୍ୟୂନତାକୁ ତ୍ୟାଗ କରିବ, ଯେତେବେଳେ କି ଶେଷରେ ସେହି ଶିଖା, ଧୂଆଁ ଓ ଧୂପ ଭିତରୁ ଉଠି ଆସିବ ବିପୁଳତମ ପ୍ରେମର ଦିବ୍ୟଭାବ ଏବଂ ଏକ ନିଷ୍କଳଙ୍କ ଦିବ୍ୟ-ଆନନ୍ଦ ।

– ଶ୍ରୀଅରବିନ୍ଦ

# ସଂପାଦକୀୟ ....

ଭାରତବର୍ଷ ସମେତ ସାରା ପୃଥିବୀରେ ବର୍ତ୍ତମାନ ଉଗ୍ରବାଦୀମାନଙ୍କ କାର୍ଯ୍ୟକଳାପ ଏକ ଭୟଙ୍କର ବିପଜ୍ଜନକ ରୂପ ଧାରଣ କରିଛି । କୌଣସି ବାଛବିଚାର ନରଖି ବୀଭତ୍ସ ହତ୍ୟା, ହିଂସା, ଧ୍ୱଂସ, ଲୁଟତରାଜ ଆଦି ନାନାପ୍ରକାର ଆତଙ୍କବାଦୀ କ୍ରିୟାକଳାପ ଚାରିଆଡ଼େ ବ୍ୟାପିବାରେ ଲାଗିଛି । ଏହିସବୁ କାଣ୍ଡ ଘଟାଉଥିବା ଉଗ୍ରବାଦୀମାନେ ଯେପରି ସେମାନଙ୍କର ସମସ୍ତ ମାନବିକତାବୋଧ ହରାଇ ଏକ ପ୍ରକାର ପୈଶାଚିକ ପ୍ରେରଣାରେ ଉନ୍ମତ୍ତ ହୋଇ ଉଠିଛନ୍ତି । ସବୁଠୁ କ୍ଷୋଭର କଥା, ଏସବୁ କାମ ହେଉଛି ଆଦର୍ଶବାଦ ଓ ମହତ୍ ଲକ୍ଷ୍ୟର ନାମ ନେଇ ଓ କେତେକ କ୍ଷେତ୍ରରେ ଏମାନଙ୍କ ପଛରେ କେତେକ ଦେଶର ସରକାର ଓ ସଂଗଠିତ ରାଷ୍ଟ୍ରଶକ୍ତିର ପ୍ରଚ୍ଛନ୍ନ ସମର୍ଥନ, ପ୍ରରୋଚନା ଓ ସାହାଯ୍ୟ ମଧ୍ୟ ରହିଛି । ଏଇ ଧରଣର ଉଗ୍ରବାଦ ଓ ଆତଙ୍କବାଦ ଯେ ସମଗ୍ର ମାନବଜାତିର ଶତ୍ରୁ ଓ ଏହାର ପ୍ରସାର ସମଗ୍ର ମାନବ ସଭ୍ୟତା ପାଇଁ ବିପଜ୍ଜନକ ଏବଂ ଆଜି ଅନ୍ୟ ଦେଶ ଅନ୍ୟ ଅଞ୍ଚଳରେ ଯାହା ଘଟୁଛି କାଲି ତୁମ ଦେଶ, ତୁମ ଅଞ୍ଚଳରେ ସେଇଆ ବା ତା'ଠାରୁ ଅଧିକ ଭୟାବହ ଆତଙ୍କବାଦ ମୁଣ୍ଡ ଟେକିପାରେ – ଏହି ସାଧାରଣଜ୍ଞାନ ଓ ବିଚାରକୁ ଲୋକମାନେ ଭୁଲି ଯାଉଛନ୍ତି ପାରସ୍ପରିକ ଶତ୍ରୁତା ଓ ପ୍ରତିଦ୍ୱନ୍ଦ୍ୱିତାର ଭାବ ନେଇ । ଏହା ଏକ ସାମୂହିକ ବିପଦ ଓ ସମସ୍ତ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି, ଦଳ ଓ ରାଷ୍ଟ୍ର ପାରସ୍ପରିକ ସହଯୋଗ ରଖି ସାମୂହିକଭାବେ ଏହାର ସମ୍ମୁଖୀନ ହେବା ଉଚିତ । ତାହା ପଶ୍ଚିମ ଏସିଆର ହେଉ ବା ମଧ୍ୟ-ଆମେରିକାର ହେଉ, ସମସ୍ତ ଆତଙ୍କବାଦର ଉପାଦାନ ଓ ପରିଣତି ସମାନ ବିଭୀଷିକାରେ ପୂର୍ଣ୍ଣ ଏବଂ ମାନବ ସଭ୍ୟତାର ସ୍ୱାର୍ଥ ଦୃଷ୍ଟିରୁ ସବୁଗୁଡ଼ିକର ମୂଳୋତ୍ପାଟନ ବାଞ୍ଛନୀୟ ।

ତାହା ଯାହାହେଉ, ଆମେ ଏଠାରେ ସମସ୍ୟାଟିର ବିଶଦ ଆଲୋଚନା କରିବାକୁ ଯାଉ ନାହୁଁ । ଯେଉଁ ଦିଗଟି ଉପରେ ଯତ୍‌କିଞ୍ଚିତ୍ ସୂଚନା ଦେବା ଆମର ଉଦ୍ଦେଶ୍ୟ ତାହା ହେଲା ଏହି ଉଗ୍ରବାଦୀମାନଙ୍କର ମନୋଭାବ କିପରି ଏଇ ଧରଣର କାଣ୍ଡଜ୍ଞାନହୀନ ଜଘନ୍ୟ ନିଷ୍ଠୁରତା ଓ କ୍ରୂରତାର ରୂପ ନେଉଛି । ଏକଦା ଏଇ ଉଗ୍ରବାଦୀମାନେ ତ ନିଜ ନିଜ ଦେଶରେ ସୁସ୍ଥ ମନ ଓ ସୁସ୍ଥ ପ୍ରାଣ ନେଇ ସାଧାରଣ ନାଗରିକଭାବେ ସ୍ୱାଭାବିକ ଜୀବନ କଟାଉଥିଲେ । ଏମାନଙ୍କ ଭିତରେ ତ ଅନେକ ଶିକ୍ଷିତ ଲୋକ ଅଛନ୍ତି । ଏମାନଙ୍କ ସାଧାରଣ ବିଚାରବୁଦ୍ଧିର ମାନ ତ ଅତ୍ୟନ୍ତ ନିମ୍ନସ୍ତରର ନୁହେଁ । ବରଂ ଏମାନଙ୍କର ଅନେକ ନେତା ଅତ୍ୟନ୍ତ ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ । ଯେତେ ଭୁଲ୍ ପଥରେ ପରିଚାଳିତ ହେଲେ ମଧ୍ୟ ଏକ ଲକ୍ଷ୍ୟ ହାସଲ ପାଇଁ ଜୀବନ ଦେଇଦେବାର ଉତ୍ସର୍ଗୀକୃତ ମନୋଭାବ ତ ଏମାନଙ୍କ ଭିତରେ ରହିଛି । ତା'ହେଲେ କାହିଁକି ଏମାନେ ନିଜ କର୍ମ ଓ ଆଚରଣର ବୀଭତ୍ସତାର ଦିଗଟି ପ୍ରତି ଆଖି ବୁଜି ଦେଉଛନ୍ତି ? ଏକ ସୁନ୍ଦର, ସୁସ୍ଥ ସାମାଜିକ ଜୀବନ ଗଢ଼ିବାକୁ ଚାହୁଁଥିବା ଲୋକମାନେ ଏହି ପ୍ରଶ୍ନଗୁଡ଼ିକୁ ଏଡ଼ାଇ ନଦେଇ ଗଭୀର ଭାବରେ ବିଚାର କରିବା ଉଚିତ ।

ଆମେ ଦେଖୁ ଏମାନଙ୍କ ଆଗରେ ରଖା ଯାଇଥିବା ଲକ୍ଷ୍ୟ ଯାହା ବି ହେଉନା କାହିଁକି, ତାହା ବାମପନ୍ଥୀ ବୈପ୍ଲବିକ ଲକ୍ଷ୍ୟ ହେଉ ବା ଦକ୍ଷିଣପନ୍ଥୀ ପ୍ରତିକ୍ରିୟାଶୀଳ ଲକ୍ଷ୍ୟ ହେଉ ବା ଜାତି, ଧର୍ମ, ଭାଷା ବା ସଂପ୍ରଦାୟ ଭିତ୍ତିରେ ନିଜର ଅଧିକାର ଓ ଦାବି ହାସଲ କରିବାର ଲକ୍ଷ୍ୟ ହେଉ, ସମସ୍ତ ଉଗ୍ରବାଦୀମାନଙ୍କ ମନୋଭାବ ଓ ଆଚରଣ ସମାନ ଏପରିକି ପରସ୍ପର ବିରୋଧୀ ଲକ୍ଷ୍ୟର ଅନୁଗତମାନେ ମଧ୍ୟ ସମାନ ମନୋଭାବ ଓ ଆଚରଣ ନେଇ ଅନ୍ଧ ଭାବରେ ଆତଙ୍କବାଦୀ ବିଭୀଷିକା ସୃଷ୍ଟି କରି ଚାଲିଥା'ନ୍ତି । ତେଣୁ ଆଦର୍ଶର ବିଭିନ୍ନତା ଅପେକ୍ଷା ସେମାନଙ୍କ ଆଚରଣ ଓ ମନୋଭାବରେ ପ୍ରକାଶ ପାଉଥିବା ସମାନ ଓ ସାଧାରଣ ଦିଗଟି ବିଚାର କରିବା ଅଧିକ ଯୁକ୍ତିଯୁକ୍ତ ।

ଏହି ଉଗ୍ରବାଦୀମାନେ ନିଜ ଆଗରେ ଯେତେବଡ଼ ଲକ୍ଷ୍ୟ ରଖିଥିବା କଥା କହନ୍ତୁ ନା କାହିଁକି ପ୍ରକୃତରେ ଅନେକ କ୍ଷେତ୍ରରେ ଏମାନଙ୍କର ନିଜର କୌଣସି ଆଦର୍ଶ ନଥାଏ । ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବର୍ଷ ତଳେ ଶ୍ରୀଅରବିନ୍ଦ ଯଥାର୍ଥ ଆଦର୍ଶବାଦୀଙ୍କଠାରୁ ଏମାନଙ୍କ ପାର୍ଥକ୍ୟ ଦେଖାଇ ଲେଖିଥିଲେ :

''There is a difference however between the fanatic of an idea and the true idealist : the former is simply the materialistic, executive man possessed by the idea of another, not himself the possessor of it; he is haunted in his will and driven by the force of the idea, not really illumined by its light.''

(CWSA-13, P. 115) – Sri Aurobindo

''କୌଣସି ଏକ ଧାରଣାକୁ ଧରି ଚାଲିଥିବା ମତାନ୍ଧ ଉଗ୍ରବାଦୀ ଓ ଯଥାର୍ଥ ଆଦର୍ଶବାଦୀ ଭିତରେ ଅବଶ୍ୟ ପାର୍ଥକ୍ୟ

ରହିଛି । ପ୍ରଥମଟି ହେଉଛି କେବଳ ଏକ କାର୍ଯ୍ୟ ନିର୍ବାହକ ଯାନ୍ତ୍ରିକ ଜଡ଼ଧର୍ମୀ ବ୍ୟକ୍ତି ଯାହାକୁ ଅନ୍ୟ ଜଣକର ବିଚାର ଦଖଲ କରିଥାଏ, ତାହା ତା'ର ନିଜସ୍ୱ ବିଚାର ନୁହେଁ । ନିଜର ଇଚ୍ଛା ଶକ୍ତି ଉପରେ ମାଡ଼ି ବସିଥାଏ ଅନ୍ୟର ବିଚାରର ଭୂତ ଏବଂ ତାହାର ପ୍ରବେଗହିଁ ତାକୁ ଚାଳିତ କରୁଥାଏ, ସେହି ବିଚାରର କୌଣସି ଆଲୋକ ତାକୁ ସ୍ପର୍ଶ କରି ନଥାଏ ।''

ଆମେ ଆଜି ବି ଦେଖୁ ବିଭିନ୍ନ ଦେଶର ଉଗ୍ର ଆତଙ୍କବାଦୀମାନଙ୍କର ଆଚରଣ ପଛରେ ନିଜସ୍ୱ କୌଣସି ବିଚାରର ଆଲୋକ ନାହିଁ । ଏମାନେ ଅନ୍ଧଭାବରେ ନିଜକୁ ଛାଡ଼ି ଦେଇ ଥାଆନ୍ତି ଧୂର୍ତ୍ତ, ଉଚ୍ଚାଭିଳାଷୀ, କ୍ଷମତାଲିପ୍ସୁ, କୁଚକ୍ରିନେତାମାନଙ୍କ ହାତରେ କ୍ରୀଡ଼ା ପୁତ୍ତଳିକା ହେବା ପାଇଁ । ବାସ୍ତବତାକୁ ଦେଖିଲାଭଳି ସାମାନ୍ୟତମ ସାଧାରଣଜ୍ଞାନକୁ ମଧ୍ୟ ଏମାନେ ପ୍ରଶ୍ରୟ ଦିଅନ୍ତି ନାହିଁ । ଏକ ଅନ୍ଧ, ଯାନ୍ତ୍ରିକ ଆନୁଗତ୍ୟହିଁ ହୋଇଥାଏ ଏମାନଙ୍କ ଆଚରଣର ନିୟମ ।

ଉଗ୍ରବାଦୀ ବା ଆତଙ୍କବାଦୀମାନଙ୍କର ଏଇ ଧରଣର ମନୋଭାବ ଗଠିତ ହେବା ଦିଗରେ କେଉଁ ବିଷୟଗୁଡ଼ିକ ସାହାଯ୍ୟ କରିଥାଏ ସଂକ୍ଷେପରେ ତାହାର ଏକ ସୂଚନା ଦିଆଯାଇପାରେ । ଯେଉଁ ବିଷୟଟି ସାଧାରଣଭାବରେ ଅଧିକାଂଶ ଉଗ୍ରବାଦୀଙ୍କ ଭିତରେ ଦେଖାଯାଇଥାଏ, ତାହା ହେଲା ନିଜ ଜୀବନ ଓ ପାରିପାର୍ଶ୍ୱିକ ସାମାଜିକ ଜୀବନ ଓ ପରିସ୍ଥିତି ସମ୍ପର୍କରେ ଏକ ତୀବ୍ର ହତାଶା ଓ ତିକ୍ତ ବିତୃଷ୍ଣାର ଭାବ । ସେମାନଙ୍କ ଭିତରେ ଏପରି ଏକ ଧାରଣାକୁ ବଦ୍ଧମୂଳ କରି ଦିଆଯାଏ ଯେ ଦେଶ ଓ ସମାଜର ପ୍ରଚଳିତ ବ୍ୟବସ୍ଥା ଯେପର୍ଯ୍ୟନ୍ତ ବଳବତ୍ତର ରହିଥିବ ସେମାନଙ୍କୁ ଏକ ସୁସ୍ଥ ଜୀବନଯାପନ କରିବା ପାଇଁ ବା ଜୀବନର ଆଶା ଆକାଙ୍‌କ୍ଷା ପୂରଣ କରିବା ପାଇଁ କେବେହେଲେ କୌଣସି ସୁଯୋଗ ମିଳିବ ନାହିଁ । ଉଗ୍ରବାଦୀମାନଙ୍କ ଭିତରେ ଅଧିକ ସଂଖ୍ୟକ ଲୋକ ଯୁବ ସଂପ୍ରଦାୟର ହୋଇଥିବାରୁ ସେମାନଙ୍କ ଭିତରେ ଜୀବନ ତଥା ତା'ର ଭୋଗ-ଉପଭୋଗ ସମ୍ପର୍କରେ, ସେମାନଙ୍କର ସାମର୍ଥ୍ୟ ସମ୍ପର୍କରେ ନାନା ପ୍ରକାର ରଙ୍ଗିନ ଉଚ୍ଚାଭିଳାଷ ଥାଏ । କିନ୍ତୁ ସେଗୁଡ଼ିକୁ ବାସ୍ତବତାର ରୂପ ଦେବାର ଲକ୍ଷ୍ୟ ନେଇ ଜୀବନ ସଂଗ୍ରାମରେ ଧୀର, ମନ୍ଥର ଗତିରେ ଆଗେଇବା ପାଇଁ ଯେଉଁ ଧୈର୍ଯ୍ୟ ଓ ସହିଷ୍ଣୁତା ଦରକାର ତା' ନଥାଏ । ନିଜର ଜାଗତିକ ତଥା ଅନ୍ୟାନ୍ୟ ଉନ୍ନତି ଓ ବିକାଶ ପାଇଁ ଅଧ୍ୟବସାୟ କରି ତା'ର ଫଳ ପାଇବା ଲାଗି ଦୀର୍ଘକାଳ ଧରି ଅପେକ୍ଷା କରିବାର ପ୍ରବୃତ୍ତି ଏମାନଙ୍କର ନଥାଏ ।

କୃତିତ୍ୱ ପାଇଁ ନିଜର ସାମର୍ଥ୍ୟ ପ୍ରମାଣ କରିବାର ଏକମାତ୍ର ସୁଯୋଗ ହେଉଛି ନିଜ ବାହୁବଳରେ ଏପରି ଏକ ସମାଜ, ଜୀବନ ଓ ପରିବେଶ ସୃଷ୍ଟି କରିବା ଯେଉଁଠି ସେମାନେ ଅବାଧରେ ନିଜର ଈପ୍‌ସିତ ଜୀବନ ଲାଭକରି ପାରିବେ । ତେଣୁ ତା' ଆଗରେ ଏକ କଳ୍ପିତ ସ୍ୱର୍ଗରାଜ୍ୟର ଚିତ୍ର ରଖାଯାଏ । କଳ୍ପିତ ସ୍ୱର୍ଗରାଜ୍ୟର ଏହି ଭବିଷ୍ୟତ୍ ଚିତ୍ରଟି ଅଙ୍କାଯାଏ କେତେକଙ୍କ ପାଇଁ ଅର୍ଥନୈତିକ ରଙ୍ଗ ଦେଇ ସମାଜବାଦୀର ସର୍ବହରା ରାଷ୍ଟ୍ର ରୂପରେ, କେତେକଙ୍କ ପାଇଁ ଧର୍ମର ରଙ୍ଗ ଦେଇ ହିନ୍ଦୁରାଜ୍ୟ ବା ମୁସଲମାନ, କ୍ୟାଥଲିକ୍ ବା ଇହୁଦୀ ରାଷ୍ଟ୍ର ସ୍ଥାପନ ଆକାରରେ, ଆଉ କେତେକଙ୍କ ପାଇଁ ଜାତିଗତ, ପ୍ରାଦେଶିକ, ଆଞ୍ଚଳିକ ରଙ୍ଗ ଦେଇ ଖଲିସ୍ଥାନ, ତାମିଲ୍ ଇଲମ୍ ବା ପାଲେଷ୍ଟାଇନ୍ ଦେଶ ଆଦିର ରୂପ ଦେଇ । ଏହି ଈପ୍‌ସିତ ସ୍ୱର୍ଗରାଜ୍ୟ ଗଠିତ ହେଲେହିଁ ସେମାନଙ୍କ ଜୀବନର ସମସ୍ତ ସମସ୍ୟା ଦୂର ହୋଇଯିବ ଏହି ପ୍ରକାରର ଏକ ଅନ୍ଧ ବିଶ୍ୱାସକୁ ବାରଂବାର ପ୍ରଚାର ଦ୍ୱାରା ଦୃଢ଼ୀଭୂତ କରାଯାଏ । ଏକ ସମର୍ଥ ଜର୍ମାନଜାତି ନିଜ ବାହୁ ବଳରେ ପୃଥିବୀ ଜୟ କରିବା ଦ୍ୱାରାହିଁ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ଏହି ଧାରଣା ପ୍ରଚାର କରିହିଁ ହିଟ୍‌ଲର୍ ଅସଂଖ୍ୟ ଜର୍ମାନ ଯୁବକଙ୍କଠାରୁ ଆନୁଗତ୍ୟ ଓ ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରାଣବଳି ଦେବାର ଉତ୍ସର୍ଗୀକୃତ ମନୋଭାବ ଆଦାୟ କରି ପାରିଥିଲା ।

ତା'ପରେ ଯେଉଁ ବିଚାରଟି ଉଗ୍ରବାଦୀ ମନରେ ଧରାଇ ଦିଆଯାଏ ତାହାହେଲା ଏହି କଳ୍ପିତ ସ୍ୱର୍ଗରାଜ୍ୟ ବାସ୍ତବତାରେ ପରିଣତ ହେବାରେ ବାଧାଟି କେଉଁଠୁ ଆସୁଛି ? ସହଜ ଯୁକ୍ତି ଦେଖାଇ ବୁଝାଇ ଦିଆଯାଏ ଯେ ପ୍ରଚଳିତ ରାଷ୍ଟ୍ର, ସମାଜ, ସମ୍ବିଧାନ, ସରକାର, ଆଇନ-କାନୁନ, ପୋଲିସ ଆଦି ବା ଅନ୍ୟ କ୍ଷେତ୍ରରେ ଅମୁକ ଧର୍ମର ଆଧିପତ୍ୟ ବା ଅମୁକ ଜାତିର ଆଧିପତ୍ୟ ବା ଅମୁକ ପ୍ରଦେଶଗୁଡ଼ିକ ଉପରେ କେନ୍ଦ୍ର ସରକାରର କର୍ତ୍ତୃତ୍ୱ ଇତ୍ୟାଦିହିଁ ଏହି ବାଧାର ପ୍ରଧାନ ଉତ୍ସ । ଏହିଗୁଡ଼ିକହିଁ ଆମକୁ ଆମର ଈପ୍‌ସିତ ଲକ୍ଷ୍ୟଠାରୁ ଦୂରରେ ରଖୁଛନ୍ତି, ଲକ୍ଷ୍ୟ ଓ ଆମ ଭିତରେ ବାଧାର ପ୍ରାଚୀର ଛିଡ଼ା କରୁଛନ୍ତି । ତେଣୁ ଏହିଗୁଡ଼ିକହିଁ ହେଲେ ଘୃଣାର ପାତ୍ର, ଆକ୍ରମଣର ଶରବ୍ୟ । ପ୍ରଚଳିତ ସମାଜ, ସରକାର, ଆଇନକାନୁନର ସଂସ୍ଥାଗୁଡ଼ିକୁ ଭାଙ୍ଗି ଚୂରମାର କରିଦେବା, ଏହାକୁ ପ୍ରତିନିଧିତ୍ୱ ଓ ସମର୍ଥନ କରୁଥିବା ଲୋକମାନଙ୍କୁ ହତ୍ୟା କରିବାହିଁ ହେଉଛି ସେମାନଙ୍କର ଏକ ପବିତ୍ର କର୍ତ୍ତବ୍ୟ । ଏପରିକି ଏହି ବ୍ୟବସ୍ଥାକୁ ସକ୍ରିୟଭାବେ

ବିରୋଧ ନକରି ନିଷ୍କ୍ରିୟଭାବେ ସହ୍ୟ କରିବାହିଁ ଏକ ଅପରାଧ । ତେଣୁ ଜନସଂଖ୍ୟାର ବ୍ୟାପକ ଅଂଶ ଏହି ଦୋଷରେ ଅପରାଧୀ ହୋଇ ଉଗ୍ରବାଦୀର ଆକ୍ରମଣର ପରିଧି ଭିତରକୁ ଆସିଯାଆନ୍ତି ।

ଏହା ସହିତ ଏମାନଙ୍କ ମନରେ ଆଶୁ ସାଫଲ୍ୟର ଏକ ଚିତ୍ର ମଧ୍ୟ ଦିଆଯାଏ । ଜୀବନକୁ ପଣକରି ଦୃଢ଼ ସଂକଳ୍ପର ସହ କେଇଜଣ ଯଦି କାର୍ଯ୍ୟସିଦ୍ଧି ପାଇଁ ଆଗେଇ ଆସିବେ, ଯେତେ ଦୁଃଖ ବିପଦ ଆସିଲେ ବି ଯଦି ଖାତିର କରିବେ ନାହିଁ, ଯେତେ ନିର୍ମମ ଓ ନୃଶଂସ ହେଲେ ମଧ୍ୟ ସେ ଧରଣ କାମ ପାଇଁ ଯଦି କୁଣ୍ଠା ରଖିବେ ନାହିଁ ତେବେ ସାଫଲ୍ୟ ପ୍ରାୟ ଆମର ହସ୍ତଗତ ହୋଇ ରହିଛି । ଏ ଧାରଣାକୁ ବାରଂବାର ପୁଷ୍ଟ କରିବା ସଙ୍ଗେ ସଙ୍ଗେ ଶତ୍ରୁ ପକ୍ଷର ଦୁର୍ବଳତା ଓ ମନୋବଳର ଅଭାବ ଆଦି ସମ୍ପର୍କରେ ମଧ୍ୟ ଏକ ଅତିରଞ୍ଜିତ ଚିତ୍ର ଦିଆଯାଏ । ଟିକିଏ କଷ୍ଟକରି ଲାଗିପଡ଼ିଲେ ନୂଆ ନୂଆ କୃତିତ୍ୱ ଓ ସାଫଲ୍ୟରେ ଭରା ନୂତନ ଜୀବନ ଖୁବ୍ ଶୀଘ୍ର ତା' ହାତମୁଠା ଭିତରକୁ ଆସିଯିବ ଏଇ ଧରଣର ଅନ୍ଧ ବିଶ୍ୱାସକୁ ବରାବର ଜିଆଇ ରଖାଯାଏ ।

ତା'ପରେ ଗୋଟିଏ ଲକ୍ଷ୍ୟ ପାଇଁ ଜୀବନ ଉତ୍ସର୍ଗ କରିବାର, ଅସ୍ତ୍ର ଧରି ଲଢ଼ାଇ କରିବାର, ମନରୁ ସବୁପ୍ରକାର ସାମାଜିକ ଓ ନୈତିକ ଦାୟିତ୍ୱବୋଧ ଓ ସଂଯମକୁ ବିଦା କରି-ଦେଇ ଇଙ୍ଗିତମାତ୍ରକେ ମନଇଚ୍ଛା ଧ୍ୱଂସ ଓ ହତ୍ୟା ଆଦି ଘଟାଇବାରେ ମାତି ଯିବାର ଏକ ପ୍ରକାର ନୂଆ ନିଶା ଓ ମଦମତ୍ତ ଉନ୍ମାଦନା ଅଛି ଯାହାକି ସାଧାରଣ ନିତିଦିନିଆ ଜୀବନରେ ମିଳେ ନାହିଁ । ଜଣେ ଆତଙ୍କବାଦୀ ଯଦି ତା'ର ପୂର୍ବର ନିତିଦିନିଆ ଜୀବନକୁ ଫେରିଚାହେଁ ତେବେ ସେ ଦେଖିବ ତାହା ନାନା ନୈରାଶ୍ୟରେ ଜର୍ଜରିତ, ସେହି ସମାଜରେ ତା'ର ମାନସମ୍ମାନ, ପ୍ରଭାବ ପ୍ରତିପତ୍ତି ତ ଦୂରର କଥା ତା' ପାଇଁ କୌଣସି ସାଧାରଣ ସ୍ୱୀକୃତି ବି ନାହିଁ । ଧନ ସମ୍ପଦ ବା ଶିକ୍ଷା ଆଦି ଦୃଷ୍ଟିରୁ ସେ ନିତାନ୍ତ ନଗଣ୍ୟ । ପୂର୍ବର ସେହି ଜୀବନରେ ହୁଏତ ଅଭାବ, ଅନଟନ, ବେକାରୀ ଓ ଅନ୍ୟମାନଙ୍କର ତାଚ୍ଛଲ୍ୟ ଓ ଅବହେଳାର ପାତ୍ର ହେବାର ଭାଗ୍ୟ ପ୍ରତିଚ୍ଛତ୍ରରେ ତା' ପାଇଁ ଅପେକ୍ଷା କରି ରହିଛି ।

ତାକୁ ଲାଗେ ଆତଙ୍କବାଦ ଓ ଉଗ୍ରବାଦର ଏହି ନୂଆ ଜୀବନ ତା' ପାଇଁ ସ୍ୱୀକୃତିର ନୂଆ ସମ୍ଭାବନା ଖୋଲି ଦେଇଛି । ସମାଜର ଅନ୍ୟମାନେ ତାକୁ ସମ୍ମାନ ନ କରନ୍ତୁ, ଭୟ ତ କରିବେ । ତା'ର ଉପସ୍ଥିତିରେ ସେମାନେ ପ୍ରମାଦ ଗଣିବେ । ଲୋକମାନଙ୍କ ମନରେ ନିଜ ପ୍ରତି ଭୟ ସଞ୍ଚାର କରିବାରେ ମଧ୍ୟ ଆତ୍ମପ୍ରତିଷ୍ଠାର ଏକ ବିକୃତ ସ୍ୱାଦ ରହିଛି । ଉଗ୍ରବାଦୀ ହେଲାପରେ ସେ ମନେକରେ ସେ ଆଉ ନଗଣ୍ୟ ହୋଇ ରହିଲା ନାହିଁ । ରେଡ଼ିଓ, ସମ୍ବାଦପତ୍ର ଓ ଟେଲିଭିଜନ ଆଦି ତା'ର କଥାରେ ଭର୍ତ୍ତି । ଅତୀତର ସାଧାରଣ ଜୀବନ-ସଂଗ୍ରାମରେ ସେ ଆଗେଇବାର ବାଟ ପାଉ ନଥିବା, ବହୁ ନୈରାଶ୍ୟ ଓ ବିଫଳତା ଭୋଗ କରିଥିବା ଏହି ଉଗ୍ରବାଦୀ, ଆତଙ୍କବାଦୀମାନେ ଯେପରି ହଠାତ୍ ଲଢ଼େଇରେ ପାଇଯାଆନ୍ତି ନିଜର ସାମର୍ଥ୍ୟ ଓ କୃତିତ୍ୱ ଦେଖାଇବାର ସୁବର୍ଣ୍ଣ ସୁଯୋଗ । ଜୀବନ ଯୁଦ୍ଧରେ କେଉଁ ପଛରେ ପଡ଼ିଥିବା ଅବହେଳିତ ଅନାମଧେୟ ସୈନିକ ହୋଇ ନରହି ସେମାନେ ଏହି କୃତ୍ରିମ ସଂଗ୍ରାମରେ ନିଜକୁ ଯେପରି ଆବିଷ୍କାର କରନ୍ତି ବିଚକ୍ଷଣ, ସାହସୀ ଯୋଦ୍ଧା ଓ ଉପରସ୍ତରର ସାମରିକ ଲୋକ ବୋଲି । ଯେତେବେଳେ ତା' ହାତର ବନ୍ଧୁକରୁ ଗୁଳି ଛୁଟିବାର ମୁହୂର୍ତ୍ତକରେ ଟଳି ପଡ଼ନ୍ତି ପୁରୁଣା ସମାଜର ଗଣ୍ୟମାନ୍ୟ ପ୍ରତିଷ୍ଠିତ ବିଖ୍ୟାତ ଲୋକସବୁ, ନେତା, ମନ୍ତ୍ରୀ, ସେନାପତି, ପଦସ୍ଥକର୍ମକର୍ତ୍ତାସବୁ ସେତେବେଳେ ସେ ହତ୍ୟା କରୁଥିବା ସେଇ ଲୋକମାନଙ୍କ ସମକକ୍ଷ ଓ ସମାନ ଆସନର ବୋଲି ନିଜକୁ ଭାବେ । ନିଜର ଅହଂ, ଅଭିମାନ ଓ ଦର୍ପ ଆଦିର ତୁଷ୍ଟି ବିଧାନ କରିବାର ଏହି ଅବସ୍ଥାରେ ଉତ୍‌ଫୁଲ୍ଲ ହୋଇ ସେ ଯେକୌଣସି କାଣ୍ଡଜ୍ଞାନହୀନ ଦୁଃସାହସିକ କର୍ମ ପାଇଁ ପଛାଇବ କାହିଁକି ?

ଏହିଭାବରେହିଁ ଜଣେ ଆତଙ୍କବାଦୀର ମନୋଭାବ ଗଠିତ ହୋଇଥାଏ । ତା'ର ସେହି ମନୋଭାବର ଦୋଷତ୍ରୁଟି କଥା କହିଲାବେଳେ ଆମ ପ୍ରଚଳିତ ସମାଜ ବ୍ୟବସ୍ଥାର ଯେଉଁସବୁ ଦୋଷତ୍ରୁଟି ରହିଛି ତାହାକୁ ମଧ୍ୟ ଊଣା କରି ଦେଖିଲେ ଚଳିବ ନାହିଁ । ନାନା ମିଥ୍ୟାଚାର, ବୈଷମ୍ୟ, ଅନ୍ୟାୟ, ଦୁର୍ନୀତି, ଦାରିଦ୍ର୍ୟ ଆଦିରେ ଭରା ଏହି ସମାଜରେ ପ୍ରକୃତ କୌଣସି ମହତ୍ ସ୍ୱପ୍ନ ଓ ଅଭୀପ୍ସାକୁ ବାସ୍ତବତାରେ ପରିଣତ କରିବା ସୁଦୂର ପରାହତ ବୋଲି ମନେହୁଏ । କେତେ ଉତ୍ସାହୀ, ଶିକ୍ଷିତ, ସମର୍ଥ ଯୁବକଙ୍କର ନୂତନ ଜୀବନ ପାଇଁ ସୁନାର ସ୍ୱପ୍ନ ଭାଙ୍ଗି ଧୂଳିସାତ୍ ହୋଇ ନଯାଉଛି ଅଭାବ, ଅନଟନ, ବେକାରୀ ଓ ଦାରିଦ୍ର୍ୟର କଷାଘାତରେ ! ସମାଜର କର୍ଣ୍ଣଧାର ହୋଇ ବସିଥିବା ଲୋକମାନଙ୍କ ଭିତରୁ ଅନେକେ କେତେ ସ୍ୱାର୍ଥାନ୍ୱେଷୀ ହୋଇ ନ ପଡ଼ୁଛନ୍ତି, ବ୍ୟକ୍ତିଗତ ସ୍ୱାର୍ଥ ସଙ୍ଗକୁ ସଂକୀର୍ଣ୍ଣ ଦଳଗତ ସ୍ୱାର୍ଥ, ଜାତି, ଧର୍ମ, ସଂପ୍ରଦାୟଗତ ପକ୍ଷପାତ ନେଇ କେତେ ଅନ୍ୟାୟ ଅନୀତି କରୁନାହାନ୍ତି ?

ବର୍ତ୍ତମାନର ଏହି ପ୍ରଚଳିତ ସମାଜ ବ୍ୟବସ୍ଥାରେ କୌଣସି ମହତ୍ ଆଦର୍ଶ ଓ ଲକ୍ଷ୍ୟକୁ ବାସ୍ତବରେ ରୂପ ଦେଇ କାର୍ଯ୍ୟକାରୀ କରିବାର ସୁଯୋଗ ପ୍ରକୃତରେ ନିତାନ୍ତ ସୀମିତ ନୁହେଁ କି ? ଆମ ସମାଜ-ଜୀବନର ଅବସ୍ଥା ଏପରି ହୋଇଛି ଯେ ସେଇ ମରୁଭୂମିରେ କୌଣସି ମହତ୍ ଆଦର୍ଶର ବୀଜ ତା'ର ଅଙ୍କୁରୋଦ୍‌ଗମ ଅବସ୍ଥାରେହିଁ ଶୁଖି ଯାଉଛି । ଏପରି ଅବସ୍ଥାରେ କୌଣସି ଉଚ୍ଚତର ଲକ୍ଷ୍ୟ ଓ ଆଦର୍ଶ ପାଇଁ ଜୀବନ ଉତ୍ସର୍ଗ କରିବାର ଯେଉଁ ପ୍ରବେଗ ମଣିଷ ଭିତରେ ରହିଛି ତାହା ଯଦି ଭୁଲ୍ ବାଟରେ ପରିଚାଳିତ ହୋଇ ଉଗ୍ରବାଦ, ଆତଙ୍କବାଦର ରୂପ ନେଲା, ତେବେ ସେଥିପାଇଁ ଆମ ସମାଜର ବର୍ତ୍ତମାନ ଦୁରବସ୍ଥା ଦାୟୀ ନୁହେଁ କି ?

କାରଣ ଏହା ନିଃସନ୍ଦେହ ଯେ ଯେତେ ମୁଷ୍ଟିମେୟ ହେଲେ ବି ଉଗ୍ରବାଦୀମାନଙ୍କ ଭିତରେ ଏପରି ବ୍ୟକ୍ତିମାନେ ମଧ୍ୟ ଅଛନ୍ତି ଯେଉଁମାନେ ପ୍ରକୃତରେ ଏକ ସତ୍ୟ ପାଇଁ, ଏକ ଆଦର୍ଶ ପାଇଁ ନିଷ୍ଠାପର ଭାବରେ କାମ କରିବାକୁ ଓ ଦରକାର ପଡ଼ିଲେ ଜୀବନ ଉତ୍ସର୍ଗ କରିବାକୁ ପ୍ରସ୍ତୁତ । କିନ୍ତୁ ସେମାନଙ୍କର ଏହି ନିଷ୍ଠା, ଦୃଢ଼ ସଂକଳ୍ପ ଓ ତ୍ୟାଗ ମନୋଭାବ ଭୁଲ୍ ବାଟରେ ପରିଚାଳିତ । ବେଳେ ବେଳେ ଏହା ମଧ୍ୟ କେବଳ ତ୍ୟାଗ ପାଇଁ ତ୍ୟାଗ କରିବା ଓ ନାନା କଷ୍ଟ ଓ ଦୁର୍ଭୋଗ ସହି ନିଜର ସେହି ତ୍ୟାଗ କରିବାକୁ ଉପଭୋଗ କରିବାର ଏକ ଉଦ୍ଭଟ ଆନନ୍ଦ ଏମାନେ ଏଥିରୁ ପାଆନ୍ତି । ଅନ୍ୟମାନଙ୍କ ପାଇଁ ଅଧିକ ସୁଖ ଓ ଆନନ୍ଦ ଆଣିଦେବା ଅପେକ୍ଷା ଏମାନେ ନିଜର ତ୍ୟାଗର ଆନନ୍ଦକୁହିଁ ଅଧିକ ଉଚ୍ଚ ସ୍ଥାନ ଦିଅନ୍ତି । ଶ୍ରୀମା ଏଇ ଧରଣର ମନୋଭାବ ସମ୍ପର୍କରେ କହିଥିଲେ,–

''Thus, consciously or not, instead of sacrificing yourself for the good of others, you sacrifice yourself for the pleasure of it, which is perfectly absurd and of no benefit to anyone.

"No action should be deemed good, no action should be undertaken until we know its immediate and, if possible, its distant consequences, and until it appears that they must in the end add, however little, to earthly happiness....''

(MCW - II, P. 60) – The Mother

''ଜାଣତରେ ହେଉ ବା ନହେଉ ଅନ୍ୟମାନଙ୍କ ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିବା ପରିବର୍ତ୍ତେ ତୁମେ କେବଳ ତୁମ ନିଜ ତ୍ୟାଗର ଆନନ୍ଦ ପାଇଁ ନିଜକୁ ଉତ୍ସର୍ଗ କର, ଯାହା ପୂରାପୂରି ନିରର୍ଥକ, ଉଦ୍ଭଟ ଓ ତାହା କାହାର କୌଣସି ଉପକାର କରେ ନାହିଁ ।

''ଏପରି କର୍ମକୁ ଉତ୍ତମ ବୋଲି କୁହାଯିବ ନାହିଁ, ଏପରି କୌଣସି କର୍ମରେ ଭାଗନେବା ଉଚିତ ନୁହେଁ, ଯଦି ଆମେ ତା'ର ଆଶୁ ଓ ସମ୍ଭବ ହେଲେ ସୁଦୂର ପରିଣତି କ'ଣ ତାହା ନଜାଣୁ, ଯଦି ଆମେ ନଜାଣୁ ଯେ ଶେଷରେ ଯେତେ ନଗଣ୍ୟ ହେଲେ ବି ସେହି କର୍ମର ପରିଣତି ପୃଥିବୀର ଆନନ୍ଦକୁ କିଛି ପରିମାଣରେ ଆହୁରି ବଢ଼ାଇ ନଦେବ ।...''

ତୁମର ଯାହାକିଛି ସୁଖ ଓ ଆନନ୍ଦ ତାହା କେବଳ ଭଗବାନଙ୍କଠାରୁ ପାଇବା ଲାଗି ପ୍ରତୀକ୍ଷା କରିବ । କେବଳ ତାଙ୍କରି ମଧ୍ୟରେ ତୁମେ ଖୋଜିବ ଓ ପାଇବ ତୁମର ଆଶ୍ରୟ । ତୁମର ସମସ୍ତ ଦୁଃଖ ମଧ୍ୟରେ ସେ ତୁମକୁ ସାନ୍ତ୍ୱନା ଦେବେ, ହାତ ଧରି ପଥ କଢ଼ାଇ ନେବେ, ଯଦି ଝୁଣ୍ଟି ପଡ଼ ତୁମକୁ ତଳୁ ଉଠାଇ ନେବେ, ଯଦି ବ୍ୟର୍ଥତା ଓ ଅତିଶୟ କ୍ଳାନ୍ତିର ମୁହୂର୍ତ୍ତ ଆସେ ତେବେ ସେ ତୁମକୁ ତାଙ୍କର ପ୍ରେମପୂର୍ଣ୍ଣ ଶକ୍ତିଶାଳୀ ବାହୁ ଯୁଗଳରେ ତୋଳି ନେବେ ଏବଂ ତାଙ୍କର ଶାନ୍ତି ପ୍ରଦାନକାରୀ ମଧୁରତା ମଧ୍ୟରେ ତୁମକୁ ଆଲିଙ୍ଗନବଦ୍ଧ କରିବେ ।

– ଶ୍ରୀମା